# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୦ (୧୬ ପୃଷ୍ଠା) | Bhubaneswar, Tuesday, March 3/2020 | ★★★★

୪୬ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରିଲିଜ୍ ହେଲା ସୂର୍ଯ୍ୟବଂଶୀର ଟ୍ରେଲର**

ବଲିଉଡ୍ ଅପ୍ କମିଂ ଫିଲ୍ମ 'ସୂର୍ଯ୍ୟବଂଶୀ'ର ଟ୍ରେଲର ରିଲିଜ୍ ହୋଇଛି। ଏହି ଟ୍ରେଲର ରିଲିଜ୍ ଅବସରରେ ଟ୍ରାଫିକ ଜାମ୍‌କୁ ଦୂରେଇବାକୁ ଅକ୍ଷୟ କୁମାର ନୂଆ ଫର୍ମୁଲା ଗ୍ରହଣ କରିଛନ୍ତି। ୦୨

୧୪ **ସାଙ୍ଗ୍ୱାନ ଦୋଷମୁକ୍ତ**

ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସିର ଅପିଲ ପ୍ୟାନେଲ ବକ୍ସର ସୁମିତ ସାଙ୍ଗ୍ୱାନଙ୍କ ଉପରୁ ବାସନ୍ଦ ଦଣ୍ଡକୁ ଉଠାଇ ଦିଆଯାଇଛି।



# ପୁଣି ଅଟକିଲା ଫାଶୀ

## ନିର୍ଭୟା ଅପରାଧୀଙ୍କ ଡେଥ୍ ୱାରେଣ୍ଟ ଉପରେ ସ୍ଥଗିତାଦେଶ



- ରାଷ୍ଟ୍ରପତିଙ୍କ ପାଖରେ ବିଚାରାଧୀନ ରାଜକ୍ଷମା ଆବେଦନ
- ତୃତୀୟ ଥର ପାଇଁ ମିଳିଲା ଫାଶୀରୁ ଆଶ୍ୱସ୍ତି
- ପୂର୍ବରୁ ଜାନୁୟାରୀ ୨୨, ଫେବୃୟାରୀ ୧କୁ ହୋଇଥିଲା ଧାର୍ଯ୍ୟ

ନୂଆଦିଲ୍ଲୀ, ୨।୩(ପି.ଟି./ଆଇଏଏନ୍‌ଏସ୍)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଦୋଷୀଙ୍କୁ ମଙ୍ଗଳବାର ଫାଶୀ ଦିଆଯିବ ନାହିଁ। ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ପୂର୍ବରୁ ଜାରି କରିଥିବା ଡେଥ୍ ୱାରେଣ୍ଟ ଉପରେ ସୋମବାର ରୋକ ଲଗାଇଛନ୍ତି। ଫଳରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ନିର୍ଭୟା ଅପରାଧୀଙ୍କ ଫାଶୀ ଅଟକି ରହିବ। ଏହି ରହିତାଦେଶ ଫଳରେ ଦୋଷୀମାନେ ତୃତୀୟ ଥର ପାଇଁ ଫାଶୀରୁ ଆଶ୍ୱସ୍ତି ପାଇଛନ୍ତି।

ଅପରାଧୀ ପବନ ଗୁପ୍ତାଙ୍କ କ୍ଷମା ଆବେଦନର ବିଚାର ହୋଇ ନ ଥିବାରୁ ଫାଶୀ ଦିଆଯାଇପାରିବ ନାହିଁ ବୋଲି ଅତିରିକ୍ତ ଦୌରା ଜଜ୍ ଧର୍ମେନ୍ଦ୍ର ରାଣା କହିଛନ୍ତି। ପବନ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ କରିଥିବାରୁ ଫାଶୀଦଣ୍ଡ କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲାଗି ପଟିଆଲା ହାଉସ୍ କୋର୍ଟରେ ଆବେଦନ କରିଥିଲେ। ଦୋଷୀଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ନିର୍ଭୟା ପରିବାର ପକ୍ଷରୁ ଚାପ ପଡୁଛି। ତେବେ ଦେଶର ଆଇନ ଅନୁଯାୟୀ ମୃତ୍ୟୁଦଣ୍ଡ ପାଇଥିବା ଅପରାଧୀଙ୍କ ଆଇନଗତ ସହାୟତା ଶେଷ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଫାଶୀ ଦିଆଯାଇପାରିବ ନାହିଁ ବୋଲି ଅତିରିକ୍ତ ଦୌରାଜଜ୍ କହିଛନ୍ତି। ଏହି ଅବସରରେ ବିଚାରପତି ପବନଙ୍କ ଓକିଲ ଏ.ପି. ସିଂଙ୍କୁ ଭର୍ତ୍ସନା କରିଥିଲେ। ବାରମ୍ବାର ଫାଶୀ ଘୁଞ୍ଚାଇବାକୁ ଉଦ୍ୟମ କରି ଆପଣ ନିଆଁ ସହିତ ଖେଳୁଛନ୍ତି, ସଚେତନ ହୁଅନ୍ତୁ ବୋଲି ଅତିରିକ୍ତ ଦୌରାଜଜ୍ ରାଣା କହିଥିଲେ।

୪ ଅପରାଧୀ ମୁକେଶ ସିଂ, ପବନ ଗୁପ୍ତା, ବିନୟ ଶର୍ମା ଏବଂ ଅକ୍ଷୟ ସିଂଙ୍କୁ ମଙ୍ଗଳବାର ସକାଳ ୬ଟାରେ ଫାଶୀ ଦିଆଯିବାର ଥିଲା। ସୋମବାର ସୁପ୍ରିମକୋର୍ଟ ପବନଙ୍କ କ୍ୟୁରେଟିଭ୍ ପିଟିଶନ ଖାରଜ କରିଦେବା ପରେ ସେ ତୁରନ୍ତ ରାଜକ୍ଷମା ଆବେଦନ କରିଥିଲେ ଓ ଫାଶୀ କାର୍ଯ୍ୟକାରୀ ନ କରିବା ଲାଗି ପଟିଆଲା ହାଉସ୍ କୋର୍ଟଙ୍କୁ ଅନୁରୋଧ କରିଥିଲେ। ପୂର୍ବରୁ ଦୁଇଥର ଜାନୁୟାରୀ ୨୨ ଓ ଫେବୃୟାରୀ ୧ରେ ଫାଶୀ ଦେବା ପାଇଁ ଡେଥ୍ ୱାରେଣ୍ଟ ଜାରି ହୋଇଥିଲେ ମଧ୍ୟ ଅପରାଧୀମାନେ ବାରମ୍ବାର କ୍ୟୁରେଟିଭ ପିଟିଶନ ଓ କ୍ଷମା ଆବେଦନ କରିବାରୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଅପରାଧୀମାନେ ଆଇନ ସହ ଲୁଚକାଳି ଖେଳ ଖେଳୁଥିବାରୁ ଅଦାଲତ କଠୋର ପଦକ୍ଷେପ ନେବା ଲାଗି ସରକାରୀ ଓକିଲ ଇର୍‌ଫାନ ଅହମଦ କହିଥିଲେ। ପୁଣି ଥରେ ଫାଶୀ ଟଳିବାରୁ ନିର୍ଭୟାଙ୍କ ମାଆ ଆଶାଦେବୀ କାନ୍ଦି ପକାଇଥିଲେ। ଆଇନ ଅପରାଧୀଙ୍କ ସପକ୍ଷରେ ଯାଉଛି ବୋଲି ସେ କହିବା ସହ ତଥାପି ଧୈର୍ଯ୍ୟ ହରାଇନାହାନ୍ତି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀରେ ୨୩ ବର୍ଷୀୟ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର କରି ମୁମୂର୍ଷୁ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ☞ପୃଷ୍ଠା-୪

## ସୋସିଆଲ ମିଡିଆ ଛାଡ଼ିବେ ମୋଦି



ନୂଆଦିଲ୍ଲୀ,୨।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆ ଛାଡ଼ିବେ। ଆସନ୍ତା ରବିବାର ପରେ ସେ ନିଜ ଟ୍ୱିଟର, ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ଓ ୟୁଟ୍ୟୁବ୍ ଛାଡ଼ିପାରନ୍ତି ବୋଲି ସୋମବାର ପ୍ରଧାନମନ୍ତ୍ରୀ ନିଜେ ଟ୍ୱିଟର ଜରିଆରେ ଏଭଳି ସଙ୍କେତ ଦେଇଛନ୍ତି। ଏଭଳି ଖବର ଲୋକଲୋଚନକୁ ଆସିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଛନ୍ତି। ସୋସିଆଲ ମିଡିଆରେ ସବୁଠୁ ଅଧିକ ସକ୍ରିୟ ଥିବା ବିଶ୍ୱସ୍ତରୀୟ ନେତାଙ୍କ ମଧ୍ୟରେ ମୋଦି ଅନ୍ୟତମ। ଏମିତିକି, ସୋସିଆଲ ମିଡିଆ ତାଙ୍କୁ ଏକ ନୂଆ ପରିଚୟ ଆଣିଦେଇଛି। ପ୍ରକାଶଥାଉ କି, ଏବେ ଟ୍ୱିଟରରେ ମୋଦିଙ୍କ ୫.୩୩କୋଟି ଅନୁଗାମୀ ରହିଥିବାବେଳେ ଫେସ୍‌ବୁକରେ ୪.୪୫କୋଟି, ଇନ୍‌ଷ୍ଟାଗ୍ରାମରେ ୩.୫୨କୋଟି ଅନୁଗାମୀ ରହିଛନ୍ତି। ସେହିପରି ୟୁଟ୍ୟୁବ୍‌ରେ ମୋଦୀଙ୍କୁ ୪୫ଲକ୍ଷ ସବ୍‌ସ୍କ୍ରାଇବ କରିଛନ୍ତି।

# ମହମ୍ମଦ ଅନିଶ

ଓଡ଼ିଶାର ମାଓବାଦୀପ୍ରବଣ ମାଲକାନଗିରି ଜିଲାରେ ମହମ୍ମଦ ଅନିଶ ନାମକ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଯବାନ କାର୍ଯ୍ୟରତ ଅଛନ୍ତି। ଜୀବନକୁ ପାଣି ଛଡ଼ାଇ ଓଡ଼ିଶାବାସୀଙ୍କୁ ଶାନ୍ତିରେ ଶୋଇବାର ସୁଯୋଗ ଦେଉଥିବା ଅନେକ ଯବାନଙ୍କ ମଧ୍ୟରୁ ଅନିଶ ଅନ୍ୟତମ। ଦିଲ୍ଲୀର ବାସିନ୍ଦା ଅନିଶ ଆମ ସମସ୍ତଙ୍କ ସୁରକ୍ଷା ଦାୟିତ୍ୱରେ ରହିଥିବା ବେଳେ ନିଜ ପରିବାରର ସୁରକ୍ଷା କରିବାକୁ ସୁଯୋଗ ପାଇନାହାନ୍ତି। ମିଳିଥିବା ଖବର ଅନୁଯାୟୀ, ଦିଲ୍ଲୀରେ ଚାଲିଥିବା ହିନ୍ଦୁ-ମୁସଲମାନ ଦଙ୍ଗାରେ ଅନିଶଙ୍କ ଘରକୁ ଦୁର୍ବୃତ୍ତମାନେ ପୋଡ଼ି ଦେଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ପରିଚାଳିତ ବିଏସ୍‌ଏଫ୍ ଯବାନ ଅନିଶଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ଦେବା ପାଇଁ ଘୋଷଣା କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଦିଲ୍ଲୀ ଦଙ୍ଗାକୁ ଦେଖି ବହୁତ ଲୋକ ଧର୍ମ ଉପରେ ଯାଇ ଅନିଶ ଭଳି ନାଗରିକଙ୍କୁ ଦେଶଦ୍ରୋହୀ ବୋଲି କହିବାକୁ ପଛାଇ ନ ପାରନ୍ତି। କେତେକେ ଏଭଳି ସ୍ଥିତିରେ ଆହୁରି ଆଗକୁ ଯାଇ ଏମାନଙ୍କୁ 'ଗୋଲି ମାରୋ' କିମ୍ବା ପାକିସ୍ତାନ ଯାଅ ବୋଲି କହିପାରନ୍ତି। ଦେଖିବାକୁ ଗଲେ ଏବେ ଦେଶରେ ଯେଉଭଳି ପରିସ୍ଥିତି ସୃଷ୍ଟି ହୋଇଛି, ଭାରତ ସାମାଜିକ କ୍ରସ୍‌ରୋଡ୍ ବା ଚାରିଛକରେ ଥିବା ଭଳି ମନେହେଉଛି। ଏଠାରେ ଧର୍ମନିରପେକ୍ଷ କଥା ଆଲୋଚନା କରିବା ଓ କିଏ କେତେ ମାତ୍ରାରେ ଦୋଷୀ ତାହା ଉପସ୍ଥାପନା କରିବା ଆମର ଉଦ୍ଦେଶ୍ୟ ନୁହେଁ କିମ୍ବା ସେଭଳି ଅଭିପ୍ରାୟ ନାହିଁ। ବାସ୍ତବ କଥା ହେଲା ବିଗତ ବର୍ଷଗୁଡ଼ିକରେ ଯେତେବେଳେ ସୁଯୋଗ ମିଳିଛି, ସେତେବେଳେ ମୁସଲମାନ ସମ୍ପ୍ରଦାୟ ନେତୃତ୍ୱ ବିରୋଧରେ ସ୍ୱର ଉତ୍ତୋଳନ କରି ଭୁଲ କଥାକୁ ବିରୋଧ କରିନାହାନ୍ତି। ଆଜି କଷ୍ଟକର ଆଇନ ସିଏଏକୁ ବୁଝି ପ୍ରତିବାଦ କରିପାରୁଥିବା ଲୋକ ଯଦି ଏହିଭଳି ଏକ ସାଧାରଣ ପ୍ରତିବାଦର ଆୟୋଜନ କରି ୨୬/୧୧ ବମ୍ବେ ଆକ୍ରମଣ କିମ୍ବା ଦିଲ୍ଲୀ, ହାଇଦ୍ରାବାଦ ଆଦି ସ୍ଥାନରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ନିଜର ଭାରତୀୟତାକୁ ସୁଦୃଢ଼ କରିଥାଆନ୍ତେ, ତେବେ ଦେଶରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇପାରିଥାଆନ୍ତା। ଅନ୍ୟପଟେ ଅନିଶଙ୍କ ଭଳି ଯବାନ ମଧ୍ୟ ଭାରତରେ ଅଛନ୍ତି। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ଖେମ୍ କରନ୍‌ଠାରେ ଭାରତୀୟ ମୁସଲମାନ ଯବାନ ଅବଦୁଲ ହମିଦ୍ ପାକିସ୍ତାନର ୮ଟି ପାଟନ୍ ଟ୍ୟାଙ୍କକୁ ଧ୍ୱଂସ କରିଦେଇପାରିଥିଲେ। ସେତେବେଳେ କେହି ପାକିସ୍ତାନ ଯାଅ ବୋଲି ସେହି ଯବାନଙ୍କୁ କହି ନ ଥିଲେ। ଆଜି ମଧ୍ୟ ମହମ୍ମଦ ଅନିଶଙ୍କୁ ଦେଶଦ୍ରୋହୀ ବୋଲି କୌଣସି ସଚ୍ଚୋଟ ଓଡ଼ିଆ କହିବେ ନାହିଁ। ଏହା ପଛରେ ଏକ ବିରାଟ ଆଧ୍ୟାତ୍ମିକ କାରଣ ରହିଛି। ଆମର ମହାପ୍ରଭୁ ଜଗନ୍ନାଥ ଅଜନ୍ମା। ତାଙ୍କର କୌଣସି ଜନ୍ମସ୍ଥାନ କେହି ଜାଣିନାହାନ୍ତି। ସେଭଳି ପ୍ରଭୁଙ୍କ ଭକ୍ତ ସାଲବେଗ ମଧ୍ୟ ଏହି ଜାତିର ମହାନ୍ ପୁତ୍ର ଭାବେ ପରିଚିତ ହୋଇ ଆସିଛନ୍ତି। ହେଲେ ଆଜି କୋଲକାତାଠାରୁ ବେଙ୍ଗାଲୁର ପର୍ଯ୍ୟନ୍ତ ଯେତେବେଳେ 'ଗୋଲି ମାରୋ' ଧ୍ୱନି ଶୁଣିବାକୁ ମିଳୁଛି, ସେତେବେଳେ ଅନିଶଙ୍କ ପରି ଅନେକ ଲୋକଙ୍କ କର୍ତ୍ତବ୍ୟପରାୟଣତାକୁ ଜନସାଧାରଣ ହୃଦୟଙ୍ଗମ କରୁଛନ୍ତି। ଏଠାରେ ଦୋହରାଯାଇପାରେ ଯେ, ଧର୍ମନିରପେକ୍ଷତା ସହିତ ଏସବୁର କୌଣସି ସମ୍ପର୍କ ନାହିଁ। ବରଂ ଏହା ଏକ ଉଦାର ମାନସିକତାର ପ୍ରତିଫଳନ ମାଗୁଛି।

ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକମାନେ ନାଗରିକତ୍ୱ ହରାଇବା ଆଶଙ୍କାରେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ଅସନ୍ତୋଷକୁ ଦୂର କରିବାରେ କେନ୍ଦ୍ର ସରକାର ଦୃଷ୍ଟି ନ ଦେବା ହେଉଛି ଗଣତାନ୍ତ୍ରିକ ବ୍ୟବସ୍ଥାର ବିଫଳତା ବୋଲି ପ୍ରଶ୍ନ ଉଠିଲାଣି। ଏକ ସମ୍ପ୍ରଦାୟର ଆଦର୍ଶଗତ ମତପାର୍ଥକ୍ୟ ଅପେକ୍ଷା ତିଷ୍ଠି ରହିବା ଲାଗି ହୋଇଥିବା ସଂଗ୍ରାମକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ହୋଇଥିବା ହିଂସାରେ ଯେଉଁ ଲୋକଙ୍କ ଜୀବନ ଓ ସମ୍ପଦ ନଷ୍ଟ ହେଲା ତାହା ଦ୍ୱାରା କୌଣସି ସକାରାତ୍ମକ ଫଳ ଆସିପାରି ନାହିଁ।

ମନେହେଉଛି ଯେପରି ୧୬.୮୮ ଲକ୍ଷ କୋଟି ଟଙ୍କାର ଋଣ ନେଇଥିବା କର୍ପୋରେଟ୍ ଇଣ୍ଡିଆ ଆଜିର ଭାରତ ସରକାରର ରୂପ ବଦଳାଇବାକୁ ବାଧ୍ୟ କରିଛି। ବୃହତ୍ ବ୍ୟବସାୟୀମାନେ ନିଜର ସୁରକ୍ଷା ଦେଖିବାକୁ ଯାଇ ନା ଯେ କେବଳ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କୁ ଶେଷ କରିଦେଲେଣି, ଏଥିସହିତ ସରକାରଙ୍କୁ ଅନ୍ୟତ୍ର ଦୃଷ୍ଟି ପକାଇବାକୁ ବାଧ୍ୟ କରୁଛନ୍ତି। ଯେତେବେଳେ ସରକାରୀ କଳ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ମୁଖ୍ୟ ଦାୟିତ୍ୱ ଭାବେ ଗ୍ରହଣ କରେନାହିଁ, ସେତେବେଳେ ଅନ୍ୟସବୁ ବିକାଶମୂଳକ କାର୍ଯ୍ୟ ଅନିଶ୍ଚିତତାର ଶିକାର ହୋଇଯାଏ। ଏକ ଅଶାନ୍ତ ଦେଶରେ କୌଣସି ବ୍ୟକ୍ତିବିଶେଷ ବା କମ୍ପାନୀ ପୁଞ୍ଜି ଲଗାଏ ନାହିଁ। ଏବେକାର ଭାରତରେ ବିରାଟକାୟ ପୁଞ୍ଜିଲଗାଣ ହେବା କଥା ମୁଖ୍ୟ ଆବଶ୍ୟକତା। କିନ୍ତୁ ସରକାରଙ୍କ ଦୃଷ୍ଟି ସେହି ଦିଗରେ ଥିବା ଭଳି କୌଣସି ସୂଚନା ମିଳୁନାହିଁ। ଭାରତର କର୍ପୋରେଟ୍ ଜଗତର ଚାପରେ ଆଜିର ସରକାର ନିଜର ମୁଖ୍ୟ ଦାୟିତ୍ୱ ପାସୋରିଯିବାକୁ ପସନ୍ଦ କରୁଛି। ପ୍ରଶାସନିକ ଦକ୍ଷତା ଓ ଶୃଙ୍ଖଳା, ଦୁର୍ନୀତି ଦୂରୀକରଣ ଏବଂ ଶାନ୍ତ ପରିସ୍ଥିତି ସୃଷ୍ଟି କରିବା ସହିତ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସରକାରଙ୍କ ମୁଖ୍ୟ କର୍ତ୍ତବ୍ୟ ହେବା କଥା। ତାହା ପରିବର୍ତ୍ତେ ନାଗରିକ କ'ଣ ପିନ୍ଧିଲା, କ'ଣ ଖାଇଲା, କେଉଁଠି ପୂଜା କଲା ଏବଂ ତା'ର ନାଗରିକତ୍ୱର ପ୍ରମାଣ ବୁଝିବା ହୋଇଯାଇଛି ସରକାରଙ୍କ ମୁଖ୍ୟ କାମ। କରୋନା ଭାଇରସ୍‌ରେ ଆକ୍ରାନ୍ତ ଚାଇନା ଏବଂ କ୍ରମଶଃ ପାଶ୍ଚାତ୍ୟ ଦେଶଗୁଡ଼ିକ ପ୍ରଭାବିତ ହେଉଥିବା ବେଳେ ଭାରତର ଏକ ନୂତନ ସୁବର୍ଣ୍ଣ ଯୁଗ ଆରମ୍ଭ ହେବାର ସୁଯୋଗ ଥିଲା। ଏହିଭଳି ସୁଯୋଗ ବାରମ୍ବାର କୌଣସି ଜାତିକୁ ମିଳେନାହିଁ। ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥାନକୁ ସୁଦୃଢ଼ କରିବାର ସୁଯୋଗ ଯେତେବେଳେ ଭାରତ ପାଇଛି, ସେତେବେଳେ ଆମେ ସମସ୍ତେ କ୍ଷୁଦ୍ର ମାନସିକତା ଯୋଗୁ ପରସ୍ପର ମଧ୍ୟରେ ବାଡ଼ିଆପିଟା ହେଉଛେ। ଏଭଳି ସୁଯୋଗ ହରାଉଥିବା ଭାରତ ଭବିଷ୍ୟତରେ କେଉଁଭଳି ନିଜକୁ ଗଢ଼ି ତୋଳିବ, ତାହାର ଆଜି ଭବିଷ୍ୟବାଣୀ କରିବା ସମ୍ଭବ ନୁହେଁ। ଆଜିର ଭାରତରେ ଦେଖାଦେଇଥିବା ଅଶାନ୍ତ ପରିସ୍ଥିତିରୁ ମୁକୁଳିବା ପାଇଁ ଜଗନ୍ନାଥ ଭକ୍ତମାନେ ହିନ୍ଦୁମାନଙ୍କୁ ଏକ ନୂଆ ଦିଗ୍‌ଦର୍ଶନ ଦେଇପାରିବେ।

**ତଥାଗତ ସତପଥୀ**

### ଆଜିର ମନ୍ତବ୍ୟ

"ଦିଲ୍ଲୀ ସାମ୍ପ୍ରଦାୟିକ ହିଂସା ରାଷ୍ଟ୍ର ପ୍ରାୟୋଜିତ ଗଣହତ୍ୟା।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ୧୫ ସୁଦ୍ଧା ୬.୩୫ କୋଟି ଆୟକର ରିଟର୍ନ ଇ-ଫାଇଲ କରାଯାଇଛି।

-ଅର୍ଥ ମନ୍ତ୍ରଣାଳୟ

# ପଞ୍ଚାୟତ ହାତରେ ଭିତ୍ତିଭୂମି ଦାୟିତ୍ୱ

- ରାଜ୍ୟ କ୍ୟାବିନେଟ୍‌ରେ ବିଭାଗକୁ ହସ୍ତାନ୍ତର ହେଲା କ୍ଷମତା
- ବୈଠକରେ ମୋଟ ୮ ପ୍ରସ୍ତାବ ଗୃହୀତ
- ଜଳସମ୍ପଦ ବିଭାଗର ୫, ଯୋଜନା ଓ ସଂଯୋଜନାର ୨, ରାଜସ୍ୱ ବିଭାଗର ଗୋଟିଏ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୨।୩(ବ୍ୟୁରୋ)

ଗ୍ରାମାଞ୍ଚଳରେ ଥିବା ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର କୋଠା ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କରାଯିବ। ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକର ଦାୟିତ୍ୱ ପଞ୍ଚାୟତ ନେଇଥିବା ବେଳେ, ହାଇସ୍କୁଲ ଦାୟିତ୍ୱ ପଞ୍ଚାୟତ ସମିତି(ବ୍ଲକ) ହାତରେ ରହିବ। ଅନୁରୂପଭାବେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବ୍ୟବହୃତ କୋଠାଗୁଡ଼ିକ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନକୁ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଏପରି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଧାନସଭାର ବଜେଟ ଅଧିବେଶନ ଜାରି ରହିଥିବାରୁ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ଏ ନେଇ କୌଣସି ଆନୁଷ୍ଠାନିକ ସୂଚନା ପ୍ରଦାନ କରାଯାଇନାହିଁ।

ଅଧିକାରୀସ୍ତରୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଜନସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି), ଉପଖଣ୍ଡରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର କୋଠାବାଡ଼ି ଇତ୍ୟାଦିର ରକ୍ଷଣାବେକ୍ଷଣ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନକୁ ଆସିଛି। ପିଏଚ୍‌ସି, ସିଏଚ୍‌ସି ଏବଂ ଏହା ଅଧୀନସ୍ଥ ଛୋଟ ଉପକେନ୍ଦ୍ରଗୁଡ଼ିକ ରକ୍ଷଣାବେକ୍ଷଣ ଗ୍ରାମ ପଞ୍ଚାୟତ ହାତରେ ନ୍ୟସ୍ତ ହୋଇଛି। ଅନୁରୂପଭାବେ ଉପଖଣ୍ଡୀୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ଦାୟିତ୍ୱ ବ୍ଲକକୁ ପ୍ରଦାନ କରାଯାଇଛି। ଏନେଇ ଯୋଜନା ଓ ସଂଯୋଜନା ବିଭାଗରେ ଆବଶ୍ୟକ ଥିବା ଆଇନଗତ କ୍ଷମତା ହସ୍ତାନ୍ତର ପ୍ରକ୍ରିୟାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହିପରି ଭାବେ ମୋଟ ୮ଟି ପ୍ରସ୍ତାବକୁ ଗୃହୀତ କରାଯାଇଛି। ନିର୍ଦ୍ଦିଷ୍ଟଭାବେ ଦେଖିଲେ ଏହି କ୍ୟାବିନେଟ୍ ବୈଠକରେ ଜଳସମ୍ପଦ ବିଭାଗର ୫ଟି, ଯୋଜନା ଓ ସଂଯୋଜନା ବିଭାଗର ୨ଟି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗୋଟିଏ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ଜଳସମ୍ପଦ ବିଭାଗୀୟ ମଞ୍ଜୁରୀପ୍ରାପ୍ତ ପ୍ରସ୍ତାବଗୁଡ଼ିକ ହେଉଛି କେନାଲ ଲାଇନିଂ ଆଣ୍ଡ ସିଷ୍ଟମ ରିହାବିଲିଟେଶନ ପ୍ରୋଗ୍ରାମ (ସିଏଲ୍‌ଏସ୍‌ଆରପି), ଡ୍ରେନେଜ ଉନ୍ନତୀକରଣ କାର୍ଯ୍ୟକ୍ରମ (ଡିଆଇପି), ଜଳ କ୍ଷେତ୍ରୀୟ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏସ୍‌ଆଇଡିପି), ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର ଏବଂ ଅଚଳ ଉଠାଜଳସେଚନ ପଏଣ୍ଟ (ଏଲ୍‌ଆଇପି)ଗୁଡ଼ିକର ପୁନରୁଦ୍ଧାର। ସେହିପରି ୬ କ୍ରମାଙ୍କରେ ଥିବା କାର୍ଯ୍ୟସୂଚୀରେ ବିଭିନ୍ନ ବିଭାଗର ଦାୟିତ୍ୱ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ହସ୍ତାନ୍ତର ହୋଇଥିଲା। ଏହାଦ୍ୱାରା ତୃଣମୂଳରେ ଥିବା ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାକୁ ପୂର୍ବାପେକ୍ଷା ଅଧିକ କ୍ଷମତା ପ୍ରଦାନ କରାଯାଇଛି। ଅନୁରୂପଭାବେ ରାଜ୍ୟରେ ଜାତୀୟ/ଆନ୍ତର୍ଜାତିକ ମାନର ବିଦ୍ୟାଳୟ ଏବଂ ସ୍ୱାସ୍ଥ୍ୟାନୁଷ୍ଠାନ ପ୍ରତିଷ୍ଠା ପାଇଁ ଅଣାଯାଇଥିବା ନୀତିଗତ ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ବାଜିଛି। ରାଜ୍ୟ ହଜ୍ କମିଟିର ଷ୍ଟାମ୍ପ ଡ୍ୟୁଟିକୁ ଛାଡ଼ କରିବା ପାଇଁ କ୍ୟାବିନେଟ ଅନୁମତି ପ୍ରଦାନ କରିଛି।

# ୨୪ ଘଣ୍ଟାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା

## ନୂଆ ମୋଟର ଯାନ ଆଇନ

ଭୁବନେଶ୍ୱର,୨।୩(ବ୍ୟୁରୋ)

ଦୁଇ ଦଫାରେ ୬ମାସ କୋହଳ ହେବା ପରେ ରାଜ୍ୟରେ ରବିବାର ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ଭାବେ ଲାଗୁ ହୋଇଛି। ହେଲେ ସୋମବାର ଦ୍ୱିତୀୟ ଦିନରେ ଆଇନ ଖିଲାପକାରୀଙ୍କ ଉପରେ ମୋଟା ଅଙ୍କର ଜରିମାନା କଷିଛି ପୋଲିସ ଓ ପରିବହନ ବିଭାଗ। ରାଜ୍ୟର ବିଭିନ୍ନ ସ୍ଥାନରୁ ୨୪ ଘଣ୍ଟାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବେପରୁଆ ଗାଡି ଚାଳକଙ୍କଠାରୁ ଆଦାୟ କରାଯାଇଛି। ସମ୍ବଲପୁରରେ ଜଣେ ନାବାଳକ ଗାଡ଼ି ଚଳାଉଥିବାବେଳେ ଧରାପଡ଼ିଥିଲେ। ଏନେଇ ତାଙ୍କ ବାପାଙ୍କଠାରୁ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଭୁବନେଶ୍ୱରରେ ୨ଟି ଘରୋଇ ଶିକ୍ଷାନୁଷ୍ଠାନର ବସ୍ ଉପରେ ୫୧ ହଜାର ୫ଶହ ଜରିମାନା କରାଯାଇଛି। ଏହାସହ ଏକ ସ୍କୁଲ ଭ୍ୟାନଠାରୁ ୩୭ ହଜାର ଏବଂ ସ୍କୁଲ ପିଲାଙ୍କୁ ବୋହି ନେଉଥିବା ଟାଟା ମ୍ୟାଜିକକୁ ଜବତ କରାଯାଇ ୨୨ ହଜାର ୫ଶହ ଟଙ୍କା ଜରିମାନା କରାଯାଇଛି। ବରଗଡ଼ରେ ଜଣେ ମଦ୍ୟପ ଡ୍ରାଇଭର ଧରାପଡି ୧୦ ହଜାର ଟଙ୍କା ଗଣିଛନ୍ତି। ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୩ ହଜାର ୮୭୦ ଜଣଙ୍କୁ ଚାଲାଣ କଟାଯାଇଛି। ବାଇକରେ ୩ଜଣ ଯାଉଥିବାବେଳେ ୧୨୬ ଜଣ ଧରାପଡିଛନ୍ତି। ମୋବାଇଲ ଫୋନରେ କଥାହୋଇ ଗାଡି ଚଳାଉଥିବାବେଳେ ୪୮ ଜଣ, ବିନା ହେଲମେଟ୍‌ରେ ୧୮୩୧ ଜଣ, ଦ୍ରୁତ ଗାଡ଼ିଚାଳନା ପାଇଁ ୨୭୭ ଜଣ, ମଦ ପିଇ ଗାଡି ଚଳାଉଥିବା ୨୪ ଜଣ, ବିନା ସିଟ୍‌ବେଲ୍ଟରେ ଗାଡି ଚଳାଉଥିବା ୩୪୯ ଜଣଙ୍କୁ ଜରିମାନା କରାଯାଇଛି। ପରିବହନ ବିଭାଗ ୧,୭୫୮ ଜଣଙ୍କଠାରୁ ୮୮ ଲକ୍ଷ ଆଦାୟ କରିଥିବାବେଳେ ପୋଲିସ ୨,୧୧୨ ଜଣଙ୍କଠାରୁ ୧୮ ଲକ୍ଷ ଆଦାୟ କରିଛି।








02.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 37 | 76 | 86 |
| DKL | 37 | 76 | 86 |
| BDK | 38 | 77 | 87 |
| BLS | 40 | 80 | 90 |
| ANG | 37 | 76 | 86 |
| BMP | 37 | 76 | 86 |

*Conditions Apply

Issued in the Interest of Consumers





ପୋଷା କୁକୁର ପଞ୍ଜୀକରଣ ନ କଲେ ଏଣିକି ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିବ। ଉତ୍ତରପ୍ରଦେଶର ଗାଜିଆବାଦରେ ପୋଷା କୁକୁର ପଞ୍ଜିକରଣ ମଡ଼େଲ ସଫଳ ରହିଛି। ଏହାକୁ ଦୃଷ୍ଟିରେ ରଖି ମିରଟ, କାନପୁର ଓ ବାରାଣାସୀ ନଗର ନିଗମ ପକ୍ଷରୁ ଏହି ମଡ଼େଲ ଲାଗୁ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଏହି ୩ ସହର ଗାଜିଆବାଦ ନଗର ନିଗମ ସହିତ ଯୋଗାଯୋଗ କରିଛନ୍ତି। ଗାଜିଆବାଦରେ ଚଳିତ ବର୍ଷ ଫେବୃୟାରୀରେ ପୋଷା କୁକୁର ପଞ୍ଜିକରଣ ଲାଗି ମୋବାଇଲ୍ ଆପ୍‌ର ପ୍ରଚଳନ କରାଯାଇଥିଲା। ଇତିମଧ୍ୟରେ ୨୫୫ ମାଲିକ ସେମାନଙ୍କ ପୋଷା କୁକୁରର ପଞ୍ଜିକରଣ କରି ସାରିଛନ୍ତି। ଏହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି ରହିବ।

# ବନ୍ୟଜୀବଙ୍କ ବିନା ପୃଥିବୀ ଶୁଷ୍କ ପାଲଟିବ

ବିଶ୍ୱ ବନ୍ୟଜୀବ ଦିବସ ପ୍ରତିବର୍ଷ ୩ ମାର୍ଚ୍ଚରେ ପାଳନ କରାଯାଉଛି। ଏହି ଅବସରରେ ବିଶ୍ୱର ଜୈବ ବିବିଧତାରେ ସବୁ ପ୍ରଜାତିର ଜୀବଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନକୁ ସ୍ମରଣ କରାଯାଏ। ଏହି ଦିବସରେ ବନ୍ୟଜୀବଙ୍କ ଉପରେ ସୃଷ୍ଟି ହେଉଥିବା ବିପଦ ଉପରେ ଅନୁଧ୍ୟାନ କରାଯିବା ସହ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଗଭୀର ଅନୁଧ୍ୟାନ କରାଯାଏ। ସଂକଟରେ ଥିବା ଜୀବ ତଥା ବନସ୍ପତିର ସୁରକ୍ଷା ପାଇଁ ୩ ମାର୍ଚ୍ଚ ୧୯୭୩ରେ 'କନଭେସନ ଅନ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନ୍ ଏନ୍‌ଡେଞ୍ଜର୍ଡ ସ୍ପେସିସ୍' (ସିଆଇଟିଇଏସ୍) ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୩ରେ ଥାଇଲାଣ୍ଡର ବ୍ୟାଙ୍କକରେ ଅନୁଷ୍ଠିତ ସିଆଇଟିଇଏସ୍‌ର ୧୬ତମ ଅଧିବେଶନରେ ପ୍ରଥମେ ଏହି ଦିବସ ପାଳନ କରାଯିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ବିଚାରକୁ ନେଇ ୨୦ ଡିସେମ୍ବର ୨୦୧୩ରେ ଜାତିସଂଘ ସାଧାରଣ ପରିଷଦର ୬୮ତମ ଅଧିବେଶନରେ ୩ ମାର୍ଚ୍ଚକୁ ବିଶ୍ୱ ବନ୍ୟଜୀବ ଦିବସ ଭାବେ ଘୋଷଣା କରାଯାଇଥିଲା। ୨୦୧୪ରେ ପ୍ରଥମେ ଉକ୍ତ ଦିବସ ପାଳନ କରାଯାଇଥିଲା।

ବନ୍ୟ ଜୀବଜନ୍ତୁ ତଥା ବୃକ୍ଷଲତା ପରିବେଶ ସନ୍ତୁଳନ ରକ୍ଷା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ଏହା ମଧ୍ୟ ପ୍ରାକୃତିକ ସଂସାଧନ ପୁନଃ ପ୍ରାପ୍ତ କରିବାରେ ସହଯୋଗ କରେ। ବନ୍ୟଜୀବଙ୍କୁ ମଣିଷ ଅନବରତ ଧ୍ୱଂସ କରିବା ଦ୍ୱାରା ଜଳବାୟୁରେ ପରିବର୍ତ୍ତନ ହେଉଛି । ଏବେ ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ପ୍ରତିବର୍ଷ ପୃଥିବୀରୁ ୭୩,୦୦୦ପ୍ରଜାତିର ଜୀବ (ପ୍ରତିଦିନ ପାଖାପାଖି ୨୦୦ ପ୍ରଜାତି) ବିଲୁପ୍ତ ହୋଇଯାଉଛି। ଏଥି ମଧ୍ୟରୁ କେବଳ ଜଙ୍ଗଲ ଧ୍ୱଂସ ହେବା କାରଣରୁ ପ୍ରତିବର୍ଷ ୫୩,୦୦୦ ପ୍ରଜାତିର ଜୀବ ବିଲୁପ୍ତ ହୋଇଯାଉଛନ୍ତି। ଏଣୁ ମାନବ ଜୀବନ ସୁରକ୍ଷିତ ରଖିବାକୁ ହେଲେ ଆମକୁ ବନ୍ୟଜନ୍ତୁ ଓ ବୃକ୍ଷଲତାର ସୁରକ୍ଷା କରିବାକୁ ହେବ। ବନ୍ୟଜୀବ ବିନା ପୃଥିବୀ ଏକ ଶୁଷ୍କ ଗ୍ରହ ପାଲଟିଯିବ ଯେଉଁଠି ଜୀବନ ସମ୍ଭବ ହୋଇପାରିବନାହିଁ। ବନ୍ୟଜୀବଙ୍କ ସୁରକ୍ଷା କରି ଆମେ ନିଜକୁ ତଥା ପୃଥିବୀର ଅସ୍ତିତ୍ୱକୁ ରକ୍ଷା କରିପାରିବା। ବନ୍ୟଜୀବଙ୍କ ପ୍ରତି ଆମ ଶ୍ରଦ୍ଧା ଓ ସୁରକ୍ଷାର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବାରେ ଏହି ଦିବସ ଆମକୁ ଚେତାଇଦିଏ। ଏମାନଙ୍କ ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବା ଉକ୍ତ ଦିବସର ଏକ ସାର୍ଥକ ପଦକ୍ଷେପ। ୨୦୧୪ ରେ ପ୍ରଥମେ ଉକ୍ତ ଦିବସର ସ୍ଲୋଗାନ ରହିଥିଲା 'ବନ୍ୟଜୀବ ସମ୍ପର୍କିତ ଅପରାଧ ଉପରେ ସଚେତନ ହେବାର ଏହା ଉପଯୁକ୍ତ ସମୟ'। ସେବେଠାରୁ ଏହି ଦିବସ ଏକ ନର୍ଦ୍ଦିଷ୍ଟ ସ୍ଲୋଗାନ ନେଇ ପାଳନ କରାଯାଇଆସୁଅଛି। ୨୦୨୦ରେ ବିଶ୍ୱ ବନ୍ୟଜୀବ ଦିବସର ସ୍ଲୋଗାନ୍ ରହିଛି ' ସବୁ ଜୀବନ ପୃଥିବୀରେ ତିଷ୍ଠି ରହୁ'।

**ବିଶ୍ୱ ବନ୍ୟଜୀବ ଦିବସ**







# ଏଥର ଆକ୍ରମଣ କରିବ ଡ୍ରୋନ୍ ଫାଇଟର ପ୍ଲେନ୍

**ସାନ୍‌ଫ୍ରାନ୍ସିସ୍‌କୋ:** ମହାକାଶ ଗବେଷଣା ତଥା ମହାକାଶ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଘରୋଇ କମ୍ପାନୀ ସ୍ପେସ୍-ଏକ୍ସର ସିଇଓ ଏଲନ୍ ମସ୍କ କହିଛନ୍ତି ଯେ,ଭବିଷ୍ୟତରେ ଯୁଦ୍ଧ ଫାଇଟର୍ ଜେଟ୍‌ରେ ହେବନି , ହେବ ଡ୍ରୋନ୍ ଫାଇଟର ପ୍ଲେନ୍‌ରେ। ଆକାଶରେ ଆଉ ଏଫ୍-୩୫ ଉଡିବା ବି ଦେଖିବାକୁ ମିଳିବନି। ଯୁଦ୍ଧାସ୍ତ୍ର ପ୍ରତିଯୋଗିତାରେ ଏହା ଏକ ନୂଆ ଅଧ୍ୟାୟ ମଧ୍ୟ ସୃଷ୍ଟି କରିବ। ଆମେରିକା ବାୟୁସେନା ପକ୍ଷରୁ ଫ୍ଲୋରିଡାରେ ଆୟୋଜିତ ଏୟାର ୱାରଫେୟାର ସିମ୍ପୋସିୟମ୍‌ରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ମସ୍କ ଏହା କହିଛନ୍ତି। ଭବିଷ୍ୟତରେ ଯେଉଁ ଡ୍ରୋନ୍ ବ୍ୟବହାର କରାଯିବ ତାହା ସ୍ୱୟଂଚାଳିତ। ଡ୍ରୋନ୍‌ର ଯୁଦ୍ଧଶୈଳୀକୁ ପାଇଲଟ ରିମୋଟ୍ ମାଧ୍ୟମରେ ସଂଚାଳନ କରିପାରିବେ। ଇତିମଧ୍ୟରେ ଆମେରିକା ବାୟୁସେନା ଅତ୍ୟାଧୁନିକ ଜେଟ୍ କ୍ଷମତା ସମ ଡ୍ରୋନର ପରୀକ୍ଷା ମଧ୍ୟ ସଫଳତାର ସହ କରିସାରିଛି। ଏହି ଡ୍ରୋନ୍ ଫାଇଟର୍ ନାମ ଏକ୍ସକ୍ୟୁ୫୮-ଏ ଭାଲ୍‌କିରି। ଏହା ମାନବ ଚାଳିତ ଫାଇଟର ବିମାନ ସହ ବିଭିନ୍ନ ଅପରେଶନରେ ସହଯୋଗ କରିବ ବୋଲି କୁହାଯାଉଛି। ଯୁଦ୍ଧ ସମୟରେ ବିଭିନ୍ନ ଦିଗ ଉପରେ ନିରୀକ୍ଷଣ କରିବା ସହ ଠିକ୍ ଭାବେ ଷ୍ଟ୍ରାଇକ୍ ବି କରିପାରିବ। ଏହାର କମ୍ ଓଜନର ସ୍ମାର୍ଟ ବମ୍ ନେବା ଭଳି କ୍ଷମତା ରହିଛି। ଏଫ୍-୧୬ ଫାଇଟିଂ ଫାଲକନ୍‌ର ରେଞ୍ଜ ୨,୬୦୦ ମାଇଲ ଓ ଏଫ-୨୨ ରାପ୍ଟରର ରେଞ୍ଜ ୧,୮୦୦ ମାଇଲ୍‌ରୁ ଅଧିକ ଥିବାବେଳେ ଏହି ଡ୍ରୋନ୍ ଫାଇଟର୍‌ର ରେଞ୍ଜ ରହିଛି ୨,୫୦୦ ମାଇଲ।

# ଦିଲ୍‌ଜିତଙ୍କ ସହ ଇଭାଙ୍କା

**ୱାଶିଂଟନ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପରିବାର ସହ ଦୁଇଦିନିଆ ଭାରତ ଗସ୍ତରେ ଆସିଥିଲେ। ତାଙ୍କ ସହ ଥିଲେ ଆମେରିକାର ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ, ଝିଅ ଇଭାଙ୍କା ଓ ଜ୍ୱାଇଁ ଜେରେଡ। ଏମାନେ ଭାରତ ଗସ୍ତ ସମୟରେ ତାଜମହଲ ଭ୍ରମଣରେ ଯାଇଥିଲେ। ସେଠାରେ ଇଭାଙ୍କା ତାଙ୍କ ସ୍ୱାମୀ ଜେରେଡଙ୍କ ସହ ଯଉଁସବୁ ଫଟୋ ଉଠାଇଥିଲେ ଆମେରିକା ଫେରିବା ପରେ ସେସବୁକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରିଥିଲେ। ଆଉ ଏହାପରେ ଫଟୋ ସବୁ ଭାଇରାଲ ହେବାରେ ଲାଗିଥିଲା। ଏବେ ଏହି ଫଟୋକୁ ନେଇ ମିମ୍ସ କରାଯାଉଥିବା ବେଳେ ଏଥିରେ ପଞ୍ଜାବୀ ଗାୟକ ଦିଲ୍‌ଜିତ ଦୋସାଂଝ ଓ ବଲିଉଡ୍ କଳାକାର ମନୋଜ ବାଜପେୟୀଙ୍କ ନାଁ ବି ସାମିଲ ହୋଇଥିବା ଦେଖାଯାଇଛି। ଦିଲଜିତ୍ ଏବେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଇଭାଙ୍କାଙ୍କ ସହ ତାଜମହଲ ପରିସରରେ ବସିଥିବା ଦେଖାଯାଇଛି। ଏହି ଫଟୋ ଶେୟାର କରି ଦିଲଜିତ୍ ଲେଖିଛନ୍ତି ଇଭାଙ୍କା କୁଆଡେ ତାଙ୍କୁ ତାଜମହଲ ବୁଲାଇବାକୁ ନେବାକୁ କହିବାରୁ ଦୁହେଁ ମିଶି ତାଜମହଲ ବୁଲିବାକୁ ଯାଇଥିଲେ। ଦିଲଜିତଙ୍କ ଏହି ଟୁଇଟ୍‌ର ଉତ୍ତରରେ ଇଭାଙ୍କା କହିଛନ୍ତି, ତାଜମହଲ ବୁଲାଇଥିବାରୁ ଧନ୍ୟବାଦ। ଏହି ମୁହୂର୍ତ୍ତକୁ କେବେ ଭୁଲି ହେବନାହିଁ। କେବଳ ଦିଲ୍‌ଜିତ ନୁହେଁ ଏବେ ଫଟୋଶପ୍ ମାଧ୍ୟମରେ କେତେଜଣ ଇଭାଙ୍କାଙ୍କ ଫଟୋସହ ନିଜ ଫଟୋ ଯୋଡି ସୋସିଆଲ ମିଡିଆରେ ଶେୟାର କରିଥିବା ଦେଖାଯାଇଛି।

**ଫଟୋ ଭାଇରାଲ**



# ୧୫ ମିନିଟରେ ସ୍ତନକର୍କଟ ଚିହ୍ନିବ 'ନିରାମଇ' ଡିଭାଇସ୍

**ବେଙ୍ଗାଲୁରୁ:** ଭାରତରେ ସ୍ତନକର୍କଟରେ ବହୁ ମହିଳାଙ୍କ ମୃତ୍ୟୁ ଘଟିଥାଏ। ତେବେ ସ୍ତନକର୍କଟର ଚିହ୍ନଟ ପ୍ରାଥମିକ ପର୍ଯ୍ୟାୟରେ ହୋଇପାରିଲେ ଏହା ଘାତକ ହୋଇପାରି ନ ଥାଏ ବୋଲି ଚିକିତ୍ସକ କହିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଗୀତା ମଞ୍ଜୁନାଥ ନାମକ ଜଣେ ମହିଳାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ପକ୍ଷରୁ 'ନିରାମଇ' ଡିଭାଇସ୍ ତିଆରି କରାଯାଇଛି। ଏହା ସହାୟତାରେ ମାତ୍ର ୧୫ ମିନିଟ୍ ମଧ୍ୟରେ ସ୍ତନକର୍କଟ ଚିହ୍ନଟ କରାଯାଇପାରୁଛି। ଏହି ଥର୍ମାଲ ସେନସର ଡିଭାଇସ୍ ୫ ମିଲିମିଟର ଆକାରର ଟ୍ୟୁମରକୁ ସହଜରେ ଚିହ୍ନଟ କରିପାରୁଛି। ଏହାଦ୍ୱାରା ଇତିମଧ୍ୟରେ ୨୫ ହଜାର ମହିଳାଙ୍କ ସ୍ତନକର୍କଟ ଚିହ୍ନଟ ହୋଇପାରିଛି। ଏହା ୩୦ରୁ ଅଧିକ ହସ୍ପିଟାଲରେ ଉପଲବ୍ଧ ହେଉଛି। ନିଜ ଦାଦା ଝିଅ ଭଉଣୀଙ୍କର ସ୍ତନକର୍କଟରେ ମୃତ୍ୟୁ ହେବା ପରେ ଗୀତା ଏଭଳି ଡିଭାଇସ୍ ତିଆରି କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ ସମ୍ପ୍ରତି ଭାରତରେ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରେ ୨୬ ଜଣ ସ୍ତନକର୍କଟରେ ପୀଡ଼ିତ। ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ଏହାର ଚିହ୍ନଟ ପ୍ରାଥମିକ ପର୍ଯ୍ୟାୟରେ ହୋଇପାରି ନ ଥାଏ। ସେହିପରି ୬୬ ପ୍ରତିଶତ ଏଥିରୁ ଚିକିତ୍ସା ପରେ ସୁସ୍ଥ ହୋଇଥାନ୍ତି। ଅପରପକ୍ଷରେ ପୃଥିବୀର ବିଭିନ୍ନ ବିକଶିତ ରାଷ୍ଟ୍ରରେ ୯୦ ପ୍ରତିଶତ ମହିଳା ଚିକିତ୍ସା ପରେ ସ୍ତନକର୍କଟରୁ ମୁକ୍ତ ହୋଇପାରୁଛନ୍ତି।



# ରିଲିଜ ହେଲା 'ସୂର୍ଯ୍ୟବଂଶୀ'ର ଟ୍ରେଲର

## ଟ୍ରାଫିକ ଜାମ୍‌କୁ ଦୂରେଇବାକୁ ଅକ୍ଷୟଙ୍କ ନୂଆ ଫର୍ମୁଲା

**ମୁମ୍ବାଇ:** ବଲିଉଡ୍ ଅପ୍ କମିଂ ଫିଲ୍ମ 'ସୂର୍ଯ୍ୟବଂଶୀ'ର ଟ୍ରେଲର ରିଲିଜ୍ ହୋଇଛି। ଏଥିରେ ମୁଖ୍ୟ ଭୂମିକାରେ ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର, କ୍ୟାଟ୍ରିନା କୈଫ, ଜ୍ୟାକି ଶ୍ରଫ, ଗୁଲ୍‌ଶନ ଗ୍ରୋଭର, ବିଧାନ ଶର୍ମା ଆଦିଙ୍କୁ ଦେଖିବାକୁ ମିଳିବ। ଏହି ଟ୍ରେଲର ରିଲିଜ୍ ଅବସରରେ ଟ୍ରାଫିକ ଜାମ୍‌କୁ ଦୂରେଇ ଦେବାକୁ ଅକ୍ଷୟ କୁମାର ଏକ ନୂଆ ଫର୍ମୁଲା ଆପଣେଇ ଥିବା ଦେଖାଯାଇଛି। ଟ୍ରେଲର୍ ରିଲିଜ ଅବସରରେ ସେ ଏକ ରେସିଂ ବାଇକ୍ ନେଇ ପହଞ୍ଚିଛନ୍ତି। ଏହି ରେସିଂ ବାଇକ୍ ସହ ଅକ୍ଷୟ ହାତରେ ହେଲମେଟ୍ ଧରିଥିବାର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହାସହ ଅକ୍ଷୟ ଲେଖିଛନ୍ତି 'ସୂର୍ଯ୍ୟବଂଶୀ'ର ଟ୍ରେଲର ରିଲିଜ୍ ଅବସରରେ ମୁମ୍ବାଇ ଟ୍ରାଫିକରୁ ବଞ୍ଚିବାକୁ ଆଜି ସୂର୍ଯ୍ୟବଂଶୀ ହେଲିକପ୍ଟର ବଦଳରେ ବାଇକ୍‌ର ସାହାରା ନେଇଛନ୍ତି। ଅକ୍ଷୟଙ୍କ ଏହି ଫଟୋକୁ ଦେଖିବା ପରେ ତାଙ୍କର ପ୍ରଶଂସକମାନେ ଭିନ୍ନ ଭିନ୍ନ କମେଣ୍ଟ ଦେଇଛନ୍ତି।



# ୨ ବର୍ଷ ହେବ ନିଜକୁ ଜୀବିତ ପ୍ରମାଣ କରିପାରୁନାହାନ୍ତି

**ଭୋପାଳ:** ଅନେକ ସମୟରେ ଭତ୍ତା ପାଇଁ ମୃତ ଲୋକଙ୍କୁ ଜୀବିତ ଦର୍ଶାଯାଇଥାଏ। କିନ୍ତୁ ମଧ୍ୟପ୍ରଦେଶରେ ଜଣେ ଜୀବିତ ମହିଳା ମୃତ ଘୋଷିତ ହେବା ଯୋଗୁ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ମହିଳା ଜଣକ ନିଜକୁ ଜୀବିତ ବୋଲି ପ୍ରମାଣ କରିବାର ପ୍ରୟାସ ଜାରି ରଖିଥିବା ଖବର ବି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ରତଲାମ୍‌ର ସ୍ୱାତିପୁରାରେ ବାସ କରୁଥିବା ରେଖା ନାମକ ଜଣେ ମହିଳାଙ୍କ କ୍ଷେତ୍ରରେ ଏଭଳି ଘଟିଛି। ସରକାରୀ କାଗଜପତ୍ରରେ ସେ ମୃତ ଘୋଷିତ ହୋଇଛନ୍ତି। ଦୀର୍ଘ ୨ ବର୍ଷ ହେଲା ନିଜକୁ ଜୀବିତ ପ୍ରମାଣ କରିବା ପାଇଁ ସେ ନିୟମିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଘୂରି ବୁଲୁଛନ୍ତି। ତେବେ ତାଙ୍କ କଥା କେହି ଶୁଣୁନାହାନ୍ତି। ତାଙ୍କୁ ସରକାରୀ ଭାବେ ଏପର୍ଯ୍ୟନ୍ତ ଜୀବିତ ଘୋଷଣା କରାଯାଇ ପାରିନାହିଁ। ୨ ବର୍ଷ ତଳେ ରେଖାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେ ବିଧବା ଭତ୍ତା ପାଇଁ ସ୍ଥାନୀୟ ନଗର ନିଗମ କାର୍ଯ୍ୟାଳୟରେ ଆବେଦନ କରିବାକୁ ପହଞ୍ଚିଥିଲେ। ସେଠାରେ ଥିବା କାଗଜପତ୍ରରେ ସ୍ୱାମୀଙ୍କ ସହିତ ରେଖାଙ୍କ ମୃତ୍ୟୁ ଘଟିଥିବା ପଞ୍ଜୀକରଣ କରାଯାଇଥିବା ଦେଖିବାକୁ ମିଳିଥିଲା। ନିଜକୁ ଜୀବିତ ପ୍ରମାଣ କରି ଭତ୍ତା ପାଇବାରେ ସବୁ ଆଶା ହରାଇବା ପରେ ଏବେ ବାଧ୍ୟ ହୋଇ ରେଖା ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ ସମ୍ପୃକ୍ତ ଅଧିକାରୀମାନେ କାଗଜପତ୍ରରେ ରେଖାଙ୍କୁ ଜୀବିତ ଦର୍ଶାଇବା ପାଇଁ ୧୫ ଦିନ ସମୟ ନେଇଛନ୍ତି।



# ପ୍ରଥମ ପଦାତିକ ମ୍ୟୁଜିୟମ

**ଭୋପାଳ:** କାର୍ପାସ ବସ୍ତ୍ର ଏବଂ ସୁସ୍ୱାଦୁ ଖାଦ୍ୟକୁ ନେଇ ଯଶ ଅର୍ଜନ କରିଥିବା ଇନ୍ଦୋର ଏବେ ସାରା ଦୁନିଆକୁ ଶୁଣାଇବ ଭାରତୀୟ ପଦାତିକ ବାହିନୀର ଶୌର୍ଯ୍ୟ, ବୀରତ୍ୱର ଗାଥା। ଇନ୍ଦୋର ନିକଟବର୍ତ୍ତୀ ପର୍ଯ୍ୟଟନ ବିଭବରେ ଭରପୂର ମହୋ (mhow)ରେ ନିର୍ମାଣ ଚାଲିଛି ଦେଶର ପ୍ରଥମ ଏବଂ ବିଶ୍ୱର ଦ୍ୱିତୀୟ ପଦାତିକ ମ୍ୟୁଜିୟମ। ଏହାର ପ୍ରଥମ ପର୍ଯ୍ୟାୟ କାମ ଶେଷ ହୋଇସାରିଛି। ଚଳିତବର୍ଷ ଏହାକୁ ସାଧାରଣ ଲୋକଙ୍କ ଲାଗି ଖୋଲାଯିବାକୁ ଯୋଜନା କରାଯାଉଛି।

ଭାରତକୁ ବିଭିନ୍ନ ସମୟରେ ବିଦେଶୀ ଶକ୍ତି କରାୟତ୍ତ କରିଛନ୍ତି। ବ୍ରିଟିଶ ଶାସନରୁ ମୁକ୍ତ ହେବା ପରେ ବି ଅନେକ ଯୁଦ୍ଧ ଦେଖିଛି ଏହି ଦେଶ। ଆଉ ସବୁବେଳେ ପଦାତିକ ବାହିନୀ ନିଜର ପରାକାଷ୍ଠା ଦେଖାଇ ସୃଷ୍ଟି କରିଛି ଉଦାହରଣ। ଏହାକୁ ଜନମାନସରେ ପରିଚିତ କରାଇବା ହିଁ ପଦାତିକ ମ୍ୟୁଜିୟମ ନିର୍ମାଣର ପ୍ରମୁଖ ଉଦ୍ଦେଶ୍ୟ। ମ୍ୟୁଜିୟମରେ ୧୭୪୭ରୁ ୨୦୨୦ ଯାଏ ସୈନ୍ୟବାହିନୀର ଗୌରବଶାଳୀ ଇତିହାସ, ବୀରତ୍ୱଗାଥା, ବଳିଦାନକୁ ଥ୍ରୀ ଡି ପ୍ରିଣ୍ଟର ମାଧ୍ୟମରେ ପ୍ରଦର୍ଶିତ ହେବ। ଏଥିସହ ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ସୈନିକମାନଙ୍କ ପ୍ରତିକୃତିକୁ ଜୀବନ୍ତ ଭାବେ ନିର୍ମାଣ କରାଯାଇଛି। ଏଥିସହ ଯୁଦ୍ଧ ଏବଂ ଯୁଦ୍ଧ ପରବର୍ତ୍ତୀ ସମୟର ଫଟୋ ଗ୍ୟାଲେରି ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ୨ ଏକର ଜମି ଉପରେ ପରିବ୍ୟାପ୍ତ ତଥା ୩ ମହଲାବିଶିଷ୍ଟ ଏହି ମ୍ୟୁଜିୟମକୁ ତିନି ପର୍ଯ୍ୟାୟରେ ନିର୍ମାଣ କରାଯାଉଛି। ୨୦୦୯ରୁ ଏହା ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ କାମ ଅନ୍ତିମ ଚରଣରେ ପହଞ୍ଚି ସାରିଛି। ଦ୍ୱିତୀୟ ଏବଂ ତୃତୀୟ ଫେଜ୍ କାମ ଅତି ଶୀଘ୍ର ଆରମ୍ଭ ହେବ। ଏଥିରେ ୧୭୫୭ର ରକ୍ତାକ୍ତ ପଲାସୀ ଯୁଦ୍ଧ, ୧୭୬୪ର ବକ୍ସାର ଯୁଦ୍ଧ, ୧୮୯୭ର ସାରାଗଡ଼ି ଯୁଦ୍ଧ, ୧୯୬୫ ଏବଂ ୧୯୭୧ରେ ସଂଗଠିତ ଭାରତ-ପାକିସ୍ତାନ ଯୁଦ୍ଧ ବିଷୟରେ ବିସ୍ତୃତ ବିବରଣୀ ରହିବ। ଏଥିସହ ବୀର ଶିବାଜୀ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ଗୌରବମୟ ଜୀବନୀ ମଧ୍ୟ ସ୍ଥାନିତ କରାଯିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମ୍ୟୁଜିୟମରେ ସ୍ଥାନିତ ଯବାନଙ୍କ ଷ୍ଟାଚ୍ୟୁଗୁଡ଼ିକ ବେଶ୍ ଜୀବନ୍ତ ହୋଇଛି। ଯବାନମାନେ ୪୦ ଫୁଟ ଉଚ୍ଚତାରୁ ଡେଇଁବା, ଘରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଧରିବା ଆଦି ବିଷୟବସ୍ତୁ ଉପରେ ଆଧାରିତ ଅବିକଳ ଡମି ବେଶ୍ ଚିତ୍ତାକର୍ଷକ ହୋଇଛି। ମ୍ୟୁଜିୟମରେ ପ୍ରବେଶ ପାଇଁ ଅନ୍‌ଲାଇନରେ ଟିକେଟ ଉପଲବ୍ଧ ହେବ। ଦିନକୁ ମାତ୍ର ୧୦୦ ଜଣ ପର୍ଯ୍ୟଟକଙ୍କୁ ପରିଦର୍ଶନର ସୁବିଧା ମିଳିବ। ମ୍ୟୁଜିୟମକୁ ସମ୍ପୂର୍ଣ୍ଣ ପରିକ୍ରମା କରିବାକୁ ସାଢ଼େ ୨ ଘଣ୍ଟା ସମୟ ଲାଗିବ। ଥରକେ ୪୦ ଜଣ ଲୋକଙ୍କୁ ବୁଲିବାର ସୁବିଧା ମିଳିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ସରିଲା ମାଟ୍ରିକ୍ ପରୀକ୍ଷା




# ପ୍ରତି ଶ୍ରେଣୀ ପାଇଁ ଜଣେ ଶିକ୍ଷକ

- ବନ୍ଦ ହେବ ରାଜ୍ୟର ପ୍ରାୟ ୫୮୦୦ ବିଦ୍ୟାଳୟ
- ୨୦ରୁ କମ୍ ପିଲା ଥିବା ବିଦ୍ୟାଳୟ ବନ୍ଦ ହେବା ନିଶ୍ଚିତ
- ୪୦ରୁ କମ୍ ଥିବେ, ୧କିମି ଭିତରେ ଅନ୍ୟ ସ୍କୁଲ ଥିଲେ ସମାନ ନିୟମ

ଭୁବନେଶ୍ୱର,୨।୩(ବ୍ୟୁରୋ)

ରାଜ୍ୟ ସରକାର ବର୍ତ୍ତମାନ ପ୍ରତ୍ୟେକ ସ୍କୁଲର ଗୋଟିଏ କ୍ଲାସ ପିଛା ଜଣେ ଲେଖାଏ ଶିକ୍ଷକ ନିଯୁକ୍ତି ଦେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏହାକୁ ସଫଳ କରିବା ପାଇଁ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏକ ନୂଆ ଯୋଜନା ପ୍ରସ୍ତୁତ କରିଛି। ସେହି ଅନୁଯାୟୀ ରାଜ୍ୟରେ ଚାଲିଥିବା ପାଖାପାଖି ୫୪ହଜାର ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୫,୮୦୦ ସରକାରୀ ବିଦ୍ୟାଳୟକୁ ଖୁବ୍‌ଶୀଘ୍ର ବନ୍ଦ କରିଦିଆଯିବ। ଯେଉଁସବୁ ବିଦ୍ୟାଳୟରେ ୨୦ଜଣରୁ କମ୍ ଛାତ୍ରୀଛାତ୍ର ପାଠ ପଢୁଛନ୍ତି ସେଗୁଡ଼ିକ ପ୍ରଥମେ ବନ୍ଦ କରାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୧୦ଜଣରୁ କମ୍ ଛାତ୍ରୀଛାତ୍ର ପାଠ ପଢୁଥିବା ସ୍କୁଲଗୁଡ଼ିକ ବନ୍ଦ କରିଦେବା ଉପରେ ସରକାର ନିଷ୍ପତ୍ତି ନେଇଥିଲେ। ଏହିଭଳି ରାଜ୍ୟର ମୋଟ ୭୪୦ଟି ସ୍କୁଲକୁ ସରକାର ବନ୍ଦ କରି ସାରିଥିବା ଜଣାପଡ଼ିଛି। ଏହିସବୁ ବିଦ୍ୟାଳୟର ପିଲାମାନଙ୍କୁ ନିକଟସ୍ଥ ସ୍କୁଲରେ ମାଗଣାରେ ସରକାର ନାମ ଲେଖାଇବା ସହିତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରିଛନ୍ତି। ସେହି ଢାଞ୍ଚାରେ ବର୍ତ୍ତମାନ ୨୦ରୁ କମ୍ ପିଲା ପଢୁଥିବା ସ୍କୁଲ ବନ୍ଦ କରିଦେଇ ସେହି ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଉଛି। ଏହାସହ ଯେଉଁ ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ଠିକ୍ ଥିବ ସେଠାରେ ହିଁ ପିଲାଙ୍କ ନାମ ଲେଖାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବନ୍ଦ ହେବାକୁ ଥିବା ସ୍କୁଲଗୁଡ଼ିକର ଶିକ୍ଷକମାନଙ୍କୁ ଯେଉଁ ବିଦ୍ୟାଳୟରେ ପିଲାମାନଙ୍କ ଅନୁପାତ ଠିକ୍ ଥାଇ ଶିକ୍ଷକମାନଙ୍କ ସଂଖ୍ୟା କମ୍ ଥିବ ସେଠାରେ ନିଯୁକ୍ତି ଦିଆଯିବ। ଅପରପକ୍ଷରେ ସବୁ ବିଦ୍ୟାଳୟରେ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କ ଅନୁପାତ ଠିକ୍ ରଖାଯିବ ବୋଲି ଜଣାପଡ଼ିଛି। ଯେଉଁସବୁ ବିଦ୍ୟାଳୟ ବନ୍ଦ କରିଦିଆଯିବ ସେହିସବୁ ସ୍କୁଲ ଗୃହଗୁଡ଼ିକ ସରକାରଙ୍କ ପଞ୍ଚାୟତ ଅଧୀନକୁ ଯିବ। ବନ୍ଦ ହେବାକୁ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ସମ୍ପତ୍ତି ଉକ୍ତ ଗ୍ରାମପଞ୍ଚାୟତ ଅଧୀନରେ ରହିବ। ସେହିପରି ଉଚ୍ଚ ବିଦ୍ୟାଳୟଗୁଡ଼ିକର ସମ୍ପତ୍ତି ପଞ୍ଚାୟତ ସମିତି ଅଧୀନରେ ରଖାଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।

ଏହାଛଡ଼ା ୪୦ରୁ କମ୍ ପିଲା ପାଠ ପଢୁଥିବା ବିଦ୍ୟାଳୟଗୁଡ଼ିକୁ ମଧ୍ୟ ସରକାର ବନ୍ଦ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ହେଲେ ସବୁ ସ୍ଥାନରେ ଏହା କାର୍ଯ୍ୟକାରୀ ହେବନାହିଁ। ଯେଉଁ ସ୍କୁଲ ବନ୍ଦ କରାଯିବ ତା'ର ନିକଟସ୍ଥ ୧ କି.ମି. ପରିଧି ମଧ୍ୟରେ ଯଦି କୌଣସି ସରକାରୀ ସ୍କୁଲ ଥିବ ତେବେ ସେଠାରେ ଉକ୍ତ ନିଷ୍ପତ୍ତି ଲାଗୁ କରାଯିବ। ଯଦି ୧ କି.ମି. ପରିଧି ମଧ୍ୟରେ କୌଣସି ସରକାରୀ ସ୍କୁଲ ନ ଥିବ ତେବେ ୪୦ରୁ କମ୍ ପିଲା ପଢୁଥିବା ବିଦ୍ୟାଳୟଗୁଡ଼ିକୁ ସରକାର ବନ୍ଦ କରିବେ ନାହିଁ। ସବୁ ଜିଲାର ଜିଲାପାଳଙ୍କ ଅଧୀନରେ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନେଇ ଏକ କମିଟି ରହିଛି, ସେମାନେ ହିଁ ଏହା ଉପରେ ନିଷ୍ପତ୍ତି ନେବେ। ସେହିଭଳି ସ୍କୁଲ ପାଖରେ ଯଦି ଜାତୀୟ ରାଜପଥ, ନଦୀ, ହ୍ରଦ, ପାହାଡ ଆଦି ରହିଥିବ ସେ ସ୍ଥାନରେ ସ୍କୁଲଗୁଡ଼ିକରେ କମ୍ ଉପସ୍ଥାନ ଥିଲେ କ'ଣ ହେବ ସେନେଇ ମଧ୍ୟ ଜିଲାପାଳଙ୍କ ଅଧୀନରେ ରହିଥିବା କମିଟି ନିଷ୍ପତ୍ତି ନେବ ବୋଲି ସୂଚନା ମିଳିଛି।

# ଦୀଘା ମୁହାଣରୁ ଧରାହେଲା ୯ ଶହ କେଜି ବିରଳ ପ୍ରଜାତିର ମାଛ

## ୨୦ ହଜାରରେ ହେଲା ନିଲାମ


ଦୀଘା ମୁହାଣରେ ଧରାପଡ଼ିଥିବା ବିରଳ ପ୍ରଜାତିର ବୃହତ୍‌କାୟ ମାଛ।

**ଭୋଗରାଇ,୨।୩(ଡି.ଏନ.ଏ.):** ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ଗଭୀର ସମୁଦ୍ରରୁ ସୋମବାର ସକାଳେ ଏକ ବିରଳ ପ୍ରଜାତିର ମଗରମାଛ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଛି। ଏହି ମାଛର ଓଜନ ପ୍ରାୟ ୯୦୦ କିଲୋଗ୍ରାମ। ମତ୍ସ୍ୟଜୀବୀମାନେ ୩ଟି ଟ୍ରଲରରେ ଏହି ବୃହତକାୟ ମାଛକୁ ଧରି ଦୀଘା ମୁହାଣକୁ ଆଣିଥିଲେ। ମାଛଟିକୁ ସ୍ଥାନୀୟ ମାର୍କେଟ୍‌ରେ ୨୦ହଜାର ଟଙ୍କାରେ ନିଲାମ କରାଯାଇଛି। ମାଛ ବ୍ୟବସାୟୀ ରବୀନ୍ଦ୍ର ସାମଲ ଏହାକୁ କିଣିଥିଲେ। ଏହି ବିରଳ ମାଛ ଦେଖିବାକୁ ଚିଲପକ୍ଷୀ ଓ ହାତୀର କାନ ଭଳି। ଇଂରାଜିରେ ଏହି ମାଛକୁ ଷ୍ଟିଙ୍ଗ ରାୟ ଓ ସ୍ଥାନୀୟ ଲୋକେ ହାତୀ କାନିଆ ବୋଲି କହିଥାନ୍ତି। ବ୍ୟବସାୟୀ ଏହି ମାଛକୁ ଏକ ଗାଡ଼ି ଯୋଗେ କୋଲକାତା ମାଛ ମାର୍କେଟ୍‌କୁ ବିକ୍ରି କରିବା ଉଦ୍ଦେଶ୍ୟରେ ନେଇଛନ୍ତି। ସେଠାରେ ୪ ଗୁଣରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେବ ବୋଲି ମାଛ ବ୍ୟବସାୟୀ କହିଛନ୍ତି। ତେବେ ଏହି ମାଛକୁ କାଟି ଖାଦ୍ୟ ଉପଯୋଗୀ କରାଯିବା ସହ ଏହାକୁ ଔଷଧ ଭାବେ ମଧ୍ୟ ବ୍ୟବହାର କରାଯାଇପାରିବ। ବିରଳ ପ୍ରଜାତିର ମାଛକୁ ଦେଖିବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ବିରଳ ପ୍ରଜାତିର ଜଳଜୀବ ମୃତ୍ୟୁମୁଖରେ ପଡୁଥିବାରୁ ପ୍ରକୃତି ପରିବେଶ ଉପରେ ଗଭୀର ପ୍ରଭାବ ପଡୁଛି।

ସୂଚନାନୁଯାୟୀ, ୨୦୧୨ ଡିସେମ୍ବର ୧୨ ତାରିଖରେ ଦୀଘା ଗଭୀର ସମୁଦ୍ରରେ ଜାହାଜ ଲୁହା ଫ୍ୟାନ୍‌ରେ ୨୦ ଟନ୍‌ରୁ ଅଧିକ ଓଜନର ତିମି ପ୍ରଜାତିର ମାଛ କଟିଯାଇ କ୍ଷତବିକ୍ଷତ ହୋଇ ଦୀଘା ମୁହାଣକୁ ଭାସି ଆସିଥିଲା। ତିମିର ମୃତ୍ୟୁରେ ଏକମାସ ଧରି ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଦୀଘା–ଶଙ୍କରପୁର ଫିସାର ଆଣ୍ଡ ଫିସେସ୍ ଆସୋସିଏଶନ ସମ୍ପାଦକ ଶ୍ୟାମ ପ୍ରସାଦ ଦାସ କହିଛନ୍ତି, ବର୍ଷକୁ ୫ରୁ ୮ଟି ଏହିଭଳି ବିରଳ ପ୍ରଜାତିର ମାଛ ଜାଲରେ ପଡ଼ିଥାଏ ଓ ଏହି ମାଛକୁ କଲିକତା ମାଛ ମାର୍କେଟ୍‌ରେ ଚଢ଼ା ଦାମ୍‌ରେ ବିକ୍ରି ହୋଇଥାଏ।

# ବୀଣାପାଣି ମହାନ୍ତି ପାଇବେ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର'

## ୨୦୧୯ ମସିହା ଲାଗି ସମ୍ମାନିତ ହେବେ ୧୫ ସାହିତ୍ୟିକ

ଭୁବନେଶ୍ୱର,୨।୩(ବ୍ୟୁରୋ)

ପ୍ରଖ୍ୟାତ କଥାଶିଳ୍ପୀ ତଥା ବିଶିଷ୍ଟ ସାହିତ୍ୟିକା ବୀଣାପାଣି ମହାନ୍ତି ଓଡିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। ୨୦୧୯ ମସିହା ଲାଗି ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ। ସୋମବାର ଓଡିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟକାରୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ଓ ନିରବଚ୍ଛିନ୍ନ ସାଧନା ପାଇଁ ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିଭଳି କବିତା, ଗଳ୍ପ, ଉପନ୍ୟାସ, ଅନୁବାଦ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଗି ରାଜ୍ୟର ୧୫ଜଣ ବୟୋଜ୍ୟେଷ୍ଠ ସାହିତ୍ୟିକ, ସାହିତ୍ୟିକାଙ୍କୁ ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯିବ। ସେମାନେ ହେଲେ ସାହିତ୍ୟିକ ମୀନକେତନ ପୁରୋହିତ, ଗୌରଚନ୍ଦ୍ର ପଣ୍ଡା, ପଦ୍ମନାଭ ସାହୁ, ଇନ୍ଦୁଲତା ମହାନ୍ତି, ବିଭୂତି ଭୂଷଣ ପଟ୍ଟନାୟକ, ଶୈଳେନ୍ଦ୍ର କୁମାର ମହାପାତ୍ର, ନିରଞ୍ଜନ ପାଢୀ, ଶ୍ରୀକାନ୍ତ ଚରଣ ପାତ୍ର, କବିବର ପରିଡ଼ା, ତ୍ରିନାଥ ନାୟକ, ମନୀନ୍ଦ୍ର ମହାନ୍ତି, ରବି ମହାପାତ୍ର, ଶରତ ଚନ୍ଦ୍ର କର, ବ୍ରଜ ଦାସ ଓ ଅଖିଳାନନ୍ଦ ବେବର୍ତ୍ତା।

'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପାଇବାକୁ ମନୋନୀତ ହୋଇଥିବା ବୀଣାପାଣି ମହାନ୍ତି ୧୯୩୬ ନଭେମ୍ବର ୧୧ରେ କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳଠାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ବରିଷ୍ଠ ଶିକ୍ଷାବିତ୍ ସହ ଜଣେ ସୁପ୍ରସିଦ୍ଧ ଲେଖିକା। ସେ ମଧ୍ୟ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚଳିତବର୍ଷ ଲାଗି ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ବୀଣାପାଣି ୧୯୬୦ରେ ଅର୍ଥନୀତି ବିଭାଗରେ ଅଧ୍ୟାପକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରି ୧୯୯୨ରେ ଚାକିରି ଜୀବନରୁ ଅବସର ଗ୍ରହଣ କରିଥିଲେ। ଏହାପରେ ସେ ସାହିତ୍ୟକୁ ଚିରଦିନ ପାଇଁ ଆଦରି ନେଇଥିଲେ। ତାଙ୍କ ରଚିତ କେତେକ ଲୋକପ୍ରିୟ ଗଳ୍ପ ଓ ଉପନ୍ୟାସ ପୁସ୍ତକ ମଧ୍ୟରେ ରହିଛି 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ', 'ସାୟାହ୍ନର ସ୍ୱର', 'ଅନ୍ୟ ଅରଣ୍ୟ', 'ପାଟଦେଈ', 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି' ପ୍ରମୁଖ। ଗଳ୍ପ ସଂକଳନ 'ପାଟଦେଈ' ପାଇଁ ୧୯୯୦ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଭାରତୀ ପୁରସ୍କାର ଭଳି ଏକାଧିକ ପୁରସ୍କାର ଓ ସମ୍ମାନର ସେ ଅଧିକାରୀ। ଓଡ଼ିଆ ସାହିତ୍ୟରେ ନିମ୍ନବର୍ଗ ମଣିଷ ଓ ନାରୀର ସମସ୍ୟାକୁ ଅତ୍ୟନ୍ତ ଚମତ୍କାରଭାବେ ନିଜ ସାହିତ୍ୟ ସୃଷ୍ଟିରେ ବର୍ଣ୍ଣନା କରିଛନ୍ତି ଏହି ଲେଖିକା। କେବଳ ଏତିକି ନୁହେଁ, ଏକାଧିକ ସାରସ୍ୱତ କୃତିର ଅନୁବାଦ କରିସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।








## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସରିଲା ମାଟ୍ରିକ୍ ପରୀକ୍ଷା: ୧୮ରୁ ଖାତାଦେଖା

**କଟକ ଅଫିସ,୨।୩**

### କପି କରି ଧରାପଡ଼ିଲେ ୯୪୭ ପରୀକ୍ଷାର୍ଥୀ

ସୋମବାର ଶେଷ ହୋଇଛି ଚଳିତବର୍ଷର ମାଟ୍ରିକ ପରୀକ୍ଷା। ଆସନ୍ତା ୧୮ରୁ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଖାତା ଦେଖା ଚାଲିବ। ୬୧ଟି ମୂଲ୍ୟାୟନ କେନ୍ଦ୍ରରେ ୧୫ ହଜାରରୁ ଉର୍ଦ୍ଧ୍ୱ ମୂଲ୍ୟାୟନକାରୀ ଖାତାଦେଖା ଦାୟିତ୍ୱରେ ନିୟୋଜିତ ହେବେ ବୋଲି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ଉତ୍ତରଖାତାଗୁଡ଼ିକ ପର୍ଯ୍ୟାୟକ୍ରମେ ମୂଲ୍ୟାୟନ କେନ୍ଦ୍ରକୁ ଅଣାଯାଉଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସୋମବାର ପରୀକ୍ଷାର ଶେଷ ଦିନରେ ୧୫୦ ପରୀକ୍ଷାର୍ଥୀ କପି କରି ଧରାପଡ଼ିବା ସହ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମାଟ୍ରିକ ପରୀକ୍ଷାର ୧୪୯ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ଜଣେ ପରୀକ୍ଷାର୍ଥୀ ଅଛନ୍ତି। ସୋମବାର ମାଟ୍ରିକ୍ ପରୀକ୍ଷାରେ ସାମାଜିକ ବିଜ୍ଞାନ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ଓଡ଼ିଆ, ତେଲୁଗୁ, ହିନ୍ଦୀ, ସଂସ୍କୃତ ପ୍ରଶ୍ନପତ୍ର ରହିଥିଲା। ଚଳିତବର୍ଷ ମୋଟ ୯୪୭ ଜଣ ପରୀକ୍ଷାର୍ଥୀ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୬୦ହଜାର ୯୦୫ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ପାଇଁ ଫର୍ମପୂରଣ କରିଥିଲେ। ୨୮୮୮ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ପ୍ରଥମ ଦିନରେ ଓଡ଼ିଆ ପ୍ରଶ୍ନପତ୍ର ଭାଇରାଲ ହୋଇଛି ବୋଲି ଅଭିଯୋଗ ହୋଇଥିବାବେଳେ ଏହା ଭିତ୍ତିହୀନ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ପ୍ରଶ୍ନପତ୍ର ଭାଇରାଲ କିମ୍ବା ଅନ୍ୟ କୌଣସି ବିଶୃଙ୍ଖଳା ଦେଖିବାକୁ ମିଳିନି। ପ୍ରଶ୍ନପତ୍ର ଉପରେ ପ୍ରଥମଥର ନିମନ୍ତେ ଲାଗୁ ହୋଇଥିବା ଡିଜିଟାଲ କୋଡ୍ ବ୍ୟବସ୍ଥା ଫଳପ୍ରଦ ହୋଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ଖାତା ଦେଖା ପ୍ରକ୍ରିୟା ମଧ୍ୟ ସୁଚାରୁରୂପେ କରାଯିବ ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ଆଶା ପ୍ରକଟ କରିଛନ୍ତି।

# ବିଜୁ ଜୟନ୍ତୀରେ ବଣ୍ଟାଯିବ 'ପକ୍କାଘର ଯୋଗ୍ୟତା କାର୍ଡ'

**ଭୁବନେଶ୍ୱର,୨।୩(ବ୍ୟୁରୋ)**

- ସହରାଞ୍ଚଳ ବାସିନ୍ଦାଙ୍କୁ ମିଳିବ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର
- ମାର୍ଚ୍ଚ ୫ରୁ ୨ ସପ୍ତାହ ଧରି ଚାଲିବ
- ବିଜୁ ଜୟନ୍ତୀ କେମିତି ପାଳନ କଲେ ସମସ୍ତେ ଫଟୋ ପଠାଇବେ

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଦିବସକୁ ଆସନ୍ତା ୫ ତାରିଖରେ ବିଜେଡି ପକ୍ଷରୁ ପାଳନ କରାଯିବ। ପ୍ରତ୍ୟେକ ବର୍ଷ ଭଳି ଏଥର ମଧ୍ୟ ଲୋକଙ୍କ ସହ ଏହି ଦିବସ ପାଳନ କରାଯିବ। ବିଜୁ ଜୟନ୍ତୀ ଦିବସଠାରୁ ୨ ସପ୍ତାହ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ପକ୍କାଘର ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ 'ପକ୍କାଘର ଯୋଗ୍ୟତା କାର୍ଡ' ପ୍ରଦାନ କରାଯିବ। ସେହିପରି ସହରାଞ୍ଚଳରେ ରହୁଥିବା ବସ୍ତି ବାସିନ୍ଦାଙ୍କୁ 'ଜାଗା ମିଶନ' ମାଧ୍ୟମରେ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର ବଣ୍ଟାଯିବ। ଏହି କାର୍ଯ୍ୟକୁ ଆନ୍ତରିକତାର ସହିତ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ପର୍ଯ୍ୟବେକ୍ଷକ, ଏମ୍‌ପି, ବିଧାୟକ, ଜିଲା ସଭାପତି, ଛାମୁଆ ସଙ୍ଗଠନର ରାଜ୍ୟ ସଭାପତି ଏବଂ ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି।

ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏଥର ବିଜୁ ଜୟନ୍ତୀ ସମାରୋହ ଆସନ୍ତା ୫ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ବ୍ଲକ ଏବଂ ପୌରାଞ୍ଚଳରେ ବୈଠକ କରାଯାଇ ନବୀନ ପଟ୍ଟନାୟକଙ୍କ ୨୦ବର୍ଷ ସରକାରର

### ଦଳୀୟ ନେତୃତ୍ୱଙ୍କୁ ଚିଠି ଲେଖିଲେ ନବୀନ

ସଫଳତା ସମ୍ପର୍କରେ ପ୍ରଚାର କରାଯିବ। ଏହି ଦିବସକୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ବିଜୁ ଜୟନ୍ତୀଠାରୁ ତାଙ୍କ ତିରୋଧାନ ଦିବସ ଅର୍ଥାତ୍ ଏପ୍ରିଲ ୧୭ ତାରିଖ ମଧ୍ୟରେ ଛାମୁଆ ସଙ୍ଗଠନ ପକ୍ଷରୁ ପ୍ରତ୍ୟେକ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ତଥା ଜୀବନବିନ୍ଦୁ କାର୍ଯ୍ୟକ୍ରମ ଚାଲିବ। ଅନ୍ୟପକ୍ଷରେ ମାର୍ଚ୍ଚ ୮ ତାରିଖରେ ମହିଳା ଦିବସ ଅବସରରେ ଦଳର ମହିଳା ସଙ୍ଗଠନ ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରରେ ମହିଳା ସମାବେଶ ଆୟୋଜନ କରାଯାଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୦ଜଣ ସଫଳ ମହିଳାଙ୍କୁ ସମ୍ମାନିତ କରାଯିବ। ଏହାସହ କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତେ ଏହାର ଫଟୋ ଏବଂ ଭିଡିଓ ପଠାଇବା ପାଇଁ ସମସ୍ତଙ୍କୁ ସେ ଅନୁରୋଧ କରିଛନ୍ତି।

## ଆଜିଠୁ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନ ବିଜ୍ଞାନ ବିଭାଗର ମାତୃଭାଷା ଓଡ଼ିଆ ପରୀକ୍ଷା ରହିଛି। ତେବେ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେବ। ପରୀକ୍ଷାର୍ଥୀମାନେ ସକାଳ ୯ଟା ୪୫ ସୁଦ୍ଧା ନିଜ ସିଟ୍‌ରେ ବସିବା ପାଇଁ ପରିଷଦ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୧୧୪୩ କେନ୍ଦ୍ରରେ ପରୀକ୍ଷା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୩ ଲକ୍ଷ ୫୦ ହଜାର ୮ଶହ ପରୀକ୍ଷାର୍ଥୀ ରହିଥିବାବେଳେ ବିଜ୍ଞାନରେ ୯୭ ହଜାର ୫୪୬ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଆସନ୍ତା ୨୮ତାରିଖରେ ଯୁକ୍ତ୨ ପରୀକ୍ଷା ସରିବ।

# ବିବାଦୀୟ ଜମି ଉପରୁ ଦାବି ଛାଡ଼ିଲେ ମୁସଲମାନ

**ନୂଆଦିଲ୍ଲୀ,୨।୩ (ପି.ଟି.)**

### ଶିଖ୍‌ଙ୍କ ପ୍ରତି କୃତଜ୍ଞତାର ନିଦର୍ଶନ

ଦୀର୍ଘ ୧୦ ବର୍ଷ ଧରି ଦିଲ୍ଲୀର ଶାହରନପୁରସ୍ଥିତ ଏକ ଜମିକୁ ନେଇ ଲାଗି ରହିଥିବା ବିବାଦର ପରିସମାପ୍ତି ଲାଗି ମୁସଲମାନ ଓ ଶିଖ୍ ସମ୍ପ୍ରଦାୟ ନିଷ୍ପତ୍ତି ନେଇଛନ୍ତି। ଏହି ଜମିକୁ ନେଇ ୨୦୧୪ରେ ଦଙ୍ଗା ସୃଷ୍ଟି ହୋଇଥିଲା। ନିକଟରେ ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗାବେଳେ ମୁସଲମାନମାନଙ୍କୁ ସହାୟତାର ହାତ ବଢ଼ାଇଥିଲେ ଶିଖ୍ ସମ୍ପ୍ରଦାୟ। ଫଳରେ କୃତଜ୍ଞତାର ନିଦର୍ଶନ ସ୍ୱରୂପ ମୁସଲମାନ ସମ୍ପ୍ରଦାୟ ବିବାଦୀୟ ଜମି ଉପରୁ ଦାବି ଫେରାଇନେବାକୁ ନିଷ୍ପତ୍ତି ନେଇଛନ୍ତି। ଦୁଇ ଦଶନ୍ଧି ପୂର୍ବେ କୁତୁବଶେର ଅଞ୍ଚଳରେ ଗୁରୁଦ୍ୱାର କମିଟି ଉକ୍ତ ଜମିକୁ କିଣିଥିଲା। ଗୁରୁଦ୍ୱାର ପରିସର ବଢ଼ାଇବା ଏହି ଜମି କିଣିବାର ଉଦ୍ଦେଶ୍ୟ ଥିଲା। ଜମି କିଣିବା ପରେ ସେଠାରେ ଥିବା ଏକ ମସ୍‌ଜିଦ ସମେତ କେତେକ କୋଠାକୁ ଭାଙ୍ଗିଦିଆଯାଇଥିଲା। ୨୦୧୪ ଜୁଲାଇରେ ସେଠାରେ ଗୁରୁଦ୍ୱାର କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାବେଳେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହ ଦଙ୍ଗାରେ ୩ ଜଣଙ୍କ ମୃତ୍ୟୁ ହେବା ସହ ୩୩ ଜଣ ଆହତ ହୋଇଥିଲେ। ଶେଷରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଏବେ ମୁସଲମାନ ସମ୍ପ୍ରଦାୟ ଉକ୍ତ ଜମି ଉପରୁ ଅଧିକାର ତ୍ୟାଗ କରିଛନ୍ତି। ତାହା ବଦଳରେ ସେମାନଙ୍କୁ ବିକଳ୍ପ ଜମି ଯୋଗାଇ ଦେବା ସହ ମସ୍‌ଜିଦ ନିର୍ମାଣ ଖର୍ଚ୍ଚ ଦେବା ଲାଗି ଗୁରୁଦ୍ୱାର ପରିଚାଳନା କମିଟି ରାଜି ହୋଇଛି।

# ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ମୃତ୍ୟୁ

**ନରସିଂହପୁର,୨।୩(ସ୍ୱ.ପ୍ର./ଡି.ଏନ୍.ଏ.)**

କଟକ ଜିଲା ନରସିଂହପୁର ଥାନା ଅଞ୍ଚଳରେ ସୋମବାର ପୋଖରୀରେ ବୁଡ଼ି ୨ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦେବଭୂମି ପଞ୍ଚାୟତ ଅନ୍ତର୍ଗତ ଭୁଷ୍କା ଗ୍ରାମର ଶିବସୁନ୍ଦର ପ୍ରଧାନଙ୍କ ଝିଅ ଶ୍ରଦ୍ଧା(୯) ଓ ରଙ୍ଗଡାବ ଗ୍ରାମର ସୁଧୀର ସାହୁଙ୍କ ଝିଅ ପୂଜା(୯)। ଉଭୟ ସମ୍ପର୍କରେ ମାମୁ ଝିଅ ଭଉଣୀ ହୋଇଥିବା ବେଳେ ୪ର୍ଥ ଶ୍ରେଣୀର ଛାତ୍ରୀ ଥିଲେ। ପୂଜା ୨ ଦିନ ପୂର୍ବେ ମାମୁ ଘରକୁ ବୁଲିବାକୁ ଆସିଥିଲେ। ସକାଳେ ଉଭୟ ଭଉଣୀ ଘର ନିକଟ ପୋଖରୀକୁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେମାନେ ପାଣିରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ସେଠାରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁ ହୋଇଛି। ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଜିଲା ପରିଷଦ ସଭ୍ୟ ନିର୍ମଳ କୁମାର ଜେନା ଓ ନରସିଂହପୁର ତହସିଲଦାର ଆକାଶ ରଞ୍ଜନ ସାହୁ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ପୁଣି ଅଟକିଲା...

ପ୍ରଥମ ପୃଷ୍ଠାରୁ...

ଫିଙ୍ଗିଦିଆଯାଇଥିଲା। ୧୪ ଦିନ ମୃତ୍ୟୁ ସହ ସଂଘର୍ଷ କରିବା ପରେ ଡିସେମ୍ବର ୨୯ରେ ସିଙ୍ଗାପୁରର ଏକ ହସ୍ପିଟାଲରେ ପୀଡ଼ିତା ଆଖି ବୁଜିଥିଲେ। ମୁଖ୍ୟ ଅଭିଯୁକ୍ତ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ଜଣେ ନାବାଳକ ହୋଇଥିବାରୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ତାଙ୍କର ବିଚାର ହୋଇଥିଲା। ଅନ୍ୟ ୪ ଜଣଙ୍କୁ ଦୋଷୀସାବ୍ୟସ୍ତ କରି ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। ତେବେ ସେମାନେ ଜଣକ ପରେ ଜଣେ ପିଟିଶନ ଓ ରାଜକ୍ଷମା ଆବେଦନ କରୁଥିବାରୁ ଫାଶୀଦଣ୍ଡ କାର୍ଯ୍ୟକାରୀ ହୋଇପାରୁ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଚତୁର୍ଥ ସ୍ଥାନକୁ ଶନିଦୃଷ୍ଟି ଯୋଗୁ ପାରିବାରିକ ସ୍ତରରେ ଅନ୍ୟ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ପାଇଁ ମନ ଛଟପଟ ହୋଇପାରେ। ସତର୍କତା ଅଭାବରୁ ହାତରୁ ସୁଯୋଗ ଖସିଯିବାର ଆଶଙ୍କା ରହିଛି। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବେ ଏବଂ ପ୍ରକାଶନ, ପ୍ରଶାସନ, ଗବେଷଣା କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** – କର୍ମଭାବରେ ରବି ଓ ବୁଧ ହେତୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଚେଷ୍ଟା କରୁଥିବା କାର୍ଯ୍ୟହାନି କାରଣରୁ ମନରେ ସରସତା ରହିବ ନାହିଁ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ସହ ଶତ୍ରୁ ଉପଦ୍ରବ ଲାଗି ରହିପାରେ।

**ମିଥୁନ** – ନୂତନକର୍ମାରମ୍ଭ କରିବା ସକାଶେ ବିଭିନ୍ନ ଯୋଜନା କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଆତ୍ମୀୟମାନଙ୍କ ଖାପଛଡା ମନୋଭାବରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ଦୂରଯାତ୍ରାର ସୁଯୋଗ ଜୁଟିପାରେ।

**କର୍କଟ** – ଏକାଦଶସ୍ଥ ଚନ୍ଦ୍ର ଯୋଗୁ ଆଶାପୂରଣ ହେବ ଏବଂ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ସଫଳତା ପାଇବେ। ଭୁଲ୍ ବୁଝାମଣାବଶତଃ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟୟ ଅଟକଳ କରିବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** – ପାପପ୍ରଭାବରେ ମଙ୍ଗଳ ଯୋଗୁ ଅଯଥା ଚିନ୍ତା ନ କରି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ କିନ୍ତୁ ସନ୍ତାନଙ୍କ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା** – ଅନୁକୂଳଗ୍ରହସ୍ଥିତିରୁ ଆଜି ବନ୍ଧୁମାନଙ୍କ ସହ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମାନସିକ ଅସ୍ଥିରତା କାରଣରୁ ପାରିବାରିକ ସ୍ତରରେ ଦୁର୍ଭାବନା ବଢି ବଢି ଚାଲିବ। ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେନାହିଁ। ନିଜର ଫାଇଦା ହାସଲ ପାଇଁ ସହକର୍ମୀମାନେ ଫନ୍ଦିଫିକର କରିପାରନ୍ତି।

**ତୁଳା** – ଯୁକ୍ତିତର୍କଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକତା ଭରଣା କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ। ଗୁରୁଜନଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ବିଛା** – ସ୍ୱଗୃହୀ ବୃହସ୍ପତିଙ୍କ ପ୍ରଭାବରେ କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। ସ୍ୱାର୍ଥସାଧନ ନୈରାଶ୍ୟରେ ଆତ୍ମୀୟ ମାନେ କ୍ରମଶଃ ଦୂରେଇ ଯାଇପାରନ୍ତି। ଏଣେ ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**ଧନୁ** – ସଭାସମିତିରେ ଅପ୍ରିୟ ସତ୍ୟ ଭାଷଣଜନିତ ଅନ୍ୟ ମାନଙ୍କର ଚକ୍ଷୁଶୂଳ ହେବେ। ଆକସ୍ମିକ ଭାବରେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି। କୌଣସି ଆଗନ୍ତୁକଙ୍କ ସହ ତର୍କଜନିତ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** – କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଅତୀତର ଘଟିଯାଇଥିବା ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରି ଅସ୍ଥିରତା ଅନୁଭବ କରିବେ। ସ୍ୱାସ୍ଥ୍ୟ ଠିକ୍ ରହିବ ଏବଂ ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି। ବାଣିଜ୍ୟ, ବ୍ୟବସାୟ, ଯାତ୍ରା, ଚେଷ୍ଟା କରୁଥିବା କାମ ମଧ୍ୟ ଠିକ୍‌ଭାବେ ଚାଲିବ।

**କୁମ୍ଭ** – ଅତୀତକୁ ଧରିବସିଲେ ଏହି ସମୟର ସୁବିଧା, ସୁଯୋଗକୁ ହରାଇବାକୁ ପଡିବ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ବିଳମ୍ବ ହେଲେ ମଧ୍ୟ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ।

**ମୀନ** – ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଉଦ୍ୟମ ସଫଳ ଦିଗରେ ଜଣେ କୃଷ୍ଣବର୍ଣ୍ଣର ବ୍ୟକ୍ତି ସାହାଯ୍ୟ କରିବାର ସୂଚନା ରହିଛି। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଉପକୃତ ହୋଇପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ମଙ୍ଗଳବାର, ମାର୍ଚ୍ଚ ୩ ତାରିଖ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୧।୧୮ମି. ପରେ ମୃଗଶିରା/ବୃଷ, ନବମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରାତ୍ରୌ ବିବାହ ପାଣିଗ୍ରହଣ, ଦିବା ଘ.୮।୨୮ମି. ଗତେ ଘ.୧୦।୪୮ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦।୨୪ମି. ଗତେ ଘ.୧୧।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୨।୫୩ମି. ଗତେ ଘ.୪।୨୧ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302



**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

ଘରବାରି ବାଉଣ୍ଡାରୀ ପ୍ଲଟ୍ ୩୦ଫୁଟ ରାସ୍ତା ଟଙ୍କପାଣିରୋଡ଼ ସାଇମନ୍ଦିର ଠାରୁ ୪କି.ମି. ୪୫୦/- 7077102741. D-63976

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

**340 decimal gharabari plot near Check Gate, Pipili, Bhubaneswar-Puri road for sale, 9937162220.** D-16994

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/-ରେ ମିଳୁଛି। 9937065503, 8249005131, 9337061817. D-68500

**ସୁନ୍ଦରପଦା Hitech Plaza ପାଖରେ 30'ରାସ୍ତା, ଘରବାରି, boundary, ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040.** D-68495

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Infocity 200ft. road ପାଖରେ ଘରବାରି, yellowzone 3900sqft. plot ବିକ୍ରିହେବ। Contact- 9778928492. D-68339

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft. 650/-. 7008045582, 9692003948. D-16940

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

Plot for sale near AIIMS Hospital, Bhubaneswar, yellow zone, gharabari & other. Contact: 9348721088, 9938670164. D-69228

Ready resale 2BHK-45lakhs, Nandan Vihar, Patia and 3BHK-65 lakhs flats, Damana, 7008346486. D-69238

**GENERAL**

**PURCHASE**

ପ୍ରିଣ୍ଟିଙ୍ଗ ମେସିନ୍ ଆବଶ୍ୟକ। Printing Machine required for purchase, Bhubaneswar. 9437008388. D-68340

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893



Ayurvedic refreshment massage therapy refresh mind and body. Appointment: 7894855541. D-68598

Full body herbal massage with refreshment expert therapist. 7381239385, 06742540855. D-69232

Ayurvedic full body massage ladies and gents. Contact- 9861064981. D-68794

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit before Executive Magistrate, Rairangpur, I have changed my name from Bholanath Marandi to Bholanath Marndi on dated 27.02.2020. D-16991

By virtue of an affidavit before Executive Magistrate, Bhubaneswar, I Lili Jenamani W/o- Jitendra Jenamani, declare that after marriage, I have changed my name from Lili Rani Behera to Lili Jenamani for all purpose. D- 16995

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଶ୍ରମିକମାନେ ଦେଶର ପ୍ରକୃତ ନିର୍ମାତା: ମୁଖ୍ୟମନ୍ତ୍ରୀ

## ନିର୍ମାଣ ଶ୍ରମିକ ସପ୍ତାହର ରାଜ୍ୟସ୍ତରୀୟ ସମାରୋହ

ଭୁବନେଶ୍ୱର, ୨।୩(ବ୍ୟୁରୋ)


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହିଳା ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଶ୍ରମିକମାନେ ହେଉଛନ୍ତି ଦେଶର ପ୍ରକୃତ ନିର୍ମାତା। ଦେଶ ପାଇଁ ସେମାନଙ୍କ ତ୍ୟାଗ ଅତୁଳନୀୟ। ତେଣୁ ସେମାନଙ୍କ ସାମାଜିକ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ନିର୍ମାଣ ଶ୍ରମିକ ସପ୍ତାହ ପାଳନର ରାଜ୍ୟସ୍ତରୀୟ ସମାରୋହକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ଶ୍ରମିକଙ୍କ ହକ୍ ପାଇଁ ମୁଁ କାମ କରୁଛି, କରିଚାଲୁଥିବି। ଓଡ଼ିଶା ହେଉଛି ଶ୍ରମିକ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ଆଗୁଆ ରାଜ୍ୟ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପ୍ରାୟ ୩୦ ଲକ୍ଷ ଶ୍ରମିକ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ କଲ୍ୟାଣ ପାଇଁ ୧୫୦୦ କୋଟିରୁ ଅଧିକ ଟଙ୍କାର ସହାୟତା ଦିଆଯାଇଛି। ୨୨ହଜାର ଶ୍ରମିକଙ୍କୁ ପକ୍କା ଘର ଯୋଗାଇ ଦିଆଯାଇଛି ବୋଲି ପଟ୍ଟନାୟକ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଜଣ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ସହାୟତା ରାଶି ପ୍ରଦାନ କରିଥିଲେ।

ରାଜ୍ୟ ଶ୍ରମ ବିଭାଗ ଓ ଇଏସ୍‌ଆଇ ପକ୍ଷରୁ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂହ କହିଲେ, ଶ୍ରମିକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ କିପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷ ସୁବାସ ସିଂ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଶ୍ରମିକଙ୍କ କଲ୍ୟାଣ ଓ ରାଜ୍ୟ ସରକାରଙ୍କ ପଦକ୍ଷେପ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସ୍ୱାଗତ ଭାଷଣ ଓ ଶ୍ରମ ଆୟୁକ୍ତ ତଥା କଲ୍ୟାଣ ବୋର୍ଡ ସଦସ୍ୟ ସଚିବ ଏନ୍. ଥିରୁମାଲା ଧନ୍ୟବାଦ ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୬ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ, ଶ୍ରମିକ ସଙ୍ଗଠନର ବହୁ ପ୍ରମୁଖ ନେତା ଓ ବିଭାଗୀୟ ପଦାଧିକାରୀ ଯୋଗଦେଇଥିଲେ।

# ଗୋଟିଏ ସ୍ଥାନରେ ରାଜ୍ୟର ଉତ୍କୃଷ୍ଟ ହସ୍ତକଳା


ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏବଂ ଅନ୍ୟ ଅତିଥିମାନେ ଷ୍ଟଲ୍ ବୁଲି ଦେଖୁଛନ୍ତି।

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨।୩(ବ୍ୟୁରୋ): ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ସୋମବାର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ସହଯୋଗରେ ଆୟୋଜିତ ଏହି ବିକ୍ରୟମେଳା ଓ ପ୍ରଦର୍ଶନୀକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ମେଳା ପରିସର ଓ ବିଭିନ୍ନ ଷ୍ଟଲ୍ ବୁଲି ହସ୍ତଶିଳ୍ପ ସାମଗ୍ରୀ ଦେଖିବା ସହ କାରିଗରଙ୍କ ସହ କଥା ହୋଇଥିଲେ। ରାଜ୍ୟର କାରିଗର ତଥା ଶିଳ୍ପୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀଗୁଡ଼ିକର ବିକ୍ରିବଟା ନିମନ୍ତେ ଆୟୋଜିତ ଏହି ପ୍ରଦର୍ଶନୀ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ମୋଟ ୧୧୦ ଷ୍ଟଲ୍‌ରେ ୧୩୬ ଜଣ କାରିଗର ନିଜ ସାମଗ୍ରୀର ପସରା ମେଲିଥିବାବେଳେ ରାଜ୍ୟର ଉତ୍କୃଷ୍ଟ ହସ୍ତଶିଳ୍ପ ଏଠାରେ ଦେଖିବାକୁ ମିଳୁଛି। କେନ୍ଦୁଝର, ଯାଜପୁର, ବାଲେଶ୍ୱର, ସୁବର୍ଣ୍ଣପୁର, ବରଗଡ଼, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, ଜଗତ୍‌ସିଂହପୁର, କଟକ, ନବରଙ୍ଗପୁର, ସମ୍ବଲପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା, ପୁରୀ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ମାଲକାନଗିରି, କନ୍ଧମାଳ ଓ ବୌଦ୍ଧ ଜିଲାର ଶିଳ୍ପୀ ତଥା କାରିଗରମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି।

ପିପିଲି ଚାନ୍ଦୁଆରୁ ଆରମ୍ଭକରି ଆକର୍ଷଣୀୟ ଟେରାକୋଟା ସାମଗ୍ରୀ ଏବଂ କାଠ କାରୁକାର୍ଯ୍ୟ ମେଳାର ପ୍ରମୁଖ ଆକର୍ଷଣ ସାଜିଛି। ପଥର ଖୋଦେଇ, କାଠ ଖୋଦେଇ, ଧାନ ତିଆରି ହସ୍ତଶିଳ୍ପ ଓ ଜନଜାତି ଅଳଙ୍କାର ମଧ୍ୟ ପ୍ରଦର୍ଶିତ ହେଉଛି। ଏଥିସହ ମେଳା ବୁଲିବାକୁ ଯାଉଥିବା ଲୋକେ ଏହି ହସ୍ତଶିଳ୍ପ ପ୍ରସ୍ତୁତିର ଲାଇଭ୍ ଡେମୋନ୍‌ଷ୍ଟ୍ରେଶନ ଦେଖିବାର ସୁଯୋଗ ପାଇପାରୁଛନ୍ତି। ସେହିଭଳି ମେଳା ପରିସରରେ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ସ୍ୱତନ୍ତ୍ର ଫୁଡ୍‌କୋର୍ଟରେ ସୁସ୍ୱାଦୁ ଖାଦ୍ୟପେୟ ଏବଂ ପିଲାମାନେ ଖେଳିବା ପାଇଁ ପ୍ଲେଜୋନ୍‌ର ବ୍ୟବସ୍ଥା କରାଯାଇଛି। ଏହି ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା ମାଧ୍ୟମରେ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେବାର ଆକଳନ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ କୁମାର ପୃଷ୍ଟି, ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା, ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ସନାତନ ନାୟକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରମେଶ ପାଣିଗ୍ରାହୀଙ୍କୁ ମିଳିବ 'ସାହିତ୍ୟ ଭାରତୀ ସମ୍ମାନ'

ଭୁବନେଶ୍ୱର,୨।୩(ବ୍ୟୁରୋ)



ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ୨୦୨୦ ମସିହା ପାଇଁ ସମ୍ମାନଜନକ 'ସାହିତ୍ୟ ଭାରତୀ ସମ୍ମାନ' ଘୋଷଣା କରାଯାଇଛି। ଚଳିତବର୍ଷ ଲାଗି ବିଶିଷ୍ଟ ସାହିତ୍ୟିକ ଏବଂ ନାଟ୍ୟକାର ଡ. ରମେଶ ଚନ୍ଦ୍ର ପାଣିଗ୍ରାହୀ ଏହି ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଆଧୁନିକ ଓଡ଼ିଆ ନାଟକ କ୍ଷେତ୍ରରେ ପ୍ରମୁଖ ଅବଦାନ ସହ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ ଏବଂ ଗବେଷଣା ଲାଗି ତାଙ୍କୁ ଏହି ସମ୍ମାନ ମିଳିବ। ତାଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ।

ଏହାବ୍ୟତୀତ ଫାଉଣ୍ଡେଶନ ପକ୍ଷରୁ ୨୦୨୦ ବର୍ଷ ଲାଗି 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଘୋଷଣା କରାଯାଇଛି। ଖ୍ୟାତନାମା କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ଏହି ସମ୍ମାନ ମିଳିବ। ସେହିଭଳି ଔପନାସିକା ବିଜୟିନୀ ଦାସଙ୍କୁ ଚଳିତବର୍ଷ ଲାଗି 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବ। ଉଭୟ ପ୍ରତିଭାଙ୍କୁ ୨୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ। ଜଣାଶୁଣା ସାହିତ୍ୟକାର ଦେବାଶିଷ ସାମନ୍ତରାୟ ଏବଂ ଡ. ସୁଶୀଲ କୁମାର ବାଗଙ୍କୁ ଫାଉଣ୍ଡେଶନ ପକ୍ଷରୁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ମିଳିବ। ଅନୁଷ୍ଠାନର ପ୍ରତିଷ୍ଠାତା ଗଙ୍ଗାଧର ରଥଙ୍କ ସ୍ମୃତିରେ ପ୍ରତିବର୍ଷ ପ୍ରଦାନ କରାଯାଉଥିବା 'ଶ୍ରୀ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ' ପ୍ରାଣୀ ବିଜ୍ଞାନୀ, ସାମାଜିକ କର୍ମୀ, ସାହିତ୍ୟିକା ତଥା ପ୍ରଖ୍ୟାତ ନୃତ୍ୟଶିଳ୍ପୀ ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଡିଙ୍କୁ ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଗି ସେ ଏହି ସମ୍ମାନ ପାଇବେ। ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ କଟକ କଳା ବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପସଭାପତି ମାଧବ କୌଶିକ, ମୁଖ୍ୟ ବକ୍ତାଭାବେ ଡ. ସଙ୍ଘମିତ୍ରା ମିଶ୍ର ଏବଂ ଟ୍ରଷ୍ଟି ଡ. ଜୟନ୍ତ ରଥ ଯୋଗଦେଇ ପୁରସ୍କାର ପ୍ରଦାନ କରିବା ସହ ଅଭିଭାଷଣ ରଖିବେ।

# ୬ ପର୍ଯ୍ୟନ୍ତ ବର୍ଷା, ୯ରୁ ବଢ଼ିବ ତାତି

ଭୁବନେଶ୍ୱର, ୨।୩(ବ୍ୟୁରୋ): ପଶ୍ଚିମବଙ୍ଗ ଓ ବାଂଲାଦେଶ ଆଖପାଖରେ ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ଯୋଗୁ ୩ରୁ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ସମ୍ଭାବନା ରହିଛି। ୩ ତାରିଖ ଦିନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୂଆପଡ଼ା, ବରଗଡ଼ ଆଦି ଜିଲାରେ ହାଲ୍‌କା ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ୪ ତାରିଖ ଦିନ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି ଓ ରାୟଗଡ଼ାରେ ସ୍ୱଳ୍ପ ଧରଣର ବର୍ଷା ହେବ। ୫ ଓ ୬ ତାରିଖରେ ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ତିନିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ୩୦ରୁ ୪୦ କିମି ବେଗରେ ପବନ ବୋହିବା ସହିତ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ୪ ତାରିଖ ଦିନ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କନ୍ଧମାଳ, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ବଜ୍ରପାତ ହେବ। ୫ ତାରିଖ ଦିନ ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ଅନୁଗୋଳ, କନ୍ଧମାଳ, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଢେଙ୍କାନାଳ ଓ କଟକ ଏବଂ ୬ ତାରିଖରେ କନ୍ଧମାଳ, ନୟାଗଡ଼, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଆଦି ଜିଲାରେ ବଜ୍ରପାତ ହେବ। ଏହି ତିନିଦିନ ଉକ୍ତ ଜିଲାଗୁଡ଼ିକୁ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ୯ରୁ ଭୁବନେଶ୍ୱରରେ ପାଗ ବଦଳିବା ସହ ତାପମାତ୍ରା ବଢ଼ିବ। ୯ରୁ ୧୨ ମଧ୍ୟରେ ସର୍ବାଧିକ ତାପମାତ୍ରା ୨ରୁ ୩ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି।

DADLS-109

ଓଡ଼ିଶା ସରକାର

୩ ମାର୍ଚ୍ଚ ୨୦୨୦ ମଙ୍ଗଳବାର
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
ଏବଂ ବିଭିନ୍ନ ଜନହିତକାରୀ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ

ସୁନ୍ଦରଗଡ଼ ମଧ୍ୟାହ୍ନ : ୧୨.୩୦

ଶୁଭ ଉଦ୍‌ଘାଟନ
୪୯୪ କୋଟି ୪୩ ଲକ୍ଷ ଟଙ୍କାର ୪୧ଟି ପ୍ରକଳ୍ପ
ଆଇଟିଡିଏ ସୁନ୍ଦରଗଡ଼ ଦ୍ୱାରା ନିର୍ମିତ ୧୫ଟି ଶିକ୍ଷା ଭିତ୍ତିଭୂମି ପ୍ରକଳ୍ପ
ସୁନ୍ଦରଗଡ଼ ଏବଂ ରାଉରକେଲା ରାସ୍ତା ଓ କୋଠାବାଡ଼ି ଡିଭିଜନ ଦ୍ୱାରା ନିର୍ମିତ ୪ଟି ସଡକ ପ୍ରକଳ୍ପ
ଡି.ଆର.ଡି.ଏ ସୁନ୍ଦରଗଡ଼ ଦ୍ୱାରା ନିର୍ମିତ ୮ଟି ଜନକଲ୍ୟାଣକାରୀ ପ୍ରକଳ୍ପ
୪ଟି ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପ, ୩୭ଟି ଆମ୍ବୁଲାନ୍ସ ଏବଂ ୧୫ଟି ମହାପ୍ରୟାଣ ଯାନ
ସୁନ୍ଦରଗଡ଼ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ନିର୍ମିତ ୩ଟି ସେତୁ, ଲେଫ୍ରିପଡ଼ା ଆଦର୍ଶ ବିଦ୍ୟାଳୟ, ୨ଟି ସଡ଼କ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

ଭିତ୍ତିପ୍ରସ୍ତର ସ୍ଥାପନ
୧୦୩୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧୦୨ଟି ପ୍ରକଳ୍ପ
ଆଇ.ଟି.ଡି.ଏ ସୁନ୍ଦରଗଡ଼ ଏବଂ ବଣାଇଙ୍କ ଦ୍ୱାରା ଯଥାକ୍ରମେ କାର୍ଯ୍ୟକାରୀ ହେବାକୁ ଥିବା ୨୭ଟି ଏବଂ ୧୭ଟି ଶିକ୍ଷା ଭିତ୍ତିଭୂମି ପ୍ରକଳ୍ପ
ସୁନ୍ଦରଗଡ଼ ଏବଂ ରାଉରକେଲା ରାସ୍ତା ଓ କୋଠାବାଡ଼ି ଡିଭିଜନର ୬ଟି ସଡ଼କ ଉନ୍ନତିକରଣ ପ୍ରକଳ୍ପ, ୧ଟି ହାଇଲେଭଲ୍ ସେତୁ ଏବଂ ଅନ୍ୟାନ୍ୟ ୭ଟି ପ୍ରକଳ୍ପ
ଡିଆରଡିଏ ସୁନ୍ଦରଗଡ଼ର ୨ଟି ବିଦ୍ୟୁତ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ୩ଟି ପ୍ରକଳ୍ପ
ସୁନ୍ଦରଗଡ଼ ଲୁହୁରାଡିପଠାରେ କଲ୍ୟାଣମଣ୍ଡପ
ରାଉରକେଲା ଗ୍ରାମ୍ୟ ନିର୍ମାଣ ଡିଭିଜନର ୪ଟି ସେତୁ ଏବଂ ୪ଟି ସଡକ ନିର୍ମାଣ ପ୍ରକଳ୍ପ
କୋଇଡା ବ୍ଲକ୍‌ର ୩୨ଟି ଏବଂ ଲହୁଣୀପଡ଼ା ବ୍ଲକ୍‌ର ୫୫ଟି ଯୋଗାଯୋଗ ବିହୀନ ବସତି ପାଇଁ ସଡ଼କ ନିର୍ମାଣ ପ୍ରକଳ୍ପ
ଜିଲ୍ଲାର ୧୦ଟି ବ୍ଲକ୍ ପାଇଁ ୮୩ଟି ଉଠା ଜଳସେଚନ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପ୍ରକଳ୍ପ





ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0149/1920

# ବିଦ୍ୟୁତ୍ ସଂସ୍କାର: ପ୍ରଗତି ନା ପ୍ରତାରଣା



କୈଳାସ ରାୟ

ବକେୟା ଆଦାୟ ପାଇଁ ବିଦ୍ୟୁତ୍ କାଟର ଚେତାବନୀ ଏବଂ ବିଦ୍ୟୁତ୍ ସେବାରେ ସମ୍ପୃକ୍ତ କମ୍ପାନୀମାନଙ୍କ ଶୁଳ୍କବୃଦ୍ଧି ଆବେଦନରୁ ହିଁ ଏଭଳି ଏକ ପ୍ରସଙ୍ଗ ଓ ପ୍ରଶ୍ନର ଅବତାରଣା। ସେସୁ ସମେତ ଚାରୋଟିଯାକ ବଣ୍ଟନକାରୀ କମ୍ପାନୀ ବାକି ଟଙ୍କା ଆଦାୟ ଲାଗି ଗଣମାଧ୍ୟମ ମୁଖାର କରି ସୂଚନା ପ୍ରସାରଣ କରିଆସୁଛନ୍ତି ଯେ, ସେମାନେ ଦେବାଳିଆ ଅବସ୍ଥା ଦେଇ ଗତି କରୁଛନ୍ତି। ବାକି ଟଙ୍କା ଆଦାୟ ନ ହେଲେ କମ୍ପାନୀଗୁଡ଼ିକ ଚଳାଇବା ସମ୍ଭବ ହେବନାହିଁ। ସମାନ୍ତର ଭାବରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ପାଇଁ ସମ୍ପୃକ୍ତ କମ୍ପାନୀ ଓ କର୍ପୋରେଶନଗୁଡ଼ିକ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ନିୟାମକ ଆୟୋଗ ଖୁବ୍ ନିକଟରେ ହୁଏତ ଶୁଳ୍କ ବୃଦ୍ଧି ସମ୍ପର୍କରେ ମତ ଦେବେ (ଶୁଳ୍କ ବୃଦ୍ଧି କରିବା ଛଡା ଆୟୋଗଙ୍କର ଅନ୍ୟ କୌଣସି ନିୟନ୍ତ୍ରଣ ଥିବା ଭଳି ମନେହୁଏ ନାହିଁ)। ଉପରୋକ୍ତ ଘଟଣାଚକ୍ରରୁ ଏହା ହିଁ ହୃଦ୍‌ବୋଧ ହେଉଛି ଯେ, ସମ୍ପୃକ୍ତ କମ୍ପାନୀ ଓ କର୍ପୋରେଶନଗୁଡ଼ିକ ବୋଧହୁଏ ଆଜିଯାଏ ସଂସ୍ଥା ପରିଚାଳନା ଛାଡି ଘରୁ ଖାଇ ଘୋଡା ଆଗରେ ଡେଇଁବା ଅଭ୍ୟାସ କରୁଥିଲେ। କାରଣ ବିଜୁଳି କିଣି ଉପଭୋକ୍ତାଙ୍କୁ ବିକ୍ରି କରୁଥିବା ଏହି ବିତରକ କମ୍ପାନୀଗୁଡ଼ିକ ବିଦ୍ୟୁତ୍ କ୍ରୟ ବାବଦ ଋଣ ଭାରରେ ବୁଡିଥିବା ଗ୍ରୀଡ୍‌କୋର ଦେୟ ଚାରି ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବାକି ରଖିଥିବା ବେଳେ ସରକାର ଗ୍ୟାରେଣ୍ଟର ପଡି ଦେଇଥିବା ତିନି ହଜାର କୋଟିରୁ ଊର୍ଦ୍ଧ୍ୱ ଋଣ ପରିଶୋଧ କରୁନାହାନ୍ତି। ଉପଭୋକ୍ତାଙ୍କଠାରୁ ନିଜର ପ୍ରାପ୍ୟ ମଧ୍ୟ ଅସୁଲ କରିବାକୁ ସକ୍ଷମ ହେଉନାହାନ୍ତି। ଅନ୍ୟପକ୍ଷରେ ଉପଭୋକ୍ତାଙ୍କୁ ନିର୍ଦ୍ଧାରିତ ମାନର ସେବା ଯୋଗାଇବାକୁ ସମର୍ଥ ହେଉ ନ ଥିବାବେଳେ ନିର୍ଦ୍ଧାରିତ ପରିମାଣର ସରବରାହ ଓ ବଣ୍ଟନଜନିତ କ୍ଷତି ମଧ୍ୟ ହ୍ରାସ କରିପାରି ନାହାନ୍ତି।

ସଂସ୍କାରକୁ ଅନ୍ଧକାରରୁ ଆଲୋକକୁ ଯାତ୍ରା ବୋଲି ଅଭିହିତ କରି ୧୯୯୫ରୁ ସଂସ୍କାର ଯୋଜନା ଓ ରୂପାୟନ ପ୍ରକ୍ରିୟାରେ କୋଟି କୋଟି ଟଙ୍କା ବ୍ୟୟ କରାଗଲା ଏବଂ ଦୀର୍ଘକାଳର କଷ୍ଟଲବ୍ଧ ଭିତ୍ତିଭୂମି ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ଭାଙ୍ଗି ଗ୍ରୀଡ୍‌କୋ, ଓଏଚ୍‌ପିସି, ସେସ୍କୋ, ନେସ୍କୋ, ୱେସ୍କୋ ଓ ସାଉଥ୍‌କୋ ପ୍ରଭୃତି କମ୍ପାନୀ ଗଢାଯାଇ ସେମାନଙ୍କୁ ରାଜ୍ୟର ବିଦ୍ୟୁତ୍ ସେବା ଦାୟିତ୍ୱ ଦିଆଗଲା। ସଂସ୍କାରର ପ୍ରତିଶ୍ରୁତ ଲକ୍ଷ୍ୟ ଥିଲା- ପରିଚାଳନା ଦକ୍ଷତା ବୃଦ୍ଧି, ଭିତ୍ତିଭୂମି ସଶକ୍ତୀକରଣ, ଉତ୍ପାଦନ ଅଭିବୃଦ୍ଧି, କ୍ଷତି ହ୍ରାସ, ଉପଭୋକ୍ତାମାନଙ୍କୁ ସୁଲଭ ଉପଭୋକ୍ତା ସେବା ପ୍ରଦାନ ଏବଂ ସର୍ବୋପରି ଏଥିପାଇଁ ନିବେଶ ଲାଗି ଆବଶ୍ୟକ ବ୍ୟାପକ ପୁଞ୍ଜି ଆକର୍ଷଣ ଓ ଆହରଣ।

ଅଦ୍ୟାବଧି ନିର୍ଦ୍ଧାରିତ ଲକ୍ଷ୍ୟ କେତେ ପରିମାଣରେ ହାସଲ ହୋଇଛି ତାହାର ବାସ୍ତବ ଆକଳନ କରାଗଲେ, ଏକ ବିସ୍ତୃତ ବିବରଣୀର ସଂକ୍ଷିପ୍ତ ସାରାଂଶ ଏହା ହିଁ ହୋଇପାରେ- 'ମେଣ୍ଢା ଧୋଉ ଧୋଉ ନିର୍ବାଳ।' ଅଭିଶପ୍ତ ମେଣ୍ଢାଟିମାନ ରାଜ୍ୟର କଷ୍ଟଲବ୍ଧ ବିଦ୍ୟୁତ୍ ଭିତ୍ତିଭୂମି, ଆକ୍ରାନ୍ତ ଉପଭୋକ୍ତା ଏବଂ ରାଜ୍ୟ ସରକାର ହୋଇପାରନ୍ତି, କାରଣ ସେଇମାନେ ହିଁ ବୋଝ ବୋହୁଛନ୍ତି। ଗଲା ପଚିଶ ବର୍ଷରେ ଏକ ଟଙ୍କାର ଆହରଣୀୟ ପୁଞ୍ଜିନିବେଶ ସମ୍ଭବ ହୋଇପାରି ନାହିଁ। ପୁଞ୍ଜି ଆକର୍ଷଣ ପରିବର୍ତ୍ତେ ଅବାଧ ବିକର୍ଷଣ ଘଟିଛି। ଫଳତଃ ଶୂନ୍ୟ ପୁଞ୍ଜିରେ ରାତାରାତି କମ୍ପାନୀମାନ ଗଢିଉଠି କୋଟିପତି ବନିଛନ୍ତି। ଭିକାରିଙ୍କ ଭଙ୍ଗା ସାଇକେଲ 'ଅଡି' କାରରେ ରୂପାନ୍ତରିତ ହୋଇଛି। ନୂଆ ରୂପରେ, ନୂଆ କୌଶଳରେ ରାଜ୍ୟ ଓ ରାଷ୍ଟ୍ରର ସ୍ୱାର୍ଥ ଲୁଣ୍ଠନ ହେବା ସାଙ୍ଗକୁ ବ୍ୟକ୍ତିସ୍ୱାର୍ଥ ସାଧନର ଇତିହାସ ପରିପୁଷ୍ଟ ହୋଇଛି। ଆମରି ଖାଇ ଆମକୁ ନାଲି ଆଖି ଦେଖାଇ, ଭୁଆଁ ବୁଲାଇ, କାଠଗଡାରେ ଛିଡାକରି ଶହ ଶହ କୋଟି ଲୁଟି ବିଦେଶୀ, ଦେଶୀ କମ୍ପାନୀଗୁଡ଼ିକ ସହଜରେ ଖସିଯାଇ ପାରିଛନ୍ତି। ଥରକୁ ଥର ଚୋର ଚାଲିଗଲା ପରେ ହିଁ ଆମଠି କେବଳ ଲୋକଦେଖାଣିଆ ଚେତା ପଶିଛି ଏବଂ ଆମେ ସେହି ଅଭ୍ୟାସର ପୁନରାବୃତ୍ତି କରି ଆମ ସମ୍ବଳର ସୁରକ୍ଷା ଓ ସୁପରିଚାଳନା ନାମରେ ଆଉ ଜଣେ ଚୋରକୁ ସାଧୁ ଦର୍ଶାଇ ସିଂହାସନରେ ଅଭିଷିକ୍ତ କରିଆସୁଛେ। ଏଭଳି ଘଟଣାର ପୁନରାବୃତ୍ତି ହିଁ ଘଟିଚାଲିଛି ଏବଂ ସଂସ୍କାରର ରସ (ବୋଧହୁଏ ଉପଭୋକ୍ତାଙ୍କ ରକ୍ତ) ମିଳିମିଶି ଚୋରମାନେ ହିଁ ସେବନ କରି ଚାଲିଛନ୍ତି। ଫଳରେ ଉପଭୋକ୍ତାଙ୍କ ରକ୍ତର ସ୍ୱାଦ ବଢିଚାଲିଛି ଏବଂ ତାହା ମଧ୍ୟ ସହଜଲବ୍ଧ ହୋଇପାରୁଛି।

ଏଭଳି ଅଭ୍ୟାସର ମୂଳ କାରଣ ଖୋଜିଲେ ନଗ୍ନଚିତ୍ର ଦିଶିବ ଯେ, ସଂସ୍କାର ଆରମ୍ଭରୁ ଆଜିଯାଏ ରାଜ୍ୟ ଶାସନରେ ଥିବା ସରକାର ଓ ବିରୋଧୀ ଏକ ହିଁ ଲାଉର ମଞ୍ଜି ଏବଂ ଯିଏ ଯାହା ଅମଳରେ ମାପିଚୁପି ଘରୋଇ କମ୍ପାନୀ ପ୍ରୀତିର ପ୍ରବକ୍ତା- ପ୍ରତିବାଦୀ-ପ୍ରବକ୍ତା ଭୂମିକା ନିଖୁଣଭାବେ ନିର୍ବାହ କରୁଛନ୍ତି। ଦ୍ୱିତୀୟତଃ ରାଜ୍ୟ ବିଦ୍ୟୁତ୍ ସେବାକୁ ସଂସ୍କାରିତ ଓ ନିର୍ମଳ କରିବାର ସୂତ୍ରଧର ରୂପେ ଯେଉଁ ଅଭିଜ୍ଞମାନଙ୍କୁ ସୁଯୋଗ ଦିଆଗଲା ସେଇମାନଙ୍କ ଭିତରୁ ଅନେକେ ହିଁ ବିଦ୍ୟୁତ୍ ବୋର୍ଡକୁ ନିର୍ମୂଳ କରିବାର ମୁଖ୍ୟ ପୁରୋଧା ଥିଲେ। କେଉଁ ସ୍ୱାର୍ଥରେ ବା କାହା ସ୍ୱାର୍ଥରେ ସକଳ ସମ୍ବଳ ସମୃଦ୍ଧ ଆମ ରାଜ୍ୟର ଆଲୋଚ୍ୟ ସଂସ୍ଥାଗୁଡିକ ଦେବାଳିଆ ହେଲା ତାହା ଆଉ ଅଧିକ ଉଲଗ୍ନ କରିବା ନିଷ୍ପ୍ରୟୋଜନ।

ପ୍ରସଙ୍ଗକ୍ରମେ ଯେଉଁ ପ୍ରଶ୍ନଗୁଡ଼ିକୁ ଆଉ ଅଧିକକାଳ ଅଣଦେଖା କରି ହେଉନାହିଁ, ତାହା ହେଲା- ରାଜ୍ୟରେ ବିଦ୍ୟୁତ୍ ସଂସ୍କାର କ'ଣ ବ୍ୟବସ୍ଥାକୁ ଦେବାଳିଆ କରିବା ପାଇଁ ଆପଣାଯାଇଥିଲା କି? ସଂସ୍କାର ପ୍ରକ୍ରିୟାର ରସ କ'ଣ ଉପଭୋକ୍ତାଙ୍କ ରକ୍ତ କି? ଉପଭୋକ୍ତା କିମ୍ବା ରାଜ୍ୟ ରାଜକୋଷ ବ୍ୟତୀତ କେବଳ ଘରୋଇ କମ୍ପାନୀ, ଠିକାଦାର ଏବଂ ସେମାନଙ୍କ ଦଲାଲମାନଙ୍କୁ ପୋଷିବା ପାଇଁ ଅର୍ଥାତ୍ ଚୋରଙ୍କୁ ଚାରିଖୁଣ୍ ମାଫ୍ କରି ଆଲୋକରୁ ଅନ୍ଧାରକୁ ଯାତ୍ରା ପାଇଁ ସଂସ୍କାର ପ୍ରକ୍ରିୟା ଆପଣାଯାଇଥିଲା କି? ଏଭଳି ଅପସଂସ୍କାରର ଆୟୁଷ ଆଉ କେତେକାଳ?

ଏ ପ୍ରଶ୍ନର ଉତ୍ତର ଦେବ କିଏ? ଏଇଏସ୍, ବିଏସ୍ଇଏସ୍, ରିଲାଏନ୍ସ, ଏନ୍‌ଜେନ, ଫେଡ୍‌କୋ ପ୍ରଭୃତି ହସ୍ତୀ ଏବଂ ଆର୍‌ୟୁପିଏଲ୍, ଏସ୍‌ୟୁପିଏଲ୍, ନୀଳାଚଳ ପାୱାର ନେଟ୍‌ୱର୍କ/ଏନର୍ଜି ପ୍ରଭୃତି ଖୁଚୁରା ଠକ, ଠିକାଦାରଙ୍କୁ ପୋଷିଲା ପରେ ଏବଂ ସେମାନଙ୍କଠାରୁ ଠକିଲା ପରେ ମଧ୍ୟ ସରକାର ଓ ନିୟାମକ ଆୟୋଗ ଏବେ ଟାଟା ପାୱାରକୁ ଯାଚି ଗୁଞ୍ଜି ସେସୁକୁ ବିକ୍ରି କରୁଛନ୍ତି। ଆଗକୁ ଅନ୍ୟାନ୍ୟ କମ୍ପାନୀମାନ ବିକ୍ରି ହେବ। ଏହି ନେଣଦେଣ ଅନୈତିକ ଏବଂ ରାଜ୍ୟ ସ୍ୱାର୍ଥବିରୋଧୀ ବୋଲି ଅଭିଯୋଗ ହେଉଥିଲେ ମଧ୍ୟ ସରକାର ଏବେ ନିର୍ବୀର୍ଯ୍ୟ ଭୂମିକା ନିର୍ବାହ କରୁଛନ୍ତି। ବିଦ୍ୟୁତ୍ ସେବା ଭଳି ସମ୍ବେଦନଶୀଳ ଅତ୍ୟାବଶ୍ୟକ କ୍ଷେତ୍ରରେ ଏଭଳି ଦାୟିତ୍ୱହୀନତା ଆଗକୁ କେଉଁ ପରିଣତି ଦେବ ତାହା ହିଁ ଉଦ୍‌ବେଗର କାରଣ। ଗଣତାନ୍ତ୍ରିକ ସରକାରଟିଏ ନିଜେ ଯେଉଁଠି ନୈତିକ ଦାୟିତ୍ୱ ଗ୍ରହଣ କରିବାକୁ ଅନିଚ୍ଛୁକ ସେ କାହାଠାରୁ କିଭଳି ଉତ୍ତରଦାୟିତ୍ୱ ଖୋଜିବ? ଇଏ ତ ବଳିର ଘାତକ ମଥାରେ ସିନ୍ଦୂର ପିନ୍ଧାଇବା ଭଳି କଥା।

'ମୋ ସରକାର'ର ଅପ୍ରତିଦ୍ୱନ୍ଦ୍ୱୀ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର '୫-ଟି' ଟିମ୍‌କୁ ଆମେ ଦୈନିକ ଧରିତ୍ରୀର ୨୩।୭।୨୦୦୧ ସମ୍ପାଦକୀୟ 'ଆମେ ଯାଉଛୁ କହି ଚୋର ଚାଲିଲେ' ଥରେ ପଢିବାକୁ ଅନୁରୋଧ କରୁଛୁ। ସମ୍ପାଦକୀୟ ଚେତାବନୀ ଥିଲା- ଶେଷରେ ଓଡିଶାକୁ ଏକ ଗୁରୁତର ବିଦ୍ୟୁତ୍ ଏବଂ ଆର୍ଥିକ ସଙ୍କଟରେ ପକାଇ ଏଠାରେ ବ୍ୟବସାୟ କରିବା ସମ୍ଭବ ନୁହେଁ ବୋଲି କହି ଏଇଏସ୍ ପୁନର୍ବାର ପେଡିପୁଟୁଳା ବାନ୍ଧିବ। ଆଜି ଯାଉ କିମ୍ବା ଛ' ମାସ ପରେ ଯାଉ, ଏଇଏସ୍ ଏକତରଫା ଅତ୍ୟଧିକ ଲାଭ ଚୋରି କରି ବିଦାୟ ନେବ। ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ନିଜର ସୁବିଧା ହାସଲ କରି ମଜା ଦେଖୁଛନ୍ତି।

ବାସ୍ତବରେ ତାହା ହିଁ ଘଟିଥିଲା ଏବଂ ଆଜି ବି ଘଟୁଛି। ସରକାର ଏଭଳି କ୍ଲୀବ ଭୂମିକା ନିର୍ବାହ କଲେ ଏବଂ ଲୋକେ ସବୁ ସହିନେଲେ ବେପାରୀମାନେ ସେହି ଘଟଣାର ପୁନରାବୃତ୍ତି ହିଁ କରିବେ। କାରଣ ଗୋଟିଏ ପଟେ ରାଜ୍ୟ ବିଦ୍ୟୁତ୍ ବ୍ୟବସ୍ଥା ଏକ ଅତ୍ୟନ୍ତ ଦୟନୀୟ, ଅସହାୟ, ଛେଉଣ୍ଡ ଅବସ୍ଥାରେ ଥିବାବେଳେ ଅନ୍ୟପଟେ ଓଡ଼ିଶାର ନିରୀହ ବିଦ୍ୟୁତ୍ ଉପଭୋକ୍ତାଙ୍କ ରକ୍ତ ସାରା ଭାରତରେ ଏବେ ସବୁଠୁ ସୁଆଦିଆ, ଶସ୍ତା ଓ ତାହାର ଅବାଧ ସେବନ ପାଇଁ ଅଧିକର୍ତ୍ତାଏ ପଛଦ୍ୱାରରେ ମାଗଣା ଲାଇସେନ୍ସ ଦେଉଛନ୍ତି।

ଅନିଳାଞ୍ଚଳ, ମାରୁତି ନଗର, ପୁରୀ-୨,
ମୋ-୯୯୩୮୩୮୨୪୪୦

(ଏହା ହେଉଛି ଲେଖକଙ୍କ ନିଜସ୍ୱ ମତ। ଏ ସମ୍ପର୍କରେ ଧରିତ୍ରୀର କୌଣସି ମତ ନାହିଁ।)

# ନମସ୍କାର ଓ ଆଶୀର୍ବାଦ



ଅଲେଖ ଚନ୍ଦ୍ର ମିଶ୍ର

ନମଃ, ନମସ୍ତେ, ନମସ୍କାର, ଜୁହାର, ଓଳଗି, ଦଣ୍ଡବତ, ପ୍ରଣାମ, ଅଭିନନ୍ଦନ, ଅଭିବାଦନ ଏ ସମସ୍ତ ପ୍ରାୟ ସମାର୍ଥକ ଶବ୍ଦ। ଏଗୁଡ଼ିକ ଏପରି ସମ୍ବେଦନଶୀଳ ଯେ, ଏହାର ଉଚ୍ଚାରଣକର୍ତ୍ତା ଏବଂ ଗ୍ରହୀତା ଉଭୟଙ୍କୁ ଆପ୍ୟାୟିତ କରେ। ଏଥିରେ ସାନବଡ଼, ଉଚ୍ଚନୀଚର ଭେଦଭାବ ରହିବା ଉଚିତ ନୁହେଁ। କାରଣ ସବୁ ମଣିଷଙ୍କ ଭିତରେ ସମାନ ଆତ୍ମା ବିଦ୍ୟମାନ- ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ। ବରଂ ଏହା କର୍ତ୍ତାଙ୍କର ବିନମ୍ରତାର ନିଦର୍ଶନ ଏବଂ ଗ୍ରହୀତାଙ୍କର ଶୁଭେଚ୍ଛାର ବାର୍ତ୍ତାବହ। ସମ୍ମାନ ପ୍ରଦାନ, ଭକ୍ତି ନିବେଦନ, ଆନୁଗତ୍ୟ ପ୍ରକାଶ, ସ୍ୱାଗତ ସମ୍ବର୍ଦ୍ଧନା, ସାକ୍ଷାତ୍ ସମ୍ଭାଷଣ, କୃତଜ୍ଞତା ଜ୍ଞାପନ, ଖୁସି ପ୍ରକଟ ଇତ୍ୟାଦି ପାଇଁ ସଚରାଚର ବ୍ୟବହୃତ ଏହା ଏକ ଲୋକପ୍ରିୟ ମାଧ୍ୟମ। ସ୍ଥଳବିଶେଷରେ ଏହାର ପ୍ରକାର ଭେଦ ଭିନ୍ନ ଭିନ୍ନ ହେଲେ ବି (ଯଥା: ନାକରେ ନାକ ଘଷି, କାନ୍ଧରେ କାନ୍ଧ ମିଳେଇ, କରମର୍ଦ୍ଦନ କରି ଇତ୍ୟାଦି) ଆମ ସଂସ୍କୃତିରେ ଏହାର ରୂପରେଖ ନିମ୍ନୋକ୍ତ ଢଙ୍ଗରେ ହୋଇଥାଏ। ଯଥା: ଆପାଦମସ୍ତକ ଭୂଲୁଣ୍ଠିତ, ଦଣ୍ଡବତ, ସାଷ୍ଟାଙ୍ଗ, ଭୂମିଷ୍ଠ, ଆଣ୍ଠୁ ମାଡି, ମୁଣ୍ଡ ମାଡି, ବେକ ନଇଁ, ପାଦ ସ୍ପର୍ଶକରି, ପାଦରୁ ଧୂଳି ନେଇ, ଦଣ୍ଡାୟମାନ ଅଥବା ଚାଲୁ ଚାଲୁ ଗୋଟିଏ ବା ଦୁଇଟି ହାତ ଟେକି, ଶିର ଅବନ୍ତ୍ରୋନ୍ନତ କରି, ସାଲ୍ୟୁଟ (ସଲାମ) କରି, ଜୋତା ଓହ୍ଲେଇ, ଟୋପି ବା ପଗଡି କାଢି, ପାଦୋଦକ ପାଇ ଇତ୍ୟାଦି। ଦେଶକାଳପାତ୍ର ଭେଦରେ ନମସ୍କାର ଉପରୋକ୍ତ ପ୍ରକ୍ରିୟାରେ ସମ୍ପାଦିତ ହୋଇଥାଏ। ଏହାର ମୂଳମନ୍ତ୍ର ହେଲା ଏଥିପାଇଁ ଇଚ୍ଛା ଓ ଆଗ୍ରହ ଥିବା ଉଚିତ। ନଚେତ୍ ଏହା 'ମାଗି ଓଳଗି, ଯାଚି କଲ୍ୟାଣ' ଭଳି ହାସ୍ୟାସ୍ପଦ ହୋଇଯାଏ।

ସାଧାରଣତଃ ନମସ୍କାର ଉଦ୍ଦେଶ୍ୟରହିତ ଏବଂ ପ୍ରତ୍ୟାଶାବର୍ଜିତ ହେବା ବିଧେୟ। ପୁନଶ୍ଚ ନମସ୍କାର କରିବା ବେଳେ ମନ ନିର୍ମଳ ରହିବା ଉଚିତ। ଏ କ୍ଷେତ୍ରରେ ରାମାୟଣବର୍ଣ୍ଣିତ ଅନ୍ଧମୁନି ଉପାଖ୍ୟାନ ପ୍ରଣିଧାନଯୋଗ୍ୟ। ତାଙ୍କର ଅନ୍ଧତ୍ୱର କାରଣ ଥିଲା ପୂର୍ବ ଜନ୍ମରେ ତାଙ୍କ ଗୃହରେ ଅତିଥି ହୋଇଥିବା ଜଣେ ଋଷିଙ୍କୁ ସସ୍ତ୍ରୀକ ନମସ୍କାର କଲାବେଳେ ତାଙ୍କର ଗୋଦର ଗୋଡକୁ ଦେଖି ଉଭୟେ ଘୃଣାରେ ଚକ୍ଷୁ ବନ୍ଦ କରିଦେଇଥିଲେ। ଏହା ଦେଖି ଅତିଥି ଋଷି ତାଙ୍କୁ କହିଥିଲେ 'ତଥାସ୍ତୁ'। ସେହିପରି ବିନ୍ଧ୍ୟଗିରି ନିଜର ଗୁରୁ ଅଗସ୍ତିଙ୍କୁ ମୁଣ୍ଡ ମାଡି ନମସ୍କାର କଲାବେଳେ ତା' ମନରୁ ଅହଂକାର ଦୂର ହୋଇ ନ ଥିଲା (ମେରୁପର୍ବତ ସହିତ ପ୍ରତିଯୋଗିତା ଯୋଗୁ)। ତେଣୁ ମହର୍ଷି ତାକୁ ସେ ଫେରିବା ପର୍ଯ୍ୟନ୍ତ ସେମିତି ପଡି ରହିବାକୁ କହିଥିଲେ ଏବଂ ଆଉ ଫେରିଲେନି। ଦେବସଭାରେ ଶିବ ଶ୍ୱଶୁର ଦକ୍ଷଙ୍କୁ ନମସ୍କାର କରି ନ ଥିବା ହିଁ ଦକ୍ଷଯଜ୍ଞ ଭଙ୍ଗ ଓ ଶିବ ସତୀଙ୍କୁ ହରାଇବାର ମୂଳ କାରଣ ଥିଲା।

ନମସ୍କାର ଯେପରି ଭିନ୍ନ ଭିନ୍ନ ତା'ର ପ୍ରତିକ୍ରିୟା ବା ଆଶୀର୍ବାଦ ସେହିପରି ନାନା ପ୍ରକାରର। ବୁଢ଼ାବୁଢ଼ୀଙ୍କୁ ନମସ୍କାର କଲେ ସେମାନଙ୍କର ଅନ୍ତର ଭିତରୁ ଯେଉଁ ନିଷ୍କାମ ଶବ୍ଦଗୁଡିକ ସ୍ଫୁରିତ ହୁଏ ତାହା ହେଲା 'ବୁଢାଟିଏ/ବୁଢୀଟିଏ ହେଇଥାଆ, ପାଚିଲା ବାଳରେ ସିନ୍ଦୂର ନାଉଥା, ତୋ ପାଦ ଅଗରେ କଣ୍ଟା ନ ବାଜୁ, ମୋ ଆୟୁଷ ତତେ ଲାଗିଯାଉ, ଦୀର୍ଘାୟୁ, ନିରାମୟ ହୋଇଥା, କୋଟି ପରମାୟୁ ହେଉ, ତୋର ସବୁ ରୋଗବୈରାଗ ମତେ ଝାଡିଝୁଡି ଦେ, ତୋର ସବୁ ବାଧାବିଘ୍ନ ଆଡ ହୋଇଯାଉ, ତୋର ରାସ୍ତାରେ କଣ୍ଟା ନ ରହୁ' ଇତ୍ୟାଦି। ବୟସ୍କ କିମ୍ବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନମସ୍କାର କଲେ ସେମାନେ ସାଧାରଣତଃ କହିଥାନ୍ତି, ହେଲା, ହେଲା ବାପା/ମା' (କହି ଦୁଇ ହାତରେ ଉଠେଇ ନେବା), ତୁମକୁ କିଏ ଅକଲ୍ୟାଣ କରୁଛିରେ ବାବୁ/ମା, ସବୁ ମଙ୍ଗଳ ହେଉ, ଭଲରେ ରୁହ, ସୁଖ ଆନନ୍ଦରେ ଦିନ କାଟୁଥା ଇତ୍ୟାଦି। ଶିକ୍ଷକ, ଗୁରୁ ଅଥବା ଗୁରୁଜନଙ୍କୁ ନମସ୍କାର କଲେ ସେମାନେ ମୁଣ୍ଡରେ ହାତ ରଖି ଆଶୀର୍ବାଦ କରନ୍ତି, 'ସିଦ୍ଧିରସ୍ତୁ, ବିଜୟୀ ଭବ, ସର୍ବତ୍ର କୃତକାର୍ଯ୍ୟ ହୁଅ' ଇତ୍ୟାଦି।

ବ୍ରାହ୍ମଣ, ପୁରୋହିତ ଓ ପଣ୍ଡିତଙ୍କୁ ନମସ୍କାର କଲେ ତାଙ୍କ ମୁହଁରୁ ସ୍ୱତଃ ନିଃସୃତ ହୋଇଥାଏ 'ମନୋବାଞ୍ଛା ପୂର୍ଣ୍ଣମସ୍ତୁ, ଦୀର୍ଘାୟୁ ଭବ, ଆୟୁଷ୍ମାନ୍ ଭବ, କୁଶଳମସ୍ତୁ, ସର୍ବାରିଷ୍ଟ ଶାନ୍ତିର୍ଭବତୁ, ମନୋଭୀଷ୍ଟ ସିଦ୍ଧିର୍ଭବତୁ' ଇତ୍ୟାଦି। କିନ୍ତୁ ମାତାପିତାଙ୍କୁ ନମସ୍କାର କଲେ ଏ ସମସ୍ତ ଏକ ସ୍ଥାନରେ ପ୍ରାପ୍ତ ହୁଏ। ମୁନିଋଷିଙ୍କୁ ନମସ୍କାର କଲେ ତତ୍‌କ୍ଷଣାତ୍ ଫଳ ପ୍ରାପ୍ତି ହୁଏ ଏବଂ ସମସ୍ତ ସଙ୍କଟ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି। ଦେବଦେବୀଙ୍କୁ ନମସ୍କାର କଲେ ସେମାନେ କିଛି କୁହନ୍ତିନି ସିନା କିନ୍ତୁ ସେମାନଙ୍କର ସନ୍ତୁଷ୍ଟି ପ୍ରକାରାନ୍ତରେ ସୂଚେଇ ଦିଅନ୍ତି- ଯେପରି ତାଙ୍କ ମସ୍ତକରୁ ଫୁଲଖସିବା, ଅନ୍ତଃକରଣରେ ସକାରାତ୍ମକ ସଂକେତ ଅନୁଭବ କରିବା, ସ୍ୱପ୍ନରେ ଆବିର୍ଭୂତ ହେବା, ଗୁହାରିଆ ବା ଅଧିଆ ପଡିଥିଲେ ସ୍ୱପ୍ନାଦେଶ ହେବା, ଅଚିରେ କାମନା ଫଳବତୀ ହେବା ଇତ୍ୟାଦି।

ଶାସ୍ତ୍ରାନୁସାରେ ସୂର୍ଯ୍ୟଦେବତାଙ୍କୁ ନମସ୍କାର କଲେ ଯେଉଁ ଫଳପ୍ରାପ୍ତି ହୁଏ ତାହା ନିମ୍ନୋକ୍ତ ପ୍ରକାରର-

''ଆଦିତସ୍ୟ ନମସ୍କାରଂ ଯେ କୁର୍ବନ୍ତି ଦିନେ ଦିନେ।
ନ ବ୍ୟାଧିର୍ନ ଶୋକସ୍ତେଷାଂ ଦାରିଦ୍ର୍ୟଂ ନୋପଜାୟତେ।।''

ଏହା ଏକ ଅନୁଭୂତିର କଥା ଯେ ସାମାନ୍ୟ ନମସ୍କାରଟିଏ ବେଳେ ବେଳେ ଦୀର୍ଘଦିନର ତିକ୍ତ ସମ୍ପର୍କକୁ ମଧୁର କରିଦିଏ ଏବଂ ମନୋମାଳିନ୍ୟ ଦୂର ହୋଇଯାଏ। ଅତଏବ ନମସ୍କାର ପାଇଁ ଆଦୌ କୁଣ୍ଠା ରହିବା ଉଚିତ ନୁହେଁ। ପ୍ରତିପକ୍ଷରୁ ପ୍ରତିଦାନ ଥାଉ ବା ନ ଥାଉ। କିନ୍ତୁ କ୍ଷୋଭର କଥା କାଳକ୍ରମେ ନମସ୍କାରର ରୂପରେଖ ବଦଳିବାରେ ଲାଗିଛି ଏବଂ ତା' ସହିତ ବଦଳିଯାଉଛି ଆଶୀର୍ବାଦର ସଂଜ୍ଞା। ଏବେ ନମସ୍କର୍ତ୍ତାଙ୍କର ପ୍ରତିଦାନସ୍ୱରୂପ ଶୁଷ୍କ ପ୍ରତିନମସ୍କାରଟିଏ ହିଁ ଆଶୀର୍ବାଦର ସ୍ଥାନ ନେଉଛି। ନମସ୍କାରର ଶୁଦ୍ଧତା ସହିତ ଆଶୀର୍ବଚନର ଆନ୍ତରିକତା ବିଲୟର ଦ୍ୱାରଦେଶରେ ଉପନୀତ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ୍-୪,
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ପରିବାର ପାଇଁ ବୋଝ ପାଲଟି ବୃଦ୍ଧାଶ୍ରମରେ ଜୀବନ କାଟୁଥିବା ମା'ବାପାମାନଙ୍କୁ କିନ୍ତୁ ଅନାଥ ଶିଶୁମାନେ ବୋଝ ଲାଗୁନାହାନ୍ତି। ବୟସର ଅପରାହ୍ଣରେ ଏମାନେ ଅନାଥ ଶିଶୁଙ୍କୁ କୋଳେଇ ନେଉଛନ୍ତି। ଗୁଜରାଟର ଏକ ବୃଦ୍ଧାଶ୍ରମର ଅନ୍ତେବାସୀମାନେ ଏଭଳି ମହତ୍ କାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିଛନ୍ତି। 'ଜୀବନ ସନ୍ଧ୍ୟା' ବୃଦ୍ଧାଶ୍ରମର ଅନ୍ତେବାସୀମାନେ 'ଶିଶୁଗୃହ' ନାମକ ଏକ ଅନାଥାଶ୍ରମର ଶିଶୁମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏଥିପାଇଁ ଏକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ଶିଶୁମାନଙ୍କୁ ସେମାନେ ପାଇ ଖୁବ୍ ଖୁସି ଅନୁଭବ କରିଥିବା ଲକ୍ଷ୍ୟ କରାଯାଇଥିଲା। ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀ ସପ୍ତାହରେ ଦିନେ ଶିଶୁମାନଙ୍କ ସହ ସମୟ ବିତାଇବା ଲାଗି ସ୍ଥିର କରାଯାଇଥିବା କହିଛନ୍ତି ବୃଦ୍ଧାଶ୍ରମର ଜଣେ ଅଧିକାରୀ। ଏହାଦ୍ୱାରା ଶିଶୁମାନେ ସ୍ନେହ ଓ ଶ୍ରଦ୍ଧା ପାଇପାରିବେ ଏବଂ ଏହା ସେମାନଙ୍କୁ ଜୀବନରେ ଆଗକୁ ବଢିବାରେ ସାହାଯ୍ୟ କରିବ। ଭାବନାତ୍ମକ ଦୃଷ୍ଟିରୁ ଉଭୟେ ଲାଭାନ୍ୱିତ ହେବେ ବୋଲି କହନ୍ତି ବୃଦ୍ଧାଶ୍ରମର ଅଧ୍ୟକ୍ଷ ସି.କେ. ପଟେଲ।

## ଚିରନ୍ତନୀ

ଜଡ଼ର ଦେହେ ଜଗାଇ ନବ
ସ୍ପନ୍ଦନ ହେ ସ୍ପନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩ ମାର୍ଚ୍ଚ ୧୯୯୫

- ପୂର୍ବତନ କମ୍ୟୁନିଷ୍ଟ ବାଚସ୍ପତି ଜୋମେ ଓଲେକସିଙ୍କୁ ପୋଲାଣ୍ଡର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦେଶର ପାର୍ଲାମେଣ୍ଟ ନିର୍ବାଚିତ କରିଛି।
- ବିହାର ବିଧାନସଭା ନିର୍ବାଚନ ତାରିଖ ପରିବର୍ତ୍ତନ ସଂକ୍ରାନ୍ତ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ବିରୁଦ୍ଧରେ ଦାଏର କରାଯାଇଥିବା ରିଟ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଛି।

# କବି ହେବା ନୋହିଲା



ବୈକୁଣ୍ଠନାଥ ମିଶ୍ର

କାହିଁକି କେଜାଣି କବିତା ଲେଖିବା ପାଇଁ ମନରେ ପ୍ରବଳ ଉତ୍କଣ୍ଠା ଜାଗ୍ରତ ହେଲା। ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ବିଦ୍ୟାଳୟର ବାର୍ଷିକ ପତ୍ରିକାରେ ମୋର ଏକ କବିତା ପ୍ରକାଶ ପାଇଥିଲା। ମହାବିଦ୍ୟାଳୟରେ ମଧ୍ୟ ଅନୁରୂପ ଭାବେ ଗୋଟିଏ/ଦୁଇଟି କବିତା ବାର୍ଷିକ ପତ୍ରିକାରେ ପ୍ରକାଶିତ ହୋଇ ସହପାଠୀ ଓ ଆତ୍ମୀୟଙ୍କଠାରୁ ମିଳିଥିଲା ଅନେକ ପ୍ରଶଂସା, ଯାହା କବିତା ଲିଖନ ପାଇଁ ମୋତେ ଅନୁପ୍ରେରିତ କରିଥିଲା। ଆଗ୍ରହ ବଢିଲା ଓ ସମୟର ଗତି ସହ ତାଳଦେଇ ବଢିଚାଲିଲା କବିତା ଲେଖାର ଝୁଙ୍କ୍। ଅନେକ କବିତା ଲେଖି ତା'ର ପାଣ୍ଡୁଲିପିକୁ ସାଇତି ରଖିଛି। ଦିନେ ଭାବିଲି କୌଣସି କବିତା ପାଠୋତ୍ସବରେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କଲେ ମୋତେ ସମସ୍ତେ କବି ବୋଲି ଜାଣିବେ ଓ ମୋର କବିତା ଲେଖାର ଶ୍ରମ ସାର୍ଥକ ହେବ।

କିଛିଦିନ ପରେ ମୋତେ ସେ ସୁଯୋଗ ମିଳିଲା। ଆମ ଗ୍ରାମଠାରୁ ୧୦/୧୫ କିଲୋମିଟର ଦୂରରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବିବର ରାଧାନାଥଙ୍କୁ ଅନୁସରଣ କରି ଲେଖିଥିବା ମୋ କବିତାଟି ପଢ଼ିଲି, ଯାହାର ପ୍ରଥମ ପଦଟି ଥିଲା ଏହିପରି- ପରାଚୀ ଭୂଖଣ୍ଡେ ଆର୍ଯ୍ୟ ବାସସ୍ଥଳୀ, ଶୋଭା ସୁଷମାରେ ସ୍ୱର୍ଗଠାରୁ ବଳି... କବିତାଟି ପାଠ କରି ମୁଁ ନିଶ୍ଚିତ ଥିଲି ଯେ, ସଭାପତିଙ୍କ ଦ୍ୱାରା ମୋ କବିତାଟି ଉଚ୍ଚ ପ୍ରଶଂସିତ ହେବ ଓ ଶ୍ରୋତାଙ୍କର କରତାଳିରେ ସଭାସ୍ଥଳୀ ମୁଖରିତ ହେବ। କିନ୍ତୁ ସେପରି କିଛି ହେଲାନାହିଁ। ସଭା ସାଙ୍ଗ ହେବା ପରେ ସଭାପତିଙ୍କୁ ମୋ କବିତା ସମ୍ବନ୍ଧରେ ଜାଣିବାକୁ ଚାହିଁବାରୁ ସେ କହିଲେ, ଦେଖନ୍ତୁ ଆପଣଙ୍କର ଇଏ ଛାନ୍ଦ କବିତା। ଏସବୁ କବିତାର ଯୁଗ ଆଉ ନାହିଁ। ଏପରି କବିତା ଲେଖି ଆପଣ କ'ଣ ଭାବୁଛନ୍ତି ଆପଣ କବି ହୋଇଯିବେ? ଆଧୁନିକ, ରୋମାଣ୍ଟିକ, ଉଦ୍ଭଟ, ପ୍ରତୀକଧର୍ମୀ କିମ୍ବା ଦୁର୍ବୋଧ କବିତା ପରି ଯୁଗୋପଯୋଗୀ କବିତା ଲେଖନ୍ତୁ।

ତା'ପରେ ପ୍ରେମିକ କବି ମାୟାଧର ମାନସିଂହଙ୍କ ଅନୁସରଣରେ ଏକ ପ୍ରେମ କବିତା ଲେଖିଲି, ଯାହାର କିଛି ଅଂଶ ଏହିପରି- ତୁମେ ତ ମୋର ଘୁମନ୍ତ ନିଶି ଅଳସୀ ଶୀତ ଚନ୍ଦ୍ରିକା, ତୁମେ ତ ମୋର ଚପଳକାନ୍ତା ହୃଦ ପଞ୍ଜୁରୀ ଶାରିକା।... ଉତ୍ସୁକତାର ସହ ଆଉ ଏକ କବିତା ଆସରକୁ ଚାହିଁ ବସିଲି। ସେଦିନ ଉପଗତ ହେଲା। କିନ୍ତୁ ଏଥର ମଧ୍ୟ ମୋର ଆଶା ନିରାଶାରେ ପରିଣତ ହେଲା, ଯେତେବେଳେ ଜାଣିଲି ପଠିତ କବିତାଗୁଡ଼ିକ ମଧ୍ୟରେ ମୋ କବିତା ସର୍ବ ନିମ୍ନରେ ଅଛି। ସଭା ସାଙ୍ଗ ହେଲା ପରେ ମୁଁ ଅତି ସନ୍ତର୍ପଣରେ ଏକାନ୍ତରେ ସଭାର ଅଧ୍ୟକ୍ଷ ତଥା ଚୟନକର୍ତ୍ତାଙ୍କୁ ମୋ କବିତା ସମ୍ବନ୍ଧରେ ପଚାରିଲି। ସଂଯୋଗକୁ ପୂର୍ବର ସଭାପତି ମଧ୍ୟ ଆଜିର ସାହିତ୍ୟ ସଭାରେ ଅଧ୍ୟକ୍ଷତା କରୁଥାନ୍ତି। ସେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନ ଦେଇ କହିଲେ, ଏହା କ୍ଲିଷ୍ଟ କବିତା, ପାଠକ ମନକୁ ଛୁଇଁପାରିବ ନାହିଁ। ସାମ୍ପ୍ରତିକ ଯୁଗ ପାଇଁ ଏସବୁ ଅଚଳ କବିତା ଓ ଏଥିରେ ଆଧୁନିକତାର ଝଲକ ନାହିଁ। ଏ କବିତା ଲେଖି ଆପଣ କିପରି ଆସ୍ପର୍ଦ୍ଧା କରୁଛନ୍ତି ଯେ ଆପଣ ପାଠକୀୟ ଆଦୃତି ସାଉଁଟି ପାରିବେ ବୋଲି? ଆପଣ ଯଦି ନିହାତି ଲେଖିବାକୁ ଚାହୁଁଛନ୍ତି- ତେବେ ଗଦ୍ୟ କବିତା ଲେଖନ୍ତୁ- ଯାହା ଦୁର୍ବୋଧ, ପ୍ରତୀକଧର୍ମୀ ଓ ଉଦ୍ଭଟ ହୋଇଥିବ ଏବଂ ଆଧୁନିକତାର ବାସ୍ନା ବି ବହନ କରୁଥିବ। ନଚେତ୍ ଏପରି ଲେଖିବା ବନ୍ଦ କରନ୍ତୁ।

କବିତା ରଚନାର ବିଧିବିଧାନ ସମ୍ବନ୍ଧରେ ଯେହେତୁ ମୁଁ ଅଜ୍ଞ, ତେଣୁ ନୀରବ ରହିଲି ଓ ଆଉ ଏକ ଆସରକୁ ଅପେକ୍ଷା କଲି। ମନେ ମନେ ସ୍ଥିର କଲି ଏଥର ଏମିତି କବିତାଟିଏ ଲେଖିବି, ଯାହା ଚୟନକର୍ତ୍ତା ତଥା ଆୟୋଜକଙ୍କ ପାଇଁ ବିରକ୍ତିକର ହେବ। ଅଳ୍ପଦିନ ଅନ୍ତରେ ସେ ସୁଯୋଗ ଆସିଲା। କବିତା ରଚନାରେ ସଫଳତା ପ୍ରାପ୍ତିକୁ ଗୌଣ କରି ଚୟନକର୍ତ୍ତାଙ୍କ ମନରେ ବିରକ୍ତିଭାବ ସୃଷ୍ଟି କରିବାର ପ୍ରୟାସ ନେଇ ଲେଖିଲି-

ଯାଉଥିଲି ରାସ୍ତାରେ ଭେଟିଲି ମୁଁ କୁକୁର,
ବସିଲି ତା' ପିଠିରେ ଧରିଲି ତା' କାନକୁ।
ଉଡି ଉଡି ନେଇଗଲା ମହାଶୂନ୍ୟ ମଧ୍ୟକୁ,
ଫିଙ୍ଗି ଦେଲା ମତେ ନେଇ ଅତଳ ସମୁଦ୍ରେ।
ନ ପାଇଲି କୂଳ ଆଉ କିନାରା-
ପାଲଟିଲି ପଥହରା ପଥିକ-
ନିର୍ବାକ୍-ନିସ୍ପନ୍ଦ-ଚତୁଃପାର୍ଶ୍ୱ ଅନ୍ଧକାରମୟ।

ଏଥରକ କବିତା ପାଠୋତ୍ସବରେ ପହଞ୍ଚି ଆୟୋଜକଙ୍କ ହାତକୁ କବିତାଟି ବଢାଇଦେଇ ଚୁପ୍ ହୋଇ ନିଜ ଆସନରେ ବସିରହିଲି। ଖୁବ୍‌ଶୀଘ୍ର ମୋ ପାଳି ପଡିଲା। ମନରେ ଉତ୍ତେଜନା, ଦେହରେ ଶିହରଣ ଓ ହୃଦୟରେ ଅବିଶ୍ୱାସର ଏକ ପୁଞ୍ଜୀଭୂତ ସମାହାରରେ କବିତା ପଠନ ପାଇଁ ଆଗେଇଗଲି। ନ ଥିଲା ମନରେ ସରସତା କିମ୍ବା ପୂର୍ବର ଆବେଗ। ମନେମନେ ନିଜକୁ ଧିକ୍କାରିଲି, କାହିଁକି ଏ କବିତା ଲେଖିଲି ବୋଲି। ଭରା ସଭାରେ ମୋତେ ହିଁ ତ ଏହା ପଢ଼ିବାକୁ ହେବ। ସାହସ ସଞ୍ଚୟ କରି କବିତାଟି ପଢିଲି। ଲକ୍ଷ୍ୟ କଲି ସଭାସ୍ଥଳୀ କରତାଳିରେ ଉଚ୍ଛୁଳି ପଡୁଛି। ମୁଁ ଭାବିଲି ମୁଁ ଯାହା ଲେଖିଛି ତାକୁ ମୁଁ ଠିକ୍ ଭାବେ ବିଝିନାହିଁ; ହେଲେ ଏ ସୁଧୀ ଶ୍ରୋତୃମଣ୍ଡଳୀ କ'ଣ ବୁଝିଲେ ଯେ ପୁଲକିତ ହୋଇ କରତାଳି ବର୍ଷଣ କରୁଛନ୍ତି? ମୁଁ ଲକ୍ଷ୍ୟ କଲି ମୁଁ ଏକା ଉଦାସ ଓ ଆଉ ସମସ୍ତେ ଉତ୍‌ଫୁଲ୍ଲ। ସଭାକାର୍ଯ୍ୟର ଅନ୍ତିମ ପର୍ଯ୍ୟାୟରେ ସଭାପତିଙ୍କ ଅଭିଭାଷଣ ଥିଲା ମୋ କବିତାର ଉଚ୍ଛ୍ୱସିତ ପ୍ରଶଂସାରେ ଶତମୁଖ। ସେ କହିଲେ ଶ୍ରୀଯୁକ୍ତ ମିଶ୍ରଙ୍କର କବିତାଟି ପ୍ରତୀକଧର୍ମୀ, ସମୟୋପଯୋଗୀ ଓ ସମାଜ ପାଇଁ ଏକ ସୁନ୍ଦର ଚେତାବନୀ। ଝିଅଟି ନିଃସଙ୍ଗଭାବେ ନିଛାଟିଆ ରାସ୍ତାରେ ଗମନ କରୁଛି। ଶ୍ୱାନ ପରି ଅନୁଧାବନ କରୁଥିବା ତା'ର ପ୍ରେମିକ ତାକୁ ବାଇକ୍‌ରେ ଲିଫ୍ଟ ଦେଉଛି। ପଛ ସିଟ୍‌ରେ ବସି ଝିଅଟି ପ୍ରେମିକର କାନ୍ଧକୁ ଧରିଛି। ଗାଡିର ବେଗ କ୍ରମଶଃ ପ୍ରଖରତର ହେଉଛି। ହଠାତ୍ ବାଇକଟି ରାସ୍ତାର ଗୋଟିଏ କଡକୁ ମାଡିଯାଇ ଏକ ଗଛରେ ଧକ୍କା ହୁଏ। ଝିଅଟି ଖଣ୍ଡେ ଦୂରକୁ ଛିଟିକି ପଡି ଚେତାଶୂନ୍ୟ ହୋଇଯାଏ। ସଚେତ ହୋଇ ନିଜକୁ ଆବିଷ୍କାର କରେ ମେଡିକାଲ ବେଡରେ। ନା ଅଛି ପ୍ରେମିକ- ନା କେହି ଆତ୍ମୀୟ ପରିଜନ। ଚାରିଆଡେ କେବଳ ଶୂନ୍ୟତା ଆଉ ଶୂନ୍ୟତା।

ଏବେ ବୁଝିଗଲି ମୋ ରଚିତ ଅନାବନା କବିତାର ମାହାତ୍ମ୍ୟ। ନା ଅଛି ଶବ୍ଦ ସଂଯୋଜନାର କଳାକୌଶଳ- ନା ଆଭିଧାନିକ ଉପଯୁକ୍ତ ଶବ୍ଦ ଚୟନ। ଯାହା ସାଧାରଣରେ ଦୁର୍ବୋଧ, ଯାହାର ନିର୍ଯାସ ସ୍ୱୟଂ କବିଙ୍କୁ ମଧ୍ୟ ଅସ୍ପଷ୍ଟ, ତାହା ଏତେ ମର୍ମସ୍ପର୍ଶୀ ହୋଇପାରେ ବୋଲି ଏବେ ମୋର ହୃଦ୍‌ବୋଧ ହେଲା। ଏହା ନିଛକ ସତ୍ୟର ଅବତାରଣା ମାତ୍ର! ଭାଜିଗଲା ମୋ କବିତା ଲେଖା ସ୍ୱପ୍ନ। ଭଞ୍ଜଙ୍କ ଦୁର୍ବୋଧ କବିତା ସିନା ପଣ୍ଡିତ, ବାରାଙ୍ଗନା ଓ ପଥଚାରୀଠାରୁ ଆରମ୍ଭ କରି ଚଷା ଓ ଯୋଷା ପର୍ଯ୍ୟନ୍ତ ସମସ୍ତେ ଗାଉଥିଲେ ହେଲେ ମୋ ଅଳଙ୍କାରଶୂନ୍ୟ ଛାନ୍ଦହୀନ କବିତାକୁ କିଏ ବା କାହିଁକି ଗାଇବ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଭୁଲ୍ ସଂସ୍କୃତି ପଥରେ ଦୌଡୁଛୁ

ମହାଶୟ,

ପୂର୍ବେ ଝିଅପୁଅଙ୍କର ଜନ୍ମଦିନରେ ଷଷ୍ଠୀ ପୂଜା, ସତ୍ୟନାରାୟଣ ପାଲା ଆଦି ହେଉଥିଲା। ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତା ଅନୁକରଣରେ ବାର୍ଥ ଡେ ପାର୍ଟି କ୍ରମରେ କେକ୍ ଉପରେ ମହମବତି ଜଳାଇ ତାକୁ ଫୁଙ୍କି ଲିଭାଇବା ସମସ୍ତେ ଦେଖୁଥିବେ। ରଙ୍ଗବେରଙ୍ଗର ମହମବତିକୁ କେକ୍ ପରି ଖାଇବା ଜିନିଷ ଉପରେ ରଖିବା କ'ଣ ଠିକ୍? ସେମିତି ଜଳୁଥିବା ବତିକୁ ଫୁଙ୍କି ଲିଭାଇବାବେଳେ କେକ୍ ଉପରେ ଛେପ ପଡ଼ିପାରେ। ସେହିପରି ଭୋଜିଭାତ ଆଜିକାଲି ବ୍ୟୟବହୁଳ ବଫେ ପାର୍ଟିରେ ପରିଣତ। ଠିଆହୋଇ ମାଗି ମାଗି ଖାଇବା, ଅନେକ ତୈଳ ଚର୍ବିଯୁକ୍ତ, ମସଲାଯୁକ୍ତ ଆମିଷ ଭୋଜନ କ'ଣ ଆମ ଉତ୍କଳୀୟଙ୍କ ନିମନ୍ତେ ପ୍ରଯୁଜ୍ୟ? ଆମେ ଭୁଲ୍ ସଂସ୍କୃତି ପଥରେ ଦୌଡୁଛୁ। ସମସ୍ତେ ବିଚାର କରନ୍ତୁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ପୁରୀ

### ନିରାମୟ ଔଷଧର ଅଭାବ

ରାଜ୍ୟ ସରକାରଙ୍କ ତରଫରୁ ନିରାମୟ ଯୋଜନାରେ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ମାଗଣାରେ ଜରୁରୀ ଔଷଧ ଯୋଗାଇ ଦିଆଯାଉଛି। ମାତ୍ର ଡାକ୍ତରଖାନାଗୁଡ଼ିକ ଆବଶ୍ୟକତା ଅନୁସାରେ ଯେତେ ପରିମାଣରେ ମାଗୁଛନ୍ତି ତା' ଠାରୁ କମ୍ ଔଷଧ ଯୋଗାଇ ଦିଆଯାଉଛି। ଏହି କାରଣରୁ ବେଳେ ବେଳେ କିଛି ଔଷଧ ଉପଲବ୍ଧ ହେଉନାହିଁ। ଗରିବ ରୋଗୀମାନେ ସେହିସବୁ ଔଷଧ ବାହାରୁ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଉଦାହରଣ ସ୍ୱରୂପ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଏକ ମାସରୁ ଅଧିକ ସମୟ ଧରି କ୍ୟାଲସିୟମ୍ ବଟିକା ଓ ସିରପ୍ ମିଳୁନାହିଁ। ଏଣୁ ସ୍ୱାସ୍ଥ୍ୟ ବିଭାଗ ଡାକ୍ତରଖାନାକୁ ଆବଶ୍ୟକତା ଅନୁସାରେ ସବୁ ଔଷଧ ଯୋଗାଇ ଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | 1 | | | | | | D | | 8 | | 5 | |
| | | A | | | C | 5 | | | 0 | B | | | | |
| | | C | | 6 | B | | | 3 | | | 5 | | 8 | |
| | | 1 | | | A | 7 | 8 | | | | | 6 | | 9 |
| | 8 | | | | | E | | | 6 | | | 7 | | |
| | | | | 8 | 7 | B | | | | | A | | 6 | |
| D | | | A | 0 | | | | | | | E | | 1 | 3 |
| | 0 | 3 | | | | 2 | | C | 5 | | | A | | |
| | C | 9 | E | | | | | | | 0 | 3 | | B | |
| B | | | | 3 | | | 5 | | C | | 6 | | 2 | 8 |
| 2 | 1 | 6 | 9 | | | 8 | | | | 3 | | | | |
| 9 | 4 | | 6 | 1 | E | 3 | | | | | B | | | |
| | | | | | 3 | | | E | | | | 2 | | |
| 5 | | | D | 4 | | | | 1 | | | | | 9 | 7 |
| | E | | | C | | | 2 | A | 1 | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 8 | B | 5 | 1 | A | 7 | 6 | D | 3 | C | E | 0 | 9 | 2 |
| C | 2 | 0 | B | 3 | 6 | 4 | 8 | 9 | A | D | 5 | 7 | E | 1 |
| 5 | 9 | 6 | 0 | 4 | E | B | A | C | 7 | 1 | 2 | 8 | 3 | D |
| 3 | D | E | 9 | C | 7 | 1 | 2 | 0 | B | 6 | 8 | 4 | 5 | A |
| 1 | 7 | A | D | 8 | 2 | 5 | 3 | E | 0 | 4 | 9 | B | 6 | C |
| B | 6 | C | 1 | 9 | 0 | 3 | 4 | 5 | E | 7 | A | 2 | D | 8 |
| 8 | 0 | 2 | E | 6 | C | D | 9 | A | 4 | 5 | B | 3 | 1 | 7 |
| E | 4 | 3 | 8 | 7 | B | 2 | 0 | 1 | C | 9 | D | 6 | A | 5 |
| D | A | 9 | 4 | 2 | 5 | 8 | B | 7 | 6 | 3 | 1 | C | 0 | E |
| 7 | 1 | 5 | A | D | 3 | E | C | 6 | 8 | 2 | 0 | 9 | 4 | B |
| 2 | 5 | D | C | 0 | 4 | A | 7 | 3 | 1 | B | 6 | E | 8 | 9 |
| A | 3 | 8 | 7 | E | 9 | C | 1 | B | D | 0 | 4 | 5 | 2 | 6 |
| 0 | C | 7 | 6 | A | D | 9 | E | 2 | 5 | 8 | 3 | 1 | B | 4 |
| 6 | E | 4 | 2 | B | 1 | 0 | 5 | 8 | 9 | A | C | D | 7 | 3 |
| 9 | B | 1 | 3 | 5 | 8 | 6 | D | 4 | 2 | E | 7 | A | C | 0 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ହରିଣକୁ ଉଦ୍ଧାର କଲେ ଛାତ୍ରୀ

ରଘୁନାଥପୁର,୨।୩(ଡି.ଏନ୍.ଏ.): ରଘୁନାଥପୁର ଏରଡଙ୍ଗା ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ସ୍ଥାନୀୟ ସାନଗଡ଼ ଗ୍ରାମକୁ ଏକ ହରିଣ ଆସିଥିବା ବେଳେ କୁକୁର ପଲ ହାବୁଡରେ ପଡିଯାଇଥିଲା। ଏହି ସମୟରେ ଗ୍ରାମର ଅନନ୍ତ ପାତ୍ରଙ୍କ ଝିଅ ସ୍ୱାଧୀନ ଏକ ବାଡିରେ କୁକୁରଙ୍କୁ ଘଉଡାଇ ଦେଇଥିଲେ। ଫଳରେ ହରିଣଟି ସ୍ୱାଧୀନଙ୍କ ଘର ଭିତରକୁ ପଶିଯିବା ପଲରେ ସେ ଘର କବାଟ ବନ୍ଦ କରିଦେଇଥିଲେ। ଏହା ପରେ ସ୍ଥାନୀୟ ବନବିଭାଗ କର୍ମଚାରୀଙ୍କୁ ଫୋନ ମାଧମରେ ଜଣାଇଥିଲେ। ଖବରପାଇ ବନବିଭାଗ କର୍ମଚାରୀ ଛାତ୍ରୀଙ୍କ ଘରେ ପହଞ୍ଚି ହରିଣକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡିଦେଇଥିଲେ। ଛାତ୍ରୀଙ୍କ ଏଭଳି କାର୍ଯ୍ୟକୁ ପରିବେଶବିତ୍ ବିଜୟ ସ୍ୱାଇଁ, ଇଂ. ବାବାଜୀ ଚରଣ ଜେନା, ପାର୍ଥଶାଖା ପାଲଟାସିଂ ପ୍ରମୁଖ ପ୍ରଶଂସା କରିଥିଲେ।



### ୩ ବଖରା ଜଳିଗଲା

ନିଶ୍ଚିନ୍ତକୋଇଲି,୨।୩(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଅଶୁରୋଶ୍ୱର ପଞ୍ଚାୟତ ଅନ୍ତର୍ଗତ କୁଳଗାଁଇଶାଳୋ ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଗୋପାଳ ବେହେରାଙ୍କ ୩ ବଖରା ଜଳିଯାଇଛି। ନିଆଁ ଲାଗିବାର କାରଣ ଜଣାପଡି ନ ଥିବାବେଳେ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା।

# ୨୫ ପୀଠର ବିକାଶ ଆଶା ଉଜ୍ଜୀବିତ

ଜଗତ୍‌ସିଂହପୁର ଅଫିସ, ୨।୩

କଳା, ସଂସ୍କୃତି, ଶିକ୍ଷା ଆଦି କ୍ଷେତ୍ରରେ ଜଗତ୍‌ସିଂହପୁରର ସ୍ୱତନ୍ତ୍ରତା ରହିଛି। ଏହାବାଦ୍ ମା' ଶାରଳା ମନ୍ଦିରଠାରୁ ଗୋରେଖନାଥ ପୀଠ ପର୍ଯ୍ୟନ୍ତ ଅନେକ ଧାର୍ମିକ ମଠ, ମନ୍ଦିର ଜିଲାର ଗାରିମା ବଢାଇଛି। କିନ୍ତୁ ଏସବୁର ବିକାଶ ଆଶାଜନକ ହୋଇପାରୁନାହିଁ। କେତେକ ମଠ, ମନ୍ଦିର ଭିତ୍ତିଭୂମି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଆଉ ଅନେକର ବିକାଶ ବାଧାପ୍ରାପ୍ତ ହୋଇଛି। ଏହିକ୍ରମରେ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୩ ଧାର୍ମିକ ଅନୁଷ୍ଠାନକୁ ୧ କୋଟି ଲେଖାଏ ଅନୁଦାନ ଦେବାକୁ ଘୋଷଣା କରିଛନ୍ତି। ଏଥିରେ ତିର୍ତ୍ତୋଲର ଶାରଳା ମନ୍ଦିର ରହିଛି। ଏକଥା ଲୋକଙ୍କ ମନରେ ଖୁସି ଭରି ଦେଇଛି। ଆଗକୁ ଅନ୍ୟ ଧାର୍ମିକ ଅନୁଷ୍ଠାନଗୁଡିକୁ ସରକାରୀ ଅନୁଦାନ ମିଳିବା ରାସ୍ତା ପରିଷ୍କାର ହୋଇଥିବାରୁ ବିଶେଷକରି ହିନ୍ଦୁ ଓ ମୁସଲିମ୍ ଧର୍ମାବଲମ୍ବିମାନେ ଆଶ୍ୱସ୍ତି ପ୍ରକାଶ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଜଗତ୍‌ସିଂହପୁର ଜିଲାର ୨୫ ପୀଠର ବିକାଶ ଆଶା ଉଜ୍ଜୀବିତ ହୋଇଛି।

ସୂଚନା ଅନୁଯାୟୀ, ଶାରଳାଙ୍କ ପୀଠ କେବଳ ରାଜ୍ୟ ନୁହେଁ, ବାହାରେ ମଧ୍ୟ ପରିଚିତ। ଏହି ପ୍ରସିଦ୍ଧ ପୀଠର ବିକାଶ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସିଛି। ଜିଲା ପ୍ରଶାସନ ମଧ୍ୟ ଜନସାଧାରଣଙ୍କ ଯୁକ୍ତି ସହ ଏକମତ ହୋଇ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରିଛି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପରିଚାଳିତ ଏହି ମନ୍ଦିରର ଆୟର ଏକମାତ୍ର ମାଧ୍ୟମ ହେଉଛି ଭୋଗ ଓ ଦୀପ ଦୋକାନ। ବାର୍ଷିକ ପାଖାପାଖି ୨ କୋଟି ଆୟ ହେଉଥିବା ବେଳେ ବ୍ୟୟ ୧.୫ କୋଟି ହେଉଥିବା ଦର୍ଶାଯାଉଛି। କିନ୍ତୁ ମନ୍ଦିର ଓ ଏହି ପରିସରର ବିକାଶ ଆଶାଜନକ ହେଉନାହିଁ। ଓଟିଡିସି କମ୍ପ୍ଲେକ୍ସ କାମ ଅସମ୍ପୂର୍ଣ୍ଣ ଥିବା ବେଳେ ଲୋକଙ୍କ ରହିବା ପାଇଁ ଅଧିକ ବଙ୍ଗଳାର ଆବଶ୍ୟକତା ଦେଖାଦେଇଛି। ଯେଉଁ ବଙ୍ଗଳାଟି ଅଛି ତାର ସୁଟ୍ ସଂଖ୍ୟା ବଢାଯିବା ଦରକାର ପଡୁଛି। ବ୍ୟବସାୟ ପାଇଁ ମାର୍କେଟ କମ୍ପ୍ଲେକ୍ସ, ୨ଟି ଜୋତା ଷ୍ଟାଣ୍ଡ, ବିବାହ ଓ ବ୍ରତ ଆଦି ପାଇଁ ମଣ୍ଡପ, ଐତିହାସିକ ଚନ୍ଦନ ପୋଖରୀ ପୁନରୁଦ୍ଧାର ଆବଶ୍ୟକତା ରହିଛି। ଏସବୁ ପାଇଁ ଅନୁଦାନ ଯୋଗାଇ ଦେବାକୁ ଜିଲା ପ୍ରଶାସନ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ସେହିପରି ପିପଲମାଧବର ଧର୍ମେଶ୍ୱର ମହାଦେବ ମନ୍ଦିର, ଚାନ୍ଦପୁର (ମହିଳୋ)ର ରଘୁନାଥଜୀଉ ମନ୍ଦିର, ହାଜିପୁରସ୍ଥିତ ପଞ୍ଚଶଖା ଧାନକୁଦ, ଅଷ୍ଟଶମ୍ଭୁ ମହାଦେବ ମନ୍ଦିର, ନାଉଲୋର ଯଶୋବନ୍ତ ପୀଠ, ନାଉଗାଁ ଗାରୋଇସ୍ଥିତ ଜଗନ୍ନାଥ ମନ୍ଦିର, ବନ୍ଦରର ବନ୍ଦରେଇ ଠାକୁରାଣୀ, ଇଛାପୁର ପଞ୍ଚାୟତ ପରାହାଟର ଭଗବତୀ ମନ୍ଦିର, ଖାଲଗାଁର ନୃସିଂହନାଥ ମନ୍ଦିର, ପଞ୍ଚପଲ୍ଲୀର ଗ୍ରାମେଶ୍ୱର ମନ୍ଦିର, ଅଡଙ୍ଗ ପଞ୍ଚାୟତ ଖଲେରୀର ନୀଳକଣ୍ଠେଶ୍ୱର ମନ୍ଦିର, ତିରିରା ପଞ୍ଚାୟତ ବେଗୁନିଆ ଗ୍ରାମସ୍ଥିତ ବାନାମ୍ବର ଗାଦିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରାଯାଇଛି। ଜଗତ୍‌ସିଂହପୁରର ମୁରୁକୁନ୍ଦ ସୋମନାଥ ପୀଠ, ପୁନଙ୍ଗ ପଞ୍ଚାୟତ ବାରଙ୍ଗସ୍ଥିତ ସିଦ୍ଧ ବାରଙ୍ଗ ଜଗନ୍ନାଥ ମନ୍ଦିର, କଣ୍ଟାବଲ୍ଲଭପୁରର ମା' ଶାନ୍ତି ଭଉଣୀ ମନ୍ଦିର, ପୁନଙ୍ଗର ମା' ହରଚଣ୍ଡି ଦର୍ଗା ମନ୍ଦିର, ସିପି-ମକୁନ୍ଦପୁରସ୍ଥିତ ମା' ସୁବର୍ଣ୍ଣ ବରାହୀ ମନ୍ଦିର, ଏରସମା ବ୍ଲକ ନାରଦିଆ ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଲ୍ଲିସ୍ଥିତ ଗ୍ରାମେଶ୍ୱର ମନ୍ଦିର, ଗଡ଼କୁଜଙ୍ଗର କୁଞ୍ଜବିହାରୀ ମନ୍ଦିର, ଗଡ଼ବିଶୁନପୁର ପଞ୍ଚାୟତ ସାରବନିଲସ୍ଥିତ ବଳଦେବଜୀଉ ମନ୍ଦିର, ଚଟୁଆର ବେଡିମଠ ମନ୍ଦିର, ଏରସମା ଜଗନ୍ନାଥ ମନ୍ଦିର ଓ ପାରାଦୀପ ଜଗନ୍ନାଥ ମନ୍ଦିରର ବିକାଶ ନେଇ ଦାବି ଉଠିଛି। ରଘୁନାଥପୁର ବ୍ଲକ ଛପଡ଼ା ନିକଟସ୍ଥ ବାବା ଗୋରେଖନାଥ ପୀଠ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପରିଚାଳିତ। ଏହି ପୀଠରୁ ଭୋଗ ଓ ଦୀପ ଦୋକାନରୁ ବାର୍ଷିକ ୨ କୋଟି ଆୟ ଓ ୫୦ ଲକ୍ଷ ଟଙ୍କା ବ୍ୟୟ ହେଉଥିବା ଦର୍ଶାଯାଉଛି। ପ୍ରତ୍ୟହ ପୀଠକୁ ରାଜ୍ୟ ତଥା ବାହାରୁ ଶହସ୍ରାଧିକ ଲୋକଙ୍କ ଆଗମନ ହେଉଛି। କିନ୍ତୁ ଦୁଃଖର କଥା ହେଲା ସେଠାରେ ରହିବା ପାଇଁ ବଙ୍ଗଳାଟିଏ ନାହିଁ। ତୀର୍ଥଯାତ୍ରୀଙ୍କ ପାଇଁ ବିଶ୍ରାମ କକ୍ଷଟିଏ ମଧ୍ୟ ନାହିଁ। ଏହାବାଦ୍ ଚପଲ ଷ୍ଟାଣ୍ଡ, କଲ୍ୟାଣ ମଣ୍ଡପ, ଓଟିଡିସି କମ୍ପ୍ଲେକ୍ସ ଆଦିର ଆବଶ୍ୟକତା ଥିଲେ ସୁଦ୍ଧା ତାହା କରାଯାଇନାହିଁ। ଏସବୁ ପୂରଣ ପାଇଁ ଆବଶ୍ୟକ ଅନୁଦାନ ଯୋଗାଯିବାକୁ ଜିଲା ପ୍ରଶାସନ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିବା ଜଣାଯାଇଛି। ଉପରୋକ୍ତ ଧାର୍ମିକ ଅନୁଷ୍ଠାନଗୁଡିକର ବିକାଶ କରାଗଲେ ଜିଲାକୁ ପର୍ଯ୍ୟଟକଙ୍କ ଆଗମନ ବଢିବ ଏବଂ ଲୋକଙ୍କ ଭିତରେ ଆଧ୍ୟାତ୍ମିକ ଚେତନା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

**ଶାରଳା ମନ୍ଦିରର ବିକାଶ ପାଇଁ ମିଳିଲା ୧ କୋଟି**

# ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଭାଜପା

**ମହାନଦୀ ମୁହାଣ ଖନନ ପ୍ରସଙ୍ଗ**

ପାରାଦୀପ,୨।୩(ସ୍ୱ.ପ୍ର.)

ପାରାଦୀପ ମାଛଧରା ବନ୍ଦରର ଦୁଃଖ ବୋଲି କୁହାଯାଉଥିବା ମହାନଦୀ ମୁହାଣ ଖନନ କାମ ଗତ ମାସରେ ଶେଷ ହୋଇଛି। ୫୦ ହଜାର ମତ୍ସ୍ୟଜୀବୀଙ୍କ ଏହି ମୁଖ୍ୟ ସମସ୍ୟାକୁ ସମାଧାନ କରିବାରେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ବିଶେଷ ଅବଦାନ ରହିଛି। ସେମାନେ ହେଲେ ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖଲାଲ ମାଣ୍ଡଭିୟେ ଓ ତୈଳମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେମାନଙ୍କ ହସ୍ତକ୍ଷେପ ଯୋଗୁ ଏହି କାର୍ଯ୍ୟ ସୂଚାରୁ ରୂପେ ସମାପନ କରାଯାଇଛି। ଏଥିପାଇଁ ପାରାଦୀପ ଭାଜପା ପକ୍ଷରୁ ଦୁଇମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଭାଜପା ଯୁବନେତା ସମ୍ପଦ ସ୍ୱାଇଁ ମନ୍ତ୍ରୀ ମାଣ୍ଡଭିୟେଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ସ୍ୱାଇଁଙ୍କ ସୂଚନା ଅନୁସାରେ ଏହି ପ୍ରସଙ୍ଗକୁ ନେଇ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ପକ୍ଷରୁ ଅବଗତ କରାଯାଇଥିଲା। ଗତବର୍ଷ ମାଣ୍ଡଭିୟେଙ୍କ ପାରାଦୀପ ଗସ୍ତବେଳେ ଭାଜପା ପକ୍ଷରୁ ସମାନ ପ୍ରସଙ୍ଗକୁ ନେଇ ଅନୁରୋଧ କରାଯାଇଥିଲା। ଯାହାକୁ ମନ୍ତ୍ରୀ ଗ୍ରହଣ କରିବା ସହ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ମୁହାଣ ଖନନ କରିବାକୁ କହିଥିଲେ। ମୁହାଣ ଖନନ ହେବା ପରେ ଆଉ କୌଣସି ମାଛଧରା ଟ୍ରଲର କିମ୍ବା ଡଙ୍ଗା ଆଉ ୪୦ କି.ମି. ଅଧିକ ବରୁଣେଇ ମୁହାଣ ବାଟେ ଯାତାୟାତ କରିବେ ନାହିଁ। ସମ୍ପୃକ୍ତ ମୁହାଣ ଅଞ୍ଚଳକୁ ପାରାଦୀପ ବନ୍ଦର ଅର୍ଥରେ ଡିସିଆଇ (ଡ୍ରେଜିଂ କର୍ପୋରେଶନ ଅଫ୍ ଇଣ୍ଡିଆ) ଚଳିତବର୍ଷ ଖନନ କରି ୪ ମିଟର ଗଭୀର କରିଛି।


କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛନ୍ତି ଭାଜପା ନେତା ସମ୍ପଦ ସ୍ୱାଇଁ।

# ତମାଖୁ ସେବନର ଭୟାବହତାକୁ ନେଇ ସଚେତନତା

ରଘୁନାଥପୁର, ୨।୩ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତମାଖୁ ସେବନର ଭୟାବହତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ସରୋଜ ପଣ୍ଡାଙ୍କ ପୌରୋହିତ୍ୟରେ ରଘୁନାଥପୁର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରାନୁ ମହାପାତ୍ର, ରେଢୁଆ ସ୍ୱାସ୍ଥ୍ୟକେନ୍ଦ୍ର ନିରୀକ୍ଷକ ବସନ୍ତ ବିଶ୍ୱାଳ, ଦୀପକ ସାହୁ, ପ୍ରାଧାପିକା ଡ. ବିରସ ନାୟକ, ଶାଶ୍ୱତୀ ନନ୍ଦ, ସ୍ୱାଗତିକା ଦାସ, ସ୍ମିତାରାଣୀ ପ୍ରଧାନ ଓ ଅଧ୍ୟାପକ ପ୍ରତାପ ଲେଙ୍କା ଯୋଗଦେଇ ତମାଖୁ ସେବନ ଦ୍ୱାରା ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡେ ସେ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଛାତ୍ରୀଛାତ୍ର, ଅଧାପିକାଅଧାପକ ତମାଖୁ ସେବନ ନ କରିବାକୁ ସଂକଳ୍ପ କରିଥିଲେ।


ତମାଖୁ ସେବନ ନ କରିବାକୁ ସଂକଳ୍ପ କରାଯାଉଛି।

କୁଆଖିଆ ବଜାରରେ ସଫଳତାର ସହ ବିଶୁଦ୍ଧ ଅଳଙ୍କାରକୁ ନେଇ ସଗୌରବେ ଆଗେଇ ଚାଲିଛି।
Parbati
ମେସର୍ସ ପାର୍ବତୀ ଜୁଏଲର୍ସ (ବଙ୍ଗାଳି ଦାଦା)
On purchase of 10gms GOLD Jewellery 10 gms Silver Coin Free & Get a Prize Coupon on Every Rs. 5000/- purchase of Jewellery.
UPTO 50% on MC of Silver | UPTO 20% on MRP of Diamond | Branded Watches UPTO 20% Off
916 BIS Hallmark
ମଧୁବନ ରୋଡ୍, କୁଆଖିଆ, ଯାଜପୁର
ମୋ: ୯୯୩୭୯୦୯୧୪୮ (ମୁନା), ୯୬୫୮୮୩୩୦୬୨ (ଆଦିତ୍ୟ)
1st Prize: ALTO | 2nd Prize: ₹1 LAKH CASH | 3rd Prize: Hero Glamour | 4th Prize: Hero Pleasure | 5th Prize: Hero Duet
Gold | Diamond | Silver | Branded Watches | Gems Stone
*Terms & Conditions Apply



# ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ୧୦ ଛାତ୍ରୀଛାତ୍ର କୃତକାର୍ଯ୍ୟ

ପାରାଦୀପ,୨।୩(ସ୍ୱ.ପ୍ର.): ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ଚଳିତବର୍ଷ ପାରାଦୀପରୁ ୧୦ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପାରାଦୀପ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀ ରାଜଲକ୍ଷ୍ମୀ ସାହୁ ଏଠାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଏକଥା ଜଣାପଡ଼ିବା ପରେ ଛାତ୍ରୀଙ୍କ ମା'ବାପା ମାମି ସାହୁ ଓ ଦୀପ୍ତି କୁମାର ସାହୁଙ୍କ ସମେତ ସାଥୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟ ଛାତ୍ରୀଛାତ୍ର ହେଲେ ଭବାନୀ ଶଙ୍କର ବଳ, ଅଂଶୁମାନ ସାମନ୍ତରାୟ, ସାର୍ଥକ ସମପ୍ରିତ, ଅଙ୍କିତା ପ୍ରିୟଦର୍ଶିନୀ, ସିପ୍ରା ସାଗରିକା ସ୍ୱାଇଁ, ଇପ୍‌ସିତା ମହାନ୍ତି, ସତ୍ୟବ୍ରତ ବେହେରା, ମନସ୍ୱିନୀ ସାମଲ, ସାଇସ୍ମିତା ସାମଲ। ଏହି ଛାତ୍ରୀଛାତ୍ର ୨୦୦ ଓ ୩୦୦ ଟଙ୍କା ଲେଖାଏଁ ପ୍ରତିମାସରେ ପାଇବେ।

CENTRAL INSTITUTE OF PLASTICS ENGINEERING & TECHNOLOGY (CIPET)
CENTRE FOR SKILLING AND TECHNICAL SUPPORT (CSTS) - BHUBANESWAR
(Ministry of Chemicals & Fertilizers, Govt. of India)
S-3/79, Sector - A, Zone - B, Mancheswar Industrial Estate, Bhubaneswar - 10
Phone No.: +91-0674-2588203/2587874, FAX : 0674-2588087
Email: cipetsat@gmail.com / mcti@cipet.gov.in / Website: www.cipet.gov.in
NOTICE INVITING E-TENDER (Online) No.: CIPET:CSTS/BBSR/PPEC/LAB TABLE/2019-20/07
INVITATION OF BIDS
CIPET:CSTS,Bhubaneswar invites technical & commercial bids separately item-wise from the reputed suppliers / manufacturers for the supply & installation of Laboratory Furniture at CIPET:PPEC, Paradeep. Interested and eligible bidders are requested to apply through **e-tender** (online) website **www.tenderwizard.com/CIPET**, also visit CIPET website for complete details on technical specification and commercial terms. CIPET reserves the right to accept or reject any or all tenders either in part or in full without assigning any reasons thereof.
Last date for the online submission of the bid : 23.03.2020, 05.00 p.m.
Opening of Technical bids : 24.03.2020,11.00 a.m.
Opening of Commercial bids : After Evaluation of Technical Bids
For further technical clarification, please contact : 7008867495
Dy. Director & Head

# ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

ରଘୁନାଥପୁର, ୨।୩ (ଡି.ଏନ.ଏ.)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୃଣମୂଳସ୍ତରରୁ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଆହରଣ ନିମନ୍ତେ ଅଞ୍ଚଳର ଶିକ୍ଷାବିତ୍ ତଥା ବୁଦ୍ଧିଜୀବୀଙ୍କ ପକ୍ଷରୁ ରଘୁନାଥପୁର ବ୍ଲକ ରାଢଙ୍ଗ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିକ୍ଷଣୀୟ ସଭାରେ ଶିକ୍ଷାବିତ୍ ତଥା ପରିଚାଳନା କମିଟିର ସଭାପତି ସୁରେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନକୁ ଆପଣାଇ ପାରିଲେ ଭବିଷ୍ୟତରେ ଏହା ତାଙ୍କ ପାଇଁ ଲାଭପ୍ରଦ ହେବ ବୋଲି କହିଥିଲେ। ଅଧ୍ୟାପକ ଭଗବାନ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଛାତ୍ରୀଛାତ୍ରଙ୍କୁ ବିଶେଷ ଜ୍ଞାନର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ନିମାଇଁ ଚରଣ ସ୍ୱାଇଁ, ସାମାଜିକ କର୍ମୀ ସୁରେନ ରାଉତ ଓ କୈଳାସ ଚନ୍ଦ୍ର ମଲ୍ଲିକ, ସୁରକ୍ଷା ଅନୁଷ୍ଠାନର କର୍ମକର୍ତ୍ତା ମିନତି ସ୍ୱାଇଁ ଓ ବୁଲବୁଲ ସ୍ୱାଇଁ ଏ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ବିଜ୍ଞାନ ପ୍ରତି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖି ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ପ୍ରବନ୍ଧ ଲିଖନ ଓ ବିଜ୍ଞାନଭିତ୍ତିକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶତାବ୍ଦୀ କୁମାରୀ ବିଶ୍ୱାଳ ଅତିଥି ପରିଚୟ ଓ କ୍ରୀଡା ଶିକ୍ଷକ ଶୁକଦେବ ଜେନା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଅମ୍ବିକାବାଳା ଦେଇ, ସୁଶାନ୍ତି ରାଉତ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଓଡ଼ିଶା ସରକାର
PRESERVE HEARING
DSPL-291
ଓଡ଼ିଶା ଶାସନ

ବିଶ୍ୱ ଶ୍ରୁତି ଦିବସ
୩ ମାର୍ଚ୍ଚ ୨୦୨୦

ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରୁତି ଦିବସ ଭାବେ ପାଳନ କରାଯାଉଅଛି। ଶୃତି ବାଧିତ (କାଲ) ମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ। ବିଶେଷକରି ଶୈଶବ ସମୟରେ ଦେଖାଯାଉଥିବା ଶ୍ରୁତି ବଧିରତାକୁ ଅଧିକାଂଶ କ୍ଷେତ୍ରରେ ପ୍ରତିରୋଧ କରାଯାଇ ପାରିବ।

ଶ୍ରୁତି ବଧିରତା ପ୍ରତିରୋଧର ଉପାୟ
- କାନ ଭିତରକୁ କୌଣସି ପଦାର୍ଥ (ଏପରିକି କାଠି, ପେନ୍‌ସିଲ, କଣ୍ଟା, ତେଲ ଆଦି) ପୂରାନ୍ତୁ ନାହିଁ।
- ମଇଳା ପାଣି ଓ ଅପରିଷ୍କାର ପରିବେଶରୁ ଦୂରେଇ ରୁହନ୍ତୁ।
- କାନ ଉପରେ ଆଘାତ ଦିଅନ୍ତୁ ନାହିଁ।
- କାନ ଦରଜ ବା ଯନ୍ତ୍ରଣା ହେଲେ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ କିମ୍ବା ଚେରମୂଳି ଆଦି ଲଗାନ୍ତୁ ନାହିଁ।
- ଅଧିକ ସମୟ ଧରି ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ଏବଂ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଗୀତ ବାଦ୍ୟ ଠାରୁ ଦୂରେଇ ରୁହନ୍ତୁ।
- ଡାକ୍ତରଙ୍କ ବିନା ପରାମର୍ଶରେ କାନ ଭିତରେ କୌଣସି ତୈଳ ଜାତୀୟ ପଦାର୍ଥ ପକାନ୍ତୁ ନାହିଁ।
- କାନ ଦରଜ କିମ୍ବା ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କାନ ପରୀକ୍ଷା କରାଇ ନିଅନ୍ତୁ।

ଉପଯୁକ୍ତ ସଚେତନତା ଓ ପ୍ରତିଷେଧକ ଉପାୟ ଆପଣେଇବା ଦ୍ୱାରା ଶ୍ରୁତି ବଧିରତାକୁ ପ୍ରତିରୋଧ କରାଯାଇପାରିବ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0085/1920

SBC
ସମ୍ବଲପୁରୀ ବସ୍ତ୍ରାଳୟ
ଦୋଳ ଓ ହୋଲି ବିଶେଷ ସରକାରୀ ରିହାତି
୧୦% + ୨୦%
ତା.୦୩।୦୩।୨୦୨୦ରୁ ତା.୦୯।୦୩।୨୦୨୦ ପର୍ଯ୍ୟନ୍ତ
-: ନୂତନ ବସ୍ତ୍ରର ସମ୍ଭାର :-
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ,
ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ୍ ସେଟ୍ ।
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

पंजाब नैशनल बैंक ...भरोसे का प्रतीक!
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ!
ମଣ୍ଡଳ କାର୍ଯ୍ୟାଳୟ: ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ,
ଭୁବନେଶ୍ୱର-୭୫୧୦୦୯, ଫୋନ୍ ନଂ.-୦୬୭୪-୨୫୩୪୩୪୯, ୨୫୩୪୫୦୬

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ବକେୟା ଦେୟ ପୈଠ କାରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି। **ଏତଦ୍ୱାରା ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ।

| କ୍ର. ନଂ. | ଛଇତାନଶାଖା, ଛଇତାନ<br>ଆକାଉଣ୍ଟ ନଂ./ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୨୯୬୯୦୦୮୭୦୦୦୦୦୬୭୨ / ଋଣଗ୍ରହୀତା: ମେସର୍ସ କଳା ଶ୍ରୀମୁଖ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ସାହୁ, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ / ଜାମିନ୍‌ଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ, ୨) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୩) ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ୪) ଶ୍ରୀ ସୁରେଶ ଚନ୍ଦ୍ର ସାହୁ, ସମସ୍ତଙ୍କ ପିତା: ୰ ମହେଶ୍ୱର ସାହୁ, ୫) ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁ, ସମସ୍ତଙ୍କ ଠିକଣା- ସା: କୁଣେଇ(ରଣପଡ଼ା), ପୋ/ଥାନା: କୋଣାର୍କ, ଜିଲ୍ଲା: ପୁରୀ | ୧୦.୦୯.୨୦୧୯ / ୨୭.୦୨.୨୦୨୦ | ୦୧.୦୪.୨୦୧୯ ସୁଦ୍ଧା ଟ.୮୨,୬୯,୨୭୯.୦୬ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଜମି ଓ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାର (କ) ମୌଜା: କୁଣେଇ (ରଣପଡ଼ା), ଥାନା: ଗୋପ, ଜିଲ୍ଲା: ପୁରୀ, (i) ହାଲ ଖାତା ନଂ.: ୩୮୩, ପ୍ଲଟ ନଂ.: ୧୪୨୮, କ୍ଷେତ୍ର: ଏକର ୦.୩୯ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ii) ହାଲ ଖାତା ନଂ.: ଡି୧-୧୪, ପ୍ଲଟ ନଂ.: ୧୪୨୮/୨୦୩୯, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ରମେଶ ଚନ୍ଦ୍ର ସାହୁ, ପିତା: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (iii) ଖାତା ନଂ.: ଡି୧-୨, ପ୍ଲଟ ନଂ.: ୧୪୨୮/୨୦୧୨, ଅନୁରୂପ ଖାତା ନଂ.: ୨, ପ୍ଲଟ ନଂ.: ୧୪୨୮/୨୦୧୨, କ୍ଷେତ୍ର: ଏକର ୦.୨୦ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ଖ) ମୌଜା: କୋଣାର୍କ, ଥାନା/ତହସିଲ୍: ଗୋପ, ଜିଲ୍ଲା: ପୁରୀ, ସାବକ୍ ଖାତା ନଂ.: ୨୧୩, ପ୍ଲଟ ନଂ.: ୧୦୮୨, କ୍ଷେତ୍ର: ଏକର ୦.୪୦ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ହାଲ୍ ଖାତା ନଂ.: ୨୧୩/୧୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ଚୂଡ଼ାନ୍ତ ହୋଇ ନଥିବା ଖାତା ନଂ.: ୬୪୩/୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, କିସମ: ଶାରଦ ୨ (ଘରବାଡ଼ି ଭାବେ ବ୍ୟବହୃତ), ସମ୍ପତ୍ତି ୰ ମହେଶ୍ୱର ସାହୁ, ପିତା: ୰ ବାଇଧର ସାହୁଙ୍କ ନାମରେ ଅଛି, ଚୌହଦୀ-ପୂର୍ବ: କରମଙ୍ଗା ରାସ୍ତା, ପଶ୍ଚିମ: କୈଳାସ ଚନ୍ଦ୍ର ନାୟକ, ଉତ୍ତର: ବୁଲା ବେହେରା (ବିକ୍ରେତା)। |

ତାରିଖ: ୦୨.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



## ଜିଲ୍ଲା ଚିଠି
### ନବରଙ୍ଗପୁର

# ନାବାଳିକାଙ୍କ ବିବାହ

ନବରଙ୍ଗପୁର ଜିଲାରେ ନାବାଳିକାଙ୍କ ବିବାହ ବଢ଼ିବାରେ ଲାଗିଛି। ଗତ ସପ୍ତାହକ ମଧ୍ୟରେ ପ୍ରଶାସନ ପକ୍ଷରୁ ଲଗାତାର ୩ ଦିନରେ ତିନୋଟି ନାବାଳିକା ବିବାହ ରୋକାଯାଇଛି। ପରିବାରର ଚାପରେ ହେଉ କିମ୍ବା ସହମତିରେ ନାବାଳିକାମାନେ ବିବାହ କରୁଛନ୍ତି। ଅନ୍ୟପକ୍ଷେ ପାଠ ପଢ଼ିବା ପାଇଁ ଆଗ୍ରହ ଥିବା ନାବାଳିକା ମଧ୍ୟ ଚାପରେ ବିବାହ କରିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ପାଠ ପଢ଼ାରେ ଡୋରି ବନ୍ଧା ହେଉଛି। ଜଣେ ନାବାଳିକା ବିବାହ କରିବା ଦ୍ୱାରା ଭବିଷ୍ୟତରେ ତା'ର ସ୍ୱାସ୍ଥ୍ୟ ସମସ୍ୟା ବଢ଼ୁଛି। କଅଁଳ ବୟସରେ ପରିବାର ବୋଝ ସେହି ନାବାଳିକାଙ୍କ ମାନସିକ ଚାପ ବଢ଼ାଉଛି। ହେଲେ ଏ ଦିଗରେ ସଚେତନତାର ଅଭାବ ରହୁଛି। ଯେଉଁ ପରିବାର ସଦସ୍ୟମାନେ ନାବାଳିକା ତଥା ବାଲ୍ୟବିବାହ ବେଆଇନ ବୋଲି ଜାଣିପାରୁ ନାହାନ୍ତି ସେଠାରେ ଗାଁର ଭଦ୍ର ବ୍ୟକ୍ତି, ଶିକ୍ଷିତ ଲୋକ ସେମାନଙ୍କୁ ସଚେତନ କରାଇବା ଆବଶ୍ୟକ ରହିଛି। ଅନ୍ୟପକ୍ଷେ ଯେଉଁ ପରିବାରରେ ଏପରି ବାଲ୍ୟବିବାହ ହେଉଛି ସେମାନଙ୍କ ସମ୍ପର୍କୀୟ ଏଥିପାଇଁ ଆଇନ କ'ଣ ରହିଛି ବୁଝାଇ ପାରୁନାହାନ୍ତି। କେତେକ କ୍ଷେତ୍ରରେ ନାବାଳିକାଙ୍କ ବିବାହରେ ଶିକ୍ଷିତ ବ୍ୟକ୍ତି ଯୋଗଦେଇ ଭୋଜି ଆୟୋଜନରେ ସାମିଲ ହେଉଛନ୍ତି। ଏଥିରୁ ଜଣାପଡୁଛି ଶିକ୍ଷିତ ହୋଇ ମଧ୍ୟ ଜଣେ ଜାଣିଶୁଣି ଏ ସମ୍ପର୍କରେ ଅଜଣା ରହୁଛନ୍ତି। କୌଣସି ସୂତ୍ରରୁ ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ଚାଇଲ୍ଡଲାଇନ ଓ ପୋଲିସ ଖବର ପାଇଲେ ନାବାଳିକା ବିବାହକୁ ରୋକାଯାଇପାରୁଛି। ଇତିମଧ୍ୟରେ ଜିଲାରେ ଏକାଧିକ ନାବାଳିକାଙ୍କ ବିବାହ ହୋଇସାରିଥିବା ନଜିର ରହିଛି। ନାବାଳିକା ଗର୍ଭଧାରଣ ପରେ ପ୍ରସବ ଓ ପ୍ରସୂତି ସମୟରେ ନାନା ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଛନ୍ତି। ରକ୍ତହୀନତା ସହିତ ମାଆ ଓ ଶିଶୁଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠୁଛି। ମାତୃ ଓ ଶିଶୁ ମୃତ୍ୟୁର ଆଶଙ୍କା ରହୁଛି। ନାବାଳିକାଙ୍କୁ ୧୮ ବର୍ଷ ହୋଇ ନ ଥିବାରୁ ଗର୍ଭ ଧାରଣ ଓ ପ୍ରସବ ପରେ ମଧ୍ୟ ସରକାରଙ୍କ ମମତା ଯୋଜନାରୁ ସହାୟତା ପାଇବାରେ ବଞ୍ଚିତ ହେଉଛନ୍ତି। ପ୍ରତି ଗାଁରେ ଶିକ୍ଷକ, ଅଙ୍ଗନୱାଡି ଓ ଆଶା କର୍ମୀ, ଲୋକ ପ୍ରତିନିଧି, ପଞ୍ଚାୟତସ୍ତରୀୟ ଅଧିକାରୀ ପ୍ରମୁଖ ରହୁଛନ୍ତି। ନାବାଳିକା ତଥା ବାଲ୍ୟବିବାହ ରୋକିବା ଓ ଏଥିପ୍ରତି କ'ଣ ଆଇନ ରହିଛି ତାହା ସଚେତନତା କରାଇବା ଆବଶ୍ୟକ ରହିଛି। କେବଳ ଯେ ପ୍ରଶାସନ ସଚେତନ କରାଇବ ଓ ଲୋକେ ବୁଝିବେ ତାହା ନୁହେଁ, ଏଠି ସମସ୍ତଙ୍କ ଦାୟିତ୍ୱ ରହିଛି। ଜଣେ ନାବାଳିକା କିଭଳି ଭଲ ପାଠ ପଢ଼ି ଉଚ୍ଚଶିକ୍ଷିତ ହେବ। ୧୮ ବର୍ଷରୁ ଊର୍ଦ୍ଧ୍ୱ ହେବା ପରେ ସିଏ ବିବାହ କରି ନିଜ ପରିବାର ସହ ସୁଖରେ ଜୀବନଯାପନ କରିବ ସେଥିପ୍ରତି ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

– ସଦାଶିବ ପ୍ରହରାଜ

# ନିୟମ କୋହଳ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ରାଜ୍ୟ ସରକାର ପୁନର୍ବାର ଟ୍ରାଫିକ ଧରପଗଡ଼ କଡାକଡି କରିଛନ୍ତି। ଦୁଇଥର ୩ ମାସ ଲେଖା ମହଲତ ଦେବା ପରେ ସରକାର ମାର୍ଚ୍ଚ ୧ ତାରିଖରୁ ପୁଣି କଠୋର ହୋଇଛନ୍ତି। ଟ୍ରାଫିକ ଧରପଗଡ଼ ଜୋରଦାର ହୋଇଥିବା ବେଳେ ଧରାପଡୁଥିବା ନିୟମ ଉଲ୍ଲଂଘନକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଟ୍ରାଫିକ ଧରପଗଡ କୋହଳ କରିବାକୁ କଂଗ୍ରେସ ଦାବି କରିଛି। ଯଥାଶୀଘ୍ର ସରକାର ନିଷ୍ପତ୍ତିର ପୁନର୍ବିଚାର କରିବା ସହ ଅନ୍ୟ ରାଜ୍ୟ ଭଳି ଜରିମାନା କମାଇବାକୁ ଦାବି କରାଯାଇଛି। ନଚେତ୍ ଆନ୍ଦୋଳନକୁ ଓହ୍ଲାଇବାକୁ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଚେତାବନୀ ଦେଇଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରେଶ କହିଛନ୍ତି ଯେ, ଟ୍ରାଫିକ ନିୟମ ଉଲ୍ଲଘଂନ ନାମରେ ସାଧାରଣ ଜନତାଙ୍କୁ ଅତ୍ୟାଚାର କରାଯାଉଛି। ପୋଲିସ ଓ ଆର.ଟି.ଓ. ଗାଡି ଚାଳକଙ୍କୁ ଯେଭଳି ବ୍ୟବହାର କରୁଛନ୍ତି ତାହା ହିଟ୍‌ଲରି ଶାସନ ଓ ଇଦ୍ ଅମିନ୍ ଶାସନକୁ ବଳି ଯାଇଛି। ଗାଡି ଚାଳକଙ୍କ ଉପରେ ଯେଉଁ ଜରିମାନା ଲାଗୁ କରାଯାଉଛି, ତାହା ଗାଡିର କ୍ରୟ ମୂଲ୍ୟ ଠାରୁ ଅଧିକ। ରୋଗୀ, ଛାତ୍ର, ପରୀକ୍ଷାର୍ଥୀ ଏବଂ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯାଉଥିବା ଗାଡିକୁ ଅଟକାଇ ଗାଳିଗୁଲଜ କରିବା ସହ ଥାନାକୁ ଜବରଦସ୍ତ ନିଆଯାଉଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସ୍ପୃହଣୀୟ ନୁହେଁ। ଲୋକମାନେ ଭୋଟ ଦେଇ ବିଜେଡି ଓ ଭାଜପାକୁ ସରକାରରେ ବସାଇଛନ୍ତି। ମାତ୍ର ସରକାରକୁ ଆସିବା ପରେ ଲୋକମାନଙ୍କ ପ୍ରତି ଉଭୟ ଦଳ ଯେଭଳି ଅମାନୁଷିକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି, ତାହା ଜନସାଧାରଣଙ୍କୁ ଅତିଷ୍ଠ କଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଯଦି ନିୟମ ପରିବର୍ତ୍ତନ ନ କରନ୍ତି ଏବଂ ପୋଲିସ ଓ ଆର.ଟି.ଓ. ତାଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ସଂଶୋଧନ ନ କରନ୍ତି, ତେବେ ଆର.ଟି.ଓ., କମିଶନର ଅଫିସ ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସୁରେଶ ଚେତାବନୀ ଦେଇଛନ୍ତି। ସୁରଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ, ସରକାରୀ କର୍ମଚାରୀଙ୍କ ଖରାପ ବ୍ୟବହାରକୁ ସମର୍ଥନ କରାଯିବନି। ଭଦ୍ର ବ୍ୟବହାର ଲୋକଙ୍କୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଧନ ଜୀବନ ରକ୍ଷା କରିବା ସରକାରଙ୍କ ଦାୟିତ୍ୱ। ସଂଶୋଧିତ ମୋଟର ଯାନ ଆଇନ ଲାଗୁ ହେବା ପରେ ରାଜ୍ୟରେ ୫୦ପ୍ରତିଶତ ଦୁର୍ଘଟଣା ହ୍ରାସ ପାଇଛି। ସମସ୍ତେ ନିୟମକୁ ପାଳନ କରିବା ଦରକାର ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଁ ଅମଲା**
**ମୋତେ ଯେତେ ମାରିବୁ ମାର**
**ମୁଁ ଜମା ନ ମଲେ ହେଲା ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କ ଡର କି ଭୟ ରହି ନ ଥାଏ। କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ । ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାର୍ଗଶିର**
**ଶୀତ ହୁଏ ଶିରଶିର ।**

ବରଷକ ବାର ମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ। ଋତୁ ଅନୁସାରେ ପାଗରେ ପରିବର୍ତ୍ତନ ଘଟିଥାଏ। ମାର୍ଗଶିର ମାସରେ ଶୀତର ସାମାନ୍ୟ ପ୍ରକୋପ ଦେହରେ ଅନୁଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ

# ତତ୍କାଳୀନ ମହାକାଳପଡ଼ା ଆଇଆଇସିଙ୍କୁ ମିଳିଲା ଜାମିନ

## ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ ମାମଲା

କଟକ ଅଫିସ, ୨।୩

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଥାନା ହାଜତରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣାରେ ତତ୍କାଳୀନ ଆଇଆଇସି ଶ୍ୟାମଘନ ବେହେରାଙ୍କୁ ସୋମବାର ହାଇକୋର୍ଟରୁ ଜାମିନ ମିଳିଛି। ତେବେ ନିମ୍ନ ଅଦାଲତ ସର୍ତ୍ତ ଧାର୍ଯ୍ୟ କରିବେ ବୋଲି ହାଇକୋର୍ଟ ନିଜ ରାୟରେ ଜଣାଇଛନ୍ତି। ମାମଲାର ଶୁଣାଣି ବେଳେ ପ୍ରତ୍ୟେକ ଥର ସେ ନିମ୍ନ ଅଦାଲତରେ ହାଜର ହେବେ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ବିଚାରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ ଏହି ମାମଲାର ଶୁଣାଣି କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ମୋବାଇଲ ଚୋରି ଅଭିଯୋଗରେ ମହାକାଳପଡା ଥାନା ଅଧୀନ ବାଲଣା ଗ୍ରାମର ଅବିନାଶ ପାଇଟାଳ ଓରଫ୍ ମୂଷା ନାମକ ଯୁବକଙ୍କୁ ୨୦୧୮ ଅଗଷ୍ଟ ୨୫ ତାରିଖରେ ତତ୍କାଳୀନ ଆଇଆଇସି ଶ୍ୟାମଘନ ଗିରଫ କରିଥିଲେ। ଏହାର ପରଦିନ ଥାନା ନିକଟ ଏକ ନିର୍ମାଣାଧୀନ ଘରୁ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ମିଳିଥିଲା। ପୋଲିସ ତାଙ୍କୁ ପିଟିପିଟି ମାରିଦେବା ପରେ ରଶିରେ ଝୁଲାଇ ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ।

# ଦାୟିତ୍ୱ ନେଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭାବେ ସଞ୍ଜୟ ଦାସବର୍ମା ସୋମବାର ଲୋକ ସେବା ଭବନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ଅନୁମୋଦନକ୍ରମେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ସଞ୍ଜୟଙ୍କ ନିଯୁକ୍ତି ସମ୍ପର୍କରେ ଏକ ବିଜ୍ଞପ୍ତି ରବିବାର ପ୍ରକାଶ ପାଇଥିଲା। ଏହି ପଦବୀ ସହ ସଞ୍ଜୟଙ୍କୁ କ୍ୟାବିନେଟ ପାହ୍ୟା ମଧ୍ୟ ମିଳିଛି। ସୋମବାର ପୂର୍ବାହ୍ନରେ ସଞ୍ଜୟ ଦାୟିତ୍ୱ ନେବା ପରେ ଅପରାହ୍ନରେ ସିଏମ୍‌ଓ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

ଏହି ସମୟରେ ଯୋଜନା ବୋର୍ଡର ରୂପରେଖ ପରିବର୍ତ୍ତନ ଏବଂ ଜନସାଧାରଣଙ୍କ ସେବାରେ ଏହାକୁ ସକ୍ରିୟଭାବରେ ଭାଗୀଦାରି କରିବା ନେଇ ଆଲୋଚନା ହୋଇଥିଲା। ଦାୟିତ୍ୱ ନେବା ସମୟରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାପରେ ଗଣମାଧ୍ୟମକୁ ମତାମତ ଦେଇ ଯୋଜନା ବୋର୍ଡକୁ ଅଧିକ ଫଳପ୍ରଦ କରାଯିବା ସହ ଜିଲା ଯୋଜନାକୁ ବୋର୍ଡ ମାଧ୍ୟମରେ ଅଧିକ ଗତିଶୀଳ କରାଯିବ। କେରଳ ଓ ତେଲେଙ୍ଗାନା ଭଳି ରାଜ୍ୟ ଯୋଜନା ବୋର୍ଡ ନୂଆ ରୂପ ପାଇବ ବୋଲି ସଞ୍ଜୟ କହିଛନ୍ତି। ଅପରପକ୍ଷରେ ବିରୋଧୀ କଂଗ୍ରେସ ଓ ଭାଜପା ଯୋଜନା ବୋର୍ଡ ଉପାଧ୍ୟକ୍ଷ ନିଯୁକ୍ତିକୁ ଶାସକ ଦଳର ଥଇଥାନ କେନ୍ଦ୍ର ବୋଲି ଅଭିହିତ କରିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ଯୋଜନା ବୋର୍ଡ ଅଫିସକୁ କୌଣସି ଫାଇଲ ଆସେ ନାହିଁ। ବର୍ଷ ବର୍ଷ ଧରି ଏହାର ବୈଠକ ବସି ନ ଥାଏ। ଉପାଧ୍ୟକ୍ଷଙ୍କୁ ସଚିବାଳୟରେ କେବଳ ଗୋଟିଏ ଚାମ୍ବର ମିଳିଥାଏ ବୋଲି ସାଲୁଜା କହିଛନ୍ତି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଯୋଜନା ବୋର୍ଡ ଏକ ଥଇଥାନ ବୋର୍ଡ। ଅପରପକ୍ଷରେ ଏପରି ଅଭିଯୋଗକୁ ବିଭାଗୀୟ ମନ୍ତ୍ରୀ ଖଣ୍ଡନ କରିଛନ୍ତି। ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ କହିଛନ୍ତି ଯେ, କେନ୍ଦ୍ରରେ ଥିବା ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ କରାଯିବ। ବିରୋଧୀଙ୍କ ଅଭିଯୋଗର କୌଣସି ଆଧାର ନାହିଁ। ଏହାକୁ ଅଧିକ ଲୋକାଭିମୁଖୀ କରିବା ସମ୍ପର୍କିତ ନୀତିଗତ ନିଷ୍ପତ୍ତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେହେରା କହିଛନ୍ତି।



ଲୋକ ସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଅଧିକାଂଶ ନାରୀ ନିର୍ଯାତନା ପ୍ରସଙ୍ଗରେ ବିଜେଡି ନେତା ସାମିଲ: ଭାଜପା

ଭୁବନେଶ୍ୱର, ୨।୩(ବ୍ୟୁରୋ)

ରାଜ୍ୟରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ପ୍ରତିଦିନ ମହିଳାଙ୍କ ସହ ବଳାତ୍କାର, ଅସଦାଚରଣ ବୃଦ୍ଧି ପାଇବାରେ ଲାଗିଛି। ବିଶେଷଭାବେ ଶାସକ ଦଳ ନେତା ଓ କର୍ମୀମାନେ ବିଭିନ୍ନ ବଳାତ୍କାର ଘଟଣାରେ ସାମିଲ ଥିବା ପ୍ରମାଣ ମିଳୁଛି। ଯାଜପୁର ଜିଲା କୁଆଖିଆ ରସୁଲପୁର ବ୍ଲକ ଅତଲପୁର ପଞ୍ଚାୟତର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଶାସକ ଦଳର ଜଣେ ସରପଞ୍ଚ ଏଭଳି କାଣ୍ଡ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, କ୍ଷମତାର ଅହଙ୍କାର ଓ ଔଦ୍ଧତ୍ୟତା ଶାସକ ଦଳର ପରିଚୟ। ଏହା ସମଗ୍ର ନାରୀ ସମାଜ ପ୍ରତି ଲଜ୍ଜାର ବିଷୟ। ପୀଡିତା ଜଣକ ଘରକୁ ଫେରିବା ପରେ ଘଟଣାକୁ ଥାନାରେ ଆପୋସ ବୁଝାମଣା କରି ରଫାଦଫା କରିବାକୁ ଶାସକ ଦଳ ନେତା ପ୍ରୟାସ ଚଳାଇଛନ୍ତି। ଏଥିଲାଗି ପୀଡିତାର ବାପାଙ୍କୁ ଧମକ ମିଳୁଛି। ଯାଜପୁର ଜିଲାରେ ବାରମ୍ବାର ଏଭଳି ସମ୍ବେଦନଶୀଳ ଘଟଣା ଘଟି ଚାଲିଛି। ଶାସକ ଦଳ ନେତା ଓ କର୍ମୀ ଏଭଳି କର୍ମରୁ ନିଜକୁ ଦୂରେଇ ନ ରଖିଲେ ଆଗାମୀ ଦିନରେ ଭାଜପା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଲେଖାଶ୍ରୀ କହିଛନ୍ତି। ଲେଖାଶ୍ରୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି ଯେ, ଭାଜପା ନେତ୍ରୀ ସବୁବେଳେ ନାରୀଙ୍କୁ ନେଇ ଭୁଲ୍ ତଥ୍ୟ ଏବଂ ସମ୍ବେଦନହୀନ ମନ୍ତବ୍ୟ ରଖୁଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ସେ ଏଭଳି ମନ୍ତବ୍ୟ ରଖି ଆସୁଥିଲେ। ଲୋକମାନେ ଏହାକୁ ବୁଝିପାରି ନିର୍ବାଚନ ଫଳାଫଳରେ ତାହା ଦେଖାଇ ଦେଲେ ବୋଲି ସୁଲତା କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No 9479667248

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାଓ୍ୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565 89012-71684
94506-10896

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କେଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No. 07488344055

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :- 9811014559

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱ୍ୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍‌ ଙ୍କୁ ସାବଧାନ
American Tower B Wing, Mumbai , Maharashtra-400021.
9473860496

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

## ଇଜିପ୍ଟରେ ୩୭ ଜଣଙ୍କୁ ମୃତ୍ୟୁଦଣ୍ଡ

ଆତଙ୍କବାଦୀ ଆକ୍ରମଣ ମାମଲାରେ ଇଜିପ୍ଟର ଏକ ଅଦାଲତ ସୋମବାର ୩୭ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହାଇପ୍ରୋଫାଇଲ ଆତଙ୍କବାଦୀ ଅଛନ୍ତି। ଆଇଏସ୍ ସଂଗଠନ ସହ ସମ୍ପର୍କ ରଖିଥିବା ଏହି ଅପରାଧୀମାନେ ଇଜିପ୍ଟର ସିନାଇ ପେନିନ୍‌ସୁଲାରେ ୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଥିଲେ ବୋଲି କାଇରୋ ଫୌଜଦାରି ଅଦାଲତ କହିଛନ୍ତି।

# ପାର୍ଲାମେଣ୍ଟରେ ଶାସକ- ବିରୋଧୀ ଧସ୍ତାଧସ୍ତି

■ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ବିରୋଧୀ

■ବାଚସ୍ପତିଙ୍କୁ ଫେରାଦ ହେଲେ ୩ ଏମ୍‌ପି

ନୂଆଦିଲ୍ଲୀ,୨।୩

ପାର୍ଲାମେଣ୍ଟର ବଜେଟ ଅଧିବେଶନ ପୁଣି ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଦିଲ୍ଲୀ ହିଂସାକାଣ୍ଡ ମାମଲାକୁ ନେଇ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଲୋକ ସଭାରେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିଥିଲେ। ବାଚସ୍ପତି ଓମ୍ ବିର୍ଲା ଗୃହକାର୍ଯ୍ୟ ଆରମ୍ଭ କରିବା ପରେ କଳା ବ୍ୟାନର ଧରି ସେମାନେ ଟ୍ରେଜେରି ବେଞ୍ଚ୍ ଆଡ଼କୁ ଯାଇଥିଲେ। ପଛ ବେଞ୍ଚରେ ବସିଥିବା ଭାଜପା ସଦସ୍ୟମାନେ କଂଗ୍ରେସର ଏଭଳି ଆଚରଣକୁ ବିରୋଧ କରିଥିଲେ। ଏହା ପରେ ଉଭୟ ଶାସକ ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ପ୍ରଥମେ ହଟ୍ଟଗୋଳ ଓ ପରେ ଠେଲାପେଲା ହୋଇଥିଲା। କିଛି ସମୟ ଗୃହ ରଣାଙ୍ଗନରେ ପରିଣତ ହୋଇଯାଇଥିଲା। କାର୍ଯ୍ୟରେ ବାଧା ଉପୁଜିବାରୁ ବାଚସ୍ପତି ଗୃହକୁ ପ୍ରଥମେ ଅପରାହ୍ନ ୩ଟା ଓ ପରେ ଦିନକ ଲାଗି ସ୍ଥଗିତ ରଖିଥିଲେ। ଏମ୍‌ପିଙ୍କ ଗୃହରେ ଏଭଳି ଆଚରଣ ମୋତେ କଷ୍ଟ ଦେଇଛି ବୋଲି ବିର୍ଲା ପ୍ରକାଶ କରିଛନ୍ତି।

ଲୋକ ସଭାରେ ଭାଜପାର ମୁଖ୍ୟ ସଚେତକ ସଞ୍ଜୟ ଜୟଶ୍ୱାଲ୍ ହଟ୍ଟଗୋଳ ବେଳେ ଗୃହରେ କହୁଥିବା ବେଳେ କଂଗ୍ରେସ ଏମ୍‌ପିମାନେ ଜୋର୍‌ରେ ପାଟିକରି ତାଙ୍କ ମୁହଁ ସାମ୍ନାରେ ପ୍ଲାକାର୍ଡ ଧରି ବାଧା ଦେଇଥିଲେ। ଫଳରେ ଭାଜପା ଏମ୍‌ପିମାନେ ବାହାରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଭାଜପା ଓ କଂଗ୍ରେସ ଏମ୍‌ପିମାନେ ଧକ୍କା ମରାମରି ହେବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। କଂଗ୍ରେସର ଦଳିତ ଏମ୍‌ପି ରାମ୍ୟା ହରିଦାସ ଭାଜପା ଏମ୍‌ପିମାନେ ଗୃହରେ ଅପମାନିତ କରିଥିବା ନେଇ ବାଚସ୍ପତି ବିର୍ଲାଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାଜସ୍ଥାନର ଭାଜପା ଏମ୍‌ପି ଜସ୍‌କୌର ମୀନା ତାଙ୍କୁ ଶାରୀରିକ ଆଘାତ ଦେଇଥିବା ସେ ଅଭିଯୋଗ କରିଛନ୍ତି। ମୀନା ମଧ୍ୟ ଏମ୍‌ପି ହରିଦାସଙ୍କ ବିରୋଧରେ ପାଲ୍‌ଟା ଅଭିଯୋଗ ଆଣିଛନ୍ତି। ଭାଜପାର କେତେକ ମହିଳା ଏମ୍‌ପି ବାଚସ୍ପତିଙ୍କୁ ଭେଟି ଏମ୍‌ପି ମୀନା ଓ ଚିକ୍କମାଗଲୁରୁ ଏମ୍‌ପି ଶୋଭା କରାଣ୍ଡଲାଜେଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି।

ରାଜ୍ୟ ସଭାରେ ମଧ୍ୟ ଦିଲ୍ଲୀ ହିଂସାକାଣ୍ଡକୁ ନେଇ ହଟ୍ଟଗୋଳ ହେବାରୁ ଗୃହକୁ ଦିନକ ଲାଗି ମୁଲତବୀ ଘୋଷଣା କରାଯାଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଏଏପି, ଟିଏମ୍‌ସି, ଏସ୍‌ପି, ବିଏସ୍‌ପି, ଡିଏମ୍‌କେ ଓ ବାମମୋର୍ଚ୍ଚାର ସଦସ୍ୟମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ୍‌ବାଜି କରିଥିଲେ। ସରକାର ଶୋଇରହି ନିଜ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବା ଏମାନେ ଅଭିଯୋଗ କରିଥିଲେ। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ସେମାନଙ୍କୁ ନିଜ ସ୍ଥାନକୁ ଯିବା ଲାଗି ଅନୁରୋଧ କରିଥିବା ବେଳେ କେହି ଶୁଣି ନ ଥିଲେ। ଆଖିରେ କଳା ପଟି ବାନ୍ଧି କେତେକ ବିକ୍ଷୋଭ କରିଥିଲେ। ହଟ୍ଟଗୋଳ ଯୋଗୁ ଶେଷରେ ଗୃହକୁ ମୁଲତବୀ ରଖିବାକୁ ପଡ଼ିଥିଲା।



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବିରେ ପାର୍ଲାମେଣ୍ଟ ପରିସରରେ ରାହୁଲ ଗାନ୍ଧୀ ଓ ଅନ୍ୟ କଂଗ୍ରେସ ଏମ୍‌ପିମାନେ ବିକ୍ଷୋଭ କରୁଛନ୍ତି।

# ୩ କରୋନା ରୋଗୀ ଚିହ୍ନଟ

## ପୁଣି ଜାରି ହେଲା କଟକଣା

ନୂଆଦିଲ୍ଲୀ,୨।୩(ପି.ଟି.)

ଭାରତରେ ଆଉ ୩ ଜଣ କରୋନା ରୋଗୀ ଦିଲ୍ଲୀ, ତେଲଙ୍ଗାନା ଓ ଜୟପୁରରୁ ଚିହ୍ନଟ ହୋଇଛନ୍ତି। ଇଟାଲୀରୁ ଦିଲ୍ଲୀ ଆସିଥିବା ବ୍ୟକ୍ତିଙ୍କ ଠାରେ କରୋନା ଭୂତାଣୁ ଥିବା ଜଣାପଡ଼ିଛି। ତେଲଙ୍ଗାନାରେ କରୋନା ସଂକ୍ରମିତ ବ୍ୟକ୍ତି ଜଣକ ପୂର୍ବରୁ ଦୁବାଇ ଯାଇଥିଲେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି। ସେହିପରି ଇଟାଲୀରୁ ଫେରିଥିବା ଅନ୍ୟ ଜଣେ ସଂକ୍ରମିତ ଥିବା ଜୟପୁରରେ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା କରାଯାଉଛି। ଅଧିକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାନି ଆଡଭାଇଜରି ଜାରି କରାଯାଇଛି। ବିମାନ ବନ୍ଦରଗୁଡ଼ିକରେ ଯାଞ୍ଚ ବଢ଼ାଇବାକୁ କୁହାଯିବା ସହ ଅତ୍ୟଧିକ ସଂକ୍ରମିତ ଦେଶକୁ ନ ଯିବା ଲାଗି ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଛି। ୨୧ଟି ବିମାନ ବନ୍ଦର, ୧୨ଟି ବୃହତ ଓ ୬୫ଟି କ୍ଷୁଦ୍ର ବନ୍ଦରରେ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ ୨୫,୭୩୮ ଜଣଙ୍କୁ ନଜରରେ ରଖାଯାଇଛି। ଅତି ଜରୁରୀ ନ ଥିଲେ ଚାଇନା, ଇରାନ, ଇଟାଲୀ, ଦକ୍ଷିଣ କୋରିଆ ଓ ସିଙ୍ଗାପୁର ନ ଯିବା ଲାଗି ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ୩୭ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ରଖାଯାଇ ଚିକିତ୍ସା କରାଯାଉଛି। ଇରାନ ଓ ଇଟାଲୀରେ ଥିବା ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ସେଠାକାର ସରକାରଙ୍କ ସହ ଆଲୋଚନା ଚାଲିଥିବା ମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୩୨୧୭ ଜଣଙ୍କ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିରୁ ୫ ଜଣଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡ଼ିଛି। ଅନ୍ୟ ୨୩ ଜଣଙ୍କୁ ରିପୋର୍ଟକୁ ଅପେକ୍ଷା କରାଯାଉଛି।

# ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା

## ଗଛରେ ଟାଙ୍ଗିଦେଲେ

## ୭ ସ୍କୁଲ ଛାତ୍ର ଗିରଫ

**ତେଜ୍‌ପୁର,୨।୩:** ଆସାମର ବିଶ୍ୱନାଥ ଜିଲା ଅନ୍ତର୍ଗତ ଚକ୍‌ଲା ଗ୍ରାମରେ ଜଣେ ନାବାଳିକା(୧୨)ଙ୍କୁ ଗଣବଳାତ୍କାର କରାଯିବା ପରେ ମାରି ଗଛରେ ଟଙ୍ଗାଇ ଦିଆଯାଇଛି। ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଥିବା ବେଳେ ୭ ସ୍କୁଲ ଛାତ୍ରଙ୍କୁ ଗିରଫ କରାଯାଇଥିବା ପ୍ରକାଶ। ହାଇସ୍କୁଲ ପରୀକ୍ଷା ଦେଇ ଛାତ୍ରମାନେ ଫେରିଥିବାବେଳେ ଶୁକ୍ରବାର ରାତିରେ ଏଭଳି କାଣ୍ଡ ରଚିଥିବା ପୋଲିସ କହିଛି। ପରୀକ୍ଷା ଶେଷ ହେବା ପରେ ପାର୍ଟି କରିବା ଆଳରେ ଛାତ୍ରମାନେ ନାବାଳିକାକୁ ଘରକୁ ଡ଼ାକିଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ଜଣକ ପରେ ଜଣେ ବଳାତ୍କାର କରିବା ସହ ମାରି ନିକଟସ୍ଥ ଜଙ୍ଗଲର ଏକ ଗଛରେ ଟାଙ୍ଗି ଦେଇଥିଲେ ବୋଲି ପୋଲିସ କହିଛି। ଶନିବାର ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ରବିବାର ୭ ସ୍କୁଲ ଛାତ୍ରଙ୍କୁ ଗିରଫ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ତଦନ୍ତ ଜାରି ରହିଛି।

### [ଇତିହାସର ଆଇନାରେ]

### ମାର୍ଚ୍ଚ ୩ର ପ୍ରମୁଖ ଘଟଣା

୧୯୮୫ ମାର୍ଚ୍ଚ ୩ରେ ଚିଲିର ଭାଲ୍‌ଖପାରାଇସୋ ଅଞ୍ଚଳରେ ଭୂକମ୍ପ ହେବାରୁ ୧୮୦ ଜଣ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ୮.୩ ଥିଲା।

୨୦୧୩ ମାର୍ଚ୍ଚ ୩ରେ ପାକିସ୍ତାନର କରାଚୀରେ ବୋମା ବିସ୍ଫୋରଣ ହେବାରୁ ପ୍ରାୟ ୫୦ ଜଣ ପ୍ରାଣ ହରାଇଥିଲେ। ଶତାଧିକ ବ୍ୟକ୍ତି ଆହତ ହୋଇଥିଲେ।

# ୧୧ ଦୋଷୀଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ

## ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

ରାଞ୍ଚି,୨।୩

ଜଣେ ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର କରିବା ମାମଲାରେ ରାଞ୍ଚିର ଏକ କୋର୍ଟ ୧୧ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଜିଲା ଜଜ୍ ନଭ୍‌ନୀତ୍ କୁମାର ଫେବୃୟାରୀ ୨୬ରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିବା ବେଳେ ସୋମବାର ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପ୍ରତ୍ୟେକ ଦୋଷୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନାଦେଶ ଶୁଣାଯାଇଛି। ଦୋଷୀମାନେ ହେଲେ କୁଲ୍‌ଦୀପ ଓରାଅନ୍, ସୁନୀଲ ଓରାଅନ୍, ସନ୍ଦୀପ ତିର୍କୀ, ଅଜୟ ମୁଣ୍ଡା, ରଞ୍ଜନ ଓରାଅନ୍, ନବୀନ ଓରାଅନ୍, ବସନ୍ତ କଚ୍ଛପ, ରବି ଓରାଅନ୍, ରୋହିତ୍ ଓରାଅନ୍, ସୁନୀଲ ମୁଣ୍ଡା ଓ ରିଶି ଓରାଅନ୍। ଗତବର୍ଷ ନଭେମ୍ବର ୨୬ରେ ଜଣେ ପୁରୁଷ ବନ୍ଧୁଙ୍କ ସହ ଆଇନ ଛାତ୍ରୀ ଜଣକ ରାଞ୍ଚି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ସ୍କୁଟିରେ ଫେରୁଥିବା ବେଳେ ବାଟରେ ଗାଡ଼ିରୁ ତେଲ ସରିଯାଇଥିଲା। ବାଟରେ ଅପେକ୍ଷା କରିଥିବା ବେଳେ ବାଇକ୍‌ରେ ଆସୁଥିବା ୮ ଜଣ ଯୁବକ ଛାତ୍ରୀଙ୍କୁ ବାଟରୁ ଜୋର୍‌ଜବରଦସ୍ତ ଉଠାଇ ନେଇ ନିକଟସ୍ଥ ଇଟାଭାଟିରେ ବଳାତ୍କାର କରିଥିଲେ। ପରେ ସେଠାରେ ଅନ୍ୟ ୪ ଜଣ ପହଞ୍ଚି ମଧ୍ୟ ବଳାତ୍କାର କରିଥିଲେ। ଘଟଣା ପରେ ପୀଡ଼ିତା ପୋଲିସରେ ଅଭିଯୋଗ କରିବାରୁ ୧୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଜଣେ ବଳାତ୍କାରୀ ନାବାଳକ ହୋଇଥିବାରୁ ମାମଲା ଏବେ ଜୁଭେନାଇଲ କୋର୍ଟରେ ଚାଲିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ମାର୍ଚ୍ଚ, ୨୦୨୦



# ବିପର୍ଯ୍ୟସ୍ତ ରୋଗୀସେବା ବିରୋଧରେ ବିକ୍ଷୋଭ

**କେନ୍ଦ୍ରାପଡା ଅଫିସ୍, ୨।୩**

ଜିଲା ମୁଖ୍ୟ ଚିକିତ୍ସାଳୟ ଫାଟକରେ ସୋମବାର ପୂର୍ବାହ୍ନରେ ୧୦ ମିନିଟ୍ ପାଇଁ ତାଲା ପଡିଥିଲା। ଡାକ୍ତଖାନାରେ ଡାକ୍ତର ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟମାନେ ଉତ୍ତେଜନା ସୃଷ୍ଟି କରିଥିଲେ, ଯାହାଫଳରେ ଏହି ତାଲା ପକାଯାଇଥିଲା। ତେବେ କିଛି ସମୟ ପରେ ଡାକ୍ତର କାର୍ଯ୍ୟରେ ଯୋଗ ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସେହିପରି ମହାକାଳପଡା ଜମ୍ବୁ ଅଞ୍ଚଳରେ କ୍ୱାକ୍ (ନକଲି ଡାକ୍ତର)ଙ୍କ ଇଞ୍ଜେକଶନ ଦେବାର ଘଣ୍ଟାକ ପରେ ଶନିବାର ଜଣେ ୩୮ ବର୍ଷୀୟା ମହିଳାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଦୁଇଦିନର ଏହି ଦୁଇ ଘଟଣା ପରି ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ଚିତ୍ର ପ୍ରତ୍ୟହ ଲୋକଲୋଚନକୁ ଆସୁଛି। ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ଭିତ୍ତିଭୂମି ମଧ୍ୟ ଅସଜଡ଼ା ହୋଇପଡ଼ିଛି।

ସହର ନିକଟ ଶାମ ଗୁଡିଆଠାରେ ନିର୍ମାଣଧୀନ ମାତୃ-ଶିଶୁ ସଦନ କାର୍ଯ୍ୟ ଅବଧି ଶେଷର ଦୁଇ ବର୍ଷ ପରେ ବି କାର୍ଯ୍ୟ ଶେଷ ହୋଇପାରିନାହିଁ। ମେଡିକାଲ କଲେଜ ସ୍ଥାପନା ଫଳରେ ସ୍ୱାସ୍ଥ୍ୟସେବା ସମସ୍ୟା ଅନେକାଂଶରେ ସୁଧୁରି ପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ସୂଚନା ଆଇନ ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି କୁହନ୍ତି ଯେ, ଜିଲାର ଲୋକସଂଖ୍ୟା ୧୫ ଲକ୍ଷରୁ ଊର୍ଦ୍ଧ୍ୱ। ଏମାନଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନାହିଁ। ୨୦୦୧ ଜନଗଣନାକୁ ଭିତ୍ତି କରି ଜିଲାରେ ୧୭୧ ଡାକ୍ତର ପଦବୀ ସୃଷ୍ଟି ହୋଇଥିଲେ ମଧ ଅଦ୍ୟାବଧି ଆହୁରି ୯୨ ପଦବୀ ଖାଲି ପଡ଼ିଛି। ସିଏଚ୍‌ସିରେ ଲେବର ରୁମ୍ ସମସ୍ୟା, ମା' ଓ ଶିଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଜିଲାରେ ୨୨୭ଟି ଏଏନ୍‌ଏମ୍ ସେଣ୍ଟର ଥିଲେ ମଧ୍ୟ ଏଏନ୍‌ଏମ୍ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତ କରାଯାଉନାହିଁ। ସେହିପରି ପ୍ରତି ଗ୍ରାମକୁ ସଡ଼କ ପଥନାହିଁ, ଯେଉଁଥିପାଇଁ ଆମ୍ବୁଲାନ୍ସ ସେବା ସବୁଠି ପହଞ୍ଚି ପାରୁନାହିଁ। ମହାକାଳପଡା ବ୍ଲକ ବତୀଘର ପଞ୍ଚାୟତ ପାଇଁ ବୋଟ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ତେବେ ଏହି ବୋଟ ଅଧିକ ଜୁଆର ନ ଥିଲା ବେଳେ ଚାଲି ପାରୁ ନ ଥିଲାବେଳେ ରାତିରେ ଆଲୋକ ଅଭାବ ଯୋଗୁ ଏହା ବନ୍ଦ ରହୁଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ବାନାମ୍ବର ସାହୁ କୁହନ୍ତି, ଜିଲାର ଉପାନ୍ତ ଅଞ୍ଚଳରେ ଥିବା ମହାକାଳପଡ଼ା, ରାଜନଗର, ଆଳି, ରାଜକନିକା ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସାମାଜିକ ଗଣମାଧମରେ ପ୍ରତ୍ୟେହ ଚିତ୍ର ଆସୁଛି। କର୍ମଚାରୀ ଅଭାବରୁ ରାଜକନିକା ସିଏଚସିରେ ସୁଇପର ସାଲାଇନ ଦେଉଥିବା ନେଇ ଗତ କିଛିଦିନ ତଳେ ଖବର ପ୍ରକାଶ ପାଇଥିଲା। ସେହିପରି ଗତ ବର୍ଷ ରାଜନଗର ବ୍ଲକ ତନ୍ତିଆପାଳ ଗ୍ରାମରେ କ୍ୱାକ୍‌ଙ୍କ ଚିକିତ୍ସା ଫଳରେ ମହିଳା ଓ ଶିଶୁ ମରିବା ଘଟଣା ଜିଲାରେ ଆଲୋଚନାର ବିଷୟ ହୋଇଥିଲା। ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁ ଏହି ୪ ବ୍ଲକ ଅଞ୍ଚଳବାସୀ କ୍ୱାକ୍‌ଙ୍କ ଉପରେ ନିର୍ଭର କରୁଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ୨୦୧୯ ଅକ୍ଟୋବର ୧୫ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗସ୍ତ କରିବା ପରେ ସ୍ୱାସ୍ଥ୍ୟସେବା ସମସ୍ୟାରେ ସୁଧାର ଆସିବ ବୋଲି ଜିଲାବାସୀ ଆଶା କରିଥିଲେ। ହେଲେ ୫-ଟି ସଚିବଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଶାମଗୁଡ଼ିଆଠାରେ ମାତୃ-ଶିଶୁ ସଦନ ନିର୍ମାଣ ଗତ ଦୁଇମାସ ହେବ ଶେଷ ହୋଇପାରିନାହିଁ। ଏ ସମ୍ପର୍କରେ ନଗର କଂଗ୍ରେସ ସଭାପତି ସୌମେନ୍ଦ୍ର କୁମାର ପୃଷ୍ଟି କହିଛନ୍ତି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ବିଭିନ୍ନ ଦଳ ଓ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଆନ୍ଦୋଳନ ଓ ଦାବି ହୋଇଛି। ମେଡିକାଲ କଲେଜ ସ୍ଥାପନ ହେଲେ ଏହି ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ। ଏଥିପାଇଁ ଦଳ ପକ୍ଷରୁ ଆନ୍ଦୋଳନ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏ ନେଇ ସିଡିଏମ୍‌ଓ ଡା. ଊର୍ମିଳା ମିଶ୍ରଙ୍କୁ ପଚାରିବାରେ ପୂର୍ବାହ୍ନରେ ନିୟୋଜିତ ଡାକ୍ତର ରୋଗୀ ଦେଖିବା ପାଇଁ ୱାର୍ଡକୁ ଯାଇଥିଲେ। ଫଳରେ ସାମୟିକ ଉତ୍ତେଜନା ସୃଷ୍ଟି ହୋଇଥିଲା। ମହାକାଳପଡା ବ୍ଲକ ଜମ୍ବୁରେ ମହିଳାଙ୍କ ମୃତ୍ୟୁ ଘଟଣା ସମ୍ପର୍କରେ ସେ ଜାଣି ନଥିବା ପ୍ରକାଶ କରିଛନ୍ତି। ଆସନ୍ତା ଏପ୍ରିଲ ସୁଦ୍ଧା ମାତୃ-ଶିଶୁ ସଦନ ନିର୍ମାଣ ଶେଷ ହେବ ବୋଲି ଡା. ମିଶ୍ର ସୂଚନା ଦେବା ସହିତ ଡାକ୍ତରଙ୍କ ଅଭାବ ନେଇ ବିଭାଗକୁ ଚିଠି ହୋଇଥିବା ପ୍ରକାଶ କରିଛନ୍ତି।



ମୁଖ୍ୟ ଚିକିତ୍ସାଳୟ ଗେଟ୍ ଆଗରେ ଉତ୍ତେଜନା।

**କେନ୍ଦ୍ରାପଡ଼ା ଜିଲା**
- ଡାକ୍ତର, କର୍ମଚାରୀ ଅଭାବ
- ମାତୃ-ଶିଶୁ ସଦନ ନିର୍ମାଣ କାର୍ଯ୍ୟ ସରୁନି
- ତେଜୁଛି ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତଙ୍କ କେନ୍ଦ୍ରାପଡ଼ା ଗସ୍ତ

**କେନ୍ଦ୍ରାପଡ଼ା ଅଫିସ, ୨।୩**

କଟକସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ ସୁମନ କୁମାର ଜେନା ସୋମବାର କେନ୍ଦ୍ରାପଡା ଗସ୍ତ କରିଥିଲେ। ସେ ଇଚ୍ଛାପୁରସ୍ଥିତ ଶ୍ରୀବଳଦେବ ଜୀଉ ମନ୍ଦିର ଓ ଡେରାବିଶ ବ୍ଲକ ଠାକୁରପାଟଣାସ୍ଥିତ ଶ୍ରୀଲଛମନ ଜୀଉ ମନ୍ଦିର ପରିଦର୍ଶନ ସହିତ ଦେବୋତ୍ତର ବିଭାଗ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ଶ୍ରୀଜୀଉଙ୍କ ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟି ଧୀରେନ ସାହୁ, ବଳରାମ ସୁଆର, ରଞ୍ଜନ କୁମାର ପୃଷ୍ଟି, ଯଯାତି କେଶରୀ ମହାନ୍ତିଙ୍କ ସହ ବରିଷ୍ଠ ସେବାୟତମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଶ୍ରୀ ବଳଦେବଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ସାଢ଼େ ୧୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି।

**ସଂକ୍ଷେପରେ**

## ମଲ୍ଲିକେଶ୍ୱର ମନ୍ଦିରରୁ ପ୍ରାଚୀନ ପାର୍ଶ୍ୱ ବିଗ୍ରହ ଚୋରି



**ଡେରାବିଶ, ୨।୩ (ସ୍ୱ.ପ୍ର.):** ଡେରାବିଶ ଥାନା ଅଧୀନ ପଲେଇ ପଞ୍ଚାୟତ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମସ୍ଥିତ ବହୁ ପ୍ରାଚୀନ ଶିବ ମନ୍ଦିରରୁ ୩ ଫୁଟ ଉଚ୍ଚର ପାର୍ଶ୍ୱ ବିଗ୍ରହ (ଲକ୍ଷ୍ମୀ ମୂର୍ତ୍ତି)କୁ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏ ନେଇ ମନ୍ଦିରର ପୂଜକ ପୁରୁଷୋତ୍ତମ ପାଢ଼ୀ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ନଂ.୪୮/୨୦ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏସ୍‌ଆଇ ପଞ୍ଚାନନ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ରବିବାର ରାତିରେ କେହି ଦୁର୍ବୃତ୍ତ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା ୩ଫୁଟ୍ ଉଚ୍ଚର ଲକ୍ଷ୍ମୀ ମୂର୍ତ୍ତିକୁ ତାଡ଼ି ନେଇଛନ୍ତି। ଉକ୍ତ ମୂର୍ତ୍ତିର ଓଜନ ପାଖାପାଖି ୧ କୁଇଣ୍ଟାଲ ହେବ ବୋଲି ଅନୁମାନ କରାଯାଉଛି। ତେବେ ମୂର୍ତ୍ତିକୁ ତାଡ଼ିବା ପରେ ଦୁର୍ବୃତ୍ତମାନେ ଏକ ଚାରି ଚକିଆ ଯାନରେ ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖୋଳତାଡ଼ କରାଗଲେ ମୂର୍ତ୍ତି ଉଦ୍ଧାର କରାଯାଇପାରିବା ସହ ଚୋରିରେ ସମ୍ପୃକ୍ତ ଥିବା ର୍ୟାକେଟ୍ ସମ୍ପର୍କରେ ଜଣାପଡ଼ିବ ବୋଲି ଗ୍ରାମବାସୀ କହିଛନ୍ତି।

## ଜବରଦଖଲରେ ରାମଚଣ୍ଡୀଙ୍କ ୧୦୦ ଏକର ଜମି

**ମହାକାଳପଡ଼ା, ୨।୩ (ଡି.ଏନ୍.ଏ):** ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତସ୍ଥିତ ପ୍ରାଚୀନ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିରର ୧୦୦ ଏକରରୁ ଊର୍ଦ୍ଧ୍ୱ ଭୂସମ୍ପତ୍ତି ରହିଥିବା ବେଳେ ସେଗୁଡ଼ିକ ଅନେକ ଲୋକଙ୍କ ଜବରଦଖଲରେ ରହିଛି। ତେବେ ମା'ଙ୍କ ଭୂସମ୍ପତ୍ତି ଉଦ୍ଧାର ପାଇଁ ସୋମବାର ପୀଠ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜବରଦଖଲରେ ଥିବା ଜମିଗୁଡ଼ିକ କିପରି ଉଦ୍ଧାର କରାଯିବ ସେଥିପାଇଁ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ମିଳିତ ଭାବେ ଆଲୋଚନା କରିଥିଲେ। ବ୍ଲକ ଅଧୀନ ନାଞ୍ଜୁରା ପଞ୍ଚାତୟର ଭୋପଳ ବାରଡ଼ାଙ୍ଗ, ପେଟ୍‌ଛେଲା, ରାମନଗର ଆଦି ଅଞ୍ଚଳରେ ମା'ରାମଚଣ୍ଡୀଙ୍କ ଜମି ଥିବା ଆଲୋଚନା ଚକ୍ରରେ ସୂଚନା ମିଳିଥିଲା। ତେବେ ପ୍ରଶାସନ ସହଯୋଗରେ ଏହି ଜବରଦଖଲ ଜମିଗୁଡ଼ିକୁ ଉଦ୍ଧାର କରାଯିବ ବୋଲି ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କଳ୍ପତରୁ ସାମଲ, ବିରଞ୍ଚି ନାରାୟଣ ଦାସ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅଶୋକ ସ୍ୱାଇଁ, ହଳଧର ସ୍ୱାଇଁ, ତରୁଣକାନ୍ତି କାଞ୍ଜିଲାଲା, ନାଥ କୁମାର ଭୋଳ, ବିଶ୍ୱନାଥ ବୈଦ, ପ୍ରତାପ ତ୍ରିପାଠୀ, ସୁବାସ ବିଶ୍ୱାସ, ସମୀର ମିସ୍ତ୍ରି ଓ ତୁଷାର ସର୍ଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଆଳିକୁ ହରାଇ ନିମପୁର ଚାମ୍ପିୟନ

**ରାଜକନିକା, ୨।୩ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନସ୍ଥ ପାରିନୂଆପଡ଼ା ବହୁରୂପା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ୫ମ ପ୍ରଣବ-ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆଳି ଆଥଲେଟିକ୍‌କୁ ହରାଇ ଜଗତ୍‌ପୁରର ନିମପୁର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିମପୁର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୨୧୧ ରନ କରିଥିଲା। ଜବାବରେ ଆଳି ଆଥଲେଟିକ ୨୦ ଓଭରରେ ୯୧ ରନ କରିଥିଲା। ସୁମିତ ଶେଖର ମହାପାତ୍ର ମ୍ୟାନ୍ ଅଫ୍ ଦି ଫାଇନାଲ ଓ ବିଶ୍ୱଜିତ ମହାପାତ୍ର ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଗୋପାଳ କୃଷ୍ଣ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଏବଂ ବିଜେଡି ନେତା ବିକାଶ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଚଳଚିତ୍ର ଅଭିନେତ୍ରୀ ମହିମା ଦାସ, ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ପଣସଗଣ୍ଡ ସରପଞ୍ଚ ଦେବଦତ୍ତ ଦାସ, ବିଜେଡି ସଭାପତି ଅୟସ ସାମଲ ଓ ସମିତି ସଭ୍ୟ ପ୍ରଦ୍ୟୁମ୍ନ ରାଉତ ପ୍ରମୁଖ ଯୋଗଦେଇଥିଲେ। ସଞ୍ଜୟ କୁମାର ବରଜ ଅତିଥି ପରିଚୟ ଦେଇଥିବା ବେଳେ ପାରିନୂଆପଡ଼ା ହାବଳଗଣ୍ଡ ସରପଞ୍ଚ ପବିତ୍ର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ଟ୍ରଫି ସହ ୨୨ ହଜାର ୨୨୨ ଟଙ୍କା ଓ ମୁଖ୍ୟବକ୍ତା ରନର୍ସଅପ୍ ଦଳକୁ ଟ୍ରଫି ସହ ୧୧ ହଜାର ୧୧୧ ଟଙ୍କା ଦେଇ ପୁରସ୍କୃତ କରିଥିଲେ।

## ଗଣମାଧମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ

**କେନ୍ଦ୍ରାପଡା ଅଫିସ୍, ୨।୩**

ଗଣମାଧମ ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଗ୍ରାମାଞ୍ଚଳରେ କାର୍ଯ୍ୟରତ ଖବରଦାତାମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ପ୍ରଚାର ପ୍ରସାର କରି ଲୋକଙ୍କ ନିକଟରେ ପହଞ୍ଚାଇଥାନ୍ତି। ଯୋଜନାର ତ୍ରୁଟି ବିଚ୍ୟୁତିକୁ ପ୍ରକାଶ କରି ପ୍ରଶାସନକୁ ସଜାଗ ଓ ପାରଦର୍ଶୀ କରାଇଥାନ୍ତି ବୋଲି କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଭୁବନେଶ୍ୱରସ୍ଥ ପ୍ରେସ୍ ଇନ୍‌ଫରମେଶନ ବ୍ୟୁରୋ (ପିଆଇବି) ପକ୍ଷରୁ ଡିଆରଡିଏ ହଲରେ ସୋମବାର ଅନୁଷ୍ଠିତ କର୍ମଶାଳାରେ ଓଡ଼ିଶା ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ମତବ୍ୟକ୍ତ କରିଛନ୍ତି। ଅତିରିକ୍ତ ମହାନିର୍ଦ୍ଦେଶକ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଏଡିଏମ୍ ବସନ୍ତ କୁମାର ରାଉତ ଯୋଗଦେଇ କହିଥିଲେ ଯେ, ପ୍ରଶାସନ ଓ ଗଣମାଧମର ସହଯୋଗ ଦ୍ୱାରା ଯୋଜନାର ସଫଳ ରୂପାୟନ ହୋଇଥାଏ। ରିସୋର୍ସ ପର୍ଶନ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏସ୍‌ଡିଓ ବିଜୟ କୁମାର କର ସ୍ୱଚ୍ଛ ଭାରତ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ଅଧିକାରୀ ମନୋଜ କୁମାର ମହାନ୍ତି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସ୍ୱାସ୍ଥ୍ୟକାର୍ଡ, ନିମ ଯୁକ୍ତ ୟୁରିଆ ଯୋଗାଣ, ପିଏମ୍ କିଶାନ ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଓରମାସର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ କୁମାର ରାଉଳ ସ୍କିଲ୍ ଇଣ୍ଡିଆ ଓ ପ୍ରଧାନମନ୍ତ୍ରୀ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଓଏଲଏମ ଜିଲା ପ୍ରକଳ୍ପ ପରିଚାଳିକା ସତ୍ୟଭାମା ପ୍ରଧାନ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଓ ମହିଳା ସଶକ୍ତୀକରଣ ସମ୍ପର୍କରେ ସୂଚନା ଦେଇଥିଲେ। ପିଆଇବି ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ସହିତ ପ୍ରାରମ୍ଭରେ ଡିଜିଟାଲ ଇଣ୍ଡିଆ, ଉଜ୍ଜ୍ୱଳା ଆଦି କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ମତ ରଖିଥିଲେ। କର୍ମଶାଳାରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ପରିକ୍ଷିତ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଖବରଦାତାଙ୍କ ସହିତ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କର୍ମଶାଳାରେ ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ଓ ଅନ୍ୟମାନେ।

**ପିଆଇବି କର୍ମଶାଳା**

## କେନ୍ଦ୍ରାପଡ଼ାରେ ସ୍ଥାୟୀ ଲୋକ ଅଦାଲତ ଉଦ୍‌ଘାଟିତ

**କେନ୍ଦ୍ରାପଡା ଅଫିସ, ୨।୩**

କେନ୍ଦ୍ରାପଡା ଜିଲା ସିଭିଲ କୋର୍ଟ ପରିସରରେ ସ୍ଥାୟୀ ଲୋକ ଅଦାଲତ (ପବ୍ଲିକ ୟୁଟିଲିଟି ସର୍ଭିସ) ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି କୁମାରୀ ସଞ୍ଜୁ ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଅଦାଲତର ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଅତିରିକ୍ତ ଜିଲା ଜଜ୍ ନମିତା ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଅଧ୍ୟକ୍ଷ ଦାସ କହିଛନ୍ତି, ଏହି ଅଦାଲତରେ ପରିବହନ, ଡାକଘର, ଟେଲିଗ୍ରାଫ୍, ଟେଲିଫୋନ୍, ବିଦ୍ୟୁତ୍, ପରିମଳ ବ୍ୟବସ୍ଥାରେ ଥିବା ସମସ୍ୟା ସମ୍ପର୍କରେ ସାଧାଣର ଲୋକ ଅଭିଯୋଗ କରିପାରିବେ। ସେହିପରି ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଶିକ୍ଷାନୁଷ୍ଠାନ ସେବା, ଗୃହ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଦି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସର୍ବସାଧାରଣ ବ୍ୟବହାର୍ଯ୍ୟ ସେବାର ଅନିୟମିତତାକୁ ସାମିଲ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଜଜ୍ ବାସୁଦେବ ପଣ୍ଡା, ଏଡିଜେ ମୋହନ ରାଓ ଦୋରା, ରେଜିଷ୍ଟ୍ରାର ପୁଣ୍ୟଶ୍ଳୋକ ରଥ, ଜିଲା ଆଇନସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ, ଜିଲା ଓକିଲ ସଙ୍ଘ ସଭାପତି ଧ୍ରୁବ ଚରଣ ଜେନା, ଏସ୍‌ପି ନୀତି ଶେଖର ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ଅବସରରେ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି କୁମାରୀ ସଞ୍ଜୁ ପଣ୍ଡା ଓ ଅନ୍ୟମାନେ।

## ସରିଲା ମାଟ୍ରିକ୍ ପରୀକ୍ଷା ଶେଷ ଦିନରେ କପି କରି ଧରାପଡିଲେ ୯ ପରୀକ୍ଷାର୍ଥୀ

**କେନ୍ଦ୍ରାପଡ଼ା ଅଫିସ୍, ୨।୩**

ଗତ ଫେବୃୟାରୀ ୧୯ ତାରିଖରେ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ଶେଷ ଦିନ ପରୀକ୍ଷାରେ ୯ ଜଣ ପରୀକ୍ଷାର୍ଥୀ କପି କରି ଜିଲା ସ୍କ୍ୱାଡ ହାତରେ ଧରାପଡ଼ିଛନ୍ତି। ସମସ୍ତ ପରୀକ୍ଷାର୍ଥୀ ଆଳି ବ୍ଲକ ଆୟତପୁରର ଦାମୋଦରପୁର ହାଇସ୍କୁଲ ସେଣ୍ଟରରୁ ଧରାପଡିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଶେଷଦିନରେ ଜିଲାରେ ମୋଟ ୩୦୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ପାନୀୟ ଜଳ ସମସ୍ୟା, ନଳକୂପ ଖନନକୁ ଗୁରୁତ୍ୱ

**କେନ୍ଦ୍ରାପଡ଼ା ଅଫିସ୍, ୨।୩**

**ଜିଲାସ୍ତରୀୟ ଜନଶୁଣାଣି**

ଜିଲାର ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୫୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୯ଟି ସାମୂହିକ ଥିବାବେଳେ ଅବଶିଷ୍ଟ ବ୍ୟକ୍ତିଗତ ଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଏଡିଏମ୍ ବସନ୍ତ କୁମାର ରାଉତ, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟ ନିର୍ବାହୀଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବ୍ୟକ୍ତିଗତ ଅଭିଯୋଗକାରୀ ବାସଗୃହ ଯୋଜନାରେ ଅନିୟମିତତା ଥିବା ଦର୍ଶାଇଥିଲେ। ସେହିପରି କାଳିଆ ସହାୟତା, ପାନୀୟ ଜଳ ସମସ୍ୟା, କଳାକାର ଭତ୍ତା, ଜମି ଚିହ୍ନଟ, ରିଲିଫ୍ ପାଣ୍ଠିରୁ ସହାୟତା, ଇନ୍ଦିରା ଆବାସ ଯୋଜନା, ଭତ୍ତା ଇତ୍ୟାଦି ଅଭିଯୋଗ ବ୍ୟକ୍ତିଗତ ଭାବେ ହୋଇଥିଲା। ବାରୁଅଠାରେ ନଳକୂପ ଖନନ, ଡାଟାଏଣ୍ଟ୍ରି ଅପରେଟରଙ୍କୁ ବକେୟା ପ୍ରଦାନ, ସହରର ୩ ନମ୍ବର ୱାର୍ଡରେ ବାସଗୃହ ଯୋଜନା କାର୍ଯ୍ୟକାରୀ କରିବା ଆଦି ଅଭିଯୋଗ ସାମୂହିକ ଭାବେ ହୋଇଥିଲା। ଏହି ଅବସରରେ ଜିଲାପାଳ ବର୍ମା ଭତ୍ତା ଅର୍ଥ ପ୍ରଦାନ କରିବା ସହ କେତେଜଣ ଭିନ୍ନକ୍ଷମଙ୍କୁ ବିଭିନ୍ନ ଉପକରଣ ଯୋଗାଇ ଥିଲେ। ଏଥିସହିତ କେତେକ ଆବେଦନକାରୀଙ୍କୁ ଚିକିତ୍ସା ସହାୟତା ପାଇଁ ରେଡକ୍ରସ୍ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିଲା।

## ମାତ୍ର ୩୫ ଗ୍ରାମର ଚାଷୀଙ୍କୁ ମିଳିବ ସହାୟତା

**ରାଜନଗର, ୨।୩ (ଡି.ଏନ୍.ଏ.)**

**ବୁଲ୍‌ବୁଲ୍ ପ୍ରଭାବରେ ୩୦୬ଗ୍ରାମର ଚାଷୀ କ୍ଷତିଗ୍ରସ୍ତ**

ସାମୁଦ୍ରିକ ଝଡ଼ ବୁଲ୍‌ବୁଲ୍‌କୁ ଇତିମଧ୍ୟରେ ୪ ମାସ ପୂରିଥିଲେ ବି ଏ ଯାଏଁ ଅନେକ ଚାଷୀଙ୍କୁ କ୍ଷତିପୂରଣ ମିଳିନି। ବୁଲ୍‌ବୁଲ୍ ପରେ କ୍ଷୟକ୍ଷତିର ତଦନ୍ତ ପାଇଁ କନ୍ଦ୍ରୀୟ ଟିମ୍ ରାଜନଗର ଅଞ୍ଚଳରେ ଅନୁଧ୍ୟାନ କରିଥିଲେ। ସେହି ରିପୋର୍ଟ ଅନୁଯାୟୀ କ୍ଷତିଗ୍ରସ୍ତଙ୍କୁ ଇନ୍‌ପୁଟ ସହାୟତା ଯୋଗାଇ ଦେବାପାଇଁ ସରକାର ଘୋଷଣା କରିଥିଲେ। ହେଲେ ୪ ମାସ ପରେ ରାଜନଗର ବ୍ଲକ ଅଧୀନ ୨୯ ପଞ୍ଚାୟତରେ ଥିବା ୩୦୬ ଗାଁ ମଧ୍ୟରୁ ମାତ୍ର ୩୫ ଗ୍ରାମର ଚାଷୀଙ୍କୁ ଚାଷୀ ଇନପୁଟ ସହାୟତା ପାଇବେ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି। ହେଲେ ବାତ୍ୟାରେ ସମଗ୍ର ବ୍ଲକ ଅଞ୍ଚଳର ଚାଷୀମାନେ କ୍ଷତି ସହିଥିବା ବେଳେ କେବଳ ୩୫ ଗ୍ରାମର ଚାଷୀଙ୍କୁ ସରକାରୀ ସହାୟତା ମିଳିବା ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଚନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ନେଇ ରାଜନଗର ତହସିଲଦାର ଦ୍ୱିଜେନ୍ଦ୍ରୁ ଶେଖର ଦାଶଙ୍କୁ ପଚାରିବାରେ ରାଜନଗର ତହସିଲ ଅଧୀନରେ ଥିବା ୭ଟି ସର୍କଲ ମଧ୍ୟରୁ ଏବେ ତାଲଚୁଆ ଓ ରଙ୍ଗଣୀ ରାଜସ୍ୱ ସର୍କଲ ଅଧୀନ ୩୫ଟି ଗ୍ରାମର ଚାଷୀଙ୍କୁ ଇନପୁଟ ସହାୟତା ପ୍ରଦାନ କରାଯିବ। ଅବଶିଷ୍ଟ ୫ ରାଜସ୍ୱ ସର୍କଲର ଚାଷୀମାନଙ୍କୁ ଆଗାମୀ ଦିନରେ ସହାୟତା ଯୋଗାଇ ଦିଆଯିବ। ରାଜସ୍ୱ ନିରୀକ୍ଷକମାନେ ଏବେ ମଧ ଚାଷୀଙ୍କଠାରୁ କ୍ଷତିପୂରଣ ସହାୟତା ପାଇଁ ଆବେଦନ ଫର୍ମ ଗ୍ରହଣ କରୁଛନ୍ତି। ବାତ୍ୟାରେ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସହାୟତା ମିଳିବ, କୌଣସି ଚାଷୀ ଏଥିରୁ ବାଦ୍ ପଡ଼ିବେ ନାହିଁ ବୋଲି ତହସିଲଦାର ଦାଶ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ନଭେମ୍ବରରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ବୁଲ୍‌ବୁଲ୍ ପ୍ରଭାବରେ ଉପକୂଳ ଓଡ଼ିଶାରେ ବିଶେଷ କ୍ଷୟକ୍ଷତି ଘଟିଥିଲା। ଏହା କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇଥିଲା। ଏଥିରେ ବ୍ଲକ ଅଧୀନ ୨୯ ପଞ୍ଚାୟତରେ ଚାଳ ଛପର ଘର ସହ ବହୁ ଆଜବେଷ୍ଟସ୍ ଘର ଭାଙ୍ଗି ଯାଇଥିବା ବେଳେ ରାସ୍ତା କଡ଼ରେ ଶହ ଗଛ ଭାଙ୍ଗି ପଡ଼ିଥିଲା। ଏଥିସହ ବ୍ଲକ ଅଞ୍ଚଳରେ ଶହ ଶହ ଏକର ଜମିରେ ଧାନ ଫସଲ ନଷ୍ଟ ହୋଇଥିଲା। ତେବେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବା ସକାଶେ ପ୍ରଥମେ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଇଥିଲା। ଉକ୍ତ ରିପୋର୍ଟ ଆଧାରରେ କେନ୍ଦ୍ରୀୟ ଟିମ୍ ରାଜନଗର ବ୍ଲକର ଉପାନ୍ତ ତାଲଚୁଆ ଓ ରଙ୍ଗଣୀ ପଞ୍ଚାୟତ ପରିଦର୍ଶନ କରି ପାଣିରେ ବୁଡ଼ି ରହିଥିବା ଧାନ ଓ ଭଙ୍ଗା କଚ୍ଚା ଘର ବୁଲି ଦେଖିଥିଲେ।

## ମଣ୍ଡିରେ ଧାନ କ୍ରୟରେ ଅନିୟମିତତା

**ମାର୍ଶାଘାଇ, ୨।୩ (ଡି.ଏନ୍.ଏ.)**

ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ଦେଇ ସେମାନଙ୍କଠାରୁ ଧାନ କ୍ରୟ କରିବା ପାଇଁ ବିଭିନ୍ନ ସମବାୟ ସମିତିରେ ମଣ୍ଡି ଖୋଲାଯାଇଛି। ଚାଷୀମାନେ କିପରି ସୁବିଧା, ସହଜ ଓ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ ଦେଇପାରିବେ ଓ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ନାହିଁ, ସେ ଦିଗରେ ସରକାରଙ୍କ ପକ୍ଷରୁ ବିଭିନ୍ନ ନିୟମ ଲାଗୁ ହୋଇଛି। ହେଲେ କେତେକ ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଆଉ କେତେକ ମଣ୍ଡିରେ ମିଲର ଧାନ ନ ନେବା ଯୋଗୁ ମଣ୍ଡି ବାହାରେ ଧାନ ବସ୍ତା ପଡ଼ି ରହୁଥିବା ଦେଖାଯାଉଛି।

ମାର୍ଶାଘାଇ ସମବାୟ ସେବା ସମିତିରେ ମିଲର ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ନ କିଣି ଅନ୍ୟ ଚାଷୀଙ୍କଠାରୁ ଧାନ କ୍ରୟ କରୁଛନ୍ତି। ମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜୀକରଣ ବାଧ୍ୟତାମୂଳକ ହୋଇଥିଲେ ହେଁ ନାମ ପଞ୍ଜୀକୃତ ନ କରାଇ ଚାଷୀମାନେ କିପରି ଧାନ ଦେଇ ପାରୁଛନ୍ତି, ସେ ନେଇ ଶିଳିପୁର ପଞ୍ଚାୟତର କେତେଜଣ ଚାଷୀ ସୋମବାର ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଣପଞ୍ଜୀକୃତ ଚାଷୀମାନେ କୁଇଣ୍ଟାଲ କୁଇଣ୍ଟାଲ ଧାନ ବିକ୍ରି କରୁଥିବା ବେଳେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କ୍ରୟ କରା ନଯିବା ନେଇ ଚାଷୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗୌରାଙ୍ଗ ଯେନା, ବ୍ୟବମନ୍ଯୁ ବେଉରା ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି।


ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଅଭିଯୋଗକାରୀ ଚାଷୀମାନେ।

**ବିଡିଓଙ୍କୁ ଭେଟି ଅଭିଯୋଗ କଲେ**

## ସଂକ୍ଷେପରେ

ମା'ବୁଢ଼ୀ ଉପୁଲେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

### ଗାଦିବ୍ରହ୍ମଙ୍କୁ ହରାଇ ସୋମପୁର ଚାମ୍ପିୟନ

**ବାଲିକୁଦା,୨।୩(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ତିତିରା ପଞ୍ଚାୟତ ବେଗୁନିଆସ୍ଥିତ କ୍ରିକେଟ ପଡ଼ିଆଠାରେ ଆୟୋଜିତ ମା'ବୁଢ଼ୀ ଉପୁଲେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍ ଗାଦିବ୍ରହ୍ମ କ୍ରିକେଟ କ୍ଲବ ଓ ସୋମପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ରେ ଗାଦିବ୍ରହ୍ମ କ୍ରିକେଟ କ୍ଲବକୁ ହରାଇ ସୋମପୁର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନାରାୟଣ କଂସ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିକୁଦା ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ମୁଖ୍ୟବକ୍ତା ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଯୁବନେତା ଭୀମସେନ ମୁଦୁଲି, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ରନର୍ସଅପ୍ ଦଳକୁ ସିଲ ଏବଂ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତନ ସମିତିସଭ୍ୟ ନିରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ଚନ୍ଦ୍ରକାନ୍ତ ସେନାପତି, ତ୍ରିଲୋଚନ ରାଉତ ଦାୟିତ୍ୱ ବହନ କରିଥିବାବେଳେ ସରୋଜ ବାରିକ, ସୁଶୀଲ ସେନାପତି ଧାରା ବିବରଣୀ ପ୍ରଦାନ କରିଥିଲେ। ଅମର ମାଝି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଟସ୍ ଜିଣି ସୋମପୁର କ୍ରିକେଟ କ୍ଲବ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଗାଦିବ୍ରହ୍ମ କ୍ରିକେଟ କ୍ଲବ ମାତ୍ର ୭୬ ରନ ସଂଗ୍ରହ କରିଥିଲା। କୁନୁ ଦାସ, ବିକ୍ରମ ବେହେରା, ମାନସ ପରିଡ଼ା, ସମୀର ପରିଡ଼ା, ବଳରାମ ବେହେରା, ବିଷ୍ଣୁ ବେହେରା, ରବୀନ୍ଦ୍ର ବେହେରା, ଦୀପକ ପରିଜା, ତାପସ ପରିଜା, ପ୍ରଶାନ୍ତ ବାରିକ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀରେ ଯୋଗଦେବେ ୨୧ ପଞ୍ଚାୟତର ଜନସାଧାରଣ

**ବାଲିଆ,୨।୩:** ଆସନ୍ତା ୫ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ କଟକ ବାଲିଯାତ୍ରା ପଡିଆରେ ପାଳନ କରାଯିବ। ଏଥିରେ ବିରିଡ଼ି ବ୍ଲକର ୨୧ ପଞ୍ଚାୟତର ଜନସାଧାରଣ ଯୋଗଦେବେ। ଏନେଇ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସଙ୍କ ନିର୍ଦ୍ଦେଶରେ ବ୍ଲକ ବିଜେଡି ତରଫରୁ ବାଲିଆଷ୍ଟୋରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ବିଜେଡି ଉପସଭାପତି ରବିନାରାୟଣ ଜେନା ଅଧକ୍ଷତା କରିଥିଲେ। ନୃସିଂହ ଦାଶ, ନେତ୍ରାନନ୍ଦ ପାତ୍ର, ଜିଲା ମାଇନରିଟି କମ୍ୟୁନିଟି ସେଲ ଅଧକ୍ଷ ମିରଆଜମିର ଅଲ୍ଲୀ, ଜିଲା ଛାତ୍ର ସଭାପତି ପ୍ରଦୀପ୍ତ ଭୂୟାଁ, ଜିଲାପରିଷଦ ସଭ୍ୟ ପ୍ରତାପ ଚନ୍ଦ୍ର ବେହେରା, ସଭ୍ୟା ଲତା ଦାସ, ଜିଲା ସମ୍ପାଦକ ପବିତ୍ର ପଶାୟତ, କାଳନ୍ଦୀ ଚରଣ ବସ୍ତିଆ, ତୃପ୍ତି ରାୟ, ଅଜୟ ଭୋଇ, ସରୋଜ ବରାଳ ଉପସ୍ଥିତ ରହି ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାରଳାଙ୍କ ମନ୍ଦିରର ବିକାଶ ପାଇଁ ୧ କୋଟି ଟଙ୍କା ପ୍ରଦାନ କରିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଡାକ୍ତରେ ନାହାନ୍ତି, ଫେରୁଛନ୍ତି ରୋଗୀ

କୁଜଙ୍ଗ,୨।୩(ଡି.ଏନ.ଏ.)

କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର




- ତୁରନ୍ତ ଡାକ୍ତର ନିଯୁକ୍ତି ଦାବି
- ସୋମବାର ଫେରିଗଲେ ଶତାଧିକ ରୋଗୀ

କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତ୍ୟେହ ଶତାଧିକ ରୋଗୀ ଆସୁଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଗୁରୁତର ରୋଗୀ ରହୁଛନ୍ତି। ହେଲେ ଏଠାକୁ ଆସୁଥିବା ରୋଗୀ ଚିକିତ୍ସା ସେବା ନ ପାଇ ନିରାଶରେ ଫେରୁଛନ୍ତି। କାରଣ ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। କେତେକ ରୋଗୀ ଫେରିଯାଇ ଘରୋଇ ଡାକ୍ତରଖାନାକୁ ଯାଉଥିବାବେଳେ ଅନ୍ୟ କେତେକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ବାଧ ହେଉଛନ୍ତି। ଯାହା ସୋମବାର ପୂର୍ବାହ୍ନରେ ଡାକ୍ତରଖାନା ବହିଃବିଭାଗରେ ଦେଖିବାକୁ ମିଳିଥିଲା। ଜଣେ ହେଲେ ଡାକ୍ତର ରୋଗୀ ଦେଖିବାକୁ ଆସି ନ ଥିଲେ। ଫଳରେ ଏଠାରେ ଥିବା ଫାର୍ମାସିଷ୍ଟ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ବହିଃବିଭାଗରେ ବସି ରୋଗୀ ଦେଖି ଔଷଧ ଲେଖିଥିଲେ। ସେହିପରି ଜଣେ ମହିଳା ଡାକ୍ତର ମାତୃତ୍ୱ କାଳୀନ ଛୁଟିରେ ରହି ଏବେ କାର୍ଯ୍ୟରେ ଯୋଗ ଦେଇଥିଲେ ବି ସେ ବହିଃ ବିଭାଗକୁ ନ ଯାଇ ନିଜ କ୍ୱାର୍ଟରରେ ବସି ରୋଗୀ ଦେଖୁଥିବା ଦେଖାଯାଇଥିଲା। ଯେଉଁ ମହିଳା ଡାକ୍ତର ଜଣକ ନିଜ କ୍ୱାର୍ଟରରେ ବସି ରୋଗୀ ଦେଖୁଥିଲେ ସେ ବହିଃବିଭାଗର ପ୍ୟାଡ୍ ବ୍ୟବହାର କରୁଥିଲେ ଏବଂ ସମସ୍ତଙ୍କୁ କହୁଥିଲେ ନିରାମୟ କେନ୍ଦ୍ରରୁ ଔଷଧ ନେବା ପାଇଁ। ଏପଟେ ପ୍ୟାଡରେ ବହିଃବିଭାଗ ନମ୍ବର ପଡି ନ ଥିବାରୁ ନିରାମୟ କେନ୍ଦ୍ରରେ ଔଷଧ ବିତରଣ ଦାୟିତ୍ୱରେ ଥିବା କର୍ମଚାରୀ ଔଷଧ ଦେଉ ନ ଥିଲେ। ଆଉ କେତେକ ରୋଗୀ ପ୍ୟାଡ୍ ଧରି ବହିଃବିଭାଗକୁ ନମ୍ବର କରିବାକୁ ଯାଉଥିଲେବି ନମ୍ବର କରିବା ପାଇଁ କେହି କର୍ମଚାରୀ ନ ଥିବାରୁ ନିରାଶ ହୋଇ ଫେରୁଥିଲେ। ପୂର୍ବାହ୍ନ ୧୦ଟାରେ ଗୋପୀଆକୁଦର ସନ୍ଧ୍ୟାରାଣୀ ସ୍ୱାଇଁ ତାଙ୍କ ସ୍ୱାମୀଙ୍କୁ ଚିକିତ୍ସା ନିମନ୍ତେ ଆଣିଥିଲେ ବି, ଡାକ୍ତର ନ ଥିବାରୁ ନିରାଶ ହୋଇ ଫେରିଥିଲେ। ତେବେ ଏଭଳି ପରିସ୍ଥିତି ଏଠାରେ ଦୀର୍ଘଦିନ ଧରି ଲାଗିରହିଥିଲେ ବି, ଏଥିପ୍ରତି ଜନପ୍ରତିନିଧି, ଜିଲାପାଳ କିମ୍ବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ଦେଉନାହାନ୍ତି। ବହିଃବିଭାଗକୁ ନ ଯିବା ସମ୍ପର୍କରେ ସମ୍ପୃକ୍ତ ମହିଳା ଡାକ୍ତରଙ୍କୁ ପଚାରିବାରେ ସେ କହିଥିଲେ, ତାଙ୍କର ଛୋଟପିଲା କାନ୍ଦୁଥିବାରୁ ସେ ନିଜ କ୍ୱାର୍ଟରରେ ବସି ରୋଗୀ ଦେଖୁଛନ୍ତି। ଏକଥା ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇ ଥିବା ପ୍ରକାଶ କରିଥିଲେ। ମାତ୍ର ଡାକ୍ତରଖାନାରେ ଅନୁପସ୍ଥିତ ଥିବା ଚିକିତ୍ସାଧିକାରୀ ଡାକ୍ତର ପ୍ରସନ୍ନ ପଣ୍ଡାଙ୍କୁ ପଚାରିବାରେ ସେ ଏପରି ଅନୁମତି ଦେଇ ନ ଥିବା କହିଛନ୍ତି। ହେଲେ ଅପରାହ୍ନରେ ଚିତ୍ର ବଦଳି ଥିଲା। ଡାକ୍ତର ପଣ୍ଡା ପହଞ୍ଚି ନିଜେ ରୋଗୀ ଦେଖୁଥିବାର ଦେଖାଯାଇଥିଲା। ସୂଚନାଯୋଗ୍ୟ, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଜଣେ ସର୍ଜରୀ, ଜଣେ ମହିଳା ଓ ପ୍ରସୂତି ବିଭାଗ, ଜଣେ ଶିଶୁ ରୋଗ ବିଶେଷଜ୍ଞ ଓ ଜଣେ ଭେଷଜ ବିଶେଷଜ୍ଞଙ୍କୁ ମିଶାଇ ମୋଟ୍ ୫ଜଣ ଡାକ୍ତର ରହିବା କଥା। ମାତ୍ର ଦୁଃଖ ଓ ପରିତାପର ବିଷୟ ଚିକିତ୍ସାଧିକାରୀଙ୍କୁ ଛାଡିଲେ ମାତ୍ର ଜଣେ ଏମ୍‌ବିବିଏସ୍ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେ ଛଅ ମାସ ମାତୃତ୍ୱ କାଳୀନ ଛୁଟିରେ ରହିବା ସମୟରେ ଆୟୁଷ ଡାକ୍ତରଙ୍କ ହାତରେ ରୋଗୀ ସେବା ଚାଲିଥିଲା। ବର୍ତ୍ତମାନ ମହିଳା ଡାକ୍ତର କ୍ୱାର୍ଟରରେ ରୋଗୀ ଦେଖୁ ଥିବାବେଳେ, ଚିକିତ୍ସାଧିକାରୀ ସରକାରୀ କାର୍ଯ୍ୟ ଆଳରେ ପ୍ରାୟତଃ ଅନୁପସ୍ଥିତ ରହୁଛନ୍ତି। ବହିଃ ବିଭାଗରେ ପଡିଥିବା ଚୌକି ଖାଲି ପଡୁଛି। ଫଳରେ ଏପରି ରୋଗୀସେବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ଏଠାରେ ଡାକ୍ତର ନିଯୁକ୍ତି କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟା ପଣ୍ଡାଙ୍କୁ ପଚାରିବାରେ ସେ କହିଥିଲେ, କ'ଣ ହୋଇଛି ମୁଁ ବୁଝିବି। ଏହାପରେ ଯାହା ପଦକ୍ଷେପ ନିଆଯିବ। ଡାକ୍ତର ଅଭାବ ସମ୍ପର୍କରେ କହିଥିଲେ, ବର୍ତ୍ତମାନ କାଉନସେଲିଂ ଚାଲିଛି। କାଉନସେଲିଂ ସରିବା ପରେ ଡାକ୍ତର ନିଯୁକ୍ତି ହେବେ।

# ଅଢ଼େଇକୂଳ ପଞ୍ଚାୟତର ୩୯ଜଣଙ୍କୁ ମିଳୁନି ଭତ୍ତା



ଜିଲାପାଳ ଓ ଅନ୍ୟମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ରଘୁନାଥପୁର,୨।୩(ଡି.ଏନ୍.ଏ.)

- ୧୩୧ ଅଭିଯୋଗ ଶୁଣିଲେ ଜିଲାପାଳ
- ପୂର୍ବରୁ ହୋଇଥିବା ୩୧୭ ଅଭିଯୋଗରୁ ୧୬୯ର ସମାଧାନ

ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୩୧ଟି ଅଭିଯୋଗ ହୋଇଥିଲା। ଜନଶୁଣାଣିରେ ମୁଖ୍ୟତଃ, ତାରପୁର କୃଷି ସେବା ସମବାୟ ସମିତି ଚିକିଣିଆରେ ଚାଲୁଥିବା ଧାନମଣ୍ଡିରେ ଅନିୟମିତତା, କାର୍ଯ୍ୟଦିବସରେ ଅଫିସ ଖୋଲା ନ ଯିବା, କୌଣସି କାର୍ଯ୍ୟ ପାଇଁ ଚାଷୀଙ୍କୁ ସମିତି କର୍ମଚାରୀଙ୍କ ଘରକୁ ଯିବା, ମଣ୍ଡିରେ କ୍ଷୁଦ୍ର ଚାଷୀଙ୍କୁ ଅବହେଳା, ସ୍ୱଳ୍ପ ଜମି ମାଲିକଙ୍କ ନାମରେ ଟୋକନ ପ୍ରଦାନ କରାଯାଇ ଅଧିକ ପରିମାଣର ଧାନ ଉଠାଯିବା, ଉନ୍ନତ ମାନର ଧାନରୁ ୨କେଜି କାଟ୍ କରିବା ସମ୍ପର୍କରେ ଚାଷୀ ନିଗମାନନ୍ଦ ଦାସ, ପବିତ୍ରମୋହନ ନାୟକ, ଅଶୋକ କୁମାର ଦାସ ଓ ସନ୍ତୋଷ ଶତପଥୀ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷରେ ଗତ ୬ମାସ ପୂର୍ବେ ଅଢେଇକୂଳ ପଞ୍ଚାୟତର ୩୯ଜଣ ଯୋଗ୍ୟ ହିତାଧିକାରୀଙ୍କ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଇ ୩ ସେଟ୍ ଫର୍ମ ବ୍ଲକରେ ପ୍ରଦାନ କରାଯାଇଥିଲେ ମଧ ଏମାନଙ୍କୁ ଉପେକ୍ଷା କରାଯାଉଛି ବୋଲି ସରପଞ୍ଚ ଶେଷଦେବ ସେଠୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାନ୍ଦପୁର ଠାରୁ ରେଲୱେ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଇଥିଲେ ମଧ ପ୍ରାୟ ୧ବର୍ଷ ହେବ ଏହାର କାର୍ଯ୍ୟ କରାଯାଉ ନ ଥିବା ଜଗନ୍ନାଥପୁର ସମିତିସଭ୍ୟ ମେହେବୁବ ବେଗ୍ ଅଭିଯୋଗ କରିଥିଲେ। ଜିଲାପାଳ ମହାପାତ୍ର ଏହାକୁ ଗୁରୁତ୍ୱ ପ୍ରଦାନ କରି ଦୁଇଦିନ ମଧ୍ୟରେ ଏହାର ସମାଧାନ କରିବା ପାଇଁ ଏବିଡିଓ ଅଶୋକ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ହୋଇଥିବା ୩୧୭ ଅଭିଯୋଗରୁ ୧୬୯ଟି ସମାଧାନ ହୋଇଥିବା ଜିଲାପାଳ ମହାପାତ୍ର କହିଥିଲେ। ଶାଳିଜଙ୍ଗସ୍ଥିତ ୭ନଂ(ଗ) କେନାଲରୁ ଯାଇଥିବା କାଡ଼ାନାଳର ପୁନରୁଦ୍ଧାର, ୭ନଂ. କେନାଲ ବନ୍ଧରୁ ରେଢୁଆକୁ ସଂଯୋଗ କରୁଥିବା ରାସ୍ତାର ଉତ୍ତର ପଟେ ଏକ କଲଭର୍ଟ ନିର୍ମାଣ ପାଇଁ ନବନିର୍ମାଣ ସଙ୍ଗଠନର କେତେଜଣ କର୍ମକର୍ତ୍ତା ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏଥିରେ ଏସ୍‌ପି ପ୍ରକାଶ ଆର, ପି.ଡି. ସରୋଜକାନ୍ତ ମହାନ୍ତି, ତହସିଲଦାର ରୁପାଲିକା ଦାଶଙ୍କ ସମେତ ଜିଲା ଓ ବ୍ଲକ ସ୍ତରର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩ ସ୍ଥାନରେ ପୋଲ ନିର୍ମାଣକୁ ନେଇ ଛକାପଞ୍ଝା

ତିର୍ତ୍ତୋଲ,୨।୩(ଡି.ଏନ.ଏ.)

- ତିର୍ତ୍ତୋଲ-ପୋଷଲ ପୋଲ ପାଇଁ ମୃତ୍ତିକା ପରୀକ୍ଷା କରାଯାଇଛି
- କୋଟକଣାଠାରୁ-ବାନାମ୍ବର ମହାଦେବଙ୍କ ପର୍ଯ୍ୟନ୍ତ ପୋଲ ପାଇଁ ଆନ୍ଦୋଳନ ଚାଲିଛି

ତିର୍ତ୍ତୋଲ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନ ମହାନଦୀର ୩ଟି ସ୍ଥାନରେ ସେତୁ ନିର୍ମାଣ ପାଇଁ ପ୍ରସ୍ତାବରହିଥିବା ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଏହି ୩ଟି ସେତୁ ତିର୍ତ୍ତୋଲ-ପୋଷଲ, କୋଟକଣା-(କିଳିପାଳ)ବାନାମ୍ବର ଏବଂ ଜଇପୁର-କଟିକଟା ଭାୟା କୃଷ୍ଣାନନ୍ଦପୁର ମଧ୍ୟରେ ନିର୍ମାଣ ହେବାକୁ ପ୍ରସ୍ତାବ ଦିଆଯାଇଛି। ତେବେ ଏହି ସ୍ଥାନଗୁଡ଼ିକ ମଧ୍ୟରୁ କେଉଁଠାରେ ପ୍ରଥମେ ପୋଲ ନିର୍ମାଣ କରାଯିବ ତା'କୁ ନେଇ ଛକାପଞ୍ଝା ଆରମ୍ଭ ହୋଇଯାଇଛି। କାରଣ ପ୍ରସ୍ତାବିତ ସ୍ଥାନଗୁଡ଼ିକ ମଧ୍ୟରୁ ତିର୍ତ୍ତୋଲ-ପୋଷଲ ପୋଲ ପାଇଁ ମୃତ୍ତିକା ପରୀକ୍ଷା କରାଯାଇ ବିଭାଗକୁ ରିପୋର୍ଟ ପ୍ରଦାନ କରାଯାଇଛି। ଅନ୍ୟ ଦୁଇ ସେତୁ ସମ୍ପର୍କରେ ଜନସାଧାରଣଙ୍କୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ତିର୍ତ୍ତୋଲ ବିଧାୟିକା ଥିବା ସମୟରେ ଜଇପୁର-କଟିକଟା ଭାୟା କୃଷ୍ଣାନନ୍ଦପୁର ପୋଲ ନିର୍ମାଣ ପାଇଁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ସେ ଏକାଧିକ ସଭାରେ ଉକ୍ତ ପୋଲ ନିର୍ମାଣ ହେଲେ ତିର୍ତ୍ତୋଲ ଧୋୟା ଅଞ୍ଚଳ ସହ ଗମନା ଗମନର ସୁବିଧା ହୋଇପାରିବ ବୋଲି ବକ୍ତବ୍ୟରେ ସୂଚନା ଦେଇଥିଲେ। ଏଥିସହ ସେ ଏହି ପୋଲ ନିର୍ମାଣ ପାଇଁ ଉଦ୍ୟମ କରୁଥିବା ପ୍ରକାଶ କରିଥିଲେ।

ଅଥଚ ଏପର୍ଯ୍ୟନ୍ତ ସରକାରୀ ଭାବରେ ପୋଲ ନିର୍ମାଣ ପାଇଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପୋଲ ନିର୍ମାଣ ହେଲେ ଜଗତ୍‌ସିଂହପୁର ସଦର ମହକୁମାରୁ ତିର୍ତ୍ତୋଲ ବ୍ଲକର କୃଷ୍ଣାନନ୍ଦପୁର, ବିଷ୍ଣୁନପୁର, କନିମୂଳ ସମେତ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଓ କଟକ ଜିଲା ସଦର ବ୍ଲକକୁ ଗମନା ଗମନ ସୁବିଧା ହୋଇପାରିବ। ପୋଲ ନିର୍ମାଣ ଘୋଷଣା ବିଳମ୍ବକୁ ନେଇ ଏହି ପୋଲ ଉପରେ ନୀର୍ଭର କରିବାକୁ ଥିବା ପଞ୍ଚାୟତବାସୀଙ୍କ ମଧ୍ୟରେ ସନ୍ଦେହ ଦେଖାଦେଇଛି। ତେଣୁ ଶୀଘ୍ର ଏ ସମ୍ପର୍କରେ ବିଭାଗ ତରଫରୁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହୋଇଛି। ସେହିଭଳି ତିର୍ତ୍ତୋଲ ବ୍ଲକ ତରଜଙ୍ଗା ପଞ୍ଚାୟତ କୋଟକଣାଠାରୁ-ବାନାମ୍ବର ମହାଦେବଙ୍କ ପର୍ଯ୍ୟନ୍ତ ପୋଲ ନିର୍ମାଣ ନେଇ ଦୀର୍ଘ ବର୍ଷ ହେବ ଆନ୍ଦୋଳନ ଚାଲିଛି। ନିକଟରେ କୋଟକଣା-(କିଳିପାଳ)ବାନାମ୍ବର ସେତୁ କ୍ରିୟାନୁଷ୍ଠାନ କମିଟି ତରଫରୁ ଜଳସମ୍ପଦ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏହା ପୂର୍ବରୁ ଏହି କ୍ରିୟାନୁଷ୍ଠାନ କମିଟି ତରଫରୁ କଟକ-ପାରାଦୀପ ରାସ୍ତା ପାର୍ଶ୍ୱରେ କୋଟକଣାଠାରେ ଆମରଣ ଅନଶନ ସହ କନିମୂଳଠାରେ ମଧ ଅନଶନ କରାଯାଇଥିଲା। ଏହି ପୋଲ ନିର୍ମାଣ ପାଇଁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟିଙ୍କ ନେତୃତ୍ୱରେ ସେତୁ କ୍ରିୟାନୁଷ୍ଠାନ କମିଟି ବ୍ୟାନରରେ ଆନ୍ଦୋଳନ ଚାଲିଛି। ଏହି ୩ ପ୍ରସ୍ତାବିତ ସେତୁ ମଧ୍ୟରୁ କେଉଁଟା ଶୀଘ୍ର ଆରମ୍ଭ ହେବ ସେଥିନେଇ ବିଭାଗ ନିକଟରେ ମଧ କୌଣସି ସୂଚନା ନାହିଁ। ରାଜ୍ୟ ସରକାର ଏଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ଦାବି କରାଯାଉଛି।

ଏ ସମ୍ପର୍କରେ ଆରଡି ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱରାଜ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ତାଙ୍କ କାର୍ଯ୍ୟାଳୟ ତରଫରୁ ପ୍ରସ୍ତାବିତ ସେତୁଗୁଡିକ ସମ୍ପର୍କରେ ଲଙ୍ଗଚ୍ୟୁଆଲ ଆଟିଚ୍ୟୁଡ ରିପୋର୍ଟ ପ୍ରଦାନ କରାଯାଇଛି। ତେବେ କେଉଁ ସ୍ଥାନରେ ଆଗ ପୋଲ ନିର୍ମାଣ ହେବ ତାହା ବିଭାଗୀୟ ଉଚ୍ଚ ଅଧିକାରୀ ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଛନ୍ତି।

# ବ୍ଲକ ପ୍ରଶାସନ ନିଷ୍ପତ୍ତିକୁ ସ୍ୱାଗତ

ବାଲିଆ,୨।୩

ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ର ନିର୍ମାଣ ବିବାଦର ଅବସାନ

ବିରିଡ଼ି ବ୍ଲକ ଅଧୀନ ହାଜିପୁର ପଞ୍ଚାୟତରେ ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ର ନିର୍ମାଣକୁ ନେଇ ବ୍ଲକ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଏବେ ଏହି ବିବାଦର ଅବସାନ ଘଟିଛି। ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ର ନିର୍ମାଣ ପାଇଁ ବ୍ଲକ ପ୍ରଶାସନର ନିଷ୍ପତ୍ତିକୁ ଗ୍ରାମବାସୀ ସ୍ୱାଗତ ଜଣାଇଛନ୍ତି। ହାଜିପୁର ପଞ୍ଚାୟତରେ ହେବାକୁଥିବା ଏହି ପୁନରୁଦ୍ଧାର କେନ୍ଦ୍ର ପାଇଁ ଜିଲାପାଳ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବ୍ଲକ ପ୍ରଶାସନ ହାଜିପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏହି କେନ୍ଦ୍ର ନିର୍ମାଣ କରିବାକୁ ସ୍ଥିର କରିଥିବାରୁ ଗ୍ରାମବାସୀ ବିରୋଧ କରି ଆସୁଥିଲେ। କାରଣ ପଞ୍ଚାୟତ ସମ୍ମୁଖରେ ଏହା କରାଗଲେ ହାଜିପୁର ବେହେରା ସାହିର ବାସିନ୍ଦା ପ୍ରଭାବିତ ହେବାର ସମ୍ଭାବନା ରହିଛି। ଯାହାକୁ ନେଇ ଏକ ମାସ ହେବ ବିବାଦ ଦେଖାଦେଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ ପାଇଁ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ବିରିଡି ଥାନାଧିକାରୀ ପାରାଓ ଟୁଡୁ, ସରପଞ୍ଚ ବିମଳ ସେଠୀ ଓ ଗ୍ରାମବାସୀଙ୍କ ତରଫରୁ ଲକ୍ଷ୍ମୀଧର ଦାସ, କାହ୍ନୁ ବେହେରା, ବାବାଜୀ ଦାସ, ସୋମନାଥ ଦାସ, ପୀତାମ୍ବର ବେହେରା, ଆକୁଳି ବେହେରା, ପୀତବାସ ବେହେରା, ବେନୁ ବେହେରା, ପଦ୍ମନାଭ ବେହେରା ଓ ଅନ୍ୟମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ। ଆଲୋଚନା ପରେ ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କରା ନ ଯାଇ କାର୍ଯ୍ୟାଳୟ ପଛପଟ ଖାଲି ସ୍ଥାନରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

**COLLECTORATE, MALKANGIRI**
District Child Protection Unit (Child Welfare Section)
ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମାଲକାନଗିରି

**ବିଜ୍ଞାପନ** No.g-82

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୌଣସି ଏକ ମହିଳା ଗତ ଜାନୁୟାରୀ ମାସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇ ଛାଡି ଚାଲିଯାଇଅଛି। ସେହି ଶିଶୁକନ୍ୟାଟିକୁ ଉଦ୍ଧାର କରାଯାଇ ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ରଖାଯାଇଅଛି। ଉକ୍ତ ଶିଶୁକନ୍ୟାର ଯଦି କେହି ସମ୍ପର୍କୀୟ ଓ ଦାବିଦାର ଥାଆନ୍ତି ତେବେ ଉପଯୁକ୍ତ ପ୍ରମାଣପତ୍ର ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ମାଲକାନଗିରିଙ୍କ କାର୍ଯ୍ୟାଳୟରେ, (ଫୋନ ନଂ.୦୬୮୬୧୨୩୧୨୧୧) ଯୋଗାଯୋଗ କରିବାହେବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ। ଏହି ଶିଶୁର କୌଣସି ଦାବିଦାର ଏକ ମାସ ମଧ୍ୟରେ ନ ମିଳିଲେ ଶିଶୁଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ।



**ସ୍ୱା./- ଜିଲ୍ଲାପାଳ, ମାଲକାନଗିରି**

OIPR-33019/11/0004/1920

ଓଡ଼ିଶା ସରକାର
**DISTRICT RURAL DEVELOPMENT AGENCY, KANDHAMAL**
Panchayati Raj & Drinking Water Department
Government of Odisha
Tel: 06842 (STD Code) 253696 (Off.), 253709 (Res.), 255297, 253905 (Fax), Email: ori-dphulbani@nic.in
No. 990/ Date: 02.03.2020

**OFFICE ORDER**

The advertisement for contractual engagement of Gram Rozgar Sevak (GRS) of Kandhamal District under MGNREGA vide Advertisement No. 3828, dated 11.09.2019 is hereby cancelled and further advertisement shall be published in near future.

*Sd./- Collector-cum-CEO, Zilla Parishad, Kandhamal*

OFFICE OF THE PRINCIPAL
**S.V.M. AUTONOMOUS COLLEGE**
JAGATSINGHPUR-754103 (ODISHA)
Tel: 06724-220027, Fax: 06724-220119, Email: svmc.orissa@gmail.com

**ADVERTISEMENT**

Sealed quotations are invited from the intending suppliers / authorized dealers / publishers having GST/VAT clearance for supply of Library Books (Text Books as per CBCS pattern) of this college under WB-OHEPEE scheme. The quotations reflecting the Percentage of discount on the books admissible for educational institution, should reach the office of the Principal, S.V.M. Autonomous College, Jagatsinghpur through Regd. Post / Speed Post only by 21.03.2020 upto 5 PM. The sealed quotations will be opened on 23.03.2020 at 11 AM. The details of indents may be downloaded from our website www.svmcauto.org.in.

The undersigned reserves the right to reject any or all quotations without assigning any reason thereof.

*Sd./- (Smt. NITARANI KAR), Principal*
*S.V.M. Autonomous College, Jagatsinghpur*

# ପୁନରୁଦ୍ଧାର ହେଲା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ

ଏରସମା,୨।୩(ସ୍ୱ.ପ୍ର.)

ଏରସମା ବ୍ଲକ ମୁଖ୍ୟାଳୟରେ ପ୍ରତିଷ୍ଠା କରାଯାଇଥିବା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠର ପୁନରୁଦ୍ଧାର ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଦୀର୍ଘ ଦିନ ହେଲା ଅବହେଳିତ ହୋଇ ରହିଥିବା ଏହି ଐତିହାସିକ ସ୍ମୃତି ପୀଠର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଏରସମା ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସ୍ୱାଧୀନତା ସଂଗ୍ରାମୀ ସଂଘ ସହଯୋଗରେ ଏହି କାର୍ଯ୍ୟ କରାଯାଉଛି। ଏବେ ପଡ଼ିଆ ସଫେଇ କରାଯିବା ସହିତ ଫାଟକ ମରାମତି, ବଗିଚା, ପଠାଗାର ଓ ସଭାଗୃହର ପୁନରୁଦ୍ଧର କାର୍ଯ୍ୟ ଚାଲିଛି।

ପ୍ରକାଶଯୋଗ୍ୟ, ଭାରତର ମୁକ୍ତି ସଂଗ୍ରାମରେ ଏରସମା ମାଟିର ଭୂମିକା ଥିଲା ବେଶ ଗୁରୁତ୍ୱପୂର୍ଣ୍ଣ। ମହାତ୍ମା ଗାନ୍ଧୀଙ୍କ ଆଇନ ଅମାନ୍ୟ ଆନ୍ଦୋଳନର ଡାକରାର ଯେତେବେଳେ ସାର ଦେଶରେ ଆନ୍ଦୋଳନର ବହ୍ନୀ ପ୍ରଜ୍ୱଳିତ ହେଲା, ତା'ର ପ୍ରତିଧ୍ୱନୀ ଏରସମା ମାଟିରୁ ମଧ ସୃଷ୍ଟି ହୋଇଥିଲା। ଏହି ବ୍ଲକ ଅନ୍ତର୍ଗତ ସିହା ଲୁଣି ପାଟ ଓ ଗୋଡାରେ ଲୁଣ ମାରି ଆଇନ ଅମାନ୍ୟ କରି ଶତାଧିକ ଦେଶପ୍ରେମୀ ବନ୍ଦୀ ହୋଇଥିଲେ। ଏଥିସହିତ ୧୯୪୨ ସେପ୍ଟେମ୍ବର ୬ରେ ବ୍ଲକର ଶତାଧିକ ସଂଗ୍ରାମୀ ସ୍ୱଷ୍ଟ ଦିବାଲୋକରେ ଏରସମାର ତତ୍‌କାଳୀନ ବ୍ରିଟିଶ ଥାନାକୁ ପୋଡିଦେଇ ଇତିହାସ ସୃଷ୍ଟି କରିଥିଲେ। ଏରସମା ଭଳି ଏକ ଉପାନ୍ତ ଅଞ୍ଚଳ ଲୋକଙ୍କ ଭିତରେ ଏପରି ଦେଶପ୍ରେମ ଜାଗ୍ରତ ହେବା କିଛି କମ ଗୌରବର କଥା ନୁହେଁ। ତେବେ ସେହିମାନଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଏରସମାର ମୁଖ୍ୟାଳୟରେ ନିର୍ମାଣ କରାଯାଇଥିଲା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ। ସେଠାରେ ମହାତ୍ମା ଗାନ୍ଧୀ ଓ ଏରସମାର ପ୍ରଥମ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ଗୌରୀଶ୍ୟାମ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ମାତ୍ର ଜାତୀୟ ଦିବସ ବ୍ୟତୀତ ଅନ୍ୟ ଦିନରେ ତାହା ଅବହେଳିତ ଅବସ୍ଥାରେ ରହୁଥିଲା।



ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠର ପୁନରୁଦ୍ଧାର କରାଯାଉଛି।

**OFFICE OF THE AUDIT OFFICER, LOCAL FUND AUDIT, 4TH & 5TH FLOOR, SPECIAL TREASURY No.1 BUILDING BHUBANESWAR**

O.O. No. 684/LFA Dt. 28.02.2020

**QUOTATION**

No.S-37 :- Sealed quotations are invited from interested reputed Travel Agencies, Tour Operators/service providers or private individuals on or before 4.00 P.M. of 16.03.2020 for providing one no. of Tiago/Bolt/ Celerio (Petrol) vehicles having sitting capacity not more than five including driver, which shall confirm to the terms and conditions (Annexure-II) for official use in Office of the Audit Officer, Local Fund Audit, Bhubaneswar on monthly rent basis :

1) The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution free Certificate, Valid Contract Carriage Permit, Proof of up to date tax payment etc. which are mandatory for plying of vehicles.
2) Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle in a Government/Semi Government organization preferably for a period of at least three years.
3) The Driver should be well behaved, gentle and obedient in nature.
4) A sum of Rs. 5000/- shall be deposited by the intending bidders in shape of Account payee Bank Draft drawn in favour of the Audit Officer, Local Fund Audit, Bhubaneswar and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5) The Successful bidder will have to deposit Rs. 10,000/- in shape of account payee Bank Draft as performance security deposit which will be kept along with security deposit with the hirer till the completion of the contract or termination of the agreement, if any, which is earlier.
6) The monthly rate of hire charge be quoted separately in the general bid information (excluding fuel and lubricants).
7) The Vehicle must achieve a fuel efficiency of 17 Kms per litre.
8) The details of the make and year of manufacture of the vehicle, registration no., mileage (Kms covered per litre) and name of the Driver with driving License No. and period of validity should be specifically provided in the general bid information to be furnished with the Quotation (Annexure-III).
9) The Quotation completed in all respect should reach the undersigned on or before 16.03.2020 by 4.00 P.M. and shall be opened on 16.03.2020 at 5.00 P.M. in presence of the bidders or their authorized representatives.
10) The bidders are requested to refer letter No.30464/F dt. 06.09.2019 of Finance Department, Odisha, for further details.

**Sd./- Audit Officer,**
**Local Fund Audit, Bhubaneswar**
**OIPR-05009/11/0007/1920**

**ODISHA SUB-ORDINATE STAFF SELECTION COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ୍ ନଂ.-୩ ଏବଂ ୫, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯
ଦୂରଭାଷ: 0674-2597149, 2597152 (ଅଫିସ୍), ଫାକ୍ସ: 0674-2597155,
ୱେବ୍‌ସାଇଟ୍: www.osssc.gov.in

**ବିଜ୍ଞାପନ**

ସଂଖ୍ୟା: IIE-34/2016-15 (C)/ OSSSC, ତାରିଖ: 26.02.2020

**ଜିଲ୍ଲାସ୍ତରୀୟ ଉଦ୍ୟାନ ସମ୍ପ୍ରସାରଣ ସେବକ (HEW) ଓ ଗ୍ରାମ୍ୟ କୃଷି ସେବକ (VAW) ପଦବୀର ପ୍ରାର୍ଥୀ ଚୟନ ନିମନ୍ତେ ଲିଖିତ ପରୀକ୍ଷା**

**No. T-204:-** ଜିଲ୍ଲାସ୍ତରୀୟ ଉଦ୍ୟାନ ସମ୍ପ୍ରସାରଣ ସେବକ ଓ ଗ୍ରାମ୍ୟ କୃଷି ସେବକ ପଦବୀରେ ପ୍ରାର୍ଥୀ ଚୟନ ନିମନ୍ତେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (OSSSC), ଭୁବନେଶ୍ୱରଙ୍କ ବିଜ୍ଞାପନ ସଂଖ୍ୟା- IIE-34/2016-448(C)/OSSSC, ତା16.11.2016ରିଖ ଓ IIE-34/2016-561(C)/OSSSC, ତା20.12.2016ରିଖ ଅନୁଯାୟୀ ଲିଖିତ ପରୀକ୍ଷା ଆସନ୍ତା ତା31.05.2020 ରବିବାର ଦିନ ପୂର୍ବାହ୍ନ 9.30 ଘଟିକାରେ ସମସ୍ତ ଜିଲ୍ଲା ସଦର ମହକୁମାର ଅନୁମୋଦିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।

ପ୍ରାର୍ଥୀମାନେ ଆୟୋଗଙ୍କ ୱେବ୍‌ସାଇଟ୍ www.osssc.gov.inକୁ ଯାଇ ନିଜର ପଞ୍ଜୀକୃତ ID ଏବଂ Password ବ୍ୟବହାର କରି ପ୍ରବେଶପତ୍ର 15.05.2020 ତାରିଖଠାରୁ ଡାଉନ୍‌ଲୋଡ୍ କରି ଅନୁମୋଦିତ କେନ୍ଦ୍ରରେ ପରୀକ୍ଷା ଦେଇପାରିବେ। ଛପା ପ୍ରବେଶପତ୍ର କାହାରିକୁ ଡାକ ଦ୍ୱାରା ପ୍ରେରଣ କରାଯିବ ନାହିଁ। ପ୍ରାର୍ଥୀମାନେ ଆୟୋଗଙ୍କ ୱେବ୍‌ସାଇଟ୍ www.osssc.gov.inକୁ ଯାଇ ପରବର୍ତ୍ତୀ ସୂଚନା ପାଇପାରିବେ।

ଆୟୋଗଙ୍କ ଆଦେଶମତେ
ସ୍ୱା./- ସଚିବ
OIPR-09007/11/0008/1920

ଦିବ୍ୟାଙ୍ଗ ହେଲେ ମଧ୍ୟ ଏମାନେ ଅନ୍ୟମାନଙ୍କଠାରୁ କମ୍ ନୁହନ୍ତି। ବିଭିନ୍ନ ପ୍ରତିବନ୍ଧକକୁ ଏଡ଼ାଇ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇ ଚାଲିଛନ୍ତି । ଚଳିତ ମାସ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ। ଏହି ଅବସରରେ ଅନ୍ୟପାଇଁ ପ୍ରେରଣା ସାଜିଥିବା କେତେଜଣ ଦିବ୍ୟାଙ୍ଗ ମହିଳାଙ୍କୁ ନେଇ ଉପସ୍ଥାପନା...

# ତଥାପି ସକ୍ଷମ





ଏ ବର୍ଷର ସ୍ଲୋଗାନ ରହିଛି 'ଆଇ ଆମ୍ ଜେନେରେଶନ ଇକ୍ୱାଲିଟି : ରିୟଲାଇଜିଂ ୱିମେନ'ସ ରାଇଟ୍'।

## ଦୃଢ଼ ମନୋବଳ ମୋତେ ବାଟ ଦେଖାଇଛି : ଅଙ୍ଗୁରବାଳା ରଥ

"ମୁଁ ଜନ୍ମ ନେବାର ମାତ୍ର ୧୦ ମାସ ହୋଇଥାଏ। ଭାଗ୍ୟର ବିଡ଼ମ୍ବନା। ହଠାତ୍ ମୋର ଡାହାଣ ହାତ ଏବଂ ବାମଗୋଡ଼ ପୋଲିଓଗ୍ରସ୍ତ ହେଲା। ତା'ପରେ ସତେ ଯେମିତି ଆମ ପରିବାର ଉପରେ ଆକାଶ ଛିଣ୍ଡି ପଡ଼ିଲା। ଏତେ ଛୋଟ ବେଳୁ ମୋ ଦାୟିତ୍ୱ ତୁଲାଇବାକୁ ମା'ବାପା ଆଦୌ ଅବହେଳା କରି ନ ଥିଲେ। ଯେତେବେଳେ ମୁଁ ସବୁକଥା ଜାଣିଲି ଏବଂ ମୋର ବୟସ ବଢ଼ିଗଲା ସେତେବେଳଠାରୁ ନିଜ କାମ ନିଜେ କରିବାକୁ ଚେଷ୍ଟାକଲି। ଏବେ ନିଜେ ରୋଜଗାର କରିପାରୁଛି। ପରିବାର ଦାୟିତ୍ୱ ନିଜେ ତୁଲାଉଛି" ବୋଲି କହନ୍ତି ଯାଜପୁରରୋଡ୍ ଉମାପଦା ଗ୍ରାମର ଅଙ୍ଗୁରବାଳା ରଥ। ବାପା ଗୋଲଖ ବିହାରୀ ରଥ ଓ ମାଆ ସ୍ନେହଲତା ରଥଙ୍କର ବଡ଼ ଝିଅ ସେ। ପରିବାରରେ ୮ ଭାଇ ଭଉଣୀ। ସେତେବେଳେ ତାଙ୍କ ବାପା ପ୍ରାଇମେରି ଟିଚର ଥିଲେ। ଦରମା କମ୍ ପାଉଥିଲେ ବି ବାଧାବିଘ୍ନକୁ ସାମ୍ନା କରି ତାଙ୍କ ବାପା ପରିବାରଟିକୁ ଚଳାଇନେଉଥିଲେ। ଅଙ୍ଗୁରବାଳା ମାଟ୍ରିକ୍ ଆଉ ସି.ଟି. ପାସ୍ କଲା ପରେ ପ୍ରଥମେ ହଳଦୀଗଡ଼ିଆ ମଦନମୋହନ ନୋଡାଲ ସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ସେ ଏବେ ଚୂନଭାଟି ପ୍ରୋଜେକ୍ଟ ପ୍ରାଇମେରି ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ୧୫ ବର୍ଷର ଶିକ୍ଷକତା ଜୀବନର ସୁଖଦୁଃଖ ଭରା ସ୍ମୃତିକୁ ନିଜ ମନ ଭିତରେ ସାଇତି ରଖିଛନ୍ତି ଅଙ୍ଗୁରବାଳା। ଏହି ଶାରୀରିକ ଭିନ୍ନକ୍ଷମତା ତାଙ୍କ ପାଇଁ କେବେ ସମସ୍ୟା ହୋଇ ଠିଆହୋଇନାହିଁ। ଏପରି କି ନିଜ ନିତ୍ୟକର୍ମ ପାଇଁ ସେ କାହା ଉପରେ ନିର୍ଭର କରନ୍ତିନି। ମନରେ ଅଦମ୍ୟ ସାହସ। ଦୃଢ଼ ମନୋବଳ ତାଙ୍କୁ ଆଜି ଏତେ ବାଟ ଆଗେଇନେଇଛି ବୋଲି କହନ୍ତି ସେ। କେବଳ ସେତିକି ନୁହେଁ, ଅବସର ସମୟରେ ସିଲେଇ କାମରେ ନିଜକୁ ନିୟୋଜିତ ରଖନ୍ତି ସେ। ସମୟ ସହ ତାଳଦେଇ ବୟସ ବଢ଼ୁଛି। ହେଲେ ଜଣେ କର୍ମଜୀବୀ ଭାବରେ ନିଜ ଜୀବନ ରଥକୁ ସେ ଖୁସିର ସହ ଆଗେଇନେଇ ଚାଲୁଛନ୍ତି।


ଚନ୍ଦ୍ରକାନ୍ତି


ସୁପ୍ରିୟା


ଜ୍ୟୋସ୍ନାରାଣୀ


ପ୍ରଣତି


ଅଙ୍ଗୁରବାଳା

## ଆର୍ଥିକ ପରିସ୍ଥିତି ସୁଧାରିପାରିଛି : ଚନ୍ଦ୍ରକାନ୍ତି ସାନ୍ଧ

ପରିବାରର ଆର୍ଥିକ ପରିସ୍ଥିତି ପ୍ରତି ମୁହୂର୍ତ୍ତରେ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା। ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିଲେ ସତ, କିନ୍ତୁ ପରିବାର ଉପରେ ବୋଝ ହୋଇ ରହିବାକୁ ସେ ଚାହିଁ ନ ଥିଲେ। ପିଲାଟି ବେଳୁ କିପରି ନିଜ ଗୋଡ଼ରେ ନିଜେ ଠିଆହେବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଥିଲେ। ସେ ହେଲେ ବରଗଡ଼ ଜିଲା ସରସରା ପଞ୍ଚାୟତ ତେଲେନ୍‌ଟିକ୍ରା ଗ୍ରାମର ଚନ୍ଦ୍ରକାନ୍ତି ସାନ୍ଧ। ଘରେ ୨ ଭାଇ ଓ ୨ ଭଉଣୀ। ବରଗଡ଼ ଓମେନ୍ସ କଲେଜରୁ ବ୍ରେଲି ଅକ୍ଷରରେ ପାଠ ପଢ଼ି ସେ ଓଡ଼ିଆ ଅନର୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତା'ପରେ ମନରେ ଶିକ୍ଷକତାର ସ୍ୱପ୍ନ ଉଙ୍କି ମାରିଥିଲା। ବଲାଙ୍ଗୀର ଏସ୍‌ଟି ସ୍କୁଲରୁ ସି.ଟି. ପାସ୍ କରିବା ପରେ ଆରମ୍ଭ ହୋଇଥିଲା ତାଙ୍କର ଶିକ୍ଷକତା ଜୀବନ। ବର୍ତ୍ତମାନ ସେ ସ୍ଥାନୀୟ ତେଲେନ୍‌ଟିକ୍ରା ପ୍ରାଇମେରି ସ୍କୁଲରେ ଶିକ୍ଷକତା କରୁଛନ୍ତି। ସାତବର୍ଷର ଶିକ୍ଷକତା ଜୀବନରେ ବାପା ଟେଙ୍ଗୁନୁ ସାନ୍ଧ ଓ ମାଆ ସାବିତ୍ରୀ ସାନ୍ଧଙ୍କ ସହଯୋଗ ବେଶ୍ ରହିଛି ବୋଲି କୁହନ୍ତି ସେ। ଘରଠାରୁ ୧ କି.ମି. ଦୂର ସ୍କୁଲରେ ପହଞ୍ଚିବାରେ ପିଲାମାନଙ୍କ ସହଯୋଗକୁ ପ୍ରଶଂସା କରନ୍ତି ଚନ୍ଦ୍ରକାନ୍ତି।

## ପରିଶ୍ରମର ମୂଲ୍ୟ ମିଳିଛି : ସୁପ୍ରିୟା ପାତ୍ର

ସୁପ୍ରିୟା ପାତ୍ର। ଘର ପୁରୀ ଜିଲା ନିମାପଡ଼ା ବ୍ଲକ ଅଣ୍ଡିଆ ସାହିରେ। ବାପା ସ୍ୱର୍ଗତ ସୁରେନ୍ଦ୍ରନାଥ ପାତ୍ର ଓ ମାଆ ଜ୍ୟୋତିବାଳା ପାତ୍ର। ପରିବାରରେ ୪ ଭଉଣୀ। ଜଣେ ଭଉଣୀଙ୍କୁ ଛାଡ଼ିଦେଲେ ବାପାମାଆଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଭିନ୍ନକ୍ଷମ। ଜନ୍ମରୁ ପାର୍ସିଆଲି ସାଇଟେଡ୍ ବ୍ଲାଇଣ୍ଡ ସୁପ୍ରିୟା ନିମାପଡ଼ା କଲେଜରୁ ଓଡ଼ିଆ ଅନର୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୨୦୦୨ରେ ଯାଜପୁର ଜିଲା ବରୀ ବ୍ଲକ ମାଟିଆପଡ଼ା ଗ୍ରାମର ସଞ୍ଜୀବ କୁମାର ଜେନାଙ୍କୁ ପ୍ରେମ ବିବାହ କଲେ। ପୁଣି ଏମିତି ସଂଯୋଗ ଯେ ସ୍ୱାମୀ ସଞ୍ଜୀବ ମଧ୍ୟ ତାଙ୍କର ଦୁଇ ଆଖି ହରାଇ ସାରିଛନ୍ତି। ଏବେ କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିର ପାଖରେ ଉଭୟ ସ୍ୱାମୀସ୍ତ୍ରୀ ଘରଭଡ଼ା ନେଇ ରହୁଛନ୍ତି। ଦୁହେଁ ପାଉଛନ୍ତି ଭିନ୍ନକ୍ଷମ ଭତ୍ତା। ସଞ୍ଜୀବ ପେସାରେ ଜଣେ ଆଷ୍ଟ୍ରୋଲୋଜର। ଆଉ ଏଥିପାଇଁ ସମସ୍ତ ଶ୍ରେୟ ସେ ଦିଅନ୍ତି ସୁପ୍ରିୟାଙ୍କୁ। ସୁପ୍ରିୟା ବହୁ କଷ୍ଟରେ ଜାତକ ପଢ଼ି ଶୁଣାନ୍ତି ସ୍ୱାମୀଙ୍କୁ। ଆଉ ଏହାକୁ ଶୁଣି ଭବିଷ୍ୟବାଣୀ ଦିଅନ୍ତି ସଞ୍ଜୀବ। ବିବାହ ପରେ ଆର୍ଥିକ ପରିସ୍ଥିତିକୁ ସୁଧାରିବାକୁ ଉଭୟ ସ୍ୱାମୀ-ସ୍ତ୍ରୀ ମିଶି ବ୍ୟବସାୟ କରିବା ପାଇଁ ଜ୍ୟୋତିଷଶାସ୍ତ୍ର ଲାଇନ୍‌କୁ ପେସା କରିବାକୁ ନିଷ୍ପତ୍ତି ନେଲେ। ଓଡ଼ିଶା ଏବଂ ଓଡ଼ିଶା ବାହାରର ଲୋକଙ୍କୁ ବି ଫୋନ୍ ଯୋଗେ ଭବିଷ୍ୟବାଣୀ ଦେଇ ଉଭୟ ବେଶ୍ କିଛି ରୋଜଗାର କରିପାରୁଛନ୍ତି। ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳୁଛି ଆଉ ଏଥିପାଇଁ ସେମାନେ ଖୁବ୍ ଖୁସି ବୋଲି କୁହନ୍ତି ସୁପ୍ରିୟା।

## ଦିବ୍ୟାଙ୍ଗ ବୋଲି ନିଜକୁ କେବେ ଭାବିନି : ଜ୍ୟୋସ୍ନାରାଣୀ ନାୟକ

ଦିବ୍ୟାଙ୍ଗ ହେଲେ ମଧ୍ୟ ସେ କେବେ ହାର୍ ମାନିନାହାନ୍ତି। ପିଲାବେଳୁ ନିଜ ଗୋଡ଼ରେ କିପରି ନିଜେ ଛିଡ଼ାହେବେ ସେ ନେଇ ନିଜକୁ ପ୍ରସ୍ତୁତ କରିସାରିଥିଲେ। ଆଉ ତାଙ୍କର ଏହି ନିଶା ଆଜି ତାଙ୍କୁ ସ୍ୱାବଲମ୍ବୀ କରାଇପାରିଛି। ଜନ୍ମରୁ ତାଙ୍କର ମେରୁଦଣ୍ଡ (ସ୍ପାଇନାଲ୍ କର୍ଡ)ରେ ସମସ୍ୟା ରହିଛି। କିନ୍ତୁ ନିଜକୁ କେବେ ଦିବ୍ୟାଙ୍ଗ ବୋଲି ଭାବନ୍ତିନି ସେ। ସେ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ୍ ଗୋଡ଼ା ଗ୍ରାମର ଜ୍ୟୋସ୍ନାରାଣୀ ନାୟକ। ବାପା ଶତ୍ରୁଘ୍ନ ନାୟକ ଓ ମାଆ ସ୍ୱର୍ଗତ ସଜନୀ ନାୟକ। ୪ ଭଉଣୀ ୨ ଭାଇରେ ତାଙ୍କ ପରିବାର। ବାପାମାଆଙ୍କର ସାନ ଝିଅ ସେ। ରେଭେନ୍‌ଶା କଲେଜରୁ ରାଜନୀତି ବିଜ୍ଞାନରେ ଗ୍ରାଜୁଏସନ ସାରି ବାଣୀବିହାରରେ ଲାଇବ୍ରେରି ଆଣ୍ଡ୍ ଇନ୍‌ଫର୍ମେଶନ ସାଇନ୍ସରେ ପିଜି କଲେ। ଏବେ ତିର୍ତ୍ତୋଲ ବ୍ଲକରେ ଏନ୍‌ଆର୍‌ଏଲ୍‌ଏମ୍ (ଜାତୀୟ ଗ୍ରାମୀଣ ଜୀବିକା ମିଶନ)ରେ କାର୍ଯ୍ୟରତ। ଏହା ପୂର୍ବରୁ ୱାର୍ଲ୍ଡ ବ୍ୟାଙ୍କ୍ ପ୍ରୋଜେକ୍ଟରେ ୫ ବର୍ଷ ଧରି କାମ କରିଥିଲେ।

## ନିଜ ଖର୍ଚ୍ଚ ନିଜେ ଉଠାଉଛି : ପ୍ରଣତି ସାହୁ

ଛୋଟ ବେଳୁ ତାଙ୍କର ନିଶା ଥିଲା ବଡ଼ ହେଲେ ଚାକିରି କରିବେ। ବର୍ତ୍ତମାନ ସମୟରେ ପ୍ରତିଟି ମହିଳା ଆତ୍ମନିର୍ଭରଶୀଳ ହେବା ଜରୁରୀ ବୋଲି କୁହନ୍ତି ସେ। ଜନ୍ମ ହେବାର ୩ ବର୍ଷ ପରେ ତାଙ୍କ ବାମ ଗୋଡ଼ ପୋଲିଓରେ ଆକ୍ରାନ୍ତ ହେଲା। କିନ୍ତୁ ଏଥିରେ ସେ ଭାଙ୍ଗି ପଡ଼ି ନ ଥିଲେ। ବରଂ ତାଙ୍କର ଲକ୍ଷ୍ୟପଥରେ ଆଗେଇ ଚାଲିଲେ। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ବ୍ଲକ ସିଂହାଳ ଭଗବାନପୁରର ପ୍ରଣତି ସାହୁ। ବାପା ସ୍ୱର୍ଗତ ଶରତ ଚନ୍ଦ୍ର ସ୍ୱାଇଁ ଓ ମାଆ ସ୍ୱର୍ଗତ ଶାନ୍ତିଲତା ସ୍ୱାଇଁ। ପରିବାରରେ ୨ ଭାଇ ଓ ୨ ଭଉଣୀ। ପ୍ରଣତି ପାଟକୁରାସ୍ଥିତ କୋରୁଅ ଓମେନ୍ସ କଲେଜରୁ ଯୁକ୍ତ ତିନି ପାସ୍ କଲେ। ପରେ ଏକ ଟ୍ରାଭେଲ୍ ଏଜେନ୍ସିରେ ୩ ବର୍ଷ କାମ କଲେ। ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ବାପୁଜୀନଗରରେ ଏକ ପ୍ରାଇଭେଟ୍ କମ୍ପାନୀରେ ସେ କମ୍ପ୍ୟୁଟର ଅପରେଟର ଭାବେ କାର୍ଯ୍ୟ କରୁଛନ୍ତି। ଟ୍ରାଇ ହ୍ୱିଲର ସ୍କୁଟିରେ ସେ ଅଫିସ୍‌କୁ ଯାଆନ୍ତି। ସମାଜସେବା କାର୍ଯ୍ୟରେ ବି ନିଜକୁ ନିୟୋଜିତ ରଖିଛନ୍ତି ପ୍ରଣତି। ଖରାଦିନେ ଜଳଛତ୍ରଠାରୁ ଆରମ୍ଭକରି ବର୍ଷାଦିନେ ସ୍କୁଲ୍, କଲେଜ ଓ ରାସ୍ତାକଡ଼ରେ ବୃକ୍ଷରୋପଣ କରିବା ସହ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମରେ ବି ସେ ନିଜକୁ ଜଡ଼ିତ ରଖନ୍ତି। ୧୩ ବର୍ଷ ହେବ ଆତ୍ମନିର୍ଭରଶୀଳ ହୋଇ ନିଜ ଖର୍ଚ୍ଚ ନିଜେ ଉଠାଇ ପାରୁଥିବାରୁ ସେ ଖୁବ୍ ଖୁସି ବୋଲି କୁହନ୍ତି ପ୍ରଣତି। **– ଦେବସ୍ମିତା ମହାନ୍ତି**

# ଗୃହିଣୀଙ୍କ ପାଇଁ



- ଶପିଂକୁ ଯିବା ପୂର୍ବରୁ ଆପଣଙ୍କ ଗ୍ରୋସରିର ଲିଷ୍ଟ ମୋବାଇଲରେ ସେଭ୍ କରନ୍ତୁ। ଏପରି କଲେ ଆପଣ କୌଣସି ଦୋକାନକୁ ଯାଇ ସାମଗ୍ରୀ ଆଣିବାକୁ ଭୁଲିବେ ନାହିଁ।
- ଡଷ୍ଟବିନ୍‌ର ତଳଭାଗରେ ପୁରୁଣା ଖବରକାଗଜ ପକାନ୍ତୁ। ଏହାଦ୍ୱାରା କୌଣସି ଲିକ୍ୱିଡ୍ ବା ଅପରିଷ୍କାର ଡଷ୍ଟବିନ୍‌ରେ ଲାଗି ରହିବ ନାହିଁ।
- ଟବ୍ ଏବଂ ବେସିନ୍‌କୁ ସଫା କରିବାକୁ ହେଲେ ଏଥିରେ ବାଥ୍‌ରୁମ୍ କ୍ଲିନର ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ପରେ ସଫା କରନ୍ତୁ।

ଫ୍ୟାଶନ

# ଟ୍ରାଇବାଲ୍ ପ୍ରିଣ୍ଟ



ଖରାଦିନେ ଟ୍ରାଇବାଲ୍ ପ୍ରିଣ୍ଟର ରହିଛି ଡିମାଣ୍ଡ। ସ୍କର୍ଟ, ଟପ୍ସ, ବ୍ଲାଉଜ୍, ଶର୍ଟସରେ ବି ଏହି ପ୍ରିଣ୍ଟକୁ ଆପଣାଇପାରିବେ..

– ଜ୍ୟୋମେଟ୍ରିକ୍ ସେପ୍ସ ଏବଂ ଆବ୍‌ଷ୍ଟ୍ରାକ୍ଟସ୍ ଲାଇନ୍ସର ଟ୍ରାଇବାଲ୍ ପ୍ରିଣ୍ଟ ମାର୍କେଟରେ ମିଳୁଛି। ଟ୍ରାଇବାଲ୍ ପ୍ରିଣ୍ଟସରେ ବ୍ରାଇଟ୍ ରେଡ୍, ପିଙ୍କ୍, ଅରେଞ୍ଜ୍, ଗ୍ରୀନ୍, ଲାଇମ୍ ଗ୍ରୀନ୍, ବ୍ଲୁ ଭଳି କଲର କମ୍ବିନେଶନ ମାନିଥାଏ।
– ଟ୍ରାଇବାଲ୍ ପ୍ରିଣ୍ଟସ ଆପଣଙ୍କର କ୍ଲାସିକ୍ ଲୁକ୍‌କୁ କଲରଫୁଲ୍ ଏବଂ ପର୍ସନାଲିଟିକୁ ବେଶ୍ ମ୍ୟାଚିଂ କରିଥାଏ। ପ୍ଲେନ୍ ବ୍ଲୁ ଜିନ୍ସ ବା ଧଳା ଶାର୍ଟ ସହ ମିକ୍ସ ଏଣ୍ଡ ମ୍ୟାଚ୍ କରି ପିନ୍ଧନ୍ତୁ। ଏହା ଆପଣଙ୍କୁ ଡିଫରେଣ୍ଟ ଲୁକ୍ ଦେବ।
– ପ୍ଲେନ୍ ଜିନ୍ସ ସହ ଟ୍ରାଇବାଲ୍ ପ୍ରିଣ୍ଟର ଶାର୍ଟ ଆପଣଙ୍କୁ କଲରଫୁଲ୍ ଲୁକ୍ ଦେଇଥାଏ। ଧଳା ଶାର୍ଟ ସହ ଟ୍ରାଇବାଲ୍ ପ୍ରିଣ୍ଟର ସ୍କର୍ଟ ବା ପ୍ଲାଜୋ ପ୍ୟାଣ୍ଟସ ମ୍ୟାଚିଂ କରିଥାଏ। ଟ୍ରାଇବାଲ୍ ପ୍ରିଣ୍ଟର ମ୍ୟାକ୍ସି ଡ୍ରେସ୍ ବି ଆପଣାନ୍ତୁ। ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ।


ଖାଦ୍ୟରୁଚି

# ପନିର ଖିରି

**ଆବଶ୍ୟକ ସାମଗ୍ରୀ**

ଚକଟାଯାଇଥିବା ପନିର – ୧/୨ କପ୍,ମିଲ୍କ ମେଡ୍ – ୧/୪, କ୍ଷୀର – ୧ଲିଟର, ଚିନି –୨୫୦ ଗ୍ରାମ୍, ପେସ୍ତା ବାଦାମ, କିସ୍‌ମିସ୍, ଅଳେଇଚ ପାଉଡର।

**ପ୍ରସ୍ତୁତି ପ୍ରଣାଳୀ**

ପନିର ଖିରି ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଗ୍ୟାସ୍ ଅନ୍ କରି ପ୍ୟାନ୍‌କୁ ଗରମ କରନ୍ତୁ। ଏବେ ଏଥିରେ ପନିରକୁ ପକାନ୍ତୁ। ତୁରନ୍ତ ଏଥିରେ କ୍ଷୀର ମିଶାନ୍ତୁ। ଯେପରି ଗୋଟା ଗୋଟା ହୋଇ ନ ରହିବ ସେଥିଲାଗି ୫–୬ ମିନିଟ୍ ପର୍ଯ୍ୟନ୍ତ ଲଗାତର ଗୋଳାନ୍ତୁ। ଚିନି ପକାନ୍ତୁ। ଏବେ ଏହି ମିଶ୍ରଣରେ ମିଲ୍କ ମେଡ୍ ମିଶାଇ ୩–୪ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ଅଳେଇଚ ପାଉଡର, କିସ୍‌ମିସ୍ ଏବଂ ବାଦାମ ମିଶାନ୍ତୁ। ଅନ୍ୟ ଡ୍ରାଏ ଫ୍ରୁଟ୍‌ସ ଗାର୍ନିସ କରି ପକାନ୍ତୁ। ପ୍ରସ୍ତୁତ ହୋଇଗଲା ପନିର ଖିରି। ଗରମ ଗରମ କିମ୍ବା ଆପଣ ଚାହିଁଲେ ଫ୍ରିଜ୍‌ରେ ରଖି ଥଣ୍ଡା କରି ଖାଇପାରିବେ।



ସୌ|ନ୍ଦ|ର୍ଯ୍ୟ

# ଖରାଦିନେ ତ୍ୱଚାର ଯତ୍ନ

ଖରାଦିନେ ସାଧାରଣତଃ ତ୍ୱଚା ମଳିନ ପଡ଼ିଯାଏ। ଆପଣ ଚାହିଁଲେ କିଛି ଟିପ୍ସ ଆପଣାଇ ଏଥିରୁ ଆରାମ ପାଇପାରିବେ...



– କଟନ କପଡ଼ାରେ ବରଫ ଖଣ୍ଡକୁ ରଖି ମୁହଁରେ ଘଷନ୍ତୁ। ଏହାଦ୍ୱାରା ତ୍ୱଚାକୁ ଆରାମ ମିଳିଥାଏ ଏବଂ ତ୍ୱଚା କୋମଳ ରହିଥାଏ।
– ସୂର୍ଯ୍ୟକିରଣରେ ମୁହଁ ମଳିନ ପଡ଼ିଯାଇଥିଲେ ବାରମ୍ବାର ଥଣ୍ଡାପାଣିରେ ମୁହଁ ଧୁଅନ୍ତୁ।
– ଟମାଟୋ ପେଷ୍ଟ ପ୍ରସ୍ତୁତକରି ମୁହଁରେ ଲଗାନ୍ତୁ। ଦେଖିବେ ତ୍ୱଚାକୁ କିଛି ମାତ୍ରାରେ ଆରାମ ମିଳିବ।
– ଗୋଲାପ ଜଳରେ ତରଭୁଜ ରସ ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାନ୍ତୁ।
– ଏକ ଚାମଚ ମହୁରେ ଦୁଇଚାମଚ ଲେମ୍ବୁରସ ମିଶାଇ ମୁହଁରେ ଲଗାନ୍ତୁ। ଅଧଘଣ୍ଟା ପରେ ମୁହଁ ଧୋଇଦିଅନ୍ତୁ। ପ୍ରତିଦିନ ଆପଣ ଚାହିଁଲେ ଏପରି କରିପାରିବେ।
– ମୁଠାଏ ରାଶିକୁ ପେଷି ଅଧାକପ୍ ପାଣିରେ ଭିଜାନ୍ତୁ। ଦୁଇଘଣ୍ଟା ପରେ ଏହାକୁ ଛାଣି ମୁହଁକୁ ଧୁଅନ୍ତୁ। ମଳିନ ପଡ଼ିଯାଇଥିବା ତ୍ୱଚାକୁ ଆରାମ ମିଳିବ।



“ଦ୍ୱିତୀୟ ଟେଷ୍ଟରେ ଭାରତ ଆଉ ଅଧିକ ୫୦ ରନ କରିଥିଲେ ଆମକୁ ଜିତିବା କଷ୍ଟକର ହୋଇଥାନ୍ତା।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



“ମୁଁ ୩୦ ଓଭର ଖେଳି ପାରିଲେ ବିଶ୍ୱର ଯେକୌଣସି କ୍ରିକେଟ ଦଳ ବିପକ୍ଷରେ ଶତକ ହାସଲ କରିପାରିବି।
–ଲିଟନ ଦାସ, ବାଂଲାଦେଶ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଭାରତ ଗସ୍ତ ଲାଗି ଦଳକୁ ଫେରିଲେ ଡୁପ୍ଲେସି

ନୂଆଦିଲ୍ଲୀ,୨।୩: ଆଗାମୀ ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଲାଗି ସୋମବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଛି। ଦଳକୁ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଫାଫ୍ ଡୁପ୍ଲେସି ଓ ରସି ଭାନ୍‌ଡର୍ ଡସେନ ଫେରିଛନ୍ତି। ପ୍ରଥମ ପସନ୍ଦ ସ୍ପିନର ଟାବ୍ରିଜ ଶାମ୍‌ସିଙ୍କ ବଦଳରେ ବାମହାତୀ ସ୍ପିନର ଜର୍ଜ ଲିଣ୍ଡେଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ଦିଆଯାଇଛି। ୨୮ ବର୍ଷୀୟ ଶାମ୍‌ସି ବାପା ହେବାକୁ ଯାଉଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ଆଇସିସି ବିଶ୍ୱକପ୍ ପରଠାରୁ ଡୁପ୍ଲେସି ଏପର୍ଯ୍ୟନ୍ତ ଦିନିକିଆ ଫର୍ମାଟରେ ଖେଳିନାହାନ୍ତି। ତାଙ୍କୁ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ବିଶ୍ରାମ ଦିଆଯାଇଥିଲା। ଇତିମଧ୍ୟରେ ସେ ଦଳର ଅଧିନାୟକ ପଦ ଛାଡ଼ି ଦେଇଛନ୍ତି। ଫଳରେ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ସମସ୍ତ ଫର୍ମାଟରେ ଅଧିନାୟକ ହୋଇଛନ୍ତି। ଅନ୍ୟପକ୍ଷରେ ଡସେନ ଗତବର୍ଷଠାରୁ ମଧ୍ୟକ୍ରମରେ ନିଜ ସ୍ଥାନ ପକ୍କା କରିଥିଲେ। ସେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଖେଳିଥିଲେ। କିନ୍ତୁ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ତାଙ୍କୁ ବିଶ୍ରାମ ଦିଆଯାଇଛି। ଦୁଇ ଜଣଙ୍କ ଅନୁପସ୍ଥିତିରେ ହେନ୍‌ରିଚ କ୍ଲାସେନ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଛନ୍ତି। ତାଙ୍କ ବ୍ୟତୀତ ପଦାର୍ପଣକାରୀ କାଇଲ ଭରନେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଦୁଇ ଜଣ ବ୍ୟାଟ୍ସମ୍ୟାନ ନିଜ ସ୍ଥାନ ବଜାୟ ରଖିଛନ୍ତି। ଶନିବାର କ୍ୟାରିୟରର ପ୍ରଥମ ମ୍ୟାଚ୍ ଖେଳିଥିବା ଜାନେମନ ମଲାନଙ୍କୁ ବାଦ୍ ଦିଆଯାଇଛି। ଦଳରେ ସ୍ଥାନ ପାଇଁ ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏଭଳି ସମସ୍ୟା ଚୟନକର୍ତ୍ତାଙ୍କ ପାଇଁ ଭଲ। ଭାରତ ଭଳି ଚ୍ୟାଲେଞ୍ଜିଂ ଗସ୍ତ ଲାଗି ଦଳ ଚୟନରେ ସନ୍ତୁଷ୍ଟ। **ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡିକକ୍(ଅଧିନାୟକ), ଟେମ୍ବା ବାଭୁମା, ରାସି ଭାନ୍‌ଡର୍ ଡସେନ, ଫାଫ୍ ଡୁପ୍ଲେସି, କାଇଲ ଭେରିନ, ହେନ୍‌ରିଚ କ୍ଲାସେନ, ଡେଭିଡ ମିଲର, ଜନ୍ ଜନ୍ ସ୍ମଟ୍ସ, ଆଣ୍ଡିଲେ ଫେଲୁକ୍ୱାୟୋ, ଲୁଙ୍ଗି ଏନ୍‌ଗିଡି, ଲୁଥୋ ସିପାମ୍‌ଲା, ବେରନ ହେଣ୍ଡ୍ରିକ୍ସ, ଏନ୍‌ରିଚ ନର୍ଜେ, ଜର୍ଜ ଲିଣ୍ଡେ ଓ କେଶବ ମହାରାଜ।

### ରାଜ୍ୟ ସ୍କୁଲ ଓପନ ଚେସ୍

ଭୁବନେଶ୍ୱର, ୨।୩(କ୍ରୀଡ଼ା ପ୍ରତିନିଧି): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ୩ୟ ରାଧାରମଣ ପାଣିଗ୍ରାହୀ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଆସନ୍ତା ୮ ତାରିଖରେ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଏହି ପ୍ରତିଯୋଗିତାରେ ଭାଗନେଇପାରିବେ। ଟପ୍-୧୦ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ଏବଂ ଅନ୍ୟ ବୟସ ବର୍ଗର ଶ୍ରେଷ୍ଠ ୩ ଜଣ ଲେଖାଏ ଖେଳାଳିଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ଏଥିପାଇଁ ଏଣ୍ଟ୍ରି ଫି ୨୮୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଗତବର୍ଷ ଅବିନାଶ ଆଚାର୍ଯ୍ୟ ଚାମ୍ପିୟନ ଓ କୀର୍ତ୍ତି ଅନୁରାଗ ପ୍ରତିହାରି ରନର୍ସଅପ୍ ହୋଇଥିଲେ। ଏଥର ପ୍ରତିଯୋଗିତାରେ ମୋଟ ୭ ରାଉଣ୍ଡ ଖେଳ ହେବ ବୋଲି ଗେମ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

- ୩ ଦିନରେ ଭାରତ ହାରିଲା ଦ୍ୱିତୀୟ ଟେଷ୍ଟ
- ଜେମିସନ ପ୍ଲେୟାର ଅଫ୍ ଦି ମ୍ୟାଚ୍
- ସୌଦୀ ପ୍ଲେୟାର ଅଫ୍ ଦି ସିରିଜ


ଟ୍ରଫି ସହ ନ୍ୟୁଜିଲାଣ୍ଡ ଦଳର ଖେଳାଳିମାନେ।

ଖ୍ରୀଷ୍ଟଚର୍ଚ୍ଚ,୨।୩(ପି.ଟି.)

ତାରକା ଖଚିତ ବିଶ୍ୱର ୧ ନମ୍ବର ଟେଷ୍ଟ ଦଳ ଭାରତ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ସାଂଘାତିକ ବିଫଳତାର ସମ୍ମୁଖୀନ ହୋଇ ୨-୦ରେ ପରାସ୍ତ ହୋଇଛି। ସ୍ଥାନୀୟ ହଗ୍‌ଲି ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ସୋମବାର ମାତ୍ର ୩ ଦିନ ମଧ୍ୟରେ ୭ ଉଇକେଟରେ ପରାସ୍ତ କରି ନ୍ୟୁଜିଲାଣ୍ଡ କ୍ଲିନ୍ ସୁଇପ୍ କରିଛି। ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଭାରତ ଏହାର ଫାଇଦା ଉଠାଇପାରି ନ ଥିଲା। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ୬୩ ଓଭରରେ ୨୪୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୭୩.୧ ଓଭରରେ ୨୩୫ ରନ କରି ଅଲଆଉଟ ହୋଇଥିଲା ଓ ଭାରତ ୭ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ୪୬ ଓଭରରେ ୧୨୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୧୩୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୬ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

ଅଲରାଉଣ୍ଡ ପ୍ରଦର୍ଶନ ପାଇଁ କାଏଲ ଜେମିସନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଟିମ୍ ସୌଦି ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସିରିଜ ବିଜୟ ସହ ନ୍ୟୁଜିଲାଣ୍ଡ ୧୨୦ ପଏଣ୍ଟ ହାସଲ କରି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ମୋଟ୍ ୧୮୦ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ସିରିଜ ହାତଛଡ଼ା କରିଥିଲେ ମଧ୍ୟ ଭାରତ ୩୬୦ ପଏଣ୍ଟ ସହ ଶୀର୍ଷରେ ରହିଛି। ଏହାପୂର୍ବରୁ ଭାରତ ୱେଷ୍ଟଇଣ୍ଡିଜ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷରେ ସିରିଜ ବିଜୟ ହାସଲ କରିଥିଲା। ଗସ୍ତ ଆରମ୍ଭରେ ଭାରତ ୫-୦ରେ ଟି୨୦ ସିରିଜ ବିଜୟ ହାସଲ କରିଥିଲା। ତେବେ ଏହାପରେ ଏହି ସଫଳତାକୁ ବଜାୟ ରଖି ନ ପାରି ଦିନିକିଆ ଓ ଟେଷ୍ଟରେ ହ୍ୱାଇଟ୍‌ୱାଶର ସମ୍ମୁଖୀନ ହୋଇ ମୋଟ ୫ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି।

୧୩୨ ରନ ଟାର୍ଗେଟର ପିଛା କରି ଘରୋଇ ଦଳ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଟମ୍ ଲଥାମ (୫୨) ଓ ଟମ୍ ବ୍ଲଣ୍ଡେଲ (୫୫) ଉଭୟ ଅର୍ଦ୍ଧଶତକୀୟ ପାଳି ଖେଳି ପ୍ରଥମ ଉଇକେଟରେ ୧୦୩ ରନ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟକ କେନ୍ ୱିଲିୟମସନ ରାହାନେଙ୍କୁ କ୍ୟାଚ୍ ଦେଇ ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଭିଜ୍ଞ ରସ ଟେଲର ଓ ହେନେରୀ ନିକୋଲ୍ସ ୫ ରନ ଲେଖାଏ ସଂଗ୍ରହ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଭାରତ ତରଫରୁ ବୁମ୍‌ରା ୨ ଓ ଉମେଶ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୦/୬ରୁ ଖେଳ ଆରମ୍ଭ କରି ଭାରତ ସୋମବାର ୧୨୪ରନ୍‌ରେ ଅଲଆଉଟ ହୋଇଥିଲା। **ସଂକ୍ଷିପ୍ତ ସ୍କୋର** ଭାରତ ପ୍ରଥମ ଇନିଂସ– ୬୩ ଓଭରରେ ୨୪୨ ଅଲଆଉଟ୍। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ– ୭୩.୧ ଓଭରରେ ୨୩୫ ଅଲଆଉଟ। ଭାରତ ଦ୍ୱିତୀୟ ଇନିଂସ– ୪୬ ଓଭରରେ ୧୨୪ ଅଲଆଉଟ (ପୂଜାରା– ୨୪, ପୃଥ୍ୱୀ– ୧୪, କୋହଲି– ୧୪, ଜାଡେଜା– ୧୬*, ବୋଲ୍ଟ– ୪/୨୮, ସୌଦି– ୩/୩୬, ଗ୍ରାଣ୍ଡହୋମ୍– ୧/୩, ୱାଗନର– ୧/୧୮)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ– ୩୬ ଓଭରରେ ୧୩୨/୩ (ବ୍ଲଣ୍ଡେଲ– ୫୫, ଲଥାମ – ୫୨, ବୁମ୍‌ରା– ୨/୩୯, ଉମେଶ– ୧/୪୫)।

## ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ

### ବ୍ୟାଟିଂ ଆଭରେଜ

**ଭାରତ**

| ଖେଳାଳି | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଅର୍ଦ୍ଧଶତକ |
|---|---|---|---|---|---|---|
| ମୟଙ୍କ ଅଗ୍ରୱାଲ | ୨ | ୪ | ୧୦୨ | ୫୮ | ୨୫.୫୦ | ୧ |
| ଚେତେଶ୍ୱର ପୂଜାରା | ୨ | ୪ | ୧୦୦ | ୫୪ | ୨୫.୦୦ | ୧ |
| ରବୀନ୍ଦ୍ର ଜାଡେଜା | ୧ | ୨ | ୨୫ | ୧୬* | ୨୫.୦୦ | ୦ |
| ପୃଥ୍ୱୀ ଶ’ | ୨ | ୪ | ୯୮ | ୫୪ | ୨୪.୫୦ | ୧ |
| ଅଜିଙ୍କ୍ୟ ରାହାନେ | ୨ | ୪ | ୯୧ | ୪୬ | ୨୨.୭୫ | ୦ |
| ହନୁମା ବିହାରି | ୨ | ୪ | ୮୬ | ୫୫ | ୨୧.୫୦ | ୧ |
| ରିଷଭ ପନ୍ତ | ୨ | ୪ | ୬୦ | ୨୫ | ୧୫.୦୦ | ୦ |
| ମହମ୍ମଦ ଶାମି | ୨ | ୪ | ୪୪ | ୨୧ | ୧୪.୬୬ | ୦ |
| ବିରାଟ କୋହଲି | ୨ | ୪ | ୩୮ | ୧୯ | ୯.୫୦ | ୦ |
| ଈଶାନ୍ତ ଶର୍ମା | ୧ | ୨ | ୧୭ | ୧୨ | ୮.୫୦ | ୦ |

**ନ୍ୟୁଜିଲାଣ୍ଡ**

| ଖେଳାଳି | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଅର୍ଦ୍ଧଶତକ |
|---|---|---|---|---|---|---|
| କାଇଲ ଜେମିସନ | ୨ | ୨ | ୯୩ | ୪୯ | ୪୬.୫୦ | ୦ |
| ଟମ୍ ଲଥାମ | ୨ | ୪ | ୧୨୨ | ୫୨ | ୪୦.୬୬ | ୨ |
| ଟମ୍ ବ୍ଲଣ୍ଡେଲ | ୨ | ୪ | ୧୧୭ | ୫୫ | ୩୯.୦୦ | ୧ |
| ଟ୍ରେଣ୍ଟ ବୋଲ୍ଟ | ୨ | ୨ | ୩୯ | ୩୮ | ୩୯.୦୦ | ୦ |
| କଲିନ ଗ୍ରାଣ୍ଡହୋମ | ୨ | ୨ | ୬୯ | ୪୩ | ୩୪.୫୦ | ୦ |
| କେନ୍ ୱିଲିୟମସନ | ୨ | ୩ | ୯୭ | ୮୯ | ୩୨.୩୩ | ୧ |
| ରସ୍ ଟେଲର | ୨ | ୩ | ୬୪ | ୪୪ | ୩୨.୦୦ | ୦ |
| ନିଲ ୱାଗନର | ୧ | ୨ | ୨୧ | ୨୧ | ୨୧.୦୦ | ୦ |
| ହେନରି ନିକୋଲାସ | ୨ | ୩ | ୩୬ | ୧୭ | ୧୮.୦୦ | ୦ |

### ବୋଲିଂ ଆଭରେଜ

**ଭାରତ**

| ଖେଳାଳି | ମ୍ୟାଚ | ଇନିଂସ | ଓଭର | ରନ | ଉଇକେଟ | ଇକୋନୋମି |
|---|---|---|---|---|---|---|
| ଈଶାନ୍ତ ଶର୍ମା | ୧ | ୨ | ୨୩.୨ | ୭୬ | ୫ | ୩.୨୫ |
| ରବୀନ୍ଦ୍ର ଜାଡେଜା | ୧ | ୨ | ୧୫.୦ | ୪୬ | ୨ | ୩.୦୬ |
| ଯଶପ୍ରୀତ ବୁମ୍‌ରା | ୨ | ୪ | ୬୧.୪ | ୧୯୦ | ୬ | ୩.୦୮ |
| ରବିଚନ୍ଦ୍ରନ ଅଶ୍ୱିନ | ୧ | ୧ | ୨୯.୦୦ | ୯୯ | ୩ | ୩.୪୧ |
| ମହମ୍ମଦ ଶାମି | ୨ | ୩ | ୪୯.୧ | ୧୮୩ | ୫ | ୩.୭୨ |
| ଉମେଶ ଯାଦବ | ୧ | ୨ | ୩୨.୦ | ୯୧ | ୨ | ୨.୮୪ |

**ନ୍ୟୁଜିଲାଣ୍ଡ**

| ଖେଳାଳି | ମ୍ୟାଚ | ଇନିଂସ | ଓଭର | ରନ | ଉଇକେଟ | ଇକୋନୋମି |
|---|---|---|---|---|---|---|
| ଟିମ୍ ସୌଦୀ | ୨ | ୪ | ୬୫.୧ | ୧୮୪ | ୧୪ | ୨.୮୨ |
| କାଇଲ ଜେମିସନ | ୨ | ୪ | ୫୭.୦ | ୧୪୭ | ୯ | ୨.୫୭ |
| ଟ୍ରେଣ୍ଟ ବୋଲ୍ଟ | ୨ | ୪ | ୭୧.୦ | ୨୧୩ | ୧୧ | ୩.୦୦ |
| ନିଲ ୱାଗନର | ୧ | ୨ | ୧୮.୦୦ | ୪୭ | ୨ | ୨.୬୧ |
| କଲିନ ଗ୍ରାଣ୍ଡହୋମ | ୨ | ୪ | ୪୧.୦୦ | ୭୪ | ୨ | ୧.୮୦ |

# ସେମିରେ ଅଷ୍ଟ୍ରେଲିଆ

ମେଲବୋର୍ନ, ୨।୩

ଚଳିତ ମହିଳା ଟି୨୦ ବିଶ୍ୱକପ୍‌ରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଛି। ପଡ଼ୋଶୀ ନ୍ୟୁଜିଲାଣ୍ଡକୁ ୪ ରନ୍‌ରେ ହରାଇ ଅଷ୍ଟ୍ରେଲିଆ ବିଶ୍ୱକପ୍ ହାତେଇବା ଆଶା ଉଜ୍ଜୀବିତ ରଖିଛି। ଅଷ୍ଟ୍ରେଲିଆ ସହ ଭାରତ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଅନ୍ତିମ ୪ ପର୍ଯ୍ୟାୟରେ ଖେଳିବେ। ମାତ୍ର ଏପର୍ଯ୍ୟନ୍ତ କେଉଁ ଦଳ କାହାକୁ ଭେଟିବ ତାହା ଜଣାପଡ଼ିନାହିଁ। ମଙ୍ଗଳବାର ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ଏହା ସ୍ପଷ୍ଟ ହେବ। ସ୍ଥାନୀୟ ଜଙ୍କଶନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ରୋମାଞ୍ଚପୂର୍ଣ୍ଣ ମ୍ୟାଚ୍‌ରେ ଦୁଇ ଦଳ ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଥିଲା। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବେଥ୍ ମୁନି(୬୦)ଙ୍କ ଅର୍ଦ୍ଧଶତକ ବଳରେ ଧାର୍ଯ୍ୟ ୨୦ ଓଭରରେ ୫ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ମେଗ ଲାନ୍ନିଂ ୨୧, ଆଶ୍‌ଲେ ଗାର୍ଡନର ୨୦, ଇଲିସେ ପେରି ୨୧ ଓ ରାଚେଲ ହାଇନେସ ୧୯ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପାଇଁ ବୋଲିଂରେ ଆନ୍ନା ପିଟରସନ ଦୁଇ ଉଇକେଟ ନେଇଥିବାବେଳେ ହେଲି ଜନ୍‌ସନ ଓ ଆମେଲି କେରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଜବାବରେ ବ୍ୟାଟ୍ସଓମେନଙ୍କ ମିଳିତ ଉଦ୍ୟମ ସତ୍ତ୍ୱେ ନ୍ୟୁଜିଲାଣ୍ଡ ବିଜୟ ଲକ୍ଷ୍ୟଠାରୁ ୫ ରନ୍ ଦୂରରେ ରହିଯାଇଥିଲା। ନ୍ୟୁଜିଲାଣ୍ଡ ଶେଷ ପର୍ଯ୍ୟନ୍ତ ଖେଳି ୭ ଉଇକେଟ କ୍ଷତିରେ ୧୫୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟିକା ସୋଫି ଡେଭିନ ୩୧, କାଟେ ମାର୍ଟିନ ୩୭, ମାଡି ଗ୍ରୀନ୍ ୨୮ ଓ ରାଚେଲ ପ୍ରିଷ୍ଟ ୧୭ ରନ୍ କରିଥିଲେ। ଅନ୍ତିମ ଓଭରରେ ଦଳକୁ ଜିତିବା ଲାଗି ୨୦ ରନ୍ ଦରକାର ଥିଲା। କିନ୍ତୁ କାସ୍‌ପର୍କେ ଓ ମାର୍ଟିନଙ୍କ ଯୋଡ଼ି ପ୍ରଥମ ୫ ବଲରେ ମାତ୍ର ୯ ରନ୍ କରିପାରିଥିଲେ। ଅନ୍ତିମ ବଲରେ ମାର୍ଟିନ ଛକା ଲଗାଇଥିଲେ, ହେଲେ ତାହା ଯଥେଷ୍ଟ ନ ଥିଲା। ବିଜୟୀ ଦଳ ପକ୍ଷରୁ ମେଗାନ ସ୍କଟ୍ ଓ ଜର୍ଜିଆ ୱାରହାମ୍ ୩ଟି ଲେଖାଏ ସଫଳତା ପାଇଥିଲେ।


ବେଥ୍ ମୁନି

### ମୀର, ମାନସୀଙ୍କୁ ବ୍ରୋଞ୍ଜ

ନୂଆଦିଲ୍ଲୀ, ୨।୩ (ପି.ଟି.)

ଭାରତୀୟ ବାଳିକା ବ୍ୟାଡ୍‌ମିଣ୍ଟନ ଖେଳାଳି ତସନିମ ମୀର ଏବଂ ମାନସୀ ସିଂ ନେଦରଲାଣ୍ଡ୍ସର ହାର୍ଲେମ୍‌ଠାରେ ଅନୁଷ୍ଠିତ ୟୋନେକ୍ସ ଡଚ୍ ଜୁନିୟର ଇଣ୍ଟରନ୍ୟାଶନାଲ ୨୦୨୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ବାଳିକା ସିଙ୍ଗଲ୍ସରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଡବ୍ଲ୍ୟୁଏଫ୍ ଜୁନିୟର ଇଣ୍ଟରନ୍ୟାଶନାଲ ଗ୍ରାଁ ପ୍ରି ଟୁର୍ନାମେଣ୍ଟର ବାଳିକା ସିଙ୍ଗଲ୍ସରେ ଭାରତ ପ୍ରଥମ ଥର ଦୁଇଟି ବ୍ରୋଞ୍ଜ ପଦକ ଜିତିପାରିଛି। ରବିବାର ଅନୁଷ୍ଠିତ ସେମିଫାଇନାଲରେ ମୀର ତୃତୀୟ ସିଡ୍ ସୋ ୟୁଲ୍ ଲି’ଙ୍କ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ୧୯-୨୧, ୧୦-୨୨ରେ ପରାସ୍ତ ହୋଇଥିଲେ। ଗତବର୍ଷ ଦୁବାଇ ଇଣ୍ଟରନ୍ୟାଶନାଲ ସିରିଜରେ ସ୍ୱର୍ଣ୍ଣ ପଦକ ଜିତିଥିବା ୧୧ତମ ସିଡ୍ ମୀର ଡଚ୍ ଟୁର୍ନାମେଣ୍ଟରେ ତାଙ୍କଠାରୁ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳିଙ୍କ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ବ୍ୟାଡମିଣ୍ଟନ ଆସୋସିଏଶନ (ବାଇ) ପ୍ରକାଶ କରିଛି।

### ଚେନ୍ନାଇରେ ଧୋନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଚେନ୍ନାଇ, ୨।୩

ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କୁ ସୋମବାର ଚେନ୍ନାଇରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବରୁ ପ୍ରସ୍ତୁତି କରିବା ପାଇଁ ସେ ଏଠାକୁ ଆସିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଅଫିସିଆଲ ଟୁଇଟର ପେଜ୍‌ରେ ଧୋନୀଙ୍କ ଏକ ଭିଡିଓ ଅପ୍‌ଲୋଡ୍ କରାଯାଇଛି। ଧୋନୀ ସିଏସ୍‌କେର ହୋମ୍ ଭେନ୍ୟୁ ଚେପକ ଷ୍ଟାଡିୟମରେ ଆଗାମୀ ଦୁଇ ଦିନ ଧରି ଅଭ୍ୟାସ କରିବେ। ଏ ନେଇ ଫ୍ରାଞ୍ଚାଇଜ ସିଇଓ କାଶୀ ବିଶ୍ୱନାଥନ ପୂର୍ବରୁ ସ୍ପଷ୍ଟ କରିଛନ୍ତି। ଚଳିତ ମାସ ୧୯ ପରେ ସିଏସ୍‌କେର ଟ୍ରେନିଂ କ୍ୟାମ୍ପ ଆରମ୍ଭ ହେବ। ଆଇପିଏଲ୍ ମାର୍ଚ୍ଚ ୨୯ରେ ଉଦ୍‌ଘାଟନୀ ଦିବସରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ସିଏସ୍‌କେ ମଧ୍ୟରେ ଖେଳାଯିବ।

# ସାଙ୍ଗ୍ୱାନଙ୍କ ଉପରୁ ବାସନ୍ଦ ଉଠିଲା

ନୂଆଦିଲ୍ଲୀ, ୨।୩ (ପି.ଟି.)

ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଅପିଲ ପ୍ୟାନେଲ ପୂର୍ବତନ ଏସିଆନ ରୌପ୍ୟ ପଦକ ବିଜୟୀ ବକ୍ସର ସୁମିତ ସାଙ୍ଗ୍ୱାନ (୯୧କେଜି)ଙ୍କ ଉପରୁ ୧ବର୍ଷିଆ ବାସନ୍ଦ ଦଣ୍ଡକୁ ଉଠାଇ ଦେଇଛି। ସୁମିତ ଜାଣିଶୁଣି ନିଷିଦ୍ଧ ଦ୍ରବ୍ୟ ସେବନ କରି ନ ଥିବା ପ୍ୟାନେଲ ଦର୍ଶାଇଛି। ସୋମବାର ହୋଇଥିବା ଶୁଣାଣିରେ ବକ୍ସର ଜଣକ ଦୋଷମୁକ୍ତ ହୋଇଛନ୍ତି। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ)ର ଜଣେ ଅଫିସିଆଲଙ୍କ କହିଛନ୍ତି ସାଙ୍ଗ୍ୱାନ ଜାଣିଶୁଣି କୌଣସି ନିଷିଦ୍ଧ ଦ୍ରବ୍ୟ ସେବନ କରି ନ ଥିବା ନାଡା ପ୍ୟାନେଲର ସେ ହୃଦ୍‌ବୋଧ କରାଇବାରେ ସକ୍ଷମ ହୋଇଥିଲେ। ଏଷ୍ଟାଜୋଲାମାଇଡ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିବା ଦ୍ୱାରା ସାଙ୍ଗ୍ୱାନ ୨୦୧୯ ଡିସେମ୍ବରୁ ଏକ ବର୍ଷ ପାଇଁ ବାସନ୍ଦ ହୋଇଥିଲେ। ପ୍ୟାନେଲ ତାଙ୍କୁ ଦୋଷମୁକ୍ତ କରିଥିବାରୁ ମୋତେ ବଡ଼ ଆଶ୍ୱସ୍ତି ମିଳିଛି ବୋଲି ଭାରତୀୟ ବକ୍ସର ଜଣକ କହିଛନ୍ତି। ପ୍ରଥମ ଶୁଣାଣି ବେଳେ ମୁଁ କେତେକ ମେଡିକାଲ ରିପୋର୍ଟ ଦାଖଲ କରି ପାରି ନ ଥିଲି, ଯାହା ଫଳରେ ମୋତେ ସେତେବେଳେ ଏକ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା। ୨୭ବର୍ଷୀୟ ଅନ୍ତର୍ଜାତୀୟ ପଦକଧାରୀ କହିଛନ୍ତି, ଆଖିରେ ସଂକ୍ରମଣ ଯୋଗୁ ମୋତେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବାକୁ ପଡ଼ିଥିଲା। ସେତେବେଳେ ମୋତେ ଖୁବ୍ ଯନ୍ତ୍ରଣା ହୋଇଥିଲା। ଏପରିକି ମୁଁ ମୋ ଆଖିଖୋଲି ପାରି ନ ଥିଲି। ମୋ ଶରୀରରେ କ’ଣ ଘଟୁଛି ତାହା ମୁଁ ବୁଝିପାରୁ ନ ଥିଲି। ମୋ ଶରୀରେ ଏଷ୍ଟାଜୋଲାମାଇଡ୍‌ର ପ୍ରଭାବ ୧୩ ଦିନ ପର୍ଯ୍ୟନ୍ତ ରହିଥିଲା। ସେ ସମୟରେ ନ୍ୟାଶନାଲ କ୍ୟାମ୍ପରେ ମୋର ଓଜନ କରାଯାଇଥିଲା। ମୋ ଯକୃତର ଆକାର ବୃଦ୍ଧି ପାଇଥିଲା। ଅପିଲ ପ୍ୟାନେଲ ନିକଟରେ ଏସମ୍ପର୍କିତ ମେଡିକାଲ ରିପୋର୍ଟ ଉପସ୍ଥାପନ ଦ୍ୱାରା ମୁଁ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିପାରିଥିଲି। ୨୦୧୨ ଅଲିମ୍ପିଆନ ସସ୍‌ପେଣ୍ଡ ହେବା ଦ୍ୱାରା ମଙ୍ଗଳବାରଠାରୁ ଜୋର୍ଡାନର ଅମାନଠାରେ ହେବାକୁଥିବା ଅଲିମ୍ପିକ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟ ପାଇଁ ଟ୍ରାଏଲ୍ସରୁ ବଞ୍ଚିତ ହେବାକୁ ପଡ଼ିଛି। ଦୋଷ ମୁକ୍ତ ହେବାପରେ ନ୍ୟାଶନାଲ କ୍ୟାମ୍ପରେ ସାମିଲ ହେବାଲାଗି ତାଙ୍କୁ ଅନୁମତି ଦେବା ଲାଗି ସେ ମହାସଂଘ ନିକଟକୁ ଚିଠି ଲେଖିଛନ୍ତି। ଗତବର୍ଷ ଅକ୍ଟୋବରରେ ପ୍ରତିଯୋଗିତା ବାହାରେ ସାଙ୍ଗ୍ୱାନଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା।


ସୁମିତ ସାଙ୍ଗ୍ୱାନ

# ଭାରତୀୟ ହକି କ୍ୟାମ୍ପରେ ୪ ଓଡ଼ିଆ


ବୀରେନ୍ଦ୍ର ଲାକ୍ରା


ଅମିତ୍ ରୋହିଦାସ


ନୀଲମ ସଞ୍ଜୀପ ଖେସ୍


ଦୀପସାନ୍ ତିର୍କୀ

ନୂଆଦିଲ୍ଲୀ, ୨।୩

ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ) ପରିସରରେ ଭାରତୀୟ ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହୋଇଛି। ଏହି କ୍ୟାମ୍ପରେ ଭାରତୀୟ କୋର୍ ଦଳର ୩୨ ସଦସ୍ୟ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୪ ଖେଳାଳି ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପସାନ ତିର୍କୀ ଓ ନୀଲମ ସଞ୍ଜୀପ ଖେସ୍ ସାମିଲ ଅଛନ୍ତି। ମୁଖ୍ୟ କୋଚ୍ ଗ୍ରାହାମ ରିଡ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ସପ୍ତାହ ଜାତୀୟ କ୍ୟାମ୍ପ ଚାଲିବାପରେ ଭାରତୀୟ ଦଳ ଜର୍ମାନୀ ଓ ଇଂଲଣ୍ଡ ଯାଇ ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଖେଳିବ। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏହି କ୍ୟାମ୍ପ ଖେଳାଳିଙ୍କ ପାଇଁ ବହୁ ଉପାଦେୟ ହେବ। ଭାରତୀୟ ଦଳର ଯେଉଁ ବିଭାଗରେ ଦୋଷ ଦୁର୍ବଳତା ଅଛି ତାହାକୁ ଏହି କ୍ୟାମ୍ପରେ ସୁଧାରିବାକୁ ଚେଷ୍ଟା କରାଯିବ ବୋଲି ରିଡ୍ କହିଛନ୍ତି। ଭାରତୀୟ ଦଳ ଚଳିତ ପ୍ରୋ ଲିଗ୍‌ରେ ଏପର୍ଯ୍ୟନ୍ତ ୩ଟି ଦଳକୁ ଭେଟି ସାରିଛି। ନେଦରଲାଣ୍ଡ୍ସ ବିପକ୍ଷରେ ଦଳ ୨ଟି ଯାକ ମ୍ୟାଚ ଜିତିଥିବାବେଳେ ବେଲଜିୟମ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ହାରିଛି ଓ ଜିତିଛି।

‘‘ଆମେ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ଭଲ ଫଳାଫଳ ପାଇବାରେ ଦକ୍ଷତା ରଖିଛୁ ବୋଲି ଚଳିତ ପ୍ରୋ ଲିଗ୍‌ରେ ପ୍ରମାଣିତ କରିଛୁ। ଏହା ଦଳର ଖେଳାଳିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି କରିଛି। କେଉଁ ବିଭାଗରେ ଆମକୁ କାମ କରିବାକୁ ହେବ ତାହା ମଧ୍ୟ ଜଣାପଡ଼ିଛି। ଆମକୁ କେବଳ ମ୍ୟାଚ ଉପରେ ନୁହେଁ ସମସ୍ତ ୪ଟି ଯାକ କ୍ୱାର୍ଟରରେ ଫୋକସ ରଖିବା ଆବଶ୍ୟକ’’ ବୋଲି ରିଡ୍ କହିଛନ୍ତି। ୪ ସପ୍ତାହ ବିଶିଷ୍ଟ କ୍ୟାମ୍ପରେ ଆମେ ସ୍କିଲ୍, ଟ୍ୟାକ୍‌ଲିଂ, ଗୋଲ ଶୁଟିଂ, ଟ୍ରାପିଂ ଉପରେ ବିଶେଷ ଧ୍ୟାନ ଦେବୁ। ଆମର ଆକ୍ରମଣାତ୍ମକ ସାମର୍ଥ୍ୟ ଉପରେ ମଧ୍ୟ କାମ କରିବାର ଅଛି। କ୍ୟାମ୍ପ ପରେ ଆମେ ଜର୍ମାନୀ ଓ ଇଂଲଣ୍ଡ ଯାଇ ସେଠାରେ ଖେଳିବୁ। ଏହାପରେ ୨୦୨୦ ଅଲିମ୍ପିକ୍ସ ପାଇଁ ଆମେ କେତେ ପ୍ରସ୍ତୁତ ତାହା ଜଣାପଡ଼ିବ ବୋଲି ରିଡ୍ ପ୍ରକାଶ କରିଛନ୍ତି।

**କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳି**

ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୂର ପାଠକ, ସୂରଜ କରକେରା, ହରମନପ୍ରୀତ ସିଂ, ଦିଲପ୍ରୀତ ସିଂ, ସୁରେନ୍ଦ୍ର କୁମାର, ବୀରେନ୍ଦ୍ର ଲାକ୍ରା, ରୂପିନ୍ଦରପାଲ ସିଂ, ଗୁରିନ୍ଦର ସିଂ, ଅମିତ ରୋହିଦାସ, କୋଥାଜିତ ସିଂ ଖାଡାଙ୍ଗବାମ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ନୀଲକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ସିମରନଜିତ ସିଂ, ଆକାଶଦୀପ ସିଂ, ରମଣଦୀପ ସିଂ, ଏସ.ଭି. ସୁନୀଲ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଗୁରସାହିବଜିତ ସିଂ, ଶମସେର ସିଂ, ବରୁଣ କୁମାର, ଜରମନପ୍ରୀତ ସିଂ, ଦୀପସାନ ତିର୍କୀ, ନୀଲମ ସଞ୍ଜୀବ ଖେସ୍, ଜସକରନ ସିଂ, ରାଜକୁମାର ପାଲ, ଗୁରଜନ୍ତ ସିଂ, ସୁମିତ, ଚିଙ୍ଗଲେନସାନା ସିଂ।

## ସଂକ୍ଷେପରେ

### ଘୁଞ୍ଚିଲା ଆଜଲାନ ଶାହ କପ୍ ହକି

**ନୂଆଦିଲ୍ଲୀ, ୨।୩:** ଚାଇନାରୁ ସୃଷ୍ଟ କରୋନା ଭାଇରସ ଯୋଗୁ ବହୁ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ବାତିଲ କିମ୍ବା ସ୍ଥାନାନ୍ତର ହୋଇସାରିଛି। ସଦ୍ୟ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ଭାବେ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ ପ୍ରଭାବିତ ହୋଇଛି। ସମ୍ମାନଜନକ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଏପ୍ରିଲରେ ଖେଳାଯିବାର ଥିଲା। ମାତ୍ର ଏହାକୁ ସୋମବାର ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ଏହି ଇଭେଣ୍ଟର ୨୯ତମ ସଂସ୍କରଣ ମାଲେସିଆର ଇପୋଟଠାରେ ଏପ୍ରିଲ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଥିଲା। ବର୍ତ୍ତମାନ ଏହି ଇଭେଣ୍ଟ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ଖେଳାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଖେଳାଳି ଓ ଅଫିସିଆଲଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ଆଜଲାନ ଶାହ କପ୍ ପୁରୁଷ ହକି ଟୁର୍ନାମେଣ୍ଟର ୨୯ତମ ସଂସ୍କରଣକୁ ସ୍ଥଗିତ ରଖାଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍), ଏସିଆ ହକି ଫେଡେରେଶନ(ଏଏଚ୍ଏଫ୍), ମାଲେସିଆ ହକି କନ୍‌ଫେଡେରେଶନ (ଏମ୍ଏଚ୍ସି) ଓ ଅଂଶଗ୍ରହଣକାରୀ ଦଳଗୁଡ଼ିକ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜକ କମିଟି ମୁଖ୍ୟ ଡାଟୋ ହାଜି ରହିମ ବିନ୍ ମହମ୍ମଦ କହିଛନ୍ତି। ଇଭେଣ୍ଟ ତାରିଖରେ ପରିବର୍ତ୍ତନ ନେଇ ଆୟୋଜକ କମିଟି କ୍ଷମାପ୍ରାର୍ଥନା କରିଛି। ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଥିବା ଆଜଲାନ ଶାହ ହକି ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, କାନାଡା, ଜାପାନର, ଆୟୋଜକ ମାଲେସିଆ, ପାକିସ୍ତାନ ଓ ଦକ୍ଷିଣ କୋରିଆ ଅଂଶଗ୍ରହଣ କରନ୍ତି। ଅଷ୍ଟ୍ରେଲିଆ ସର୍ବାଧିକ ୧୦ଥର ଚାମ୍ପିୟନ ହୋଇଥିବାବେଳେ ଭାରତ ୪ ଥର ଚାମ୍ପିୟନ ହୋଇଛି।

### ଅଗ୍ରଣୀ ସତ୍ତ୍ୱେ ସୌରାଷ୍ଟ୍ରର ବ୍ୟାଟିଂ ବିପର୍ଯ୍ୟୟ

**ରାଜକୋଟ, ୨।୩ (ପି.ଟି.):** ଘରୋଇ ଗୁଜରାଟ ବିପକ୍ଷରେ ଏଠାରେ ଚାଲିଥିବା ରଣ୍ଜୀ ଟ୍ରଫି ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୫୨ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ତେବେ ଦ୍ୱିତୀୟ ଇନିଂସରେ ସୌରାଷ୍ଟ୍ର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ୩ୟ ଦିବସ ଶେଷ ସୁଦ୍ଧା ସୌରାଷ୍ଟ୍ର ୨ୟ ଇନିଂସରେ ୫ ଉଇକେଟ୍ ହରାଇ ମାତ୍ର ୬୬ ରନ ସଂଗ୍ରହ କରିଛି। ଦ୍ରୁତ ବୋଲର ଚିନ୍ତନ ଗାଜାଙ୍କ ବୋଲିଂକୁ ସାମ୍ନା କରି ନ ପାରି ଭ୍ରମଣକାରୀ ଦଳର ହାର୍ଦ୍ଦିକ ଦେଶାଇ (୦), କିଶାନ ପାର୍ମର (୦),ଅଭି ବାରୋତ (୧), ବୈଷବରାଜ ଜାଡେଜା (୬) ଓ ପ୍ରଥମ ଇନିଂସର ଶତକ ହାସଲକାରୀ ଶେଲଡନ ଜ୍ୟାକସନ(୦) ଶସ୍ତାରେ ପ୍ୟାଭିଲିୟନ ଫେରିଥିଲେ। ହାତରେ ଆଉ ୫ ଉଇକେଟ୍ ରହିଥିବାବେଳେ ସୌରାଷ୍ଟ୍ର ମୋଟ୍ ଉପରେ ୧୧୮ ରନରେ ଅଗ୍ରଣୀ ହାସଲ କରିଛି। ୨୫ ବର୍ଷୀୟ ଗାଜା ମାତ୍ର ୧୫ ରନ ବିନିମୟରେ ୫ ଉଇକେଟ୍ ହାସଲ କରିଛନ୍ତି। ପୂର୍ବରୁ ସୌରାଷ୍ଟ୍ରର ପ୍ରଥମ ଇନିଂସ ସ୍କୋର ୩୦୪ ରନ ଜବାବରେ ଗୁଜରାଟ ରବିବାର ସୁଦ୍ଧା ୬ ଉଇକେଟ୍‌ରେ ୧୧୯ ରନ କରିଥିଲା। ସୋମବାର ଗୁଜରାଟ ଏହି ସ୍କୋରରେ ଆଉ ୧୩୩ ରନ ଯୋଗ କରି ୨୫୨ରେ ସୀମିତ ରହିଥିଲା। ଗାଜା ୬୧, ରୁଜୁଲ ୭୧, ପାର୍ଥିବ ପଟେଲ ୨୭ ଓ ଅକ୍ଷର ପଟେଲ ୨୧ ରନ କରିଥିଲେ।

# ଓଡ଼ିଶାକୁ ୧୩ ପଦକ

**ଭୁବନେଶ୍ୱର, ୨।୩(କ୍ରୀଡ଼ା ପ୍ରତିନିଧି)**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ଭୁବନେଶ୍ୱର ଓ କଟକରେ ସଫଳତାର ସହ ସମ୍ପନ୍ନ ହୋଇଛି। ଦେଶର ୧୫୯ଟି ବିଶ୍ୱବିଦ୍ୟାଳୟର ୩୪୦୦ ଆଥଲେଟ ଏଥିରେ ଅଂଶଗ୍ରହଣ କରିଥିଲେ। ୨୦୬ଟି ସ୍ୱର୍ଣ୍ଣ, ୨୦୬ଟି ରୌପ୍ୟ ଓ ୨୮୬ଟି ବ୍ରୋଞ୍ଜ୍ ପଦକ ପାଇଁ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଠାକାର ଭିତ୍ତିଭୂମିରେ ଶତମୁଖ ହୋଇଛନ୍ତି ରାଜ୍ୟ ବାହାରର ଖେଳାଳି ଓ ଅଫିସିଆଲ। ମାତ୍ର ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତାକୁ ଦେଖିଲେ ନିରାଶ ହେବାକୁ ପଡ଼େ। ପ୍ରତିଯୋଗିତାରେ ଓଡ଼ିଶା ମୋଟ ୧୩ଟି ପଦକ ହାସଲ କରିଛି। ଏଥିରେ ରାଜ୍ୟର ୪ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କିଟ୍ ୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ ସହ ମୋଟ ୭ ପଦକ ପାଇଥିବାବେଳେ ବ୍ରହ୍ମପୁର ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ ସହ ୩, ସମ୍ବଲପୁର ୧ ସ୍ୱର୍ଣ୍ଣ, ୧ ରୌପ୍ୟ ସହିତ ୨ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଗୋଟିଏ ବ୍ରୋଞ୍ଜ ପଦକ ପାଇବାକୁ ସକ୍ଷମ ହୋଇଥିଲା। ଦେଖିବାକୁ ଗଲେ ପଏଣ୍ଟ ଟେବୁଲର ପ୍ରଥମ ତିନିସ୍ଥାନ ଅଧିକାର କରିଥିବା ପଞ୍ଜାବ ବିଶ୍ୱବିଦ୍ୟାଳୟ ୧୭-୧୯-୧୦, ସାବିତ୍ରୀ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ୧୭-୧୧-୯ ଏବଂ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୧୩-୦୬-୧୪ ତୁଳନାରେ ଆମେ ବହୁ ପଛରେ। ତେବେ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ଭଳି ଏଠାରେ ମଧ୍ୟ କେତେକ ପ୍ରତିଭା ସମ୍ପନ୍ନ ଖେଳାଳି ଜାତୀୟ ଚୟନକର୍ତ୍ତାଙ୍କ ନଜରକୁ ଆସି ପାରିଛନ୍ତି।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**



ଦୂତୀ ଚାନ୍ଦ


ମନୀଷା ମେରେଲ



ମନୋଜ କୁମାର ସାହୁ

**ପଦକ**

- **କିଟ୍:** ୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ
- **ବ୍ରହ୍ମପୁର:** ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ
- **ସମ୍ବଲପୁର:** ୧ ସ୍ୱର୍ଣ୍ଣ, ୧ ରୌପ୍ୟ
- **ଉତ୍କଳ:** ୧ ବ୍ରୋଞ୍ଜ

ଓଡ଼ିଶାକୁ ମିଳିଥିବା ୧୩ ପଦକ ମଧ୍ୟରୁ ସବୁଠାରୁ ଅଧିକ ସଫଳତା ପାଇଥିଲେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ତଥା ଜାତୀୟ ରେକର୍ଡଧାରିଣୀ ଦୂତୀ ଚାନ୍ଦ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇ ସାରିଥିବା ଦୂତୀଙ୍କ ପାଇଁ ଏହି ପ୍ରତିଯୋଗିତା ବିଶେଷ କଷ୍ଟକର ନ ଥିଲା। ତେବେ ଘରୋଇ ପରିବେଶରେ ଦକ୍ଷତା ଦେଖାଇ ସେ ମହିଳା ୧୦୦ ଓ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିବା ସହ ରାଜ୍ୟ ଏବଂ ନିଜ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସ୍ୱର୍ଣ୍ଣ ପଦକ ପ୍ରସଙ୍ଗ ଉଠିଲେ ଦୂତୀଙ୍କୁ ଛାଡ଼ିଦେଲେ କିଟ୍ ପାଇଁ ମହିଳା ରଗ୍‌ବୀ ଏବଂ ପୁରୁଷ ରିକର୍ଭ ତୀରନ୍ଦାଜୀ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ଏହି ସଫଳତା ପାଇଛନ୍ତି ମନୀଷା ମେରେଲ। ସେ ମହିଳା ଲଙ୍ଗଜମ୍ପରେ ଆଗକୁ ବଢ଼ିବାର ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବ୍ରହ୍ମପୁରର ମନୋଜ କୁମାର ସାହୁ ଭାରୋତ୍ତୋଳନରେ ସୁନା ସାଉଁଟିଛନ୍ତି।

ବ୍ୟକ୍ତିଗତ ପ୍ରଦର୍ଶନକୁ ଦେଖିଲେ ଦୂତୀଙ୍କ ବ୍ୟତୀତ କେବଳ ମନୀଷା ଓ ମନୋଜ ସ୍ୱର୍ଣ୍ଣ ପଦକର ସ୍ୱାଦ ଚାଖିଛନ୍ତି। ମନୋଜ ପୁରୁଷ ୭୩ କେଜି ଇଭେଣ୍ଟରେ ମୋଟ ୨୬୭ କେଜି ଭାରୋତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ସେ ସ୍ନାଚ୍‌ରେ ୧୧୫ ଓ କ୍ଲିନ ଆଣ୍ଡ ଜର୍କରେ ୧୫୨ କେଜି ଭାର ଉଠାଇଥିଲେ। ରୌପ୍ୟ ପଦକ ତାଲିକାରେ ଅଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳିକା ପ୍ରମିଳା କିର୍ସାନୀ, କିଟ୍ ତୀରନ୍ଦାଜ ରଞ୍ଜିତ ନାୟକ ଓ ସମ୍ବଲପୁର ମହିଳା ହକି ଦଳ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ରଗ୍‌ବୀ ଦଳ, ଭାରୋତ୍ତୋଳକ କୁମ୍ଭେଶ୍ୱର ମଲିକ, ବ୍ରହ୍ମପୁର ଭାରୋତ୍ତୋଳିକା ବନିତା ଘଡ଼େଇ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ୨୦୦ ମିଟର ଧାବିକା ଦୀପାଳି ମହାପାତ୍ର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏବେ ପ୍ରତିଭା ମାନଙ୍କୁ ଉପଯୁକ୍ତ ତାଲିମ ଦେଇ ଭବିଷ୍ୟତ ପାଇଁ ଗଢ଼ିବାର ସମୟ ଆସିଛି।

**୫୦ତମ ବିବାହବାର୍ଷିକୀ ଶୁଭେଚ୍ଛା**



ଭାଗବତ ସାହୁ ଓ ଭାରତୀ ସାହୁ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣମାନଙ୍କ ଜୀବନ ସୁଖମୟ ଓ ମଙ୍ଗଳମୟ ହେଉ
-:ଶୁଭେଚ୍ଛା ସହ:-
ପୁତ୍ର: ଅରୁଣ ଏବଂ ଅଶୋକ, ପୁତ୍ରବଧୂ: ପ୍ରଭାସିନୀ, ଦେବୀନା, କନ୍ୟା: ଅରୁନ୍ଧତୀ, ଅନସୂୟା, ଜ୍ୱାଇଁ: ପ୍ରଦୀପ, ଅଭୟ, ନାତିନାତୁଣୀ: ଆୟୁଷ୍ମାନ, ଆଶିର୍ବାଦ, ଦିବ୍ୟା ଦେବସ୍ମିତା, ଜ୍ୟୋତିରାଦିତ୍ୟ, ଅର୍ଚ୍ଚିତା ଓ ଅବନ୍ତିକା।
ଧ-୧୬୯୯୩

### ଶ୍ରୀଲଙ୍କା ୩-୦ରେ ସିରିଜ ଜିତିଲା

ପାଲିକେଲ୍ (ଶ୍ରୀଲଙ୍କା), ୨।୩ (ଏପି)

ଆଞ୍ଜେଲୋ ମାଥ୍ୟୁସ୍‌ଙ୍କ ୪ ଉଇକେଟ ସଫଳତା ବଳରେ ଶ୍ରୀଲଙ୍କା ଏଠାରେ ଖେଳାଯାଇଥିବା ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୬ରନରେ ପରାସ୍ତ କରିଛି। ଏଥିସହିତ ଦଳ ୩ ମ୍ୟାଚବିଶିଷ୍ଟ ସିରିଜକୁ ୩-୦ରେ ଜିତିନେଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୫୦ ଓଭରରେ ୩୦୭ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଟପ୍ ସ୍କୋରର କୁଶାଲ ମେଣ୍ଡିସ ୫୫ ରନ କରିଥିଲେ। ଧନଞ୍ଜୟ ଡି'ସିଲ୍‌ଭା ୪୭ ରନ କରିଥିଲେ। ୱେଷ୍ଟଇଣ୍ଡିଜର ଅଲ୍‌ଜାରି ଯୋଶେଫ ୪ ଉଇକେଟ ଅକ୍ତିଆର କରିଥିଲେ। ଭ୍ରମଣକାରୀ ଦଳ ୯ ଉଇକେଟରେ ୩୦୧ ରନ କରି ମ୍ୟାଚ ହାରିଯାଇଥିଲା। ଶାଇ ହୋପ୍ ୭୨ ରନ କରିଥିଲେ। ଓପନର ସୁନୀଲ ଆମ୍ବ୍ରିସ ୬୦ ବଲ୍‌ରୁ ୬୦ ରନ ଏବଂ ନିକୋଲାସ ପୁରନ ୫୦ ରନ କରିଥିଲେ। ମାଥ୍ୟୁସ ତାଙ୍କ ୪ ଉଇକେଟ ନେଇଥିଲେ। ଶ୍ରୀଲଙ୍କା ପ୍ରଥମ ଦିନିକିଆକୁ ଏକ ଉଇକେଟ ଏବଂ ଦ୍ୱିତୀୟ ମ୍ୟାଚ ୧୬୧ ରନରେ ଜିତିଥିଲା।

## ନାଡାଲଙ୍କ ପରେ ଥିଆଗୋ ସର୍ବକନିଷ୍ଠ


ଟ୍ରଫି ସହ ଥିଆଗୋ ସିବୋଥ୍ ।

**ସାଣ୍ଟିଆଗୋ, ୨।୩ (ଏଏଫ୍‌ପି)**

୨୦୦୫ରେ ରାଫାଲ ନାଡାଲଙ୍କ ପରେ ଲାଟିନ୍ ଆମେରିକାର କ୍ଲେ କୋର୍ଟ 'ଗୋଲ୍‌ଡେନ ସୁଇଙ୍ଗ୍' ଟେନିସ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାରେ ବ୍ରାଜିଲର ଥିଆଗୋ ସିବୋଥ୍ ୱାଇଲ୍ଡ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୧୯ବର୍ଷୀୟ ଥିଆଗୋ ଫାଇନାଲରେ ଦ୍ୱିତୀୟ ସିଡ୍ ତଥା ନରୱେର କାସ୍ପର ରୁଡ୍‌ଙ୍କୁ ୭-୫, ୪-୬, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏକ ଏଟିପି ଇଭେଣ୍ଟରେ ଟାଇଟଲ ଜିତିବାରେ ସେ ବ୍ରାଜିଲର ମଧ୍ୟ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୨୦୦୫ରେ ନାଡାଲ ଯେତେବେଳେ ଏଠାରେ ଟାଇଟଲ ବିଜୟୀ ହୋଇଥିଲେ, ସେତେବେଳେ ତାଙ୍କୁ ୧୮ ବର୍ଷ ବୟସ ହୋଇଥିଲା। ଏହି ମେକ୍ସିକାନ ଇଭେଣ୍ଟ ଏବେ ମଧ୍ୟ କ୍ଲେ-କୋର୍ଟରେ ଖେଳାଯାଉଛି। ସୋମବାର ନୂଆ ର୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଥିଆଗୋ ର୍ୟାଙ୍କିଙ୍ଗ ତାଲିକାର ୧୮୨ରୁ ୧୧୩ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

## ଫାଇନାଲରେ ସୁନ୍ଦରଗଡ଼, ବାରିପଦା, ରାଇରଙ୍ଗପୁର

**ଏସ୍‌ଡିସି କପ୍-୨୦୨୦**

**କଟକ ଅଫିସ,୨।୩**

ରାଜ୍ୟ ସରକାରଙ୍କ ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ(ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏସ୍‌ଡିସି କପ୍-୨୦୨୦ର ସେମିଫାଇନାଲ ମୁକାବିଲା ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବର୍ଗରେ ବାରିପଦା ଓ ସୁନ୍ଦରଗଡ଼ ଫାଇନାଲରେ ପ୍ରବେଶ କରିଥିବା ବେଳେ ମହିଳା ବର୍ଗରେ ସୁନ୍ଦରଗଡ଼ ଓ ରାଇରଙ୍ଗପୁର ମଧ୍ୟରେ ଫାଇନାଲ ମୁକାବିଲା ହେବ। ଆସନ୍ତା ୫ରେ ବାରବାଟୀ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବ।

କେନ୍ଦୁଝର ଜୋନରେ ଗୋଟିଏ ଲେଖାଏ ପୁରୁଷ ଓ ମହିଳା ବର୍ଗର ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ବାରିପଦା ଓ କୋରାପୁଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୧-୧ ଗୋଲରେ ଡ୍ର ରହିଥିଲା। ପରେ ଟାଇବ୍ରେକର ପଦ୍ଧତିରେ ବାରିପଦା ୪-୩ ଗୋଲରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଏଠାରେ ଖେଳାଯାଇଥିବା ମହିଳା ବର୍ଗର ସେମି ମୁକାବିଲାରେ ସୁନ୍ଦରଗଡ଼ ୯-୦ ଗୋଲରେ ବିଜୟୀ ହୋଇଛି। ସୁନ୍ଦରଗଡ଼ ଜୋନରେ ୨ଟି ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଠାରେ ଅନୁଷ୍ଠିତ ରାଇରଙ୍ଗପୁର-ସୁନ୍ଦରଗଡ଼ ବିପକ୍ଷ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୨-୨ ଗୋଲରେ ଡ୍ର ରହିଥିଲା। ଅତିରିକ୍ତ ସମୟରେ ମଧ୍ୟ ଉଭୟ ଦଳ ୨ଟି ଲେଖାଏ ଗୋଲ ଦେଇଥିଲେ। ପରେ ପେନାଲ୍ଟି କିକ୍ ଜରିଆରେ ସୁନ୍ଦରଗଡ଼ ୫-୪ ଗୋଲରେ ବିଜୟୀ ହୋଇଥିଲା। ରାଇରଙ୍ଗପୁର-ବାରିପଦା ମଧ୍ୟରେ ଅନୁଷ୍ଠିତ ମହିଳା ବର୍ଗର ସେମିଫାଇନାଲ ମ୍ୟାଚ୍‌ରେ ରାଇରଙ୍ଗପୁର ୫-୦ ଗୋଲରେ ବିଜୟହାସଲ କରିଛି।

### ସିଏସିର ପ୍ରଥମ ବୈଠକ ଆଜି

**ମୁମ୍ବାଇ,୨।୩(ପି.ଟି.):** ବିସିସିଆଇର କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ପ୍ରଥମ ବୈଠକ ଏଠାରେ ମଙ୍ଗଳବାର ବସିବ। ଏଥିରେ ଖାଲିପଡ଼ିଥିବା ଦୁଇ ଜାତୀୟ ଚୟନକର୍ତ୍ତା ପଦବୀ ଲାଗି ଆବେଦନ କରିଥିବା ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯିବ। ଉପଦେଷ୍ଟା କମିଟିରେ ପୂର୍ବତନ କ୍ରିକେଟର ମଦନ ଲାଲ୍, ଆର୍.ପି. ସିଂ ଓ ସୁଲକ୍ଷଣା ନାଏକ ରହିଛନ୍ତି। ଖାଲିପଡ଼ିଥିବା ଦୁଇଟି ପଦବୀ ଲାଗି ୪୪ଜଣ ଆବେଦନ କରିଛନ୍ତି। ଚୟନ କମିଟି ମୁଖ୍ୟ ଏମ୍.ଏସ୍.କେ. ପ୍ରସାଦ ଓ ସଦସ୍ୟ ଗଗନ ଖୋଦାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏସିଆନ କ୍ରିକେଟ କାଉନ୍‌ସିଲ ବୈଠକ ଲାଗି ଯାଇ ନ ଥିବାରୁ ସମ୍ଭବତଃ ମଙ୍ଗଳବାର କାର୍ଯ୍ୟାଳୟରେ ଉପସ୍ଥିତ ରହିବେ। ନୂଆ ଚୟନ କମିଟି ଦକ୍ଷିଣ ଆଫ୍ରିକା ସିରିଜ ପାଇଁ ଭାରତୀୟ ଦଳ ଚୟନ କରିବେ ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786



## ରୋମାଞ୍ଚକ ସ୍ଥିତିରେ ବେଙ୍ଗଲ-କର୍ନାଟକ ମ୍ୟାଚ୍

**ରଣ୍ଜୀ ଟ୍ରଫି ସେମିଫାଇନାଲ**

**କୋଲକାତା, ୨।୩ (ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଘରୋଇ ବେଙ୍ଗଲ ଓ କର୍ନାଟକ ମଧ୍ୟରେ ଅନୁଷ୍ଠିତ ରଣ୍ଜୀ ଟ୍ରଫି ୨ୟ ସେମିଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ବେଙ୍ଗଲ ପକ୍ଷରୁ ଧାର୍ଯ୍ୟ ୩୫୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି କର୍ନାଟକ ସୋମବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ୍ ବିନିମୟରେ ୯୮ ରନ ସଂଗ୍ରହ କରିଛି। ଓପନର୍ ଲୋକେଶ ରାହୁଲ ଖାତା ଖୋଲିବା ପୂର୍ବରୁ ଇଶାନ ପୋରେଲଙ୍କ ବଲରେ ଆଉଟ୍ ହୋଇଥିବାବେଳେ ରବିକୁମାର ସମର୍ଥ ୨୭ ଓ ଅଧିନାୟକ କରୁନ ନାୟାର ୬ ରନ କରି ପ୍ୟାଭିଲିୟନ ଫେରିଛନ୍ତି। ଦେବଦତ୍ତ ପାଡିକଲ ୫୦ ଓ ମନୀଷ ପାଣ୍ଡେ ୧୧ ରନ କରି ଅପରାଜିତ ରହିଛନ୍ତି। ମ୍ୟାଚ୍ ୨ ଦିନ ବାକି ରହିଥିବାବେଳେ କର୍ନାଟକୁ ବିଜୟ ଲାଗି ଆହୁରି ୨୫୪ ରନ ଆବଶ୍ୟକ ହେଉଛି। ଅପରପକ୍ଷରେ ଆଉ ୭ ଉଇକେଟ୍ ହାସଲ କଲେ ଘରୋଇ ଦଳ ଫାଇନାଲରେ ପ୍ରବେଶ କରିବ।

ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋର ୭୨/୪ରୁ ବ୍ୟାଟିଂ ଆରମ୍ଭ କରିଥିବା ବେଙ୍ଗଲ ୧୬୧ ରନରେ ସୀମିତ ରହିଥିଲା। ପ୍ରଥମ ଇନିଂସର ଶତକ ହାସଲକାରୀ ଅନୁଷ୍ଟୁପ ମଜୁମଦାର ୪୧, ସୁଦୀପ ଚାଟାର୍ଜୀ ୪୫, ଶାହବାଜ ଅହମ୍ମଦ ୩୧ ରନ କରିଥିଲେ। କର୍ନାଟକ ପକ୍ଷରୁ ଅଭିମନ୍ୟୁ ମିଥୁନ ୪ ଓ କ୍ରିଷ୍ଣାପ୍ପା ଗୋଥାମ ୩ ଉଇକେଟ୍ ନେଇଥିଲେ। ଫଳରେ ପ୍ରଥମ ଇନିଂସରେ ମହତ୍ତ୍ୱପୂର୍ଣ୍ଣ ୧୯୦ ରନର ଅଗ୍ରଣୀ ହାସଲ କରିଥିବା ବେଙ୍ଗଲ ମୋଟ୍ ୩୫୨ ରନର ଟାର୍ଗେଟ୍ କର୍ନାଟକ ସମ୍ମୁଖରେ ରଖିଥିଲା।


ଲୋକେଶ ରାହୁଲଙ୍କ ଉଇକେଟ ହାସଲ ପରେ ଇଶାନ ପୋରେଲ ଖୁସି ମନାଉଛନ୍ତି।

### ୩୧ ବର୍ଷ ପୂର୍ବେ ଟାଇଟଲ୍ ଜିତିଥିଲା ବେଙ୍ଗଲ

ବେଙ୍ଗଲ କ୍ରିକେଟ୍ ଦଳ ଶେଷଥର ପାଇଁ ୩୧ ବର୍ଷ ତଳେ ଭାରତୀୟ ଘରୋଇ କ୍ରିକେଟ୍‌ର ସମ୍ମାନଜନକ ଟୁର୍ନାମେଣ୍ଟ ରଣ୍ଜୀ ଟ୍ରଫି ଟାଇଟଲ୍ ଜିତିଥିଲା। ୧୯୮୯-୯୦ ସିଜନରେ ଦିଲ୍ଲୀକୁ ପରାସ୍ତ କରି ବେଙ୍ଗଲ ଚାମ୍ପିୟନ ହୋଇଥିଲା। ସେହିବର୍ଷ ସୌରଭ ଗାଙ୍ଗୁଲି ତାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ସେହିଭଳି ଯଦି ବେଙ୍ଗଲ କର୍ନାଟକକୁ ପରାସ୍ତ କରେ ତେବେ ୧୩ ବର୍ଷ ପରେ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ୨୦୦୭ରେ ଶେଷଥର ପାଇଁ ବେଙ୍ଗଲ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଫାଇନାଲରେ ମୁମ୍ବାଇଠାରୁ ୧୩୨ ରନରେ ପରାସ୍ତ ହୋଇ ରନର୍ସଅପ୍ ରହିଥିଲା।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ- ୩୧୨ରେ ଅଲ୍‌ଆଉଟ୍
କର୍ନାଟକ ପ୍ରଥମ ଇନିଂସ- ୧୨୨ରେ ଅଲ୍‌ଆଉଟ୍
ବେଙ୍ଗଲ ୨ୟ ଇନିଂସ- ୧୬୧ରେ ଅଲ୍‌ଆଉଟ୍
କର୍ନାଟକ ୨ୟ ଇନିଂସ- ୩/୯୮

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ୪ର୍ଥ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରାଜେନ୍ଦ୍ର କୁମାର ସାହୁ (ରାଜା)
ଆବିର୍ଭାବ: ୧୬।୧୧।୧୯୯୯
ତିରୋଧାନ: ୧୬।୦୩।୨୦୧୬
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଏହି ଅକାଳ ବିୟୋଗରେ ତୋର ଆତ୍ମାକୁ ଚିର ଶାନ୍ତି ଦିଅନ୍ତୁ। ତୋର ଉପସ୍ଥିତି ଆମେ ସବୁବେଳେ ପାଖରେ ଅନୁଭବ କରିପାରୁଛୁ। ତୋର ତ୍ୟାଗ, ସାହସ, ନିଷ୍ଠା ପରାୟଣ, ପରୋପକାର ମନୋଭାବ, ଭଲପାଇପବା ସମସ୍ତଙ୍କ ମନରେ ଚିର ସ୍ମରଣୀୟ ହୋଇ ରହିଥିବା ତୋର ଶୋକସନ୍ତପ୍ତ ପିତା, ମାତା, ଭାଇ, ଭଉଣୀ ବନ୍ଧୁ ଓ ପରିବାରବର୍ଗ।
ଧ-୧୬୯୧୭

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



ରସବତୀ ପରିଡ଼ା
୨୬.୦୧.୧୯୩୦ - ୧୪.୦୩.୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ
Parida Family
Manapada, Gop,Puri &
NM Group of Institutions, BBSR
ଧ-୧୬୯୯୨

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ବିନୋଦିନୀ ଶତପଥୀ
ପୂର୍ବତନ ବରିଷ୍ଠ ଶିକ୍ଷୟିତ୍ରୀ, କେ.ପି. ହାଇସ୍କୁଲ, ଗୋବିନ୍ଦପୁର, ଢେଙ୍କାନାଳ
ତିରୋଧାନ: ୨୦।୦୩।୨୦୧୩
ଚାହୁଁ ଚାହୁଁ ସାତବର୍ଷ ହୋଇଗଲା, ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ସତେ ଯେମିତି ତୁମ ସୂକ୍ଷ୍ମ ଶରୀର ଆମ ପାଖରେ ଅଛି। ତୁମର ନିଷ୍ଠାପରତା, ତ୍ୟାଗ, ଆଦର୍ଶ, ଦାନଶୀଳତା ସବୁବେଳେ ଆମର ପାଥେୟ ହୋଇ ରହିବ, ତୁମର ସ୍ନେହ, ଶ୍ରଦ୍ଧା, ମଧୁମୟ ସ୍ମୃତି ଆମପାଇଁ ସଦା ଜୀବନ୍ତ, ତୁମର ଆତ୍ମା ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
-:ଇତି:-
ତୁମର ହତଭାଗ୍ୟ ସ୍ୱାମୀ: ସୁଭାଷ ଚନ୍ଦ୍ର ଶତପଥୀ
ଧ-୬୯୧୦୧

## ସଂକ୍ଷେପରେ

### ସଂକୀର୍ତ୍ତନ ବେଳେ ଟଳି ପଡ଼ିଲେ

**ବିଞ୍ଝାରପୁର, ୨।୩(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକ ଉତ୍ତଙ୍ଗ ପଞ୍ଚାୟତ ଅଜିପୁର ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଚାଲିଥିଲା। ରବିବାର ବିଳମ୍ବିତ ରାତିରେ ସେହି ଗ୍ରାମର ଜଣେ ବ୍ୟକ୍ତି ସଂକୀର୍ତ୍ତନ କରୁ କରୁ ଟଳିପଡି ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ସମଗ୍ର ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ବାତାବରଣ ସୃଷ୍ଟି କରିଛି। ଖବର ମୁବାବକ, ବିଞ୍ଝାରପୁର ବ୍ଲକ ଉତ୍ତଙ୍ଗ ଗ୍ରାପ ଅଜିପୁର ଗ୍ରାମର ରବିବାର ବଳରାମଜୀଉ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ହେଉଥିଲା। ଏଥିରେ ଅଜିପୁର ଗ୍ରାମର ଭକ୍ତ ଅଞ୍ଜନ ସାମଲ (୫୮) ଯୋଗଦେଇ ସଂକୀର୍ତ୍ତନ କରୁଥିଲେ। ହରଲେ ର୪ବିବାର ବିଳମ୍ବିତ ରାତିରେ କିର୍ତ୍ତନ କରୁ କରୁ ଟଳି ପଡିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

### ସୁରଟରେ ଛତିଆ ଯୁବକଙ୍କ ମୃତ୍ୟୁ

**ଛତିଆ, ୨।୩ (ଡିଏନଏ):** ବଡ଼ଚଣା ବ୍ଲକ ଛତିଆ ପଞ୍ଚାୟତ ଅଧୀନ ଅମରାବତୀପାଟଣା ଗ୍ରାମର ଜଣେ ଯୁବକ ଗୁଜୁରାଟର ସୁରଟରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ ଯୁବକ ନୃସିଂହ ବିଶ୍ୱାଳଙ୍କ ପୁଅ ଅନନ୍ତ(୩୩) ବୋଲି ଜଣାପଡ଼ିଛି। ସେ ଦୀର୍ଘ ୧୦ବର୍ଷ ଧରି ସୁରଟର ଏକ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଶୁକ୍ରବାର ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଘରଲୋକ ଖବର ପାଇଥିଲେ। ସେଠାରୁ ତାଙ୍କ ପୁଅର ମୃତଦେହକୁ ଫେରାଇ ଆଣିବା ପାଇଁ ପ୍ରଶାସନ ନିକଟରେ ମାତା ପିତା ଆକୁଳ ନିବେଦନ କରିଛନ୍ତି । ଅନନ୍ତ ଗତ ୩ମାସ ତଳେ ବିବାହ କରିଥିଲେ।

# ଯୁବତୀଙ୍କ ଘର ଜାଳିଦେଲେ ଯୁବକ

**ଯାଜପୁର ଅଫିସ, ୨।୩**

**ପ୍ରେମ ନିବେଦନକୁ ଗ୍ରହଣ ନ କରିବାରୁ ଉନ୍ମତ୍ତ କାଣ୍ଡ**

ଏକାଧିକ ଥର ପ୍ରେମ ନିବେଦନ କରି ବିଫଳ ହେବା ପରେ ଯୁବତୀଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି ଜଣେ ଯୁବକ। ଏହି ଘଟଣା ସମଗ୍ର ଯାଜପୁର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ଯୁବତୀଙ୍କ ପରିବାର ପକ୍ଷରୁ ଏନେଇ ରବିବାର ଅଭିଯୋଗ ହେବା ପରେ କୋରେଇ ଥାନାରେ ଏକ ମାମଲା (ନଂ. ୫୧/୨୦୨୦) ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ କୋରେଇ ଥାନା ଅର୍ନ୍ତଗତ ରଣେସରପୁର ଗ୍ରାମର ଜଣେ ଯୁବତୀ ଭୁବନେଶ୍ୱରରେ ରହି ଏକ ଘରୋଇ ସଂସ୍ଥାରେ ଚାକିରି କରୁଥିଲେ । ସେଠାରେ କଟକ ଜିଲା ଅଡସପୁର ଅଞ୍ଚଳର ପପୁ ସୁନ୍ଦରାୟ ଯୁବତୀଙ୍କୁ ବାରମ୍ବାର ପ୍ରେମ ନିବେଦନ କରି ଆସୁଥିଲେ। କିନ୍ତୁ ଯୁବତୀ ଜଣଙ୍କ ପପୁଙ୍କ ନିବେଦନ ନ ମାନିବାରୁ ତାଙ୍କୁ ନାନା ହଇରାଣ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଏ ବିଷୟରେ ପୂର୍ବରୁ ଯୁବତୀ ଜଣଙ୍କ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରି ଭୁବନେଶ୍ୱର ଛାଡି ଦେଇଥିଲେ। କିନ୍ତୁ ଅଭିଯୁକ୍ତ ପପୁ ଯୁବତୀଙ୍କ ପିଛା ଛାଡି ନ ଥିଲେ। ଏପରିକି ସେ ଯୁବତୀଙ୍କ ଘର ଆସିବାକୁ ପଛାଇ ନ ଥିଲେ। ରବିବାର ପପୁ ରଣେଶପୁର ଗ୍ରାମକୁ ଆସି ଯୁବତୀ ଓ ତାଙ୍କ ମା'ଙ୍କୁ ଧମକ ଦେଇଥିଲେ। ତେବେ ଯୁବତୀଙ୍କର ଅନ୍ୟତ୍ର ବାହାଘର ଠିକ ହୋଇଥିବା ଖବର ପାଇ ରବିବାର ରାତିରେ ସମସ୍ତେ ଶୋଇଥିବାବେଳେ ପପୁ ଯୁବତୀଙ୍କ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ କେହି ମୃତାହତ ହୋଇ ନଥିବା ଜଣାପଡିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନାହିଁ।

# ବିରଜା ପୀଠର ଉନ୍ନତି ପାଇଁ ୧ କୋଟି ଘୋଷଣା



ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛନ୍ତି ଯାଜପୁର ପ୍ରତିନିଧି ଦଳ।

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଯାଜପୁରବାସୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହିକ୍ରମରେ ଯାଜପୁର ଜିଲାରେ ଥିବା ପ୍ରସିଦ୍ଧ ବିରଜା ପୀଠର ଉନ୍ନତି ପାଇଁ ଗତ ଗୁରୁବାର ୧ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଯାଜପୁରବାସୀ ସ୍ୱାଗତ କରିବା ସହ କୃତଜ୍ଞତା ପ୍ରକାଶ ମଧ୍ୟ କରିଛନ୍ତି। ଏହିକ୍ରମରେ ଯାଜପୁର ଜିଲାର କେତେକ ମନ୍ଦିର ସହ ଜଡିତ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ଯୁବ ବର୍ଗ ଏବଂ ତୃଣମୂଳସ୍ତରୀୟ ରାଜନେତା ସୋମବାର ଅପରାହ୍ନରେ ନବୀନ ନିବାସ ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଦେବା ସହ ପୁଷ୍ପଗୁଚ୍ଛ ଏବଂ ମା' ବିରଜାଙ୍କର ଏକ ଫଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିନିଧି ଦଳରେ ଭାବ ପ୍ରସାଦ ଦାସ, ସନ୍ତୋଷ ମଲ୍ଲିକ ଏବଂ ଦେବୀ ପ୍ରସାଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ପୀଡ଼ିତାଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

**ରସୁଲପୁର, ୨।୩(ଡିଏନଏ)**

**ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲା**

ରସୁଲପୁର ବ୍ଲକ ଅତଲାପୁର ପଞ୍ଚାୟତର ସାଦକପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଭାଜପା ପ୍ରତିନିଧି ଦଳ ପହଞ୍ଚିଛି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ପିଡିତାଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ଏଥିସହ ଭାଜପାର ଏକ ମହିଳା ପ୍ରତିନିଧି ଦଳ ଖୁବ୍ ଶୀଘ୍ର ସ୍ଥିତି ସମୀକ୍ଷା କରିବାକୁ ପିଡିତାଙ୍କ ଗାଁରେ ପହଞ୍ଚିବାର କାର୍ଯକ୍ରମ ରହିଛି ବୋଲି ସାହୁ ସୂଚନା ଦେଇଥିଲେ।

ଏହି ପ୍ରତିନିଧି ମଣ୍ଡଳିରେ ପୂର୍ବତନ ପ୍ରଶାସନିକ ଅଧିକାରୀ ରବି ନାରାୟଣ ବେହେରା, ସମବାୟ ନେତା ମୁକୁନ୍ଦଦେବ ମହାନ୍ତି, ପୂର୍ବତନ ସମିତି ସଭ୍ୟ ବଟକୃଷ୍ଣ ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ୩୫ନଂ ମଣ୍ଡଳ ସଭାପତି ଶଶିଭୂଷଣ ଦାଶ, ସୂର୍ଯ୍ୟମଣି ମହାନ୍ତି ପ୍ରମୁଖ ପିଡ଼ିତାଙ୍କ ମା-ବାପଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରିବାର ଉପରେ ଚାପ ପଡୁଛି ବୋଲି ସେମାନେ ଭାଜପା ପ୍ରତିନିଧିଙ୍କ ସମ୍ମୁଖରେ ବୟାନ ରଖିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଦୁଇଜଣ ସରପଞ୍ଚ ମାମଲା ରଫାଦଫା କରିବାକୁ ତାଙ୍କ ଉପରେ ଚାପ ପକାଉଛନ୍ତି। ଏହାଛଡା ଶାସକ ଦଳର ସାଂଗଠନିକ ଦାୟିତ୍ୱରେ ଥିବା ବ୍ଲକର ଅଞ୍ଚଳର ଦୁଇ ନେତା ବି ସେମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତି ବୋଲି ଭାଜପା ନେତା ସାହୁ ପ୍ରକାଶ କରିଛନ୍ତି। ପିଡିତା ପରିବାର ଅସୁରକ୍ଷିତ ମଣୁଛନ୍ତି ବୋଲି ପ୍ରକାଶ କରିବାରୁ ଏ ନେଇ ପୋଲିସ ପ୍ରଶାସନ ସହ ଆଲୋଚନା କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ପ୍ରତିନିଧି ମଣ୍ଡଳୀ କୁଆଖିଆ ଥାନାରେ ପହଞ୍ଚି ଥାନା ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ସହ ଆଲୋଚନା କରିଛନ୍ତି। ନାବାଳିକାଙ୍କୁ ଅପହରଣ କରିବାରେ ସମ୍ପୃକ୍ତ ଅନ୍ୟ ୨ଜଣ ଅଭିଯୁକ୍ତଙ୍କୁ ପୋଲିସ କାହିଁକି ଗିରଫ କରୁନାହିଁ ବୋଲି ସାହୁ ପ୍ରଶ୍ନ କରିବା ସହ ପିଡିତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏଥିସହ ନାରୀ ନିର୍ଯାତନାକୁ ନେଇ ବାରମ୍ବାର ଯାଜପୁର ଜିଲାରେ ଏଭଳି ଘଟୁଛି। ଏଥିରେ ଶାସକ ଦଳର ନେତାଙ୍କ ସମ୍ପୃକ୍ତି ରହୁଛି। ମାତ୍ର ପୋଲିସ କାହିଁକି ଏ ଦିଗରେ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି ପ୍ରତିନିଧି ଦଳ ପ୍ରଶ୍ନ କରିଛନ୍ତି।

## କପି କରି ଧରାପଡିଲେ ୭ ପରୀକ୍ଷାର୍ଥୀ

**ରତ୍ନଗିରି, ୨।୩(ଡିଏନଏ)**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଗତ ୧୯ ତାରିଖରୁ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି। ବରୀ ବ୍ଲକର ୧୨ ପରୀକ୍ଷା କେନ୍ଦ୍ରରେ ମୋଟ ୧୯୬୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିଲେ। ସୋମବାର ପରୀକ୍ଷା ଚାଲୁଥିବାବେଳେ ଏହି ବ୍ଲକ ଅଧୀନ ସିଦ୍ଧାଶ୍ରମ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କପି କରୁଥିବାବେଳେ ସ୍ୱତନ୍ତ୍ର ସ୍କାର୍ଡ ଦ୍ୱାରା ୭ଜଣ ପରୀକ୍ଷାର୍ଥୀ ଧରାପଡିଥିବା ଜଣାପଡିଛି। ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ନବଭାରତୀ ବିଦ୍ୟାପୀଠ, କୃପାସିନ୍ଧୁ ବିଦ୍ୟାଭବନ, କାଇପଡା ଉଚ୍ଚ ବିଦ୍ୟାଳୟ, ନନ୍ଦିନିଦେବୀ ବିଦ୍ୟାପୀଠ, ରତ୍ନଗିରି ଉଚ୍ଚ ବିଦ୍ୟାଳୟ ଓ ହରିପୁର ଉଚ୍ଚ ବିଦ୍ୟାଳୟଗୁଡିକରେ ସରକାରଙ୍କ ତରଫରୁ ସିସିଟିଭି କ୍ୟାମେରା ଲଗାଯାଇଥିଲା। ତେବେ ଅନ୍ୟ ପରୀକ୍ଷା କେନ୍ଦ୍ରଗୁଡିକରେ ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିବା ଜଣାପଡିଛି।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ୨ ଆହତ

**ଯାଜପୁର ଅଫିସ, ୨।୩:** ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଧୀନ କୟାଁ ପଞ୍ଚାୟତ ଇଚ୍ଛାପୁରଠାରେ ଏକ ଟ୍ରାକ୍ଟର ଧକ୍କାରେ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକଜଣକ ହେଲେ ଉକ୍ତ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଉଗ୍ରେସନ ସାହାଣୀଙ୍କ ପୁଅ ତାପସ (୨୩)। ଆହତ ଦ୍ୱୟ ସେହି ଗ୍ରାମର ଚିତ୍ତରଞ୍ଜନ ସାହାଣୀ ଏବଂ ଅଭିମନ୍ୟୁ ସାହାଣୀ ବୋଲି ଜଣାପଡ଼ିଛି। ଉକ୍ତ ୩ଜଣ ଏକ ବାଇକ୍‌ରେ ଯାଉଥିବାବେଳେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାପସଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କ ସହ ଯାଉଥିବା ଚିତ୍ତରଞ୍ଜନ ଓ ଅଭିମନ୍ୟୁ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୩ ଜଣଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାପସଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଦୁହିଁଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳପୁର ପୋଲିସ ତାପସଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ନିୟମିତ ଆସୁନାହାନ୍ତି ଡାକ୍ତର, ଫେରୁଛନ୍ତି ରୋଗୀ

ବରୀ,୨।୩(ସ୍ୱ.ପ୍ର)- ବରୀ ବ୍ଲକ ଅଧୀନ ବୌଦ୍ଧ କୀର୍ତ୍ତିରାଜି ରତ୍ନଗିରି ପଞ୍ଚାୟତର ପାଦଦେଶରେ ରହିଛି ରତ୍ନଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୫ଦିନ ହେବ ନିୟମିତ ଡାକ୍ତର ଆସୁ ନ ଥିବାରୁ ଦୈନିକ ୧୫ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ନ ପାଇ ହତାସ ହୋଇ ଫେରି ଯାଉଛନ୍ତି। ଏନେଇ ରବିବାର ସ୍ଥାନୀୟ ଅଞ୍ଚଳର ଯୁବ ସାମାଜିକ କର୍ମୀ ଗିରିଶ ସାମଲ, ମୋହନ ଚରଣ ଜେନା, ଅମୀୟ ଦାସ ପ୍ରମୁଖ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୯୮୨ ମସିହାରୁ ରତ୍ନଗିରି ଓ ଆଖପାଖ ୬ଟି ପଞ୍ଚାୟତର ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ ଏଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଖାପାଖି ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଇଛି। ଜଣେ ଫାର୍ମାସିଷ୍ଟ ଓ ଜଣେ ଆଟେଣ୍ଡାଣ୍ଟଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଏଠାକୁ ଆସୁଥିବା ନିରାମୟ ଯୋଜନାରେ ମାଗଣା ଔଷଧ ସ୍ଥାନୀୟ ଔଷଧ ଦୋକାନୀଙ୍କୁ କର୍ମଚାରୀମାନେ ବିକ୍ରି କରିଦେଉଥିବା ଅଭିଯୋଗ ହୋଇଛି। ଏପରିକି ପରୀକ୍ଷା ପାଇଁ ମଧୁମେହ, ମାଲେରିଆ, ଡେଙ୍ଗୁ ପରୀକ୍ଷା ଆଦିର ଯନ୍ତ୍ରପାତିକୁ ବିକ୍ରି କରି ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ରୋଗୀଙ୍କ ପାଇଁ ପଡିଥିବା ବିଛଣା ସବୁବେଳେ ଅପରିଷ୍କାର ହୋଇ ରହୁଛି। ବ୍ଲିଚିଂ ପାଉଡର, ଫିନାଇଲ ନିଜ ସମ୍ପର୍କୀୟ ଲୋକଙ୍କୁ ବାଣ୍ଟି ଦିଆଯାଉଛି। ଏନେଇ ଦିନକୁ ଦିନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡୁଥିବାବେଳେ ରତ୍ନଗିରି ଅଞ୍ଚଳବାସୀ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ରତ୍ନଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ସେକ୍ ସାବିର ହୋସେନଙ୍କୁ ପଚାରିବାରୁ, ଏକ ଜରୁରୀ କାମ ଯୋଗୁ ୨୫ ତାରିଖରୁ ସେ ଛୁଟିରେ ଅଛନ୍ତି ବୋଲି କହିଛନ୍ତି।

# ବିପଦରେ ଅସିହା ପର୍ବତମାଳା

**ଚଣ୍ଡିଖୋଲ,୨।୩(ଡିଏନଏ)**

ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଅଧୀନରେ ରହିଛି ଅସିହା ପର୍ବତମାଳା। ଏହି ପର୍ବତମାଳା ଦିନେ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଏଠାରେ ବାଘ, ହରିଣ, ଝିଙ୍କ, ସମ୍ବର, ଆଦି ବହୁ ଜୀବଜନ୍ତୁ ରହୁଥିଲେ। ଏହି ପର୍ବତମାଳାର ମାଣ୍ଡୁକା, ଧାଉଡ଼ିଆପଦା ଓ ଚାରିନଙ୍ଗଳ ପାହାଡ଼ର ବିଭିନ୍ନ ସ୍ଥାନରେ ବେଆଇନ ଖାଦାନ ଚାଲିବା ଯୋଗୁ ଜଙ୍ଗଲ ଧ୍ୱଂସ ପାଇବା ସହ ଜୀବଜନ୍ତୁ ମଧ ମରି ହଜି ଗଲେଣି। ଏପରିକି କେତେଜଣ ଶିକାରୀ ଏଠାରୁ ଜୀବଜନ୍ତୁଙ୍କୁ ଶିକାର କରି ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏହି ପାହାଡ଼ରେ ୨୬ଶହ ଏକର ଜଙ୍ଗଲ ଜମି ରହିଥିବାବେଳେ ଅନ୍ୟସବୁ ରାଜସ୍ୱ ବିଭାଗ ଅଧୀନରେ ରହିଛି। ରାଜସ୍ୱ ବିଭାଗ ଅଧୀନରେ ଥିବା ପାହାଡ଼ରେ ବହୁ ସ୍ଥାନରେ ବେଆଇନଭାବେ ଖନନ କରାଯାଇ ମୋରମ ଓ ମେଟାଲ ବାହାରକୁ ଚାଲାଣ କରାଯାଉଛି। ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ରତ୍ନଗିରି ଓ ଉଦୟଗିରିକୁ ଯାଇଥିବା ରାସ୍ତା ପାର୍ଶ୍ୱରେ ପାହାଡ଼ ମାଫିଆମାନେ ବେଧଡ଼କ ଭାବେ ଦୈନିକ ସନ୍ଧ୍ୟାରୁ ରାତିସାରା ମୋରମ ଉତ୍ତୋଳନ କରୁଛନ୍ତି।



ବେଆଇନଭାବେ ଚାଲୁଥିବା ମାଣ୍ଡୁକା ପାହାଡ଼ର ଖାଦାନ।

- ଖୁଲମଖୁଲା ଚାଲିଛି ବେଆଇନ ପଥର ଖାଦାନ
- ଜଙ୍ଗଲ ଧ୍ୱଂସ ପାଇବା ସହ ଲୋପ ପାଇଗଲେଣି ଅନେକ ଜୀବଜନ୍ତୁ

ଏହି ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠକୁ ଜାତୀୟ ଓ ଅର୍ନ୍ତଜାତୀୟସ୍ତରର ପର୍ଯ୍ୟଟକମାନେ ଆସୁଥିବା ହେତୁ ରାସ୍ତାର ଉଭୟ ପାର୍ଶ୍ୱରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ବୃକ୍ଷରୋପଣ କରାଯାଇଥିଲା। ବର୍ତ୍ତମାନ ପାହାଡ଼ ମାଫିଆମାନେ ଏହି ବୃକ୍ଷକୁ କାଟି ଜଙ୍ଗଲ ଧ୍ୱଂସ କରି ସେଥିରୁ ମୋରମ ଓ ବୋଲଡର ଉତ୍ତୋଳନ କରୁଛନ୍ତି। ଯେଉଥିପାଇଁ ଏହି ପାହାଡ଼ ବିପଦ ମୁଖରେ ପଡ଼ିଛି। ପୂର୍ବରୁ ଦର୍ପଣ ତହସିଲ ତରଫରୁ ମାଣ୍ଡୁକା ପାହାଡ଼ର କିଛିଅଂଶ ନିଲାମ ଦିଆଯାଇଥିଲାବେଳେ ଦୀର୍ଘ ଦୁଇ ବର୍ଷ ହେବ ଏଠାରେ ନିଲାମ ବନ୍ଦ କରାଯାଇଛି। କୌଣସି ସ୍ଥାନରେ ତହସିଲ ତରଫରୁ ନିଲାମ ଦିଆଯାଇ ନାହିଁ। ମାତ୍ର ବେଆଇନଭାବେ ମାଣ୍ଡୁକା ଓ ଧାଉଡ଼ିଆପଦା ପାହାଡ଼ର ୪ଟି ସ୍ଥାନରେ ବେଆଇନ ଖନନ କରାଯାଉଛି। ଏହି ପାହାଡ଼ରୁ ଖନନ କରାଯାଇ ଯାଜପୁର, କେନ୍ଦ୍ରପଡ଼ା, କଟକ ଓ ଜଗତସିଂହପୁର ଅଞ୍ଚଳକୁ ରାତ୍ରିରେ ବେଆଇନଭାବେ ମୋରମ ଚାଲାଣ କରାଯାଉଛି। ଜଙ୍ଗଲ ବିଭାଗ ସେସ୍ୱାଲ ଭିଜିଲାନ୍ସ ସ୍କ୍ୱାଡ ତରଫରୁ ବିଭିନ୍ନ ସମୟରେ ଜାତୀୟ ରାଜପଥରେ ଏହି ପାହାଡ଼ରୁ ନେଇ ଯାଉଥିବା ମୋରମ ଟ୍ରକ୍‌ଗୁଡ଼ିକୁ ଜବତ କରାଯିବା ସହ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବାବେଳେ ଦର୍ପଣ ତସହିଲ ତରଫରୁ କେବେ ବି ଚଢ଼ାଉ କରାଯାଇ ନାହିଁ। ତୁରନ୍ତ ଏହି ବେଆଇନ ପଥର ଖାଦାନ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତିଙ୍କୁ ପଚାରିବାରେ, କୌଣସି ସ୍ଥାନରେ ଲିଜ ଦିଆଯାଇ ନାହିଁ। ତେବେ ଏହି ବେଆଇନ ଖନନ ଚାଲୁଥିବା ନେଇ ବାରମ୍ବାର ଚଢ଼ାଉ ଜାରି ରହିଥିବା କହିଛନ୍ତି।

## ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଦଲାଲ ଗିରଫ

**ଯାଜପୁର ଟାଉନ,୨।୩(ଡିଏନଏ)**

ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଜଣେ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସରକାର ଗତ ସେପ୍ଟେମ୍ବରରେ ପରିବହନ କାର୍ଯ୍ୟାଳୟରୁ ଦଲାଲଙ୍କୁ ହଟାଇବା ପାଇଁ ପଦକ୍ଷେପ ନେଇ ୨ଜଣଙ୍କୁ ଗିରଫ କରିଥିଲେ। ପରେ କିଛିଦିନ ପାଇଁ ଏହି କାର୍ଯ୍ୟାଳୟରେ ଖୁଲମଖୁଲା ଦଲାଲ ରାଜ୍ ବନ୍ଦ ହୋଇଥିଲେ ମଧ କିଛି କର୍ମଚାରୀଙ୍କୁ ସଲାସୁତୁରା କରି ଦଲାଲ କାର୍ଯ୍ୟ ଚାଲୁଥିଲା। ଗତ ୨୪ ତାରିଖ ପରିବହନ କମିଶନଙ୍କ ନିର୍ଦ୍ଦେଶାନୁସାରେ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ଶଚିନ୍ଦ୍ରନାଥ ପଣ୍ଡା ସ୍ଥାନୀୟ ଥାନାଧିକାରୀଙ୍କୁ ପତ୍ର ଲେଖି ଦଲାଲ ରାଜ ବନ୍ଦ କରିବା ପାଇଁ ହସ୍ତକ୍ଷେପ ଲୋଡ଼ିଥିଲେ। ସୋମବାର ବିଞ୍ଝାରପୁର ଥାନା ଡିଆଙ୍କିରି ଗ୍ରାମର ନିର୍ମଳ ଚନ୍ଦ୍ର ତ୍ରିପାଠୀ ନାମକ ଏକ ଦଲାଲ କାର୍ଯ୍ୟାଳୟରେ ପଶି ବେଆଇନ କାର୍ଯ୍ୟ କରୁଥିବାବେଳେ ପୋଲିସ ଚଢ଼ାଉ କରି ଗିରଫ କରିଥିଲା। ଯାଜପୁର ପୋଲିସ ଏକ ମାମଲା (ନଂ୯୪/୨୦୨୦) ରୁଜୁ କରି ନିର୍ମଳଙ୍କୁ କୋର୍ଟ ଚାଲାଣ କରିଛି।

# ଆନ୍ଦୋଳନକୁ ଓହ୍ଲାଇବେ ମହିଳା ଚାଷୀ

**ଡୁବୁରୀ,୨।୩(ଡିଏନଏ)**

**କ୍ଷତିପୂରଣ ନ ଦେଇ ଜାତୀୟ ରାଜପଥ ସମ୍ପ୍ରସାରଣ**

ଡୁବୁରୀ ରାଜସ୍ୱ ସର୍କଲ ବିଭିନ୍ନ ଗାଁର କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ନ ଦେଇ ୫୩ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏନେଇ ଆଗାମୀ ଦିନରେ ସମ୍ପୃକ୍ତ ଅଞ୍ଚଳର ମହିଳା ଚାଷୀଙ୍କ ପକ୍ଷରୁ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସୋମବାର ନିଷ୍ପତ୍ତି ହୋଇଛି। ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିଯୋଗୁ ସୁକିନ୍ଦା ତହସିଲ ଡୁବୁରୀ ରାଜସ୍ୱ ସର୍କଲର ଝୁମ୍ପାଣ, କମାରଶାଳିଆ, ସିଆରିଆ, ଖରାଖିଆ, ନୂଆଗାଁ ଓ କଂଇଜିରା ପ୍ରଭୃତି ରାଜସ୍ୱ ଗାଁର ଅନେକ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ମାତ୍ର ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ ନ କରାଯାଇ ଜବରଦସ୍ତ ସଂପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏନେଇ ବିଭିନ୍ନ ଫୋରମରେ ଅଭିଯୋଗ କରାଯିବା ସହ ବହୁବାର ପ୍ରତିବାଦ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ କ୍ଷତିଗ୍ରସ୍ତ ଚାଷୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ସୋମବାର ସମ୍ପୃକ୍ତ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀ ଏକତ୍ରିତ ହୋଇ କାର୍ଯ୍ୟକୁ ଦୃଢ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ମହିଳା ଚାଷୀ ରୋଦନ ମହାନ୍ତଙ୍କ ନେତୃତ୍ୱରେ କିର୍ତ୍ତନ ମହାନ୍ତ, ମମତା ମହାନ୍ତ, ସାରଥୀ ମହାନ୍ତ, ଘନଶ୍ୟାମ ମହାନ୍ତ, ରେବତୀ ମହାନ୍ତଙ୍କ ସମେତ ସଂଖ୍ୟାଧିକ ଚାଷୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଡୁବୁରୀ ଅଞ୍ଚଳରେ ରି-ସେଟଲମେଣ୍ଟ ତୁରନ୍ତ କରିବାକୁ ଦାବି କରିଛନ୍ତି।

## ଆନ୍ତଃ ସିନିୟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ସତାର କ୍ଲବ ବିଜୟୀ

**ଧର୍ମଶାଳା,୨।୩(ଡିଏନ୍‌ଏ)**

ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ସିନିଅର କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର କେଏନ୍‌ଏସ୍‌ଏ କଳିଙ୍ଗନଗରକୁ ୮ ଉଇକେଟରେ ପରାସ୍ତ କରି ସତାର କ୍ରିକେଟ କ୍ଲବ ସୁକିନ୍ଦା ବିଜୟୀ ହୋଇଛି। କଳିଙ୍ଗନଗର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୫ ଓଭରରୁ ୩୨.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ସୁକିନ୍ଦା ବ୍ୟାଟିଂ କରି ୩୩.୩ ଓଭରରେ ୨ ଉଇକେଟ ହରାଇ ୧୮୧ ରନ କରି ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ଦିଲକ ଜେନା ଓ ରଞ୍ଜନ ପାଲ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ସେନାପତି ସ୍କୋରରେ ସହାୟତା କରିଥିଲେ।


କୁଆଖିଆ ବଜାରରେ ସଫଳତାର ସହ ବିଶୁଦ୍ଧ ଅଳଙ୍କାରକୁ ନେଇ ସଗୌରବେ ଆଗେଇ ଚାଲିଛି।
Parbati
ମେସର୍ସ ପାର୍ବତୀ ଜୁଏଲର୍ସ (ବଙ୍ଗାଳି ଦାଦା)
On purchase of 10gms GOLD Jewellery 10 gms Silver Coin Free
& Get a Prize Coupon on Every Rs. 5000/- purchase of Jewellery.
UPTO 50% on MC of Silver | UPTO 20% on MRP of Diamond | Branded Watches UPTO 20% Off
916 BIS Hallmark
ମଧୁବନ ରୋଡ଼୍, କୁଆଖିଆ, ଯାଜପୁର
ମୋ: ୯୯୩୭୯୦୯୧୪୮ (ମୁନା), ୯୬୫୮୮୩୩୦୬୨ (ଆଦିତ୍ୟ)
1st Prize: ALTO | 2nd Prize: ₹1 LAKH CASH | 3rd Prize: Hero Glamour | 4th Prize: Hero Pleasure | 5th Prize: Hero Duet
*Terms & Conditions Apply.
Gold | Diamond | Silver | Branded Watches | Gems Stone


## ମାଟ୍ରିକ ପରୀକ୍ଷା ଶେଷ: କପି କରି ୧୬ ଏକ୍ସପେଲ୍

ଧର୍ମଶାଳା,୨।୩(ଡିଏନ୍‌ଏ)– ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି। ଧର୍ମଶାଳା ବ୍ଲକରେ ୧୮ଟି ପରୀକ୍ଷା କେନ୍ଦ୍ରରେ ୩୧୭୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୩ଜଣ ଅନୁପସ୍ଥିତ ଥିଲେ। ବିଭିନ୍ନ ଦିନରେ ୧୬ଜଣ କପି କରି ଧରାପଡିଛନ୍ତି। ସୋମବାର ଶେଷ ଦିନରେ ବୋର୍ଡ ଜିଲା ଡିଇଓ, ବିଇଓ ସ୍କ୍ୱାଡ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲିଥିଲେ ହେଁ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୨୪ ତାରିଖ ବୋର୍ଡ ୨ଟି ପରୀକ୍ଷା କେନ୍ଦ୍ରରେ ତଦନ୍ତ କରି କପି କରୁଥିବା ୧୫ ଜଣ ପରୀକ୍ଷାର୍ଥୀଙ୍କୁ ଏକ୍ସପେଲ୍ କରିଥିଲେ। ସେହିପରି ୨୮ତାରିଖ ବୋର୍ଡ କର୍ତ୍ତୃପକ୍ଷ ଜଣେ ପରୀକ୍ଷାର୍ଥୀଙ୍କୁ ଏକ୍ସପେଲ କରିଥିଲେ। ଶେଷ ଦିନରେ ବୋର୍ଡ ପକ୍ଷରୁ ନୀଳସୁନ୍ଦର ହାଇସ୍କୁଲ ନେଉଳପୁର ଓ ଜିଲା ସ୍କ୍ୱାର୍ଡ ପକ୍ଷରୁ ଧର୍ମଶାଳା ବାଣୀପୀଠ ଓ ନେଉଳପୁର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ତନଖି କରିଥିଲେ। ସେହିପରି ଧର୍ମଶାଳା ବିଇଓ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।


**CENTRAL INSTITUTE OF PLASTICS ENGINEERING & TECHNOLOGY (CIPET)**
**CENTRE FOR SKILLING AND TECHNICAL SUPPORT (CSTS) - BHUBANESWAR**
(Ministry of Chemicals & Fertilizers, Govt. of India)
S-3/79, Sector - A, Zone - B, Mancheswar Industrial Estate, Bhubaneswar - 10
Phone No.: +91-0674-2588203/2587874, FAX : 0674-2588087
Email: cipetsat@gmail.com / mcti@cipet.gov.in / Website: www.cipet.gov.in
CIPET सिपेट

**NOTICE INVITING E-TENDER (Online) No.: CIPET:CSTS/BBSR/PPEC/LAB TABLE/2019-20/07**

**INVITATION OF BIDS**

CIPET:CSTS,Bhubaneswar invites technical & commercial bids separately item-wise from the reputed suppliers / manufacturers for the supply & installation of Laboratory Furniture at CIPET:PPEC, Paradeep. Interested and eligible bidders are requested to apply through **e-tender** (online) website **www.tenderwizard.com/CIPET,** also visit CIPET website for complete details on technical specification and commercial terms. CIPET reserves the right to accept or reject any or all tenders either in part or in full without assigning any reasons thereof.

**Last date for the online submission of the bid : 23.03.2020, 05.00 p.m.**
**Opening of Technical bids : 24.03.2020,11.00 a.m.**
**Opening of Commercial bids : After Evaluation of Technical Bids**
**For further technical clarification, please contact : 7008867495**

**Dy. Director & Head**



ସମ୍ବଲପୁରୀ ବସ୍ତ୍ରାଳୟ
SBC
ଦୋଳ ଓ ହୋଲି ବିଶେଷ ସରକାରୀ ରିହାତି
୧୦% + ୨୦%
ତା.୦୩।୦୩।୨୦୨୦ରୁ ତା.୦୯।୦୩।୨୦୨୦ ପର୍ଯ୍ୟନ୍ତ
-: ନୂତନ ବସ୍ତ୍ରର ସମ୍ଭାର :-
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ,
ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ୍ ସେଟ୍ ।
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।


## ଆଶାକର୍ମୀ ଚୟନରେ ଅନିୟମିତତା ଅଭିଯୋଗ

**କଳିଙ୍ଗନଗର,୨।୩(ଡିଏନଏ)**

ଯାଜପୁର ଜିଲା ଦାନଗଦୀ ବ୍ଲକ ରାଣୀପଡା ପଞ୍ଚାୟତରେ ଆଶାକର୍ମୀ ଚୟନକୁ ନେଇ ବିବାଦ ଦେଖାଦେଇଛି। ଚୟନ ପ୍ରକ୍ରିୟାରେ ଅନିୟମତିତା ହୋଇଥିବା ନେଇ ସ୍ଥାନୀୟ ରାଣୀପଡ଼ା ଗ୍ରାମବାସୀ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଦେବାଶିଷ ସାହୁଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି। ଆଶାକର୍ମୀ ଭାବେ ଚୟନ କରାଯାଇଥିବା ମିନତୀ ସାହୁ ଏବେ ବ୍ୟାସନଗର ପୌରାଞ୍ଚଳର ସୋବ୍ରା ମୌଜାର ପ୍ରଶାନ୍ତି ବିହାରରେ ରହୁଛନ୍ତି। କିନ୍ତୁ ରାଣିପଡା ଗାଁରେ ଏବେ ମିନତି ରହୁ ନ ଥିବାରୁ କିଭଳି ତାଙ୍କୁ ଆଶାକର୍ମୀ ଚୟନ କରାଗଲା ତାହା ପ୍ରଶ୍ନ କରିଛନ୍ତି। ସେ ରାଣିପଡ଼ାରେ ରହୁ ନ ଥିବାରୁ ଉକ୍ତ ଗ୍ରାମରେ ଗର୍ଭବତୀ ମହିଳାଙ୍କୁ କିପରି ସହାୟତା ଯୋଗାଇ ଦେବେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଗତ ୨୭ତାରିଖରେ ମୁଖ୍ୟ ଚିକିତ୍ସାଧିକାରୀ ସାହୁ ଆଶାକର୍ମୀ ଭାବେ ମିନତିଙ୍କୁ ଚୟନ କରିଛନ୍ତି। ତେବେ ଏହି ଚୟନ ସମ୍ପର୍କରେ ଯଦି କାହାର କିଛି ଅଭିଯୋଗ ଥାଏ ତେବେ ୧୦ଦିନ ମଧ୍ୟରେ ଲିଖିତ ଅଭିଯୋଗ କରିବାକୁ ନୋଟିସ ଜାରି କରାଯାଇଥିଲା। ଫଳରେ ରାଣୀପଡ଼ାର ଶତାଧିକ ଗ୍ରାମବାସୀ ସୋମବାର ମିନତୀଙ୍କ ଚୟନ ରଦ୍ଦ କରିବାକୁ ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ସ୍ୱାସ୍ଥ୍ୟଧିକାରୀ ଦେବାଶିଷ ସାହୁଙ୍କୁ ପଚାରିବାରୁ, ଆଶାକର୍ମୀ ମିନତୀ ସାହୁଙ୍କ କାଗଜପତ୍ର ଠିକ ଭାବେ ଯାଞ୍ଚ କରାଯାଇ ତାଙ୍କୁ ଚୟନ କରାଯାଇଥିଲା। ମାତ୍ର ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ସରକାର
PRESERVE HEARING
DSPL-291

# ବିଶ୍ୱ ଶ୍ରୁତି ଦିବସ

୩ ମାର୍ଚ୍ଚ ୨୦୨୦

ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରୁତି ଦିବସ ଭାବେ ପାଳନ କରାଯାଉଅଛି । ଶୃତି ବାଧିତ (କାଲ) ମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ । ବିଶେଷକରି ଶୈଶବ ସମୟରେ ଦେଖାଯାଉଥିବା ଶ୍ରୁତି ବଧିରତାକୁ ଅଧିକାଂଶ କ୍ଷେତ୍ରରେ ପ୍ରତିରୋଧ କରାଯାଇ ପାରିବ ।

## ଶ୍ରୁତି ବଧିରତା ପ୍ରତିରୋଧର ଉପାୟ

- କାନ ଭିତରକୁ କୌଣସି ପଦାର୍ଥ (ଏପରିକି କାଠି, ପେନ୍‌ସିଲ, କଣ୍ଟା, ତେଲ ଆଦି) ପୂରାନ୍ତୁ ନାହିଁ ।
- ମଇଳା ପାଣି ଓ ଅପରିଷ୍କାର ପରିବେଶରୁ ଦୂରେଇ ରୁହନ୍ତୁ ।
- କାନ ଉପରେ ଆଘାତ ଦିଅନ୍ତୁ ନାହିଁ ।
- କାନ ଦରଜ ବା ଯନ୍ତ୍ରଣା ହେଲେ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ କିମ୍ବା ଚେରମୂଳି ଆଦି ଲଗାନ୍ତୁ ନାହିଁ ।
- ଅଧିକ ସମୟ ଧରି ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ଏବଂ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଗୀତ ବାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।
- ଡାକ୍ତରଙ୍କ ବିନା ପରାମର୍ଶରେ କାନ ଭିତରେ କୌଣସି ତୈଳ ଜାତୀୟ ପଦାର୍ଥ ପକାନ୍ତୁ ନାହିଁ ।
- କାନ ଦରଜ କିମ୍ବା ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କାନ ପରୀକ୍ଷା କରାଇ ନିଅନ୍ତୁ ।

ଉପଯୁକ୍ତ ସଚେତନତା ଓ ପ୍ରତିଷେଧକ ଉପାୟ ଆପଣେଇବା ଦ୍ୱାରା ଶ୍ରୁତି ବଧିରତାକୁ ପ୍ରତିରୋଧ କରାଯାଇପାରିବ ।

facebook.com/NHMOdisha http://www.health.odisha.gov.in @NHMOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0085/1920



पंजाब नैशनल बैंक ...भरोसे का प्रतीक! | ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ!

ମଣ୍ଡଳ କାର୍ଯ୍ୟାଳୟ: ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ,
ଭୁବନେଶ୍ୱର-୭୫୧୦୦୯, ଫୋନ୍ ନଂ.-୦୬୭୪-୨୫୩୪୩୪୯, ୨୫୩୪୫୦୬

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରାହୀତାମାନେ ବକେୟା ଦେୟ ପୈଠ କାରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଏତଦ୍ୱାରା ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ. | ଛଇତାନଶାଖା, ଛଇତାନ<br>ଆକାଉଣ୍ଟ ନଂ./ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୨୯୬୯୦୦୮୭୦୦୦୦୦୬୭୨ / ଋଣଗ୍ରହୀତା: ମେସର୍ସ କଳା ଶ୍ରୀମୁଖ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ସାହୁ, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ / ଜାମିନ୍‌ଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ, ୨) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୩) ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ୪) ଶ୍ରୀ ସୁରେଶ ଚନ୍ଦ୍ର ସାହୁ, ସମସ୍ତଙ୍କ ପିତା: ୰ ମହେଶ୍ୱର ସାହୁ, ୫) ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁ, ସମସ୍ତଙ୍କ ଠିକଣା- ସା: କୁଣେଇ(ରଣପଡ଼ା), ପୋ/ଥାନା: କୋଣାର୍କ, ଜିଲ୍ଲା: ପୁରୀ | ୧୦.୦୯.୨୦୧୯ / ୨୭.୦୨.୨୦୨୦ | ୦୧.୦୪.୨୦୧୯ ସୁଦ୍ଧା ଟ.୮୨,୬୯,୨୭୯.୦୬ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଜମି ଓ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାର (କ) ମୌଜା: କୁଣେଇ (ରଣପଡ଼ା), ଥାନା: ଗୋପ, ଜିଲ୍ଲା: ପୁରୀ, (i) ହାଲ ଖାତା ନଂ.: ୩୮୩, ପ୍ଲଟ ନଂ.: ୧୪୨୮, କ୍ଷେତ୍ର: ଏକର ୦.୩୯ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ii) ହାଲ ଖାତା ନଂ.: ଡି୧-୧୪, ପ୍ଲଟ ନଂ.: ୧୪୨୮/୨୦୩୯, କ୍ଷେତ୍ର: ଏକର ୦.୨୦ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ରମେଶ ଚନ୍ଦ୍ର ସାହୁ, ପିତା: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (iii) ଖାତା ନଂ.: ଡି୧-୨, ପ୍ଲଟ ନଂ.: ୧୪୨୮/୨୦୧୨, ଅନୁରୂପ ଖାତା ନଂ.: ୨, ପ୍ଲଟ ନଂ.: ୧୪୨୮/୨୦୧୨, କ୍ଷେତ୍ର: ଏକର ୦.୨୦ ଡିସିମିଲ, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ଖ) ମୌଜା: କୋଣାର୍କ, ଥାନା/ତହସିଲ: ଗୋପ, ଜିଲ୍ଲା: ପୁରୀ, ସାବକ୍ ଖାତା ନଂ.: ୨୧୩, ପ୍ଲଟ ନଂ.: ୧୦୮୨, କ୍ଷେତ୍ର: ଏକର ୦.୪୦ ଡିସିମିଲରୁ ଏକର ୦.୨୦ ଡିସିମିଲ, ଅନୁରୂପ ହାଲ୍ ଖାତା ନଂ.: ୨୧୩/୧୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲରୁ ଏକର ୦.୨୦ ଡିସିମିଲ, ଅନୁରୂପ ଚୂଡ଼ାନ୍ତ ହୋଇ ନଥିବା ଖାତା ନଂ.: ୬୪୩/୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲରୁ ଏକର ୦.୨୦ ଡିସିମିଲ, କିସମ: ଶାରଦ ୨ (ଘରବାଡ଼ି ଭାବେ ବ୍ୟବହୃତ), ସମ୍ପତ୍ତି ୰ ମହେଶ୍ୱର ସାହୁ, ପିତା: ୰ ବାଇଧର ସାହୁଙ୍କ ନାମରେ ଅଛି, ଚୌହଦୀ-ପୂର୍ବ: କରମଙ୍ଗା ରାସ୍ତା, ପଶ୍ଚିମ: କୈଳାସ ଚନ୍ଦ୍ର ନାୟକ, ଉତ୍ତର: ବୁଲା ବେହେରା (ବିକ୍ରେତା) । |

ତାରିଖ: ୦୨.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ମାର୍ଚ୍ଚ, ୨୦୨୦



ପଇସାକୁ ଯଦି ଜ୍ଞାନ ଅର୍ଜନରେ ଖଟାଇଲ ଜାଣି
ରଖ ସବୁଠାରୁ ଉଚ୍ଚ ହାରରେ ସୁଧ ମିଳିବା।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଠାକୁର ଟଙ୍କା ରଖିବାକୁ ନେଇ ମାରପିଟ୍: ୪ କୋର୍ଟ ଚାଲାଣ

**ରସୁଲପୁର, ୨।୩(ଡିଏନଏ):** ରସୁଲପୁର ବ୍ଲକ ଜାବରା ଗ୍ରାମରେ ଠାକୁର ଟଙ୍କା ରଖିବାକୁ ନେଇ ଗଣ୍ଡଗୋଳ ଉପୁଜିଛି। ଏହି ଗଣ୍ଡଗୋଳରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଗ୍ରାମର ଦୁର୍ଯୋଧନ ଦଳେଇ ଓ ତାଙ୍କ ଭାଇ ଦୁଃଶାସନ ଦଳେଇ। ଅପରପକ୍ଷ ଦେବେନ୍ଦ୍ର ବେହେରା ଓ ଭାଇ ବୀର ବେହେରା ଠାକୁର ଟଙ୍କାକୁ ନିଜ ପାଖରେ ରଖିବାକୁ ଅଡି ବସିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ମାଡପିଟ୍ ହୋଇଥିଲା। ଏ ନେଇ ଦୁର୍ଯୋଧନ ଦଳେଇ ଓ ଅପରପକ୍ଷରୁ ବୀର ବେହେରା କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଉପରେ ଉଲ୍ଲେଖ ଥିବା ୪ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଦୁଇଟି ମାମଲା (ନଂ-୭୩ ଓ ୭୪/୨୦) ରୁଜୁ କରାଯାଇଛି।

### ଯାଜପୁର ଜେଏଲ୍‌ସିଙ୍କୁ ଡିଏଲ୍‌ଓ ଦାୟିତ୍ୱ

**ଯାଜପୁରରୋଡ, ୨।୩(ଡି.ଏନ.ଏ.):** ଯାଜପୁର ଯୁଗ୍ମ ଶ୍ରମ କମିଶନରଙ୍କୁ ପଦୋନ୍ନତି ଦିଆଯିବା ପରେ ଜିଲା ଶ୍ରମ ଅଧିକାରୀ(ଡିଏଲଓ) ପଦବୀଭାବେ ମଧ୍ୟ କାର୍ଯ୍ୟ କରିବାକୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପଦୋନ୍ନତି ପରେ କ୍ଷମତା ନ ମିଳିବା, ଜିଲା ଶ୍ରମ ଅଧିକାରୀ ପଦବୀ ଗତ ୧ବର୍ଷ ଧରି ଖାଲି ପଡିବା ଆଦି ସଂକ୍ରାନ୍ତରେ ଧରିତ୍ରୀରେ ଗତ ୨୮ ତାରିଖରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ଯାଜପୁର ଡିଏଲସି(ଡେପୁଟୀ ଲେବର କମିଶନର) ସୁନୀଲ କୁମାର ସାହୁଙ୍କୁ ୨୨।୧।୨୦୨୦ରେ ଜେଏଲସି (ଯୁଗ୍ମ ଶ୍ରମ କମିଶନର) ଭାବେ ପଦୋନ୍ନତି ମିଳିଥିଲା। କିନ୍ତୁ ଏହି ପଦବୀରେ ତାଙ୍କୁ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର କ୍ଷମତା ଦେଇ ନ ଥିଲେ। ଏହାବାଦ ଯାଜପୁର ଜିଲା ଶ୍ରମ ଅଧିକାରୀ ଶିବଶଙ୍କର ମିଶ୍ରଙ୍କୁ ୨।୨।୨୦୧୯ ତାରିଖରେ ଅନୁଗୁଳକୁ ବଦଳି କରି ଦିଆଯାଇଥିଲା। ହେଲେ ତାଙ୍କ ସ୍ଥାନରେ କାହାରିକୁ ଏଠାରେ ଅଦ୍ୟାବଧି ଅବସ୍ଥାପିତ କରାଯାଇପାରି ନାହିଁ। ଡିଏଲସି ସାହୁଙ୍କୁ ଅତିରିକ୍ତ ଭାବେ ଏହି ଦାୟିତ୍ୱ ଦିଆଯାଇଥିଲା। ତେବେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏନେଇ ସ୍ଥାନୀୟ ଶ୍ରମିକ ନେତା ଦୁଷ୍ମନ୍ତ ରାଉତ ରାଜ୍ୟ ଶ୍ରମ କମିଶନର ଏନ. ତିରୁମାଲା ନାଏକ ଓ ଶ୍ରମ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସଂକ୍ରାନ୍ତରେ ଜେଏଲସି ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ତାଙ୍କୁ ଡିଏଲସି ପଦବୀରେ କାର୍ଯ୍ୟ କରିବାକୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତେବେ ପ୍ରାୟ ୧୫ ଦିନ ମଧ୍ୟରେ ଏଠାରେ ଡିଏଲସି ଯୋଗ ଦେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

### ଇଜତମାରୁ ଫେରୁଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ : ୫ ଆହତ

**ଚଣ୍ଡିଖୋଲ, ୨।୩(ଡିଏନଏ):** ଯାଜପୁର ଜିଲାର ବ୍ରହ୍ମବରଦାରେ ଚାଲିଥିବା ବିଶ୍ୱ ମୁସଲିମ ସମ୍ମିଳନୀ ସୋମବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରୁ ଫେରୁଥିବା ବେଳେ ବାଲିଚନ୍ଦ୍ରପୁର ନିକଟ କୁସୁପୁରଠାରେ ଏକ ଅଟୋ ପଟାମୁଣ୍ଡାଇ କେନାଲ ମଧ୍ୟକୁ ଓଲଟି ପଡ଼ିବାରୁ ୫ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସୂଚନା ଥାଉକି ସାଲେପୁର ଥାନା ଅନ୍ତର୍ଗତ ରାଇସୁଙ୍ଗୁଡା ନିକଟସ୍ଥ ସିମିଳିପଡା ଗ୍ରାମର ମୋହିଉଦ୍ଦିନ୍ ମହମଦ୍ (୭୦), ସେକ୍ ଫାରୁକ୍ ଖାଁ(୩୪), ସେକ୍ ଜାକିର୍(୪୫) ଓ ସୌକତ୍ ଅଲ୍ଲି(୭୦) ପ୍ରମୁଖଙ୍କୁ ବ୍ରହ୍ମବରଦାରୁ ଧରି ନିଜ ଗ୍ରାମ ଅଭିମୁଖେ ଏକ ଅଟୋ (ଓଆର୦୨ ଏ ଡବ୍ଲୁ-୨୭୫୮) ନେଇ ଫେରୁଥିଲା। ଚାଳକ ସେକ୍ ମୋତି(୨୭) ଅଟୋଟି ଚଳାଉଥିଲେ। ଏହି ସମୟରେ ପଟାମୁଣ୍ଡାଇ କେନାଲର ବାଲିଚନ୍ଦ୍ରପୁର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ତାଙ୍କୁ ସାଇଡ୍ ମାରିବାରୁ ଅଟୋଟି ଭାରସାମ୍ୟ ହରାଇ କେନାଲ ଭିତରକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ସେଠାରୁ ଉଦ୍ଧାର କରି ନିକଟସ୍ଥ ନଡିଆ ସାହାସପୁର ଡାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

# ବିଧାନସଭାରେ ନୀରବ ଜନପ୍ରତିନିଧି

**ଯାଜପୁର ଅଫିସ, ୨।୩**

ଯାଜପୁର ଜିଲାରେ ପ୍ରାୟ ୧୮ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ଏଠାରୁ ପନିପରିବା ଜିଲା ତଥା ରାଜ୍ୟ ବାହାରକୁ ମଧ୍ୟ ରପ୍ତାନୀ ହେଉଛି। କିନ୍ତୁ ଜିଲା କୃଷି ଓ ଉଦ୍ୟାନ ବିଭାଗର ଦୂରଦର୍ଶିତା ଓ ଆନ୍ତରିକତା ଅଭାବରୁ ଗତ ୫ବର୍ଷ ମଧ୍ୟରେ ଶୀତଳ ଭଣ୍ଡାର ୧ରୁ ୨ ହୋଇପାରି ନାହିଁ। ଏଥିପାଇଁ ଜିଲାର ଲକ୍ଷାଧିକ ପରିବା ଚାଷୀ ଅଭାବି ବିକ୍ରୀର ଶିକାର ହେଉଛନ୍ତି। ଏହାସହ କୃଷି ଓ କୃଷକ ସଶକ୍ତୀକରଣରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ମଧ୍ୟ ଚାଷୀଙ୍କ ପାଖରେ ଉପଯୁକ୍ତଭାବେ ପହଞ୍ଚି ପାରୁନାହିଁ। ଏହିକ୍ରମରେ ପରିବା ଚାଷୀ ସବୁକ୍ଷେତ୍ରରେ ଉପେକ୍ଷିତ ହେଉଥିବାବେଳେ ଯାଜପୁର ଜିଲାର ଜଣେ ହେଲେ ନିର୍ବାଚିତ ପ୍ରତିନିଧି ୨୬ ତାରିଖରେ ଶେଷ ହୋଇଥିବା ବିଧାନସଭାରେ ପରିବା ଚାଷୀଙ୍କ ବିକାଶ ପାଇଁ ଗୋଟିଏ ବି ପ୍ରଶ୍ନ ଉତଥାପନ କରି ନାହାନ୍ତି। କେବଳ ଉଦ୍ୟାନ ବିଭାଗ ନୁହେଁ ଜିଲାର ବିକାଶରେ ସମ୍ପୃକ୍ତ ଅନ୍ୟ ଯୋଜନା ସମ୍ପର୍କରେ ମଧ୍ୟ କେହି ପ୍ରଶ୍ନଟିଏ ନ କରିବା ଜିଲାର ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୁବନେଶ୍ୱର କୃଷି ଭବନ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୧୮୪୯/୧୯।୨।୨୦୧୯ରେ ନୟାଗଡା, କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡା, କଟକ ଓ ଅନୁଗୁଳ ଜିଲାର ଉଦ୍ୟାନ ଉପନିର୍ଦ୍ଦେଶକ(ଡିଡିଏଚ) ଏବଂ ଯାଜପୁର, ବରଗଡ ଓ ପଦମପୁର ଅତିରିକ୍ତ ଉପନିର୍ଦ୍ଦେଶକ(ଏଡିଏଚ୍)ଙ୍କୁ ୨୦।୨।୨୦୨୦ ସୁଦ୍ଧା ବିଧାନସଭା ପ୍ରଶ୍ନର ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବଡଚଣା ବ୍ଲକରେ ଥିବା ମହାବିନାୟକ ଫଳ ଉଦ୍ୟାନରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା କେତେ ଓ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ସହିତ ଏହି ଫଳ ଉଦ୍ୟାନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବେ କି ବୋଲି ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥି (୯୮୨ ନମ୍ବର)ରେ ଏକମାତ୍ର ପ୍ରଶ୍ନ କରିଥିଲେ। ବିଧାୟକ ସତ୍ୟନାରାୟଣ ପ୍ରଧାନ(ତାରକା ଚିହ୍ନିତ ୭୨୫)ରେ ନୟାଗଡ ଜିଲାରେ ଚାଷ ଜମିରେ ପନିପରିବା ଓ ଫଳ ଚାଷ, ବିଧାୟକ ତାରାପ୍ରସାଦ ବାହିନୀପତି(ତାରକା ଚିହ୍ନିତ ୭୬୨)ରେ ଆଳୁ ଓ ପିଆଜ ଚାଷ ପାଇଁ ସରକାର ଆନ୍ତରିକତା ପ୍ରଦାନ କରୁନାହାନ୍ତି କାହିଁକି, ବିଧାୟକ ମକରନ୍ଦ ମୁଦୁଲି (ତାରକା ଚିହ୍ନିତ ୭୬୪)ରେ ରାୟଗଡା ଜିଲାର ଉଦ୍ୟାନ କୃଷି ପାଇଁ ବିଭିନ୍ନ ପ୍ରକଳ୍ପର ସଫଳତା ହାର, ବିଧାୟକ ଦେବେଶ ଆଚାର୍ଯ୍ୟ(ତାରକା ଚିହ୍ନିତ ୮୩୭)ବରଗଡ ଜିଲାର ସାମଗ୍ରିକ ଭାବେ କୃଷି କ୍ଷେତ୍ରରେ ଉନ୍ନତି ଲାଭ କରିଛି କି, ବିଧାୟକ ସୌଭିକ ବିଶ୍ୱାଳ(ନମ୍ବର ୮୮୨ ଓ ୮୮୩)ରେ ଫୁଲ ଚାଷକୁ ପ୍ରୋତ୍ସାହନ, ରମେଶଚନ୍ଦ୍ର ସାଏ(୮୮୯) ଚାଷୀଙ୍କୁ ଆମ୍ବ ଚାଷ ପାଇଁ ପ୍ରୋତ୍ସାହନ, ମୌଷଧି ବାଗ(୯୬୦) ଉଦ୍ୟାନ କୃଷିର ବିକାଶ ପାଇଁ ପ୍ରୋତ୍ସାହନ ଓ ପ୍ରଶାନ୍ତ ବେହେରା(୯୬୫)ରେ ସାଲେପୁରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଆଦି ଚାଷୀଙ୍କ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ପ୍ରଶ୍ନ କରି ଯୋଜନାର କାର୍ଯ୍ୟକାରୀ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଯାଜପୁର ପନିପରିବା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ ହେଁ କୌଣସି ନେତୃବର୍ଗ ବିଧାନସଭାରେ ପ୍ରଶ୍ନ କିମ୍ବା ଦାବି ଉପସ୍ଥାପନ ନ କରିବା ଚାଷୀଙ୍କ ପାଇଁ କେତେ ଆନ୍ତରିକତା ରହିଛି ତାହା ସ୍ପଷ୍ଟ ଦିଶୁଛି। ଯାଜପୁର ଓ କଟକ ଜିଲା ସୀମାନ୍ତ ଛତିଆରେ ଏକମାତ୍ର ବଂଶୀଧର ଶୀତଳ ଭଣ୍ଡାର ରହିଛି। ଚାଷୀଙ୍କଠାରୁ ତାହା ଦୂର ହେଉଥିବାରୁ ନିଜ କଷ୍ଟୋପାର୍ଜିତ ପନିପରିବାକୁ ଅତି କମ ଦରରେ ଦଲାଲ ହାତରେ ଟେକି ଦେଇ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ସମବାୟ ବିଭାଗ ଅଧୀନରେ କୌଣସି ଶୀତଳ ଭଣ୍ଡାର ହୋଇନାହିଁ। ପୂର୍ବରୁ ସମବାୟ ବିଭାଗ ଅଧୀନରେ ରାଜ୍ୟରେ ସମୁଦାୟ ୧୮ଟି ସମବାୟ ଶୀତଳ ଭଣ୍ଡାର ରହିଛି। ସେଥିରୁ ମାତ୍ର ୪ଟି କାର୍ଯ୍ୟକ୍ଷମ। ହେଲେ ବିଡମ୍ବନା ଯେ, ଯାଜପୁର ଜିଲାରେ ଗୋଟିଏ ବି ସମବାୟ ଭିତ୍ତିକ ଶୀତଳ ଭଣ୍ଡାର ନିର୍ମାଣ ହୋଇପାରି ନାହିଁ। ଏଥିରୁ ଯାଜପୁର ଜିଲାର କୃଷି ଓ କୃଷକଙ୍କୁ କିଭଳି ଉପେକ୍ଷା କରାଯାଉଛି ତାହା ସ୍ପଷ୍ଟ ଅନୁମେୟ। ଅନ୍ୟପକ୍ଷେ ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ୨୧ଟି ଶୀତଳ ଭଣ୍ଡାର ବେସରକାରୀସ୍ତରରେ ନିର୍ମାଣ କରାଯାଇଛି। ଏଥିରୁ ଯାଜପୁର ଜିଲାର ଯାଜପୁର ଓ କଟକ ସୀମାନ୍ତ ଛତିଆ ନିକଟରେ ୪୯୦୦ ଏମଟି କ୍ଷମତା ବିଶିଷ୍ଟ ବଂଶୀଧର କୋଲ୍ଡ ଷ୍ଟୋରେଜ ନାମରେ ଏକ ଶୀତଳ ଭଣ୍ଡାର ନିର୍ମାଣ ହୋଇଛି। ରସୁଲପୁର ଅଞ୍ଚଳର ଚାଷୀ ରବୀନ୍ଦ୍ର ବେହରା, ଅକ୍ଷୟ ବେହେରା, ସୁଶାନ୍ତ ବେହେରା, ରମେଶ ବେହେରା ପ୍ରମୁଖ କୁହନ୍ତି ଏବେ ଗୋଟିଏ ଫୁଲ କୋବିକୁ ୧୦/୧୨ ଟଙ୍କା ଦରରେ ବିକ୍ରି କରିବାକୁ ପଡୁଛି। ଯଦି ନିକଟରେ ଶୀତଳ ଭଣ୍ଡାର ଥାଆନ୍ତା ସେଠାରେ ପରିବା ସଂରକ୍ଷଣ କରି ଠିକ ସମୟରେ ଉପଯୁକ୍ତ ଦରରେ ବିକ୍ରି କରି ପାରନ୍ତେ। କିନ୍ତୁ ଜିଲାରେ ଶୀତଳ ଭଣ୍ଡାର ନ ଥିବାରୁ ଶାଗମାଛ ଦରରେ ପରିବା ବିକ୍ରି କରି ସର୍ବସ୍ୱାନ୍ତ ହେଉଛନ୍ତି ବୋଲି କହିଛନ୍ତି।

**ଯାଜପୁର ଜିଲ୍ଲାର ପରିବା ଚାଷୀ ଉପେକ୍ଷିତ**



- ସମବାୟ ଭିତ୍ତିକ ଶୀତଳଭଣ୍ଡାର ନାହିଁ
- ଅଭାବୀ ବିକ୍ରିର ଶିକାର ଚାଷୀ

### ସ୍ମାଇଲ ଫାଉଣ୍ଡେଶନ କ୍ରିକେଟ: ନୂଆ ଆଲୋକ ଚାମ୍ପିୟନ

**ଯାଜପୁରରୋଡ, ୨।୩(ଡି.ଏନ.ଏ.)**

ସ୍ମାଇଲ ଫାଉଣ୍ଡେଶନ ପକ୍ଷରୁ ସୋମବାର ହିଙ୍ଗୁଡ଼ା ଖେଳପଡିଆରେ ଯାଜପୁର ଜିଲା ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ଅନୁଷ୍ଠିତ କ୍ରିକେଟ ମ୍ୟାଚରେ ନୂଆ ଆଲୋକ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ଏଥିରେ କ୍ଲବ ଦି ୟୁଥ୍ ମାସ, ନୂଆ ଆଲୋକ ହରିପୁର, ଯାଜପୁର ସର୍ଭଫର ପିପୁଲ, ଅଭିରାମ ଚାରିଟେବୁଲ ଟ୍ରଷ୍ଟ, ସୂଯର୍ଯ୍ୟାଲୋକ, ଆମେ ବିପଦର ସାଥି, ଇସାଲମିକ ୟୁଥ୍ କ୍ଲବ, ବିଶ୍ୱଜୟ ଫାଉଣ୍ଡେସନ, ବିଜୟାଦର୍ଶ ଫାଉଣ୍ଡେସନ, ଏଚଏନ ଓ ଉତ୍କଳ ଫାଉଣ୍ଡେଶନ, ବଜରଙ୍ଗୀ ଅର୍ଗାନାଇଜେଶନ, ଦି ହେଲ୍ପିଂ ଆଇ, ସ୍ମାଇଲ ଫାଉଣ୍ଡେଶନ, ସପୋର୍ଟିଭ ହ୍ୟାଣ୍ଡ ବିଶ୍ୱନାଥ ଟ୍ରଷ୍ଟ, ଜଗନ୍ନାଥ ସେବା ସମିତି, ସମାଜ ଦର୍ପଣ, ସନରାଇଜ କ୍ଲବ ୧୬ ଗୋଟି ଅନୁଷ୍ଠାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ ବିପଦର ସାଥି ଓ ନୂଆ ଆଲୋକ ମଧ୍ୟରେ ହୋଇଥିଲା। ବିପଦର ସାଥି ପ୍ରଥମେ ବ୍ୟାଟିଂ କରି ୪୪ରନ କରିଥିବାବେଳେ ନୂଆ ଅଲୋକ ୫ ଓଭର ୨ଟି ବଲ ଖେଳି ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ପରେ ପୁରସ୍କାର ବିତରଣ ଉତ୍ସବ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡା ମୁଖ୍ୟଅତିଥି, ଅତିଥି କାହ୍ନା ପଣ୍ଡା, ତ୍ରିନୟନ ରଥ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

# ୧୦୨ ଠିକା ଶ୍ରମିକଙ୍କୁ ଛଟେଇ



ଗଣଧାରଣାରେ ସାମିଲ ହୋଇଥିବା ଶ୍ରମିକମାନେ ।

**ଯାଜପୁର ଅଫିସ, ୨।୩**

**ନୀଳାଚଳ କାରଖାନା ଘରୋଇକରଣ ପ୍ରତିବାଦରେ ଆନ୍ଦୋଳନ ଜାରି**
- ବ୍ୟାପକ ହେବ ଆନ୍ଦୋଳନ
- ବିଧାନସଭା ଘେରାଉ ଚେତାବନୀ

କଳିଙ୍ଗନଗରଠାରେ ଥିବା ଏକମାତ୍ର ରାଷ୍ଟ୍ରାୟତ ଉଦ୍ୟୋଗ ନୀଳାଚଳ ଇସ୍ପାତ କାରଖାନାର ଘରୋଇକରଣ ପ୍ରତିବାଦରେ ନିଳାଚଳ ବଞ୍ଚାଅ ମିଳିତ ମଞ୍ଚ ପକ୍ଷରୁ କାରଖାନା ସମ୍ମୁଖରେ ଗଣଧାରଣା ସୋମବାର ୫୧ ଦିନରେ ପହଞ୍ଚିଛି। ଇତିମଧ୍ୟରେ ସରକାର, ଜିଲା ପ୍ରଶାସନ କିମ୍ବା ନିଳାଚଳ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି ବୈଠକ କିମ୍ବା ଆଲୋଚନା ହୋଇନାହିଁ। ଅଥଚ ସୋମବାର କାମ ନାହିଁ ତ ଦରମା ନାହିଁ ନୀତିରେ କାରଖାନାରେ ଦୀର୍ଘ ୧୮ ବର୍ଷ ଧରି କାମ କରି ଆସୁଥିବା ସୋମବାର ୧୦୨ ଜଣ ଠିକା ଶ୍ରମିକଙ୍କୁ ଛଟେଇ କରାଯାଇଛି। ଏନେଇ ଅସନ୍ତୋଷ କର୍ମଚାରୀମାନେ ଧାରଣାରେ ସାମିଲ ହୋଇ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି। ଛଟେଇ ଠିକା ଶ୍ରମିକମାନେ ତାଙ୍କ ଗେଟପାସକୁ ନବୀକରଣ କରିବାକୁ ଦାବି କରି ନିୟମିତ ଭାବେ ଧାରଣାରେ ସାମିଲ ହୋଇ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି ପ୍ରକାଶ କରିଛନ୍ତି। ମଞ୍ଚର ଆବାହକ ରଞ୍ଜନ ନାୟକ, ବିସ୍ଥାପିତ କମିଟୀର ବାବୁଲି ପୂର୍ତ୍ତି, ମହିରାମ ପୂର୍ତ୍ତି, ରାଜକିଶୋର ମହାନ୍ତ, ମନୋରଞ୍ଜନ ମହାନ୍ତ ଏବଂ ଛଟେଇ କର୍ମଚାରୀଙ୍କ ମଧ୍ୟରୁ ଭାବଗ୍ରାହୀ ଦ୍ୱିବେଦୀ, ବାବୁଲି ବାରିକ, ସୁମନ୍ତ ନାଥ, ପଦ୍ମନାଭ ନାୟକ, ଏମ. ଜେନା, ରାଜେନ୍ଦ୍ର ବେହେରା, ନରେନ୍ଦ୍ର ଦାସ, ବିଜୟ ବେହେରା, ନରେନ୍ଦ୍ର ଜେନା, ଯୋଗେନ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଦାବିଗୁଡିକର ସମାଧାନ ନ ହେଲେ ବିଧାନସଭା ଓ ଲୋକଲଭା ଘେରାଓ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

### ଯୁବତୀଙ୍କୁ ବଳାତ୍କାର ମାମଲା: ଯୁବକ କୋର୍ଟ ଚାଲାଣ

**ରସୁଲପୁର, ୨।୩(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ପଞ୍ଚାୟତରେ ଜଣେ ଦଳିତ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଯୁବକ ତପନ କୁମାର ନାୟକ(୨୪)ଙ୍କୁ ପୋଲିସ ରବିବାର ରାତିରେ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଘର ଭଦ୍ରକ ଜିଲା ଭଣ୍ଡାରୀ ପୋଖରୀ ଶାସନରେ ବୋଲି ଜଣାପଡିଛି। ଡିଏସ୍‌ପି ବିଜୟ କୁମାର ମଳିକ ମାମଲାର ତଦନ୍ତ କରୁଛନ୍ତି। ପ୍ରକାଶ ଯେ, ଏକ ଫୋନ କଲରୁ ଯୁବତୀଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ୭ ଫେବୃଆରୀରେ ଯୁବତୀ ଜଣକ ଭଣ୍ଡାରୀ ପୋଖରୀ ଅଞ୍ଚଳରେ ଥିବା ଜଣେ ବନ୍ଧୁ ଘରକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ପହଞ୍ଚିବା ସହ ଯୁବତୀଙ୍କୁ ଡାକିଆଣି ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଯୁବତୀ ଜଣକ ଘର ଲୋକଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ମାତ୍ର ଶୁକ୍ରବାର ରାତିରେ ଅଭିଯୁକ୍ତ ଯୁବକ ଯୁବତୀଙ୍କ ଘରେ ପଶି ଯାଇଥିଲେ। ଏ ନେଇ ପରିବାର ଲୋକେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ-୭୧/୨୦) ରୁଜୁ କରିଥିଲା।

## ୨୦ ଅଭିଯୋଗକାରୀଙ୍କ ପାଇଁ ୧.୩୫ଲକ୍ଷ ଟଙ୍କା ମଞ୍ଜୁର

**ଯାଜପୁର ଟାଉନ, ୨।୩(ଡି.ଏନ.ଏ.)**

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ତଥା ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଅଧ୍ୟକ୍ଷତା କରିବା ସହ ଶିବିରକୁ ଆସୁଥିବା ଅଭିଯୋଗକାରୀଙ୍କ ସମସ୍ୟାକୁ ଧୈର୍ଯ୍ୟର ସହ ଶୁଣି ଆଇନ ପରିସର ମଧ୍ୟରେ ତାହା ଯେପରି ତୁରନ୍ତ ସମାଧାନ ହୋଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ମୋଟ ୧୮୧ଟି ଅଭିଯୋଗରୁ ୧୫୭ଟି ବ୍ୟକ୍ତିଗତ, ୪ଟି ସାମୁହିକ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨୦ ଜଣ ଆବେଦନପତ୍ର ପଞ୍ଜୀକୃତ କରିଥିଲେ। ଏହି ୨୦ ଜଣଙ୍କୁ ମୋଟ ୧ଲକ୍ଷ ୩୫ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଶିବିରରେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଅତିରିକ୍ତ ଏସ୍‌ପି ଭବାନୀକାନ୍ତ ପଟ୍ଟନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସିଡିଏମ୍‌ଓ ଅରୁଣ କୁମାର ପାତ୍ର, ଯାଜପୁର ତହସିଲଦାର ସୁଶାନ୍ତ ପତି, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ତରଣୀସେନ ପଟ୍ଟନାୟକ, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ମାର୍ଚ୍ଚ ୧୬ରେ ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟ, ଯାଜପୁର ରୋଡଠାରେ ମିଳିତ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ୨୩ରେ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣୀ ଶିବିର, ୩୦ରେ ଯାଜପୁର ବ୍ଲକର ଶିମିଳିଆ କଲ୍ୟାଣ ମଣ୍ଡପରେ ମିଳିତ ଅଭିଯୋଗ ଶୁଣାଣୀ ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ଅବଗତ କରାଯାଇଛି।

**ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର**

# ସରିଲା ଆଲମି ଇଜତମା
# ବାହୁଡ଼ିଲେ ଶ୍ରଦ୍ଧାଳୁ

ରସୁଲପୁର, ୨।୩(ଡିଏନଏ)- ରସୁଲପୁର ଅନ୍ତର୍ଗତ ବ୍ରହ୍ମବରଦାର କଲେଜ ନିକଟସ୍ଥ ଇଜ୍‌ତମା ପଡିଆରେ ଆୟୋଜିତ ଆଲମି ଇଜ୍‌ତମା ସୋମବାର ଶେଷ ହୋଇଛି। ଏହି ଧର୍ମ ସମ୍ମିଳନୀରେ ଯୋଗ ଦେଇଥିବା ୪୦ହଜାରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଘର ବାହୁଡ଼ି ଯାଇଛନ୍ତି। ନାନା ଅବ୍ୟବସ୍ଥା ସତ୍ତ୍ୱେ ସମ୍ମିଳନୀ ସଫଳ ହୋଇଥିବା କୁହାଯାଉଛି। ଶେଷଦିନରେ ଜିଲା ପୋଲିସ ପ୍ରଶାସନର ମୁଖ୍ୟ ଚରଣ ସିଂ ମୀନା ଅପରାହ୍ନରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ଯାଜପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟନାରାୟଣ ଶତପଥୀ, ଏସଡିପିଓ ଚିନ୍ମୟ କୁମାର ନାୟକ, ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରମୁଖ ସମ୍ମିଳନୀ ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ସ୍ଥିତିକୁ ସମ୍ଭାଳି ଥିଲେ। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ସମ୍ମିଳନୀ ସ୍ଥଳ ବୁଲି ଫେରିଛନ୍ତି।



### ବର୍ଜ୍ୟବସ୍ତୁରେ ଭର୍ତ୍ତି ପଡ଼ିଆ

ଇଜତମା ଶେଷ ହେବା ପରେ ଶ୍ରଦ୍ଧାଳୁମାନେ ଘର ବାହୁଡ଼ି ଯାଇଛନ୍ତି। ମାତ୍ର ପଲିଥିନ, ଖାଦ୍ୟ ପଦାର୍ଥ, ଅଇଁଠା ପତ୍ର, ଝିଣ୍ଟା ବିଛଣା, କପଡ଼ା ଆଦି ବର୍ଜ୍ୟବସ୍ତୁଗୁଡିକରେ ଭର୍ତ୍ତି ହୋଇଯାଇଛି ସମ୍ମିଳନୀ ସ୍ଥଳ। ବ୍ରହ୍ମବରଦା ଅଞ୍ଚଳ ଚାଷୀଙ୍କ କୃଷିକ୍ଷେତ୍ର ହୋଇଥିବାବେଳେ ହିନ୍ଦୁ ସଂପ୍ରଦାୟର ଚାଷୀ ସମ୍ମିଳନୀ ପାଇଁ ଏହି ଜମି ସାମୟିକ ଦାନ କରିଥିଲେ। ଏଥିପାଇଁ ଚାଷୀଙ୍କୁ ରବି ଫସଲରୁ ବଞ୍ଚିତ ହେବାକୁ ପଡିଛି। ସମ୍ମିଳନୀ ସରିବା ପରେ ବିଲରେ ପଡିଥିବା ପଲିଥିନ, ଅଳିଆ, ଆବର୍ଜନାକୁ ସଫା କରିବା ନିତ୍ୟାନ୍ତ ଜରୁରୀ। ନଚେତ୍ ଚାଷ ଜମିଗୁଡିକ ଉତ୍ପାଦନ କ୍ଷମତା ହରାଇବ ବୋଲି ମତପ୍ରକାଶ ପାଇଛି।

### ଜନଶୂନ୍ୟ ହେଲା ଇଜତମା ସ୍ଥଳ

ଏଠାରେ ୨୯ଫେବୃଆରୀ ରୁ ୨ମାର୍ଚ୍ଚ ପର୍ଯ୍ୟନ୍ତ ଧର୍ମ ସମ୍ମିଳନୀ ଚାଲିଥିଲା। ଏହି ଅବସରରେ ଧର୍ମୀୟ ଭାବନାକୁ ଜାଗ୍ରତ କରିବା ସହ ପ୍ରତ୍ୟେକ ଭକ୍ତଙ୍କ ଭିତରେ ମଣିଷ ପଣିଆ ଜାଗ୍ରତ କରିବା ପାଇଁ ଏହି ସମ୍ମିଳନୀ ଉଦ୍ଦିଷ୍ଟ ଥିଲା। ଜୀବନର ସବୁ କାର୍ଯ୍ୟକ୍ରମ ଅପେକ୍ଷା ଏହା କଷ୍ଟସାଧ୍ୟ। ଏଥିପାଇଁ କଠୋର ଶୃଙ୍ଖଳା, ଅନ୍ତର ଆତ୍ମା, ଚିନ୍ତନକୁ ଶୁଦ୍ଧପୁତ କରିବା ଦରକାର ହୋଇଥାଏ। ଏ ସବୁ ଦିଗରେ ଶୀର୍ଷରେ ପହଞ୍ଚିବା ସକାଶେ ଭକ୍ତଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ସମସ୍ତ ନିର୍ଦ୍ଧାରିତ ସମୟ ଭିତରେ ନିଜକୁ ପ୍ରସ୍ତୁତ କରିବା ସହ ଅଲ୍ଲାଙ୍କୁ ସ୍ମରଣ କରିବାରେ ବ୍ରତି ହେବେ। ଏହିଭଳି ଏକ ଅନୁଶାନ ଭିତରେ ଅଢେଇ ଦିନ କାଟିବା ପରେ ସମସ୍ତେ ଘର ବାହୁଡିଛନ୍ତି। ଆଲ୍ଲାଙ୍କଠାରୁ ଦୁଆ ଅର୍ଜନ କରିବା ପାଇଁ ପ୍ରାର୍ଥନାରୁ ଶେଷ ହୋଇଥିଲା ସମ୍ମିଳନୀ। ମଧ୍ୟାହ୍ନରେ ଏହି ପ୍ରାର୍ଥନା ଶେଷ ହୋଇଥିଲା। ଏହାପରେ ସମସ୍ତେ ବାହୁଡ଼ିଥିଲେ ଘର ଅଭିମୁଖେ। ଏଥିପାଇଁ ସମ୍ମିଳନୀ ପଡିଆ କିଛି ସମୟ ଧରି ଜନ ସମୁଦ୍ର ହୋଇ ଉଠିଥିଲା। ଏହାର କିଛି ସମୟ ପରେ ଚାହୁଁ ଚାହୁଁ ପଡିଆଟି ଜନଶୂନ୍ୟ ହୋଇଯାଇଥିଲା। କେବେଳ ବ୍ୟବସାୟୀ ଓ ପରିଚାଳନା କମିଟିର କର୍ମକର୍ତ୍ତା ରହିଯାଇଥିଲେ।

### ବଳି ପଡ଼ିଲା ନିୟମକାନୁନ

ରାଜ୍ୟରେ ପଲିଥିନକୁ ନିଷିଦ୍ଧ କରାଯାଇଛି। ମାର୍ଚ୍ଚ ୧ରୁ ଟ୍ରାଫିକ ନିୟମକୁ ପୁଣି କଡ଼ାକଡ଼ିଭାବେ ପାଳନ ଅଭିଯାନ ଆରମ୍ଭ ହୋଇଛି। ମାତ୍ର ଏଠାରେ ସେ ସବୁ ଖୋଲାଖୋଲି ଉଲଙ୍ଘନ କରାଯାଇଛି। ପ୍ରଶାସନିକ ଅଧିକାରୀଙ୍କ ସମ୍ମୁଖରେ ଟ୍ରାଫିକ୍ ନିୟମ ଖୋଲାଖୋଲି ଉଲ୍ଲଂଘନ ହୋଇଛି। କମ୍ ବୟସରେ ପିଲାମାନେ ବାଇକ୍ ଚଳାଇବା, ବାଇକ୍‌ରେ ୩ଜଣ ବ୍ୟକ୍ତି ବସି ଗାଡି ଚଳାଇବା, ମାଲ ବୋଝେଇ ଗାଡ଼ିରେ ଯାତ୍ରୀ ପରିବହନ କରିବା ଭଳି ଘଟଣା ରୋକିବାରେ ପ୍ରଶାସନ ବିଫଳ ହୋଇଛି। ପଲିଥିନ ବ୍ୟବହାରକୁ ମଧ୍ୟ ରୋକାଯାଇ ପାରି ନାହିଁ।

### ଧୂଳିଧୂସର ସ୍ଥାନରେ ଖାଦ୍ୟ ବିକ୍ରି

ଖାଦ୍ୟପଦାର୍ଥ ପ୍ରସ୍ତୁତି ଓ ତାର ମାନ ଉପରେ ଆଦୌ ଧ୍ୟାନ ଦିଆଯାଇ ନାହିଁ। ଖାଦ୍ୟ ବ୍ୟବସାୟୀଗଣ ଖୋଲାମେଲା ଓ ଧୂଳି ଧୂସରିତ ସ୍ଥାନରେ ଖାଦ୍ୟ ବିକ୍ରି କରିଥିଲେ। ଏହି ଖାଦ୍ୟ ଅସ୍ୱାସ୍ଥ୍ୟକର ହୋଇଥିଲେ ବି ଏଥିପ୍ରତି କେହି ଧ୍ୟାନ ଦେଇ ନଥିଲେ।



### ଆଶାନୁରୂପକ ହୋଇପାରିଲାନି ବ୍ୟବସାୟ

ସମ୍ମିଳନୀ ସ୍ଥଳରେ ୧.୦୫ ଲକ୍ଷ ଶ୍ରଦ୍ଧାଳୁ ଏକତ୍ର ବସି ସମୂହ ପ୍ରାର୍ଥନା କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। କୋରନା ଭୟ ହେଉ ଅବା ଗୋଟିଏ ଜିଲାରେ ସମାନ୍ତାରାଳ ମୁସଲିମ୍ ସମ୍ମିଳନୀ ଆୟୋଜନ କରାଯିବା, ଗୋଟିଏ ଜିଲାରେ ଏକା ସାଙ୍ଗରେ ୨ଟି ସମ୍ମିଳନୀ ହେଉଥିବା ଜାଣି ବିବାଦୀୟ ପରିସ୍ଥିତି ଉପୁଜିବା ଆଦି କାରଣରୁ ଭକ୍ତ, ମୌଲବୀଙ୍କ ଉପସ୍ଥାନ ବହୁତ୍ କମି ଯାଇଥିଲା। କମ୍ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଯୋଗୁ ଆଶାନୁରୂପକ ବ୍ୟବସାୟ ହୋଇପାରି ନ ଥିଲା। ୩ଦିନ ପାଇଁ ବିଭିନ୍ନ ସାମଗ୍ରୀ ମହଜୁଦ୍ ରଖିଥିବା ବ୍ୟବସାୟୀଙ୍କୁ ହତାଶ ହେବାକୁ ପଡିଥିଲା। ଏହି କାରଣରୁ ବ୍ୟବସାୟୀଙ୍କୁ କ୍ଷତି ସହିବାକୁ ପଡିଛି।

### ନାଳ ପାଣି ହେଲା ଦୂଷିତ

ସମ୍ମିଳନୀ ସ୍ଥଳ ପାର୍ଶ୍ୱ ଦେଇ ବୋଇତ ବନ୍ଧାଣ ପୋଖରୀ(ସାନ ପୋଖରୀ) ଓ ଏହି ପୋଖରୀରୁ ବହି ଯାଇଥିବା ବାଳିଆଘାଇ ନାଳପାଣି ଦୂଷିତ ହୋଇଛି। ନାଳରେ ହୋଟେଲ ଓ କ୍ୟାଣ୍ଟିନଗୁଡ଼ିକ ପ୍ରସ୍ତୁତ ବଳକା ଖାଦ୍ୟ, ଭକ୍ତଙ୍କ ଅଇଁଠାପତ୍ର, ପଲିଥିନରେ ଭର୍ତ୍ତି ହୋଇଯାଇଛି ନାଳ। ପଲିଥିନ, ଖାଦ୍ୟ ସାମଗ୍ରୀ, ଅଇଁଠା ପ୍ଲେଟଗୁଡିକ ପଚିଯିବାରୁ ଜଳ ଦୂଷିତ ହୋଇଯାଇଛି। ଖରାଦିନରେ ବୁଲା ଗୋରୁଗାଈ ନଦୀ, ନାଳ, ପୋଖରୀ ପାଣି ଶୋଷ ମେଣ୍ଟାଇ ଥାଏ। ତେବେ ଏହି ଦୂଷିତ ପାଣି ପିଇଲେ ପଶୁମାନେ ରୋଗାକ୍ରାନ୍ତ ହେବାର ସମ୍ଭାବନା ରହିଛି। ଏହି ନାଳ ଓ ପୁଷ୍କରିଣୀକୁ ତୁରନ୍ତ ପରିଷ୍କାର କରିବା ପାଇଁ ସାଧାରଣରେ ଦାବି ହେଉଛି।

# ୯ ପାଣି ପଞ୍ଚାୟତରେ ମତଦାନକୁ ବିରୋଧ

- ମତଦାନ କରିବାକୁ ଭୋଟର ଅଭାବ
- ତାଲିକାରେ ମୃତ ଓ ଅନୁପସ୍ଥିତ ଭୋଟର
- ସଂଶୋଧନ ନାଁରେ ଜାଲିଆତି ଅଭିଯୋଗ

ନୟାଗଡ଼ ଅଫିସ,୨।୩

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବୁଢ଼ାବୁଢ଼ିଆଣି ଜଳସେଚନ ପ୍ରକଳ୍ପର ୯ ପାଣି ପଞ୍ଚାୟତରେ ଭୋଟ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ୩ ଓ ୪ରେ ପ୍ରାର୍ଥିପତ୍ର ଦାଖଲ, ୫ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର, ୬ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୭ରୁ ନିର୍ବାଚନ ଆରମ୍ଭ ହୋଇ ୨୭ରେ ଶେଷ ହେବ। ତେବେ ପାଣି ପଞ୍ଚାୟତ ଗୁଡ଼ିକର ଭୋଟର ତାଲିକା ସଂଶୋଧନ ଠିକ୍ ଭାବେ କରାଯାଇ ନ ଥିବା ଅଭିଯୋଗ ହେଉଛି। ଭୋଟର ତାଲିକାରେ ମୃତ ଓ ଅନୁପସ୍ଥିତ ଚାଷୀଙ୍କ ନାଁ ସ୍ଥାନ ପାଇଛି। ୨୦ରୁ ୪୦ ବର୍ଷ ଭିତରେ ମୃତ୍ୟୁ ଘଟିଥିବା ଚାଷୀଙ୍କ ନାଁ ରହିଛି ଭୋଟର ତାଲିକାରେ । ଯାହାର ସଂଖ୍ୟା ପ୍ରାୟ ୭୦ରୁ ୮୫ ପ୍ରତିଶତ ହେବ । ଏଣୁ ମତଦାନ କରିବାକୁ ଭୋଟରଙ୍କ ଅଭାବ ଦେଖାଦେବ । ଏଭଳିସ୍ଥଳେ ୯ ପାଣି ପଞ୍ଚାୟତରେ ଚାଷୀଙ୍କ ମତଦାନ ନେଇ ପ୍ରଶ୍ନ ଉଠିଛି । ପ୍ରକୃତ ଚାଷୀ ମତଦାନ କରିବାକୁ ସୁଯୋଗ ପାଇବ ନାହିଁ ।

## ପାଣି ପଞ୍ଚାୟତରେ ଉଠି ପାରିବନି ଚାଷୀଙ୍କ ସମସ୍ୟା

ବୁଢ଼ାବୁଢ଼ିଆଣି ଜଳ ସେଚନ ପ୍ରକଳ୍ପ ଅଧୀନରେ ଓଡ଼ଗାଁ ବ୍ଲକର ୩୮ ଗାଁର ଚାଷୀମାନେ ଅଛନ୍ତି। ୩ ଏକରରୁ ୧୦୦ ଏକର ପର୍ଯ୍ୟନ୍ତ ଥିବା ଚାଷୀ ଏହାର ସଭ୍ୟ ହୋଇ ପାରିବେ। ଏହି ଜଳସେଚନ ପ୍ରକଳ୍ପ ଅଧୀନରେ ମା ବୁଢ଼ାବୁଢ଼ିଆଣି ପାଣି ପଞ୍ଚାୟତ, ଶ୍ରୀ ଜଗନ୍ନାଥ ପାଣି ପଞ୍ଚାୟତ, ମା ଜାଗେଶ୍ୱରୀ, ମା ବ୍ରାହ୍ମଦେବୀ, ଶ୍ରୀ ବାସୁଦେବ, ମା ମଙ୍ଗଳା, ଶ୍ରୀ ରଘୁନାଥ ଓ ରତ୍ନମାଳା ପାଣି ପଞ୍ଚାୟତ ଭଳି ୯ଟି ପାଣି ପଞ୍ଚାୟତ ରହିଛି । ପ୍ରତି ପାଣି ପଞ୍ଚାୟତ ପାଇଁ ଜଣେ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ଏକ୍‌ଜିକ୍ୟୁଟିଭ ବଡି ରହିବ। ନିର୍ବାଚନ ପରେ ୯ ପାଣି ପଞ୍ଚାୟତର ସଭାପତିମାନେ ଆପେକ୍ସ ସଭାପତି ବାଛିବେ। ଭୋଟର ତାଲିକାରେ ଅନିୟମିତତା କରାଯାଇଥିବାରୁ ବହୁ ଯୋଗ୍ୟ ଚାଷୀ କର୍ମକର୍ତ୍ତା ପାଇଁ ପ୍ରାର୍ଥିପତ୍ର ଦାଖଲ କରି ପାରିବେନି ବୋଲି କୁହାଯାଉଛି । ଯାହାଦ୍ୱାରା ଚାଷୀଙ୍କ ସମସ୍ୟା ଠିକ୍ ଭାବରେ ପାଣି ପଞ୍ଚାୟତରେ ଉପସ୍ଥାପନ ହୋଇପାରିବ ନାହିଁ।

## ପଟ୍ଟାକୁ ଦେଖି କରାଯାଇଛି ଭୋଟର ତାଲିକା

ପଟ୍ଟାକୁ ଦେଖି ଭୋଟର ତାଲିକା କରାଯାଇଥିବା ବିଭାଗ ପକ୍ଷରୁ ସ୍ୱୀକାର କରାଯାଇଛି । ଭୋଟର ତାଲିକା ସଂଶୋଧନ ବେଳେ ଜଳସେଚନ ବିଭାଗ ପକ୍ଷରୁ ଗାଁ ଗାଁକୁ ଯାଇ ଭୋଟରଙ୍କ ନାଁ ତାଲିକାରେ ସାମିଲ କରିବାର ଥିଲା । ହେଲେ ଚାଷୀଙ୍କୁ ଶରଣକୁଳ ଡକାଇ ନାଁ ସାମିଲ କରିବାକୁ ଡେଙ୍ଗୁରା, ନୋଟିସ ଓ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଗଲା । ହେଲେ କୌଣସି ଚାଷୀ ଶରଣକୁଳ ଅଫିସକୁ ଆସି ନାଁକୁ ଭୋଟର ତାଲିକାରେ ସାମିଲ କଲେ ନାହିଁ । କାରଣ ଭୋଟର ତାଲିକାରେ ନାଁ ସାମିଲ ନେଇ ଯେଉଁ ସଚେତନତା କରାଯାଇଛି ତାହା ଚାଷୀଙ୍କ ପାଖରେ ଅପହଞ୍ଚ ହୋଇ ରହି ଯାଇଥିବା ଅଭିଯୋଗ ହୋଇଛି । ପୁଣି ଚାଷୀମାନେ ଖର୍ଚ୍ଚାନ୍ତ ହୋଇ ନାଁ ସାମିଲ କରିବାକୁ ଆସି ନ ଥିଲେ । ଏନେଇ ସହକାରୀ ଯନ୍ତ୍ରୀ ଶରତ ଘଡ଼େଇ କୁହନ୍ତି ପଟ୍ଟା ଦେଖି ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି । ପଟ୍ଟାରେ ଥିବା ଚାଷୀ ମୃତ କି ଜୀବିତ ଜଣା ପଡ଼ିବା ସମ୍ଭବ ନୁହେଁ । କିଛି ଚାଷୀଙ୍କ ଜମି ମଧ୍ୟ ଅନ୍ୟ ନାଁରେ ବଦଳି ଯାଇଥିଲେ ମଧ୍ୟ ପଟ୍ଟା ରହିଛି । ଏଣୁ କିଛି ଭୋଟର ଭୋଟ ଦେଇ ପାରିବେ ନାହିଁ ବୋଲି ସୂଚନା ଦେଇଛନ୍ତି।

## ନିର୍ବାଚନ ବାତିଲ୍ କରିବାକୁ ଦାବି

ଭୋଟର ତାଲିକାରେ ଅନିୟମିତତା କାରଣରୁ ପାଣି ପଞ୍ଚାୟତ ନିର୍ବାଚନକୁ ବାତିଲ୍ କରାଯାଉ। ଏହା କରାନଗଲେ କିଛି ବଡ଼ଚାଷୀ କୋର୍ଟକୁ ଯିବାକୁ ପ୍ରସ୍ତୁତ ହେଉଛନ୍ତି। ଅନ୍ୟପକ୍ଷେ ଭୋଟର ତାଲିକାରୁ ଅଧିକାଂଶ ଚାଷୀ ବାଦ୍ ପଡ଼ିଥିବା ନେଇ ଅବଗତ ଥିଲେ ବି ଜଳସେଚନ ବିଭାଗ ଜାଣିଶୁଣି ଚୁପ ରହିବା ନାନା ପ୍ରକାରର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଓଡ଼ଗାଁ ବ୍ଲକର ଗୋଡ଼ିପଲ୍ଲୀ, ଗୁଆନ୍ଦ, ଗୌଡ଼ପୁଟ, ରାବେରା, ଆରଡ଼ା, କେନ୍ଦୁପଲ୍ଲୀ, ମହୁଲିଆ, ପେଟ୍ଟାପଲ୍ଲୀ, ଯାତ୍ରାବର, ବଡ଼ପୁଟ, ହରିହରପୁର, ଅସୁରଡ଼ିପା, ଗୋଠବଣ, ଶାଳିଆଝରୀ, କରଡ଼ା ହରିହରପୁର, ଶିଖରପୁର, ବାଣ୍ଡପୁର, ଘଷାଦେଇପୁର ଅଞ୍ଚଳର ଅଧିକାଂଶ ଚାଷୀ ଅଭିଯୋଗ କରିଛନ୍ତି ନିର୍ବାଚନ ପୂର୍ବରୁ ସ୍ୱଚ୍ଛତା ରଖାଯାଉ ନାହିଁ। ନିର୍ବାଚନ ପରେ ସ୍ୱଚ୍ଛତା କିପରି ଆସିବ। ଏଣୁ ଭୋଟର ତାଲିକାରେ ଅନିୟମିତତା କରିଥିବା ଚାଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ପୁଣି ନୂଆ ଭୋଟର ତାଲିକା ପ୍ରସ୍ତୁତ କରାଯାଇ ନିର୍ବାଚନ କରାଯାଉ।

# ୧୨ ଜବରଦଖଲ ଘର ଭଙ୍ଗାଗଲା



ଜବରଦଖଲ ଉଚ୍ଛେଦ କରାଯାଉଛି।

ନୟାଗଡ଼ ଅଫିସ,୨।୩

ନୟାଗଡ଼ ସହର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟସ୍ଥ ବଳରାମ ପାହାଡ଼ ପାଦଦେଶର ୩ ନଂ ୱାର୍ଡର କାଞ୍ଜିଆହୁଦା ଜମିରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏଠାରେ ୧୧ ପରିବାର ସମେତ ଏଲଆଇସି ଏଜେଣ୍ଟ ଗୃହ ଆଦି ୧୨ଘରକୁ ଭଙ୍ଗାଯାଇଛି । ଜବରଦଖଲ ଉଚ୍ଛେଦ ନେଇ ୧୨ ଘର ମାଲିକଙ୍କୁ ଅବଗତ କରାଯାଇଥିଲା। ସୋମବାର ନୟାଗଡ଼ ତହସିଲଦାର ଭିକାରୀ ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ମୁତୟନ ଥାଇ ଉଚ୍ଛେଦ କରାଯାଇଛି।

# ଯୁକ୍ତ ୨ ବିଜ୍ଞାନ, କଳା ପରୀକ୍ଷା ଦେବେ ୧୪୨୧ ଛାତ୍ରୀଛାତ୍ର

ଖଣ୍ଡପଡ଼ା,୨।୩(ସ୍ୱ.ପ୍ର.)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ସେହିପରି କଳା ଓ ବାଣିଜ୍ୟ ପରୀକ୍ଷା ଆସନ୍ତା ବୁଧବାର ୪ ତାରିଖଠାରୁ ଆରମ୍ଭ ହେବ। ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ହବ୍ ସେଣ୍ଟର ଅଧୀନରେ ଥିବା ୫ ମହାବିଦ୍ୟାଳୟର ଯୁକ୍ତ ୨ କଳା ଓ ବିଜ୍ଞାନରେ ସମୁଦାୟ ୧୪୨୧ ଛାତ୍ରୀଛାତ୍ର ପରୀକ୍ଷା ଦେବା ବ୍ୟବସ୍ଥା ହୋଇଛି। ଏ ସମ୍ପର୍କରେ ହବ୍ ସେଣ୍ଟର ଡେପୁଟି ସୁପରଭାଇଜର ରବିନାରାୟଣ ସାହୁ ସୂଚନା ଦେଇଛନ୍ତି। ମଙ୍ଗଳବାର ହେବାକୁ ଥିବା ଯୁକ୍ତ ୨ ବିଜ୍ଞାନରେ ପଠାଣି ସାମନ୍ତ ମହାବିଦ୍ୟାଳୟରେ ୬୫, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ୨୨ ଓ ପଦ୍ମାବତୀ ପ୍ରହଲ୍ଲାଦ ଜୁନିୟର ମହାବିଦ୍ୟାଳୟରେ ୭୦ଜଣ ଏପରି ମୋଟ ୧୫୭ ଛାତ୍ରୀଛାତ୍ର ଏମ୍‌ଆଇଏଲ (ଓଡ଼ିଆ) ପରୀକ୍ଷା ଦେବେ। ସେହିପରି ବୁଧବାର ଯୁକ୍ତ ୨ କଳାରେ ପଠାଣି ସାମନ୍ତ ମହାବିଦ୍ୟାଳୟରେ ରେଗୁଲାର ଓ ଏକ୍ସରେଗୁଲାର ମିଶି ୪୧୫, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ୩୦୬, ମହିଳା ମହାବିଦ୍ୟାଳୟ ଖଣ୍ଡପଡାରେ ୨୩୭, ପ୍ରହଲ୍ଲାଦ ଜୁନିୟର ମହାବିଦ୍ୟାଳୟ ପଦ୍ମାବତୀ କେନ୍ଦ୍ରରେ ୧୩୯ ଓ ବାଣିଜ୍ୟ ବିଭାଗରେ ୨୮ ଜଣ, ଭାପୁର ଆଞ୍ଚଳିକ ମହାବିଦ୍ୟାଳୟରେ ୧୩୯ ଛାତ୍ରୀଛାତ୍ର ଏପରି ସମୁଦାୟ ୧୨୬୪ ଜଣ ପରୀକ୍ଷା ଦେବେ।

# ଗଛରେ ପିଟି ହେଲା ବାଇକ୍: ଭଣଜା ମୃତ, ମାମୁ ଗୁରୁତର

ଓଡ଼ଗାଁ,୨।୩(ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନା ଓ ବାହାଡ଼ାଝୋଲା ଫାଣ୍ଡି ବଡପଦା ବାଙ୍କଠାରେ ଭାରସାମ୍ୟ ହରାଇ ଏକ ବାଇକ ରାସ୍ତା ପାର୍ଶ୍ୱ ଗଛରେ ପିଟି ହେବାରୁ ବାଇକ ଆରୋହୀ ଭଣଜାଙ୍କ ମୃତ୍ୟୁ ହୋଇଥିବାବେଳେ ଚାଳକ ମାମୁ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ଆମ୍ବପଡାର ଟୁକୁନା ନାୟକ।

ସୂଚନା ଅନୁଯାୟୀ, ଟୁକୁନା ରବିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଭରତପୁରସ୍ଥିତ ତାଙ୍କ ମାମୁ ମହନ୍ତ ନାୟକଙ୍କ ବାଇକ ପଛରେ ବସି ଗାଁକୁ ଫେରୁଥିଲେ। ହେଲେ ବାହାଡ଼ାଝୋଲା ବଡପଦା ବାଙ୍କ ନିକଟରେ ବାଇକ ଆଗକୁ ଗୋଟିଏ ଷଣ୍ଢ ଚାଲିଆସିବାରୁ ଚାଳକ ମହନ୍ତ ଭାରସାମ୍ୟ ହରାଇଥିଲେ। ଫଳରେ ବାଇକଟି ରାସ୍ତା ପାର୍ଶ୍ୱରେ ଥିବା ଏକ ଥୁଣ୍ଟା ଗଛରେ ପିଟି ହୋଇଯିବାରୁ ଟୁକୁନା କଂକ୍ରିଟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଟୁକୁନାଙ୍କ ରାତିରେ ହିଁ ମୃତ୍ୟୁ ହୋଇଥିବା ବେଳେ ମାମୁ ମହନ୍ତ ଚିକିତ୍ସାଧୀନ ଅଛନ୍ତି । ଏନେଇ ସ୍ଥାନୀୟ ଥାନାରେ ସୋମବାର ୫୨/୨୦୨୦ରେ ଏକ ମକଦ୍ଦମା ରୁଜୁ ହେବା ସହିତ ନୟାଗଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମାମଲାର ତଦନ୍ତ ଦାୟିତ୍ୱରେ ଥିବା ଏଏସଆଇ ଯୁଗଳ କିଶୋର ନାୟକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ନଂ.ଓଡି୨୫ଏଚ୍ ୨୫୦୫କୁ ଜବତ କରିଛି।

# ବିପଦ ସାଜିଛି ବୁଲାଣି ରାସ୍ତାରେ ଆମ୍ବଗଛ

ନିରାକାରପୁର,୨।୩(ଡି.ଏନ୍.ଏ.)–କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ସଡକ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ସଡକରେ ଜଣେ ଯାତ୍ରୀ କିଭଳି ସୁରକ୍ଷିତ ଯାତ୍ରା କରିବ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାର ଏକ ନମୁନା ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ୧୬ନଂ. ଜାତୀୟ ରାଜପଥରୁ ନୂଆ ଜଗନ୍ନାଥ ସଡକରେ ଦେଖିବାକୁ ମିଳିଛି। ଏହି ରାସ୍ତାରେ ନିରାକାରପୁର ଆସିଲା ବେଳକୁ ଧାନଘର ପାହାଡ଼ ପାଦଦେଶରେ ଥିବା ବୁଲାଣିରେ ଏକ ବଡ ଆମ୍ବଗଛ ପଥଚାରୀଙ୍କ ପାଇଁ ବିପଦର କାରଣ ହୋଇଛି। ଶରଣକୁଳରୁ ଶ୍ରୀକ୍ଷେତ୍ର ପୁରୀକୁ ସିଧା ରାସ୍ତା ହୋଇଥିବାରୁ ଏହି ରାସ୍ତାରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳରୁ ବହୁ ଟୁରିଷ୍ଟ ଗାଡି ଯାତାୟାତ କରିଥାଏ। ଜରୁରିକାଳୀନ ସେବା ଯୋଗାଉଥିବା ୧୦୨ ଓ ୧୦୮ ଆମ୍ବୁଲାନ୍ସ, ଦମକଳ ଗାଡି ସମେତ ଶହ ଶହ ସଂଖ୍ୟାର ଅନ୍ୟାନ୍ୟ ଗାଡିମୋଟର ଏହି ରାସ୍ତାରେ ଯା'ଆସ କରୁଛି। ବୁଲାଣିରେ ଆମ୍ବ ଗଛ ଥିବା ଯୋଗୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି।

CENTRAL INSTITUTE OF PLASTICS ENGINEERING & TECHNOLOGY (CIPET)
CENTRE FOR SKILLING AND TECHNICAL SUPPORT (CSTS) - BHUBANESWAR
(Ministry of Chemicals & Fertilizers, Govt. of India)
S-3/79, Sector - A, Zone - B, Mancheswar Industrial Estate, Bhubaneswar - 10
Phone No.: +91-0674-2588203/2587874, FAX : 0674-2588087
Email: cipetsat@gmail.com / mcti@cipet.gov.in / Website: www.cipet.gov.in
NOTICE INVITING E-TENDER (Online) No.: CIPET:CSTS/BBSR/PPEC/LAB TABLE/2019-20/07
INVITATION OF BIDS
CIPET:CSTS,Bhubaneswar invites technical & commercial bids separately item-wise from the reputed suppliers / manufacturers for the supply & installation of Laboratory Furniture at CIPET:PPEC, Paradeep. Interested and eligible bidders are requested to apply through e-tender (online) website www.tenderwizard.com/CIPET, also visit CIPET website for complete details on technical specification and commercial terms. CIPET reserves the right to accept or reject any or all tenders either in part or in full without assigning any reasons thereof.
Last date for the online submission of the bid : 23.03.2020, 05.00 p.m.
Opening of Technical bids : 24.03.2020,11.00 a.m.
Opening of Commercial bids : After Evaluation of Technical Bids
For further technical clarification, please contact : 7008867495
Dy. Director & Head

# ୬୩ ଅଭିଯୋଗର ଶୁଣାଣି

ନୟାଗଡ ଅଫିସ,୨।୩

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଣାଣୀରେ ୧୭୮ ଅଭିଯୋଗରୁ ୬୩ ଶୁଣାଣି କରାଯାଇଛି । ଆସିଥିବା ଅଭିଯୋଗରୁ ୧୬୩ ବ୍ୟକ୍ତିଗତ ଥିଲା । ୨ଟି ଗୋଷ୍ଠିଗତ ଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୧ ଜଣଙ୍କୁ ୯୪ ହଜାର ସହାୟତା ରାଶି ଦିଆଯାଇଛି । ୨ଜଣଙ୍କୁ ରେଡକ୍ରସରୁ ୧୭ହଜାର ୫୦୦ ଟଙ୍କା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଏସପି ଦିଲ୍ଲୀପ ସାହାଣୀ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାଓ, ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଭିନ୍ନକ୍ଷମ, ମହିଳା ଓ ଅସୁସ୍ଥ ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିଲା, ଯଦ୍ୱାରା ଘଣ୍ଟା ଘଣ୍ଟା ଧରି ଲୋକମାନେ ଧାଡିରେ ଠିଆ ହୋଇଥିଲେ।

# ଶାନ୍ତିଶୃଙ୍ଖଳାରେ ମାଟ୍ରିକ ପରୀକ୍ଷା ଶେଷ

ଖଣ୍ଡପଡ଼ା,୨।୩(ସ୍ୱ.ପ୍ର.)

ଚଳିତବର୍ଷ ଖଣ୍ଡପଡା ବ୍ଲକର ସମସ୍ତ ପରୀକ୍ଷା କେନ୍ଦ୍ରରେ ସୋମବାର ଶାନ୍ତିଶୃଙ୍ଖଳାର ସହ ମାଟ୍ରିକ ପରୀକ୍ଷା ଶେଷ ହୋଇଛି। ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନରେ ଥିବା ସମସ୍ତ ୧୨ ପରୀକ୍ଷା କେନ୍ଦ୍ରରୁ ଅପରାହ୍ଣ ୪ଟା ସୁଦ୍ଧା ଉତ୍ତର ଖାତାଗୁଡିକ ନୋଡାଲ କେନ୍ଦ୍ରରେ ପହଞ୍ଚିଥିଲା। ପରେ ନୟାଗଡ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ଉପସ୍ଥିତିରେ ଖାତା ପ୍ୟାକେଟଗୁଡିକ ସିଲ୍ କରାଯାଇଥିଲା। ଷ୍ଟ୍ରଙ୍ଗ ରୁମରେ ଖାତାଗୁଡିକୁ କଡା ସୁରକ୍ଷା ମଧ୍ୟରେ ରଖାଯାଇଥିବା ନୋଡାଲ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ କିଶୋର ମୋହନ ପ୍ରଧାନଙ୍କଠାରୁ ପ୍ରକାଶ।

DSPL-291
NATIONAL HEALTH MISSION
PRESERVE HEARING
# ବିଶ୍ୱ ଶ୍ରୁତି ଦିବସ
୩ ମାର୍ଚ୍ଚ ୨୦୨୦
ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରୁତି ଦିବସ ଭାବେ ପାଳନ କରାଯାଉଅଛି । ଶ୍ରୁତି ବାଧିତ (କାଲ) ମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ । ବିଶେଷକରି ଶୈଶବ ସମୟରେ ଦେଖାଯାଉଥିବା ଶ୍ରୁତି ବଧିରତାକୁ ଅଧିକାଂଶ କ୍ଷେତ୍ରରେ ପ୍ରତିରୋଧ କରାଯାଇ ପାରିବ ।
ଶ୍ରୁତି ବଧିରତା ପ୍ରତିରୋଧର ଉପାୟ
- କାନ ଭିତରକୁ କୌଣସି ପଦାର୍ଥ (ଏପରିକି କାଠି, ପେନ୍‌ସିଲ, କଣ୍ଟା, ତେଲ ଆଦି) ପୂରାନ୍ତୁ ନାହିଁ ।
- ମଇଳା ପାଣି ଓ ଅପରିଷ୍କାର ପରିବେଶରୁ ଦୂରେଇ ରୁହନ୍ତୁ ।
- କାନ ଉପରେ ଆଘାତ ଦିଅନ୍ତୁ ନାହିଁ ।
- କାନ ଦରଜ ବା ଯନ୍ତ୍ରଣା ହେଲେ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ କିମ୍ବା ଚେରମୂଳି ଆଦି ଲଗାନ୍ତୁ ନାହିଁ ।
- ଅଧିକ ସମୟ ଧରି ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ଏବଂ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଗୀତ ବାଦ୍ୟଠାରୁ ଦୂରେଇ ରୁହନ୍ତୁ ।
- ଡାକ୍ତରଙ୍କ ବିନା ପରାମର୍ଶରେ କାନ ଭିତରେ କୌଣସି ତେଲ ଜାତୀୟ ପଦାର୍ଥ ପକାନ୍ତୁ ନାହିଁ ।
- କାନ ଦରଜ କିମ୍ବା ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କାନ ପରୀକ୍ଷା କରାଇ ନିଅନ୍ତୁ ।
ଉପଯୁକ୍ତ ସଚେତନତା ଓ ପ୍ରତିଷେଧକ ଉପାୟ ଆପଣେଇବା ଦ୍ୱାରା ଶ୍ରୁତି ବଧିରତାକୁ ପ୍ରତିରୋଧ କରାଯାଇପାରିବ ।
facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0085/1920

କୁଆଖିଆ ବଜାରରେ ସଫଳତାର ସହ ବିଶୁଦ୍ଧ ଅଳଙ୍କାରକୁ ନେଇ ସଗୌରବେ ଆଗେଇ ଚାଲିଛି ।
Parbati
ମେସର୍ସ ପାର୍ବତୀ ଜୁଏଲର୍ସ (ବଙ୍ଗାଳି ଦାଦା)
On purchase of 10gms GOLD Jewellery 10 gms Silver Coin Free & Get a Prize Coupon on Every Rs. 5000/- purchase of Jewellery.
916 BIS Hallmark
UPTO 50% on MC of Silver | UPTO 20% on MRP of Diamond | Branded Watches UPTO 20% Off
ମଧୁବନ ରୋଡ୍, କୁଆଖିଆ, ଯାଜପୁର
ମୋ: ୯୯୩୭୯୦୯୧୪୮ (ମୁନା), ୯୬୫୮୮୩୩୦୬୨ (ଆଦିତ୍ୟ)
1st Prize: ALTO | 2nd Prize: ₹1 LAKH CASH | 3rd Prize: Hero Glamour | 4th Prize: Hero Pleasure | 5th Prize: Hero Duet
*Terms & Conditions Apply.
Gold | Diamond | Silver | Branded Watches | Gems Stone

SBC
ସମ୍ବଲପୁରୀ ବସ୍ତ୍ରାଳୟ
ଦୋଳ ଓ ହୋଲି ବିଶେଷ ସରକାରୀ ରିହାତି
୧୦% + ୨୦%
ତା.୦୩।୦୩।୨୦୨୦ରୁ ତା.୦୯।୦୩।୨୦୨୦ ପର୍ଯ୍ୟନ୍ତ
-: ନୂତନ ବସ୍ତ୍ରର ସମ୍ଭାର :-
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ୍ ସେଟ୍ ।
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

पंजाब नैशनल बैंक ...भरोसे का प्रतीक!
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !
ମଣ୍ଡଳ କାର୍ଯ୍ୟାଳୟ: ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ, ଭୁବନେଶ୍ୱର-୭୫୧୦୦୯, ଫୋନ୍ ନଂ.-୦୬୭୪-୨୫୩୪୩୪୯, ୨୫୩୪୫୦୬

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରାହୀତାମାନେ ବକେୟା ଦେୟ ପୈଠ କାରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଏତଦ୍ୱାରା ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ. | ଛଇତାନଶାଖା, ଛଇତାନ<br>ଆକାଉଣ୍ଟ ନଂ./ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୨୯୬୯୦୦୮୭୦୦୦୦୦୬୭୨ / ଋଣଗ୍ରହୀତା: ମେସର୍ସ କଳା ଶ୍ରୀମୁଖ, ସ୍ୱତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ସାହୁ, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ / ଜାମିନ୍‌ଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ, ୨) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୩) ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ୪) ଶ୍ରୀ ସୁରେଶ ଚନ୍ଦ୍ର ସାହୁ, ସମସ୍ତଙ୍କ ପିତା: ୰ ମହେଶ୍ୱର ସାହୁ, ୫) ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁ, ସମସ୍ତଙ୍କ ଠିକଣା- ସା: କୁଣେଇ(ରଣପଡ଼ା), ପୋ/ଥାନା: କୋଣାର୍କ, ଜିଲ୍ଲା: ପୁରୀ | ୧୦.୦୯.୨୦୧୯ / ୨୭.୦୨.୨୦୨୦ | ୦୧.୦୪.୨୦୧୯ ସୁଦ୍ଧା ଟ.୮୨,୬୯,୨୭୯.୦୬ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଜମି ଓ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାର (କ) ମୌଜା: କୁଣେଇ (ରଣପଡ଼ା), ଥାନା: ଗୋପ, ଜିଲ୍ଲା: ପୁରୀ, (i) ହାଲ ଖାତା ନଂ.: ୩୮୩, ପ୍ଲଟ ନଂ.: ୧୪୨୮, କ୍ଷେତ୍ର: ଏକର ୦.୩୯ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ii) ହାଲ ଖାତା ନଂ.: ଡି୧-୧୪, ପ୍ଲଟ ନଂ.: ୧୪୨୮/୨୦୩୯, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ରମେଶ ଚନ୍ଦ୍ର ସାହୁ, ପିତା: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (iii) ଖାତା ନଂ.: ଡି୧-୨, ପ୍ଲଟ ନଂ.: ୧୪୨୮/୨୦୧୨, ଅନୁରୂପ ଖାତା ନଂ.: ୨, ପ୍ଲଟ ନଂ.: ୧୪୨୮/୨୦୧୨, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ଖ) ମୌଜା: କୋଣାର୍କ, ଥାନା/ତହସିଲ୍: ଗୋପ, ଜିଲ୍ଲା: ପୁରୀ, ସାବକ୍ ଖାତା ନଂ.: ୨୧୩, ପ୍ଲଟ ନଂ.: ୧୦୮୨, କ୍ଷେତ୍ର: ଏକର ୦.୪୦ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ହାଲ୍ ଖାତା ନଂ.: ୨୧୩/୧୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ଚୂଡ଼ାନ୍ତ ହୋଇ ନଥିବା ଖାତା ନଂ.: ୬୪୩/୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, କିସମ: ଶାରଦ ୨ (ଘରବାଡ଼ି ଭାବେ ବ୍ୟବହୃତ), ସମ୍ପତ୍ତି ୰ ମହେଶ୍ୱର ସାହୁ, ପିତା: ୰ ବାଇଧର ସାହୁଙ୍କ ନାମରେ ଅଛି, ଚୌହଦୀ-ପୂର୍ବ: କରମଙ୍ଗା ରାସ୍ତା, ପଶ୍ଚିମ: କୈଳାସ ଚନ୍ଦ୍ର ନାୟକ, ଉତ୍ତର: ବୁଲା ବେହେରା (ବିକ୍ରେତା) । |

ତାରିଖ: ୦୨.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

# ୧୩ ୱାର୍ଡରୁ ଉଚ୍ଛେଦ ହେବ ବେଆଇନ ଗୃହ

**ନୟାଗଡ଼ ଅଫିସ,୨।୩**

ନୟାଗଡ଼ ସହରରେ ଜବରଦଖଲକାରୀଙ୍କ ପାଇଁ କଡ଼ା ପଦକ୍ଷେପ ନିଆଯାଉଛି। ଜବରଦଖଲର ସୂଚନା ପାଇବା ମାତ୍ରେ ଉଚ୍ଛେଦ କରାଯିବ। ଅନ୍ୟପକ୍ଷେ ନୟାଗଡ଼ ମ୍ୟୁନିସିପାଲିଟିର ୧୩ ୱାର୍ଡରୁ ଜବରଦଖଲ ଉଚ୍ଛେଦ କରାଯିବ। ବଳରାମ ପାହାଡ଼ ପାଦ ଦେଶରୁ ସୋମବାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି । ବେଆଇନ ଭାବେ ଘର ନ କରିବାକୁ ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଭେଣ୍ଡିଂ ଜୋନ ପାଇଁ ବାଟ ଫିଟିଲା

ଭେଣ୍ଡିଂ ଜୋନ ପାଇଁ ଆଉ ଜମି ଅଭାବ ରହିବନି । ସୋମବାର ଜବରଦଖଲ ଉଚ୍ଛେଦ ପରେ ଏହା ସ୍ପଷ୍ଟ ହୋଇଛି । ମଙ୍ଗଳବାର ଉପଜିଲାପାଳ ଲଗ୍ନଜିତ ରାଉତ ଜବରଦଖଲ ଉଚ୍ଛେଦ ଜମି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଜମି ଚିହ୍ନଟ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ପ୍ରକାଶଥାଉ କି ଆରଏମସି ପକ୍ଷରୁ ଭେଣ୍ଡିଂ ଜୋନ ପାଇଁ ପ୍ରସ୍ତାବିତ ୧ ଏକର ୧୨ ଡେସିମିଲ ଜମି ଜବରଦଖଲରେ ଥିଲା । ଏଠାରେ ଭେଣ୍ଡିଂଜୋନ କରାଗଲେ ୨୦୦ରୁ ଊର୍ଦ୍ଧ୍ୱ ଛୋଟ ବ୍ୟବସାୟୀ ଓ ଚାଷୀ ଉପକୃତ ହେବେ । ପୁଣି ଖଣ୍ଡପଡ଼ା ରାସ୍ତାରୁ ଟ୍ରାଫିକ ସମସ୍ୟା ହଟିବ । ପାଖରେ ଯେହେତୁ ଚାଷୀ ଓ ଖାଉଟିଙ୍କ ପାଇଁ କୃଷକ ବଜାର ରହିଛି ଏହା ଉପଯୁକ୍ତ ସ୍ଥାନ ହେବ ବୋଲି କୁହାଯାଇଥିଲା।


ଶ୍ମଶାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

## ଶ୍ମଶାନ ଜବରଦଖଲରେ ଥିଲା

କାଞ୍ଜିଆହୁଦା ଜମି ପାଖରେ ଶ୍ମଶାନ ରହିଛି । ମୃତଦେହ ଦାହ କରିବା ପାଇଁ ଛାତଘର ନିର୍ମାଣ ହୋଇଛି । ଯାହାକି ଜବରଦଖଲରେ ଥିଲା । ଏଠାରେ ମୃତଦେହ ସଂସ୍କାର କରାଯାଇ ପାରୁ ନ ଥିଲା । ଶ୍ମଶାନ ଆଖପାଖ ଜମିରେ ଜନବସତି ଗଢି ଉଠିଥିବାରୁ ସ୍ଥାନୀୟ ଲୋକମାନେ ପୁରୀରେ ମୃତଦେହ ସଂସ୍କାର କରୁଥିଲେ। ଆଉ କିଏ ଅନ୍ୟତ୍ର କରୁଥିଲେ। ଜବରଦଖଲ ଉଚ୍ଛେଦ ପରେ ଶ୍ମଶାନରେ ମୃତଦେହ ଦାହ କରିବାର ଅସୁବିଧା ନାହିଁ ।

## ବିକ୍ରି ହୋଇଥିଲା ସରକାରୀ ଜମି

ଜବରଦଖଲ ଉଚ୍ଛେଦ ପରେ କିଛି ଗୁମର କଥା ପଦାକୁ ଆସିଛି । କେତେକ ପରିବାର ଦଲାଲଙ୍କ ଠାରୁ ସରକାରୀ ଜମି କିଣି ଘର କରିଥିଲେ । ଘର କରିବା ପରେ ସେମାନଙ୍କ ନାଁରେ ପଟ୍ଟା କରାଯିବାର ପ୍ରତିଶ୍ରୁତି ଦିଆ ଯାଇଥିଲା । ଏଥିପାଇଁ ତରବରିଆ ଘର କରାଯାଇଥିଲା । ଦଲାଲ ଟଙ୍କାବି ନେଇଥିଲେ । ହେଲେ କିଛି ଘର ପୂର୍ଣ୍ଣାଙ୍ଗ ହୋଇଥିବାରୁ ଲୋକେ ପରିବାର ନେଇ ରହୁଥିଲେ । ଆଉ କିଛି ଘର ପୂର୍ଣ୍ଣାଙ୍ଗ ପରେ ପରିବାର ରହିଆନ୍ତେ। ତେବେ ଜବରଦଖଲ ଉଚ୍ଛେଦ ପରେ ଘର କରିଥିବା ଲୋକଙ୍କ ଟେନ୍‌ସନ୍ ବଢ଼ିଯାଇଛି। ଅଯଥାରେ ସେମାନେ ଖର୍ଚ୍ଚାନ୍ତ ହୋଇ ସର୍ବସ୍ୱାନ୍ତ ହୋଇ ଯାଇଛନ୍ତି ବୋଲି କହିଛନ୍ତି । ଅନ୍ୟପକ୍ଷେ ସେମାନଙ୍କୁ ଲାଞ୍ଚ ଟଙ୍କା ଫେରାଇ ଦିଆଯିବ ବୋଲି ଦଲାଲମାନେ କହିଥିବା ଶୁଣାଯାଉଛି।

## ଉଚ୍ଛେଦ ପ୍ରହସନ

ଏଲଆଇସି ଏଜେଣ୍ଟ ଆସୋସିଏଶନର ସଭାପତି ଶ୍ରୀକାନ୍ତ ପଟ୍ଟନାୟକ କୁହନ୍ତି ସହରର ବିଭିନ୍ନ ସ୍ଥାନରେ ଜବରଦଖଲ ହୋଇଛି । ତେବେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ପାରୁ ନାହିଁ । ଅନେକ ସ୍ୱଚ୍ଛଳ ବର୍ଗର ଲୋକ ଏହି ଜବରଦଖଲ କରିଛନ୍ତି । ସେହିପରି ଏଲଆଇସି ଏଜେଣ୍ଟମାନେ ଏକ ସରକାରୀ ଜମିରେ ଘର କରିଥିଲେ । ସେମାନଙ୍କର ୮୦୦ ଜଣ ସଭ୍ୟ ଅଛନ୍ତି । ଘର ଆରମ୍ଭ ସମୟରେ କେହି ପ୍ରତିବାଦ କଲେନି । ସରକାରୀ ନୋଟିସ ହେଲା ନାହିଁ । ଅଥଚ ଉଚ୍ଛେଦ କରି ବାହାବା ନିଆଯାଉଛି । ହେଲେ ସହରର ଅନ୍ୟ ସ୍ଥାନରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରି ପାରୁ ନାହାନ୍ତି। କାରଣ ଏହା ପଛରେ ବହୁ ରାଜନୈତିକ ନେତାଙ୍କ ଆଶୀର୍ବାଦ ରହିଛି । ଏଣୁ ଉଚ୍ଛେଦ ପ୍ରହସନ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜୀବନର ବାସ୍ତବ ଛବି ଦର୍ଶାଇଲା 'ଏ ନୁହେଁ ଗପ' ନାଟକ

**ନୟାଗଡ ଅଫିସ,୨।୩**-ପଠାଣୀ ସାମନ୍ତ ଅଡିଟୋରିୟମରେ ଚାଲୁ ରହିଛି ରାଜ୍ୟ ସ୍ତରୀୟ ନାଟ୍ୟ ମହୋତ୍ସବ ୨୦୨୦ । ଏହାର ୨ୟ ଦିବସ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ଏ ନୁହେଁ ଗପ ନାଟକ । ଏଥିରେ ଜୀବନର ବାସ୍ତବ ଛବି ଉପଲବ୍ଧ ହୋଇଛି। ଯାହକି ଗପ ଭଳି ଲାଗୁଥିଲେ ହେଁ ନିଛକ ସତ । ଆଜିର ଦୁନିଆରେ ଯୌଥ ପରିବାର ଆଉ ନାହିଁ କହିଲେ ଚଳେ । ଯେଉଁ କିଛି ହାତଗଣତି ଯୌଥ ପରିବାର ରହିଛି ତାହା ଧିରେ ଧିରେ ଏକାନ୍ନବର୍ତ୍ତି ପରିବାର ହେବାକୁ ଯାଉଛି । ଏବେ ବିବାହରେ ସର୍ତ୍ତ ରହୁଛି ଆମେ ବିବାହ ପରେ ପରିବାର ଠାରୁ ଅଲଗା ରହିବା । ବାସ୍ତବରେ ପରିବାରଠାରୁ ଦୂରେଇ ରହିଲେ ଜୀବନରେ ପାରିବାରକି ସମ୍ପର୍କର ମାଧୁର୍ଯ୍ୟ ରୁହେ ନାହିଁ। ଅନୁଶାସନହୀନ ଜୀବନ ଅସଜଡା ଓ ଅସଙ୍ଘଠିତ ହୋଇଯାଏ। ଅଲଗା ହୋଇ ଜୀବନ ବିତାଇବା କେବେହେଲେ କାହାକୁ ଶାନ୍ତି ଦିଏ ନାହିଁ। ଜୀବନର ସଂଘର୍ଷରେ କେତେବେଳେ ଅଲଗା ଜୀବନଟା କେଉଁ ନିଃସଙ୍ଗ ଦୂରାରୋଗ୍ୟର ଶିକାର ହୋଇଯାଏ । ଏହା ଜାଣିବା ବେଳକୁ ଜୀବନଟା ସଙ୍କଟାପନ୍ନ ହୋଇଯାଏ । ଗପ ଭଳି ଲାଗୁଥିବା ଶାନ୍ତନୁ ଓ ତନୁଜା ଦେବୀଙ୍କର ସର୍ତ୍ତ ମୂଳକ ନିଃସଙ୍ଗ ଜୀବନଟା ଦୁର୍ବିସହ ହୋଇ ପଡିଛି ନାଟକ ଏନୁହେଁ ଗପରେ । ଖୋର୍ଦ୍ଧାର ଆନ୍ଦୋଳନ ଅନୁଷ୍ଠାନ ପକ୍ଷରୁ ପରିବେଷିତ ନାଟ୍ୟକାର ଧନେଶ୍ୱର ସାହୁଙ୍କ ରଚିତ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ କୁମାର ମହାନ୍ତି । ଶିବାଜୀ ବାହିନିପତି, ବେବିନା ସାହୁ, ରିଣ୍ଟୁ ଜେନା ପ୍ରମୁଖ ଅଭିନୟ କରିଛନ୍ତି। ନାଟ୍ୟଧାରା ପକ୍ଷରୁ ଆୟୋଜିତ ନାଟକ ମହୋତ୍ସବର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୟାଗଡ ଏସପି ଦିଲ୍ଲୀପ କୁମାର ସାହାଣି ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମଞ୍ଚରେ ନାଟ୍ୟଧାରାର ନିର୍ଦ୍ଦେଶକ ବିଜୟ ଚୌଧୁରୀ ଓ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ ।

### ଖଣ୍ଡପଡ଼ାରେ ସଫେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ

**ଖଣ୍ଡପଡ଼ା,୨।୩(ସ୍ୱ.ପ୍ର.):** କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଖଣ୍ଡପଡା ସହରାଞ୍ଚଳରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କ ପ୍ରଶିକ୍ଷଣ ଶିବିର ସୋମବାର ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅନୁଯାୟୀ ସଫେଇ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି କରିବା, ବର୍ଜ୍ୟବସ୍ତୁର ସୁପରିଚାଳନା, ସହରାଞ୍ଚଳର ପରିମଳ ବ୍ୟବସ୍ଥାରେ ଉନ୍ନତୀକରଣ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ବିଶ୍ୱରଞ୍ଜନ ମହାପାତ୍ର ଶିବିରରେ ଉପସ୍ଥିତ ରହି ଦାୟିତ୍ୱ ତୁଲାଇଥିଲେ। ଶିବିର ପରିଚାଳନାରେ ଖଣ୍ଡପଡା ଏନ୍‌ଏସି କର୍ମଚାରୀମାନେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଖାଉଟି କର୍ମଶାଳା

**ନୟାଗଡ ଅଫିସ,୨।୩**

ପଠାଣୀ ସାମନ୍ତ ଅଡିଟୋରିୟମଠାରେ ଶନିବାର ଜିଲା ସ୍ତରୀୟ ଖାଉଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଜିଲା ଖାଉଟି ବିବାଦ ପ୍ରତିକାର ମଞ୍ଚର ସଭାପତି ଆଇନଜୀବୀ ନାରାୟଣ ମହାପାତ୍ର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର, ସହକାରୀ ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସ, ବୈଧ ମାପ ବିଜ୍ଞାନ ସହକାରୀ ନିୟନ୍ତ୍ରକ ସୁରସେନ ଜାନି, ରାଜ୍ୟ ଉପଭୋକ୍ତା ମହାସଂଘ ସଭାପତି ବଂଶୀଧର ଆଚାର୍ଯ୍ୟ, ଖାଉଟି ସଚେତନ କର୍ମୀ ଅରୁଣ କୁମାର ସ୍ୱାଇଁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଜଷ୍ଟିସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କବି ଚନ୍ଦ୍ର ବିଜୟୀ ମିଶ୍ର ସଞ୍ଜୋଜନା କରିଥିବାବେଳେ ରବି ନାରାୟଣ ଦାସ, ଶୂନ୍ୟଜୟୀ ମିଶ୍ର, କୃଷ୍ଣଚନ୍ଦ୍ର ମହରଣା, ପ୍ରଫୁଲ୍ଲ ମହାରଣା, ରମେଶ ବେହେରା ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କେନ୍ଦୁପତ୍ର କର୍ମଚାରୀ ସଂଘର ଧାରଣା


ଧାରଣାରତ କେନ୍ଦୁପତ୍ର କର୍ମଚାରୀ ସଂଘର ସଦସ୍ୟମାନେ।

**ଦଶପଲ୍ଲା,୨।୩(ଡି.ଏନ.ଏ.)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଫୁଲବାଣୀ ଡିଭିଜନ ଦଶପଲ୍ଲା ଶାଖାର କର୍ମଚାରୀମାନେ ବିଭିନ୍ନ ଦାବି ନେଇ ସୋମବାରଠାରୁ ଦଶପଲ୍ଲା ଠାରେ ଥିବା କେନ୍ଦୁପତ୍ର ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ୨ଦିନ ଧରି ଧାରଣା ଦେବେ ବୋଲି ଜଣାଯାଇଛି।

ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଜେଏଲସିସି ବୈଠକରେ ସିଜନାଲ କର୍ମଚାରୀଙ୍କ ଦରମା ହ୍ରାସ କରାଯାଇ ସେମାନଙ୍କୁ ଦିନମଜୁରିଆ ଭାବେ ପରିଗଣିତ କରିବା ଆଦେଶକୁ ପ୍ରତ୍ୟାହାର କରାଯିବା,ସରକାରଙ୍କ ନିର୍ଦ୍ଦେଶକ୍ରମେ ସଂଘର ଦାବି ଅନୁଯାୟୀ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ନଭେମ୍ବର ୧୪ ତାରିଖରେ ଦେଇଥିବା ପ୍ରସ୍ତାବକୁ ୨୦୧୯ ଠାରୁ କାର୍ଯ୍ୟକାରୀ କରିବା, ରେଞ୍ଜ, ସେକ୍‌ସନ ଏବଂ ଫଡ଼ି ଉଚ୍ଛେଦକୁ ପୁନର୍ଗଠନ ନ କରି ପୁନର୍ବାର ଚାଲୁ ରଖିବା ଏବଂ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାମ କରୁଥିବା ଚପରାଶିମାନଙ୍କୁ ୨୦ କୁଇଣ୍ଟାଲ ପତ୍ର ଆଦାୟ ହେଉ ନ ଥିବା ଆଳ ଦେଖାଇ ଉଚ୍ଛେଦ କରିବାକୁ ବନ୍ଦ କରାଯିବା ପ୍ରଭୃତି ୫ ଦଫା ଦାବି ନେଇ ଧାରଣା ଆରମ୍ଭ ହୋଇଛି। ଉକ୍ତ ଧାରଣା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଥିବା ଜଣାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର

**ନୟାଗଡ ଅଫିସ,୨।୩–** ନୟାଗଡରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ ଜିଲାପାଳଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ନୟାଗଡରେ ମେଡିକାଲ କଲେଜ ଓ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଛି । ନୟାଗଡରୁ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନା ୧୪୦ କିମି ଓ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନାର ଦୂରତା ୧୧୫ କିମି ରହିଛି । ଶିକ୍ଷା ଓ ସଂସ୍କୃତି ଦୃଷ୍ଟିରୁ ନୟାଗଡ ଜିଲାର ଏକ ସ୍ୱତନ୍ତ୍ର ମାନ୍ୟତା ରହିଛି । ସ୍ୱାସ୍ଥ୍ୟସେବା ଦୃଷ୍ଟିରୁ ଜିଲା ବିକଶିତ ନୁହେଁ । ବଣ ପାହାଡ ଘେରା ନୟାଗଡରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ମେଡିକାଲ କଲେଜ ଓ ଡାକ୍ତରଖାନା ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏନେଇ ଆଞ୍ଚଳିକ ବିକାଶ ପରିଷଦ ଓଡ଼ଗାଁ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

**ନୟାଗଡରେ ମେଡିକାଲ ପ୍ରତିଷ୍ଠା ଦାବି**



ଜିଲାପାଳଙ୍କ ଅଫିସ୍ ଆଗରେ ବିକାଶ ପରିଷଦର ସଦସ୍ୟମାନେ।

# ୫ ବର୍ଷ ବିତିଲା, ମନ୍ଦିର କାର୍ଯ୍ୟାଳୟ ନିର୍ମାଣ ଶେଷ ହୋଇପାରିଲାନି

**ଖଣ୍ଡପଡ଼ା,୨।୩(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିର କାର୍ଯ୍ୟାଳୟ ପାଇଁ ପ୍ରାୟ ୪୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ୨୦୧୫ ଜାନୁୟାରୀ ୪ ତାରିଖରେ ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ତତ୍କାଳୀନ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ ଦୀର୍ଘ ୫ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଶେଷହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

ମନ୍ଦିର କାର୍ଯ୍ୟାଳୟ ନିମନ୍ତେ ମଞ୍ଜୁର ହୋଇଥିବା ୪୨ ଲକ୍ଷ ୭ହଜାର ଟଙ୍କା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭ ଲକ୍ଷ ଓ ପରବର୍ତ୍ତୀ ସମୟରେ ୨୮ ଲକ୍ଷ ୫୦ ହଜାର ଏପରି ସମୁଦାୟ ୩୫ ଲକ୍ଷ ୫୦ ହଜାର ଟଙ୍କା ପେମେଣ୍ଟ କରାଯାଇଛି। ଏହା ସତ୍ତ୍ୱେ କାର୍ଯ୍ୟ ଶେଷହୋଇ ନ ଥିବା ନେଇ ନୀଳମାଧବ ଜୀଉ ଦେବୋତ୍ତର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ କାର୍ଯ୍ୟାଳୟ ନିର୍ମାଣ ପାଇଁ ୨୦୧୫ ନଭେମ୍ବର ୧୧ ତାରିଖରେ ନୀଳମାଧବ ମନ୍ଦିର ପରାମର୍ଶଦାତା କମିଟି ନିଷ୍ପତ୍ତିକ୍ରମେ ଭୁବନେଶ୍ୱରର ଏକ ବେସରକାରୀ ସଂସ୍ଥା 'ଇନ୍‌ଟାକ୍'କୁ ଦାୟିତ୍ୱ ଦିଆଯାଇଥିଲା। ଏହି ସଂସ୍ଥା ଦ୍ୱାରା ୨୦୧୬ରେ କାମ ଆରମ୍ଭ କରାଯାଇ ୨୦୧୮ ପ୍ରାରମ୍ଭରେ ପ୍ରଥମ ମହଲା ଶେଷ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱିତୀୟ ମହଲା କାର୍ଯ୍ୟ ଶେଷ ହୋଇ ୨୦୧୮ ଅକ୍ଟୋବର ଦୁର୍ଗାପୂଜା ପୂର୍ବରୁ ହସ୍ତାନ୍ତର କରାଯିବାକୁ ପରାମର୍ଶଦାତା କମିଟି ବୈଠକରେ ଇନ୍‌ଟାକ୍‌ର ଜଣେ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତି ମଧ୍ୟରେ ପ୍ରାୟ ୨ବର୍ଷ ବିତିଯାଇଥିଲେ ମଧ୍ୟ କଚ୍ଛପ ଗତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କାର୍ଯ୍ୟ ନିମ୍ନମାନର ହେଉଥିବାରୁ କୋଠାର ସ୍ଥିତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ମନ୍ଦିର କାର୍ଯ୍ୟାଳୟ ଅଧାପନ୍ତରିଆ।

ଖଣ୍ଡପଡା ଦେବୋତ୍ତର ବିଭାଗ ଇନ୍‌ଟାକ୍‌କୁ ୩୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥିବା ବେଳେ କେଉଁ କାରଣରୁ ଅବଶିଷ୍ଟ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେଉନାହିଁ ତାହା ଜଣାପଡୁନାହିଁ। ଏଠାରେ ଇନ୍‌ଟାକ୍‌ର କୌଣସି କର୍ମଚାରୀ ସ୍ଥାୟୀ ଭାବରେ ରହୁ ନ ଥିବାରୁ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଥିବା କୁହାଯାଉଛି। ତୁରନ୍ତ ଏହି କାର୍ଯ୍ୟାଳୟ ନିର୍ମାଣ ଶେଷକରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ସାଧାରଣରେ ଦାବି ହେଉଛି।

# ବେଆଇନ ହମ୍ପ୍‌ସ, ବୃଦ୍ଧି ପାଉଛି ଦୁର୍ଘଟଣା

**ଗଣିଆ,୨।୩ (ଡି.ଏନ୍.ଏ.)**

ଗଣିଆ-ଦଶପଲ୍ଲା ରାଜ୍ୟ ରାଜପଥର ଗଣିଆ ନିକଟ ଶ୍ରୀ ରଘୁନାଥଜୀଉ ମହାବିଦ୍ୟାଳୟ ସମ୍ମୁଖରେ କିଛିଦିନ ତଳେ ବେଆଇନ ଭାବେ ହମ୍ପ୍ସ ନିର୍ମାଣ ହୋଇଛି। ଏଥିଯୋଗୁ ୭ଦିନ ମଧ୍ୟରେ ୬ଟି ଦୁର୍ଘଟଣା ଘଟିଲାଣି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ଓ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ହମ୍ପ୍ସରେ ଗତ ଫେବୃୟାରୀ ୨୧ ତାରିଖରେ ଏକ ଅଟୋ ଓଲଟି ଜଣେ ମହିଳା ଗୁରୁତର ହୋଇଥିଲେ। ସେହିପରି ୨୩ରେ ଲଗାତର ୨ଟି ବାଇକ୍, ୨୭ରେ ୨ଟି ବାଇକ୍ ଓ ମାର୍ଚ୍ଚ ୧ ତାରିଖରେ ଗୋଟିଏ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ରବିବାର ଘଟିଥିବା ଦୁର୍ଘଟଣାରେ କଟକ ଜିଲା ନରସିଂହପୁର ଅଞ୍ଚଳର ଜଣେ ମହିଳାଙ୍କ ସହ ତାଙ୍କ ଶିଶୁକନ୍ୟା ଆହତ ହୋଇଥିଲେ। ଏହାଛଡା ଗଣିଆଠାରୁ ଦଶପଲ୍ଲାକୁ ସଂଯୋଗ କରୁଥବା ଏହି ରାଜ୍ୟ ରାଜପଥର କରଡାପଡା, କାଳିକାପ୍ରସାଦ ଓ ଆଡକଟା ଆଦି ଛକ ସ୍ଥାନରେ ବେଆଇନ ଭାବେ ବଡ ବଡ ହମ୍ପ୍ସ ନିର୍ମାଣ କରାଯାଇଥିବାରୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ଗଣିଆ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ସଞ୍ଜୟ କେତନ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ରାସ୍ତାରେ ହମ୍ପ୍ସ ନିର୍ମାଣ କରିବା ବେନିୟମ। ଲୋକମାନେ ରାତ୍ର ସମୟରେ ବେଆଇନ ଭାବେ ଏଭଳି ହମ୍ପ୍ସ ତିଆରି କରୁଛନ୍ତି। ଫଳରେ କୌଣସି ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନିଆଯାଇପାରୁନାହିଁ। ସ୍ଥାନୀୟ ଲୋକେ ଚାହିଁଲେ ଏହାର ସମାଧାନ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ରାସ୍ତାରେ ବେଆଇନ ଭାବେ ନିର୍ମିତ ହମ୍ପ୍ସଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ସାଧାରଣରେ ଦାବି ହେଉଛି।


ଦୁର୍ଘଟଣାରେ ଆହତ ଶିଶୁ ଓ ମହିଳା।


ଗଣିଆ କଲେଜ ସମ୍ମୁଖରେ ନିର୍ମାଣ ହୋଇଥିବା ବେଆଇନ ହମ୍ପ୍ସ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ ଅବହେଳିତ

**ପ୍ରଶାସନିକ ଉଦାସୀନତା**

■ ପର୍ଯ୍ୟଟନସ୍ଥଳର ହୋଇପାରୁନି ବିକାଶ


ଶହୀଦ ସ୍ମୃତି ସ୍ତମ୍ଭ।

**ନୂଆଗାଁ,୨।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ସଦର ମହକୁମାଠାରୁ ମାତ୍ର ୨୨ କିଲୋମିଟର ଦୂରରେ ରହିଛି ନୂଆଗାଁ ବ୍ଲକ କାର୍ଯ୍ୟାଳୟ। ଏହି ବ୍ଲକର ଅନେକ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ବାଜି ଲଗାଇ ଦେଶ ପାଇଁ ଲଢେଇ କରିଥିଲେ। ପରିତାପର ବିଷୟ ସ୍ୱାଧୀନତାର ୭୨ବର୍ଷ ପରେ ବି ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ ଅବହେଳିତ ହୋଇରହିଛି। ସେହିପରି ଦାଶିଆ ଅଜାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଯଦୁମଣି ପାଠାଗାର ଓ ସଂଗ୍ରହାଳୟ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଥିଲେ ବି ଏହାର ବିକାଶ ହୋଇପାରୁ ନାହିଁ। ଏ ସମ୍ପର୍କରେ ଧରିତ୍ରୀ ପକ୍ଷରୁ ବ୍ଲକର ବିଭିନ୍ନ ବର୍ଗର ଲୋକଙ୍କ ପ୍ରତିକ୍ରିୟା ଲୋଡାଯାଇଥିଲା। ଅଧିକାଂଶ ଏଥିଲାଗି ପ୍ରଶାସନିକ ଉଦାସୀନତା ଦାୟୀ ବୋଲି ମତ ରଖିଥିଲେ।

**ସେମାନେ କୁହନ୍ତି**



ଦେଶ ସ୍ୱାଧୀନ ପାଇଁ ଥୁଆବାରୀ ଗ୍ରାମର ଅନେକ ଲୋକ ଜେଲ ଦଣ୍ଡ ଭୋଗିଥିଲେ। କିନ୍ତୁ ସେହି ଗ୍ରାମ ଆଜି ଅବହେଳିତ ହୋଇ ରହିଛି। ପ୍ରଶାସନ ସମ୍ପୂର୍ଣ୍ଣ ଅଣଦେଖା କରୁଛି। ବିକାଶ କରିବା ତ ଦୂରର କଥା, ଗାଁ ନିକଟରେ ନିର୍ମାଣ କରାଯାଇଥିବା ଶହୀଦ ସ୍ମୃତି ସ୍ତମ୍ଭକୁ ମରାମତି କରିବା ପାଇଁ ମଧ୍ୟ କୁଣ୍ଠାବୋଧ ପ୍ରକାଶ କରୁଛି। ମରାମତି କରିବା ପାଇଁ ପ୍ରଶାସନିକ ଅଧିକାରୀ ଓ ନେତାମାନଙ୍କୁ ଗୁହାରି କରି ବିଫଳ ହେବାରୁ ଗ୍ରାମବାସୀ ମିଶି ତାହାକୁ ମରାମତି କରିଛୁ।

– **ନବ କିଶୋର ସାହୁ,** ଥୁଆବାରୀ



ସ୍ୱାଧୀନତା ପାଇଁ ସଂଗ୍ରାମ କରି ଶହୀଦ ହୋଇଥିବା କଷ୍ଟି ଡାକୁଆଙ୍କ ପରିବାର ଓ ଜନ୍ମମାଟି କୁଶବିଡା ସ୍ୱାଧୀନତାର ୭୨ ବର୍ଷ ପରେ ବି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହି ଆଦିବାସୀ ଗାଁ ପାଇଁ କୌଣସି ସରକାରୀ ସୁବିଧା ନାହିଁ। ପ୍ରଶାସନ ନିକଟରେ ଗୁହାରି କଲେ ପ୍ରତିଶ୍ରୁତି ଛଡା କିଛି ମିଳୁନି।

– **କୁବେର ଡାକୁଆ,** କଷ୍ଟି ଡାକୁଆଙ୍କ ବଂଶଧର, ଥୁଆବାରୀ



ଉଦୟପୁରଠାରେ ଦାଶିଆ ଅଜାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଯଦୁମଣି ପାଠାଗାର, ବୃହତ୍ ସଂଗ୍ରହାଳୟକୁ ୧୯୯୫ ମସିହାରେ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେଇ ସରକାର ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ପର୍ଯ୍ୟଟନ ବିଭାଗ ଅଧିକାରୀ ଓ କିଛି କର୍ମଚାରୀଙ୍କ ଯୋଗୁ ତାହାର ବିକାଶ ହୋଇପାରୁ ନାହିଁ। ଦାଶିଆ ଅଜା ବଞ୍ଚିଥିବା ବେଳେ ନିଜସ୍ୱ ପରିଶ୍ରମରେ ରାଜ୍ୟରୁ ବିଭିନ୍ନ ସ୍ଥାନରୁ ଶତାଧିକ କବି, ସାହିତ୍ୟିକ, ଗାଳ୍ପିକ ଆଦିଙ୍କୁ ଡକାଇ ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ କରୁଥିଲେ। କିନ୍ତୁ ରାଜ୍ୟ ସରକାର ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ପରେ ଏବଂ ୧୯୯୭ରେ ଦାଶିଆ ଅଜାଙ୍କ ମୃତ୍ୟୁ ପରେ ତାହା ଲୋପ ପାଇବାକୁ ବସିଲାଣି।

– **ଜିତେନ୍ଦ୍ର କୁମାର ବରାଡ,** ସମିତି ସଭ୍ୟ, ଉଦୟପୁର ପଞ୍ଚାୟତ



ନୂଆଗାଁ ପଞ୍ଚୁପାଣ୍ଡବ ପୀଠର ବିକାଶ ପାଇଁ ସରକାର ୩୦ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁ ତାହା ଆଜି ଯାଏ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏପରି କି ଏକବର୍ଷ ପରେ ବି ଆମ ଗାଁ ଆମ ବିକାଶ ଯୋଜନାର କୌଣସି କାର୍ଯ୍ୟ ହୋଇ ନାହିଁ।

– **ରମେଶ କୁମାର ପ୍ରଧାନ,** ସମିତି ସଭ୍ୟ, ନୂଆଗାଁ ପଞ୍ଚାୟତ